

ପ୍ଲେ-ଅଫ୍‌ରେ ସୁୟଶ ଝଡ଼
ଫାଇନାଲରେ ଆର୍‌ସିବି
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-331 ♦BHUBANESWAR ♦FRIDAY ♦30 MAY 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୨ ♦ସଂଖ୍ୟା-୩୩୧ ♦ଭୁବନେଶ୍ୱର ♦ଶୁକ୍ରବାର ♦୩୦ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଛୁଇଁଦେଇ ବ୍ରେକ୍ ନେବ ମୌସୁମୀ

**ବାଧା ସାଜିବ ପଶ୍ଚିମାଝଡ଼**

■ **ଭୁବନେଶ୍ୱର, ୨୯।୫ (ସମିସ):** ବିରତି ନେବ ମୌସୁମୀ। ରାଜ୍ୟକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆସୁ ଆସୁ ବର୍ଷାରେ ଲାଗିବ ବଡ଼ ବ୍ରେକ୍। ପ୍ରାୟ ଦୁଇ ସପ୍ତାହ ପର୍ଯ୍ୟନ୍ତ ମୌସୁମୀ ନିଷ୍କ୍ରିୟ ରହିବା ସହ ରାଜ୍ୟରେ ବିଶେଷ ବର୍ଷା ହେବ ନାହିଁ। ଫଳରେ ଚଳିତ ବର୍ଷ ସଅଳ ମୌସୁମୀ ଆସିଥିଲେ ମଧ୍ୟ ପୂର୍ବ ଭଳି ଜୁନ୍ ୧୦ ପରେ ବା ରଜ ବେଳକୁ ବର୍ଷା ହେବାର ସମ୍ଭାବନା ଦେଖାଦେଇଛି। ସୂଚନା ଅନୁଯାୟୀ ଉଭୟ ଆରବ ସାଗରରେ ଓ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା



ଲଘୁଚାପ ହେତୁ ଚଳିତ ବର୍ଷ ମୌସୁମୀ ବହୁ ଆଗରୁ ଅର୍ଥାତ ୨୪ ମେ’ରେ କେରଳ ଛୁଇଁଥିଲା। ବଙ୍ଗୋପସାଗରେ ସୃଷ୍ଟ ଲଘୁଚାପ ଏହାକୁ ଓଡ଼ିଶା ଆଡ଼କୁ ଟାଣି ଆଣିବାରେ ସକ୍ଷମ ହେବା ହେତୁ ରାଜ୍ୟକୁ ମଧ୍ୟ ସ୍ୱାଭାବିକଠାରୁ ଦୁଇ ସପ୍ତାହ ଆଗରୁ ମୌସୁମୀ ଆସିଥିଲା। ମାତ୍ର ଲଘୁଚାପର ପ୍ରଭାବ କମିବା ପରେ ମୌସୁମୀ ବ୍ରେକ୍ ମାରିବାକୁ ଯାଉଛି। ମୁଖ୍ୟତଃ ଉତ୍ତର ଆଫାଗାନୀସ୍ଥାନରେ ପଶ୍ଚିମା ଝଡ଼ ଓ ଏହା ପଛକୁ ସୃଷ୍ଟି ହେବାକୁ ଥିବା ଆଉ ଏକ ▶ପୃଷ୍ଠା-୭

## ଚୁକ୍ତି ହେଉଛି; ପ୍ରକଳ୍ପ ସରୁନାହିଁ

**ବାୟୁସେନା ମୁଖ୍ୟଙ୍କ କ୍ଷୋଭ**

■ **ନୂଆଦିଲ୍ଲୀ, ୨୯।୫ (ଏଜେନ୍ସି):** ଚୁକ୍ତି ପରେ ଚୁକ୍ତି ହେଉଛି। କିନ୍ତୁ ଠିକ୍ ସମୟରେ ଉପକରଣ ଆସିପାରୁ ନାହିଁ। ଅନେକ ପ୍ରତିରକ୍ଷା ପ୍ରକଳ୍ପ ପଡ଼ି ରହିଛି, ସଂପନ୍ନ ହୋଇପାରୁ ନାହିଁ। ଭାରତର ବାୟୁସେନା ଅଧ୍ୟକ୍ଷ ଏୟାର ଚିଫ୍ ମାର୍ଶଲ ଏପି ସିଂହ ଆଜି ଏଠାରେ ଏକ କାର୍ଯ୍ୟକ୍ରମରେ ଏଭଳି କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବଡ଼ ଧରଣର ପ୍ରତିରକ୍ଷା ପ୍ରକଳ୍ପରେ ବିଳମ୍ବ ଯୋଗୁଁ ସେନାକୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଛି। ଏହି ପ୍ରକଳ୍ପ ସାରିବା ଲାଗି ଯେଉଁ



ସମୟସୀମା ଧାର୍ଯ୍ୟ କରାଯାଉଛି ତାହା ସମ୍ଭବ ହୋଇନାରୁ ନାହିଁ। ଏଭଳି କାହିଁକି ସମୟଲକ୍ଷ୍ୟ ଧାର୍ଯ୍ୟ କରିବା ଯାହା ହାସଲ ହୋଇପାରିବ ନାହିଁ। ଏଦିଗରେ ଆମକୁ ଚିନ୍ତା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

ବିଶେଷ କରି ଯୁଦ୍ଧବିମାନ ପ୍ରକଳ୍ପକୁ ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି। ଭାରତ ସରକାରଙ୍କ ‘ଆତ୍ମନିର୍ଭର ଭାରତ’ ଯୋଜନାରେ ସ୍ୱଦେଶ ଜ୍ଞାନକୌଶଳରେ ନିର୍ମାଣ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ଅସଂପନ୍ନ ଅବସ୍ଥାରେ ▶ପୃଷ୍ଠା-୭

## ଟ୍ରମ୍ପଙ୍କ ହାତ ଛାଡ଼ିଲେ ମସ୍କ

**‘ବିଗ୍ ବିୟୁଟିଫୁଲ୍ ବିଲ୍’କୁ ବିରୋଧ, ଡିଓଜିଇରୁ ଇସ୍ତଫା**

■ **ୱାଶିଂଟନ୍, ୨୯।୫ (ଏଜେନ୍ସି):** ଟ୍ରମ୍ପ ପ୍ରଶାସନ ଛାଡିଛନ୍ତି ଟେସ୍‌ଲା ମାଲିକ ଏବଂ ଆମେରିକୀୟ କୋଟିପତି ଏଲନ୍ ମସ୍କ। ଭାଙ୍ଗିଛି ଟ୍ରମ୍ପ ଓ ମସ୍କଙ୍କ ଯୋଡ଼ି। ଆମେରିକା ସରକାରରୁ ହଠାତ୍ ଇସ୍ତଫା ଦେଇଛନ୍ତି ମସ୍କ। ଟ୍ରମ୍ପ ସରକାରରେ ସରକାରୀ ଦକ୍ଷତା ବିଭାଗ (ଡିଓଜିଇ) ମୁଖ୍ୟ ଭାବେ ଦାୟିତ୍ୱ ସମ୍ଭାଳୁଥିବା ମସ୍କ ଅଚାନକ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏ ନେଇ ନିଜ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ସୂଚନା ଦେଇଛନ୍ତି ମସ୍କ। ମସ୍କ ଟ୍ରମ୍ପଙ୍କ ‘ବିଗ୍ ବିୟୁଟିଫୁଲ୍ ବିଲ୍’କୁ ବିରୋଧ କରିବା ସହ ତାହାର ତୀବ୍ର ସମାଲୋଚନା କରିଥିଲେ। ଟ୍ରମ୍ପ ମନଇଚ୍ଛା ନେଉଥିବା ନିଷ୍ପତ୍ତି ମସ୍କଙ୍କ ଇସ୍ତଫା ପଛର ବଡ଼ କାରଣ ବୋଲି କୁହାଯାଉଛି।

ଭାରତୀୟ ସମୟ ଅନୁସାରେ ଗୁରୁବାର ସକାଳ ୫ଟା ୩୦ ମିନିଟ୍‌ରେ ସୋସିଆଲ ମିଡିଆ ଏକ୍ସ’ରେ ମସ୍କ ପ୍ରଥମେ ଇସ୍ତଫା ସମ୍ପର୍କରେ ସୂଚନା ଦେଇଥିଲେ। ମସ୍କ କହିଥିଲେ ଯେ ଜଣେ ସ୍ୱତନ୍ତ୍ର ସରକାରୀ କର୍ମଚାରୀ ଭାବରେ ତାଙ୍କର ନିର୍ଦ୍ଧାରିତ ସମୟ ଶେଷ ହେଉଛି। ସେ



**ସରକାରରେ ମସ୍କଙ୍କ ହସ୍ତକ୍ଷେପ ବିରୁଦ୍ଧରେ ଆମେରିକାରେ ପ୍ରତିବାଦ ପଡ଼ିଲା ମହଙ୍ଗା**

**ଅପଖର୍ଚ୍ଚ ହ୍ରାସ ନିମନ୍ତେ ସୁଯୋଗ ଦେଇଥିବାରୁ ଧନ୍ୟବାଦ: ମସ୍କ**

ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଅପଖର୍ଚ୍ଚ ହ୍ରାସ କରିବା ନିମନ୍ତେ ତାଙ୍କୁ ସୁଯୋଗ ଦେଇଥିବା ନେଇ ଧନ୍ୟବାଦ ଦେଇଛନ୍ତି। ସୂଚନା ଅନୁଯାୟୀ, ରାଷ୍ଟ୍ରପତି ହେବା ପରେ ▶ପୃଷ୍ଠା-୭

## ବିସ୍ଫୋରକ ଉଭାନ୍; ବଢୁଛି ଚିନ୍ତା

**ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ହାଇଆଲର୍ଟ, ସରଣ୍ଡା ଜଙ୍ଗଲରେ ସିଆର୍‌ପିଏଫ୍‌ର ଘେରାବନ୍ଦୀ**

■ **ରାଉରକେଲା, ୨୯।୫ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ବଣାଇ ଅଞ୍ଚଳରୁ ମାଓବାଦୀମାନେ ଲୁଟିନେଇଥିବା ୫ ଟନ୍ ବିସ୍ଫୋରକ ସାମଗ୍ରୀ ଗଲା କୁଆଡ଼େ? ମାଓବାଦୀମାନେ କେଉଁଠି ଲୁଚାଇ ରଖିଛନ୍ତି ଏତେ ପରିମାଣର ବିସ୍ଫୋରକ ସାମଗ୍ରୀ? ଲୁଟ୍‌ର ୫୦ ଘଣ୍ଟା ପରେ ବି ଟେର୍ ପାଉନି ସୁରକ୍ଷା ବାହିନୀ। ଲୁଟ୍ ପଛରେ ଝାଡ଼ଖଣ୍ଡୀ ମାଓବାଦୀଙ୍କ ହାତ ଥିବାର ସନ୍ଦେହ କରାଯାଉଛି। ସେମାନଙ୍କୁ ଖୋଜି ବାହାର କରିବା ଲାଗି ସୁରକ୍ଷା ବାହିନୀ ପକ୍ଷରୁ ଆରମ୍ଭ ହୋଇଛି ବଡ଼ ଧରଣର ଅପରେସନ୍। ଓଡ଼ିଶା-ଝାଡ଼ଖଣ୍ଡ ସୀମାକୁ ସିଲ୍ କରାଯିବା ସହିତ ହାଇଆଲର୍ଟ ମଧ୍ୟ ଜାରି କରାଯାଇଛି। ସିଆରପିଏଫ୍ ଏବଂ ରାଜ୍ୟ ପୁଲିସର ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ରହି ତନାଘନା ଚଳାଇଛନ୍ତି। ଏନ୍‌ଆଇଏ ଅଧିକାରୀମାନେ ମଧ୍ୟ ଆସି ଏଥିରେ ସାମିଲ ହେଲେଣି। ଲୁଟ୍ ହେବାକୁ ତିନି ଦିନ ବିତିଯାଇଥିଲେ ମଧ୍ୟ ବିସ୍ଫୋରକ ଠାବ ହୋଇପାରି ନାହିଁ। ମାଓବାଦୀମାନେ କୌଣସି ବଡ଼ ଧରଣର ଆକ୍ରମଣ ପାଇଁ ଯୋଜନା କରିଥାଇପାରନ୍ତି। ଏହାକୁ ନେଇ

● **ତଦନ୍ତ ପାଇଁ ପହଞ୍ଚିଲା ଏନ୍‌ଆଇଏ ଟିମ୍**

● **ସିଆରପିଏଫ୍ ଆଇଜିଙ୍କ ଖୋଳତାଡ଼ ଆରମ୍ଭ**

ସଂପୃକ୍ତ ଅଞ୍ଚଳରେ ଆତଙ୍କର ବାତାବରଣ ଲାଗି ରହିଛି। ତେ।ବେ ଲୁଟ ବିସ୍ଫୋରକ ସାମଗ୍ରୀକୁ ଠାବ କରିବା ପାଇଁ ଓଡ଼ିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ୩ଟି ରାଜ୍ୟର ପୁଲିସ ନିଜ ନିଜ ଏଜେନ୍ସିକୁ ପୂରା ଦମ୍‌ରେ ଲଗାଇଛନ୍ତି।

୨୦୨୬ ସୁଦ୍ଧା ଭାରତକୁ ମାଓମୁକ୍ତ କରିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସେହି ଅନୁସାରେ ଛତିଶଗଡ଼ରେ ମାଓ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀକୁ ସଫଳତା ମଧ୍ୟ ମିଳୁଛି। ଜଣେ ପରେ ଜଣେ ବରିଷ୍ଠ ମାଓ ନେତା ମୂଳପୋଛ ହେଉଛନ୍ତି। ଗୋଟିଏ ପଟେ ଛତିଶଗଡ଼ରେ ମାଓବାଦୀ ସଫା ହେଉଥିବା ବେଳେ ଓଡ଼ିଶାରେ ସେମାନେ ହଠାତ୍ ସକ୍ରିୟ ହେବା ସୁରକ୍ଷା ଅଧିକାରୀଙ୍କୁ ଚିନ୍ତାରେ ପକାଇଦେଇଛି। ବିସ୍ଫୋରକ ଲୁଟ୍ ପରେ ତଦନ୍ତ ପାଇଁ ତୁହାକୁତୁହା ବରିଷ୍ଠ ପୁଲିସ ପଦାଧିକାରୀଙ୍କ ସୁଅ ଛୁଟିଛି। ଚାଲିଛି ରୁଦ୍ଧଦ୍ୱାର ବୈଠକ। ରାଉରକେଲାରେ ପହଞ୍ଚିଛନ୍ତି ଏନ୍‌ଆଇଏର ସ୍ୱତନ୍ତ୍ର ଟିମ୍। ଏନ୍‌ଆଇଏର ଏହି ଟିମ୍ ଗୁରୁବାର କେ.ବଲାଙ୍ଗ ଯାଇ ତଦନ୍ତ କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣା ତଦନ୍ତ ପାଇଁ ରାଉରକେଲାରେ ପହଞ୍ଚିଛନ୍ତି ସିଆରପିଏଫ୍ ଆଇଜି ଅମିତେନ୍ଦ୍ରନାଥ ସିହ୍ନା ଏବଂ ଡିଆଇଜି ଅସିତ ଚୌଧୁରୀ। ସିଆରପିଏଫ ଆଇଜି ବାଇକରେ ଯାଇ ତଦନ୍ତ କରିଥିଲେ। ସେପଟେ ସୁରକ୍ଷା ଦୃଷ୍ଟିରୁ ଓଡ଼ିଶା - ଝାଡ଼ଖଣ୍ଡ ସୀମାନ୍ତରେ ହାଇ ଆଲର୍ଟ ଜାରି କରାଯାଇଛି। ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ, ବରିଷ୍ଠ ପୁଲିସ ପଦାଧିକାରୀ, ଏନ୍‌ଆଇଏ ଟିମ ସହ ଏହି ଘଟଣା ଉପରେ ସମୀକ୍ଷା କରି ଭୁବନେଶ୍ୱର ଫେରି ଯାଇଛନ୍ତି।

ସୂଚନାଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡର ଝାଡ଼ଖଣ୍ଡ ▶ପୃଷ୍ଠା-୭

## ସିବିଆଇ ଜାଲରେ ଇଡି ଉପନିର୍ଦ୍ଦେଶକ

■ **ଭୁବନେଶ୍ୱର, ୨୯।୫ (ସମିସ):** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଜଣେ ବରିଷ୍ଠ ଅଧିକାରୀ ୨୦ଲକ୍ଷ ଲାଞ୍ଚ ନେବାବେଳେ ସିବିଆଇ ହାତରେ ଧରାପଡ଼ିଛନ୍ତି। ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ କାର୍ଯ୍ୟରତ ଇଡିର ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀ ଏକ ଖଣି ମାମଲାର ରଫାଦଫା ପାଇଁ ଅର୍ଥ ନେଉଥିବା ଅଭିଯୋଗରେ ସିବିଆଇ ତାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

**୨୦ ଲକ୍ଷ ଲାଞ୍ଚ ନେବା ବେଳେ ଧରାପଡିଲେ**

ମିଳିଥିବା ସୂଚନା ଅନୁଯାୟୀ, ଖଣିଜନିତ ଏକ ମାମଲାର ରଫାଦଫା ପାଇଁ ୨୦୧୩ର ଭାରତୀୟ ରାଜସ୍ୱ ସେବା (ଆଇଆରଏସ୍) ଅଧିକାରୀ ତଥା ଇଡିର ଉପନିର୍ଦ୍ଦେଶକ ଶ୍ରୀ ରଘୁବଂଶୀ ୫୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ଦେଇଥିବା ବ୍ୟକ୍ତି ଜଣକ ଏନେଇ ସିବିଆଇକୁ ଜଣାଇବା ପରେ ରଘୁବଂଶୀଙ୍କ କାର୍ଯ୍ୟକଳାପ ଉପରେ ସିବିଆଇ ନଜର ରଖିଥିଲା। ଗୁରୁବାର ସନ୍ଧ୍ୟାରେ ଚିନ୍ତନ ଏବଂ ତାଙ୍କ ସହଯୋଗୀ ଲାଞ୍ଚ ନେବା ସମୟରେ ପୂର୍ବରୁ ସଜାଗ ଥିବା ସିବିଆଇ ଟିମ୍ ତାଙ୍କୁ ଧରିଥିଲା। ଘଟଣାସ୍ଥଳରୁ ସିବିଆଇର ବରିଷ୍ଠ ଅଧିକାରୀମାନେ ରଙ୍ଗବୋଳା ୨୦ ଲକ୍ଷ ଟଙ୍କା ଜବତ କରିଥିଲେ। ଅଭିଯୁକ୍ତ ଚିନ୍ତନ ରଘୁବଂଶୀ ଏବଂ ତାଙ୍କ ସହଯୋଗୀଙ୍କୁ ସିବିଆଇ ପକ୍ଷରୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।

**ହୋମ୍‌ଗାର୍ଡ ଚୟନ ପ୍ରକ୍ରିୟା ବେଳେ ଅଘଟଣ**

## ୨ ନିଯୁକ୍ତି ଆଶାୟୀ ମୃତ, ୪ ଗୁରୁତର





■ **ପାରଳାଖେମୁଣ୍ଡି, ୨୯।୫ (ସମିସ):** ହୋମଗାର୍ଡ ପଦ ନିମନ୍ତେ ଶାରୀରିକ ପରୀକ୍ଷା ଦେବା ବେଳେ ଗଜପତି ଜିଲ୍ଲାରେ ଆଜି ୨ ନିଯୁକ୍ତି ଆଶାୟୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ, ରାମଗିରି ଥାନା ଅନ୍ତର୍ଗତ ପରିସଲ ଗ୍ରାମର ସୁଲନ୍ତ ମିଶାଲ ଓ ରାୟଗଡ଼ ଥାନା ନାରାୟଣପୁର ଗ୍ରାମର ଦୀପକ ପାଡେଲା(୨୭)। ସୁଲନ୍ତଙ୍କର ପାରଳାଖେମୁଣ୍ଡିରେ ମୃତ୍ୟୁ ହୋଇଥିବା ବେଳେ ଦୀପକଙ୍କର ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ହୋଇଛି। ସେହିପରି ପରୀକ୍ଷା ବେଳେ ଅନ୍ୟ ୪ଜଣ ଗୁରୁତର ଅସୁସ୍ଥ ହୋଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

**୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ସୂଚନାନୁଯାୟୀ, ୧୪୪ ହୋମଗାର୍ଡ ପଦ ନିମନ୍ତେ ୨ମାସ ଧରି ଚୟନ ପ୍ରକ୍ରିୟା ଚାଲିଛି। ଗୁରୁବାର ଚୟନ ପ୍ରକ୍ରିୟାରେ ଆବେଦନକାରୀଙ୍କ ଶାରୀରିକ ପରୀକ୍ଷା ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେଉଥିଲା। ଶେଷ ପର୍ଯ୍ୟାୟରେ ପ୍ରାୟ ୧୨୦୦ ଆବେଦନକାରୀ ଉପସ୍ଥିତ ଥିଲେ। ଏଥିରେ ଆବେଦନକାରୀଙ୍କୁ ୨ କି.ମି ଦୌଡ଼ିବାର ଥିଲା। ୨କିମି ରାସ୍ତାରେ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା। ଏଥିପାଇଁ ୬ଟି ଟିମ୍ ନିୟୋଜିତ ଥିଲେ। ସ୍ଥାନେସ୍ଥାନେ ପାଣି, ଗ୍ଲୁକୋଜ୍ ବ୍ୟବସ୍ଥା କରାଯାଇଥିଲା। ▶ପୃଷ୍ଠା-୭

**ପୁଲିସ ଓ ଡିଭିଏଫ୍ ମିଳିତ ଅପରେସନ**

## କୁଖ୍ୟାତ ମାଓବାଦୀ ହିଡମା ଗିରଫ

■ **କୋରାପୁଟ, ୨୯।୫ (ସମିସ):** ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଓଡ଼ିଶା-ଛତିଶଗଡ଼-ଆନ୍ଧ୍ରପ୍ରଦେଶ ତ୍ରିକୋଣୀୟ ସଂଯୋଗସ୍ଥଳରେ କୋରାପୁଟ ପୁଲିସ୍ ଏବଂ ଡିଭିଏଫ୍‌ର ମିଳିତ ଅପରେସନ୍ ବେଳେ ଜଣେ କୁଖ୍ୟାତ ମାଓବାଦୀ ଗିରଫ ହୋଇଛି। ସେ ହେଲା, ଛତିଶଗଡ଼ ବିଜାପୁର ଜିଲ୍ଲା ଜାନାଗୁଡ଼ା ଗ୍ରାମର କୁନିୟମ ହିଡମା ଓରଫ୍ ମୋହନ।

କୋରାପୁଟ ଏସ୍‌ପି ରୋହିତ ବର୍ମା ଜିଲ୍ଲା ପୁଲିସ୍ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ପେଟଗୁଡ଼ା ଗ୍ରାମ ନିକଟ ଜଙ୍ଗଲରେ କେତେକ ମାଓବାଦୀ ବଡ଼ ଅଘଟଣ ଘଟାଇବା ପାଇଁ ପ୍ରସ୍ତୁତି ଚଳାଇଥିବା ସୂଚନା ପାଇ ଗୁରୁବାର ଭୋର୍‌ରେ ଜୟପୁର ଏସ୍‌ଡିପିଓ ପାର୍ଥ କାଶ୍ୟପ, ଡିଭିଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଦିବ୍ୟପ୍ରସାଦ ପରିଡ଼ାଙ୍କ ନେତୃତ୍ୱରେ ପୁଲିସ୍ ଓ ଡିଭିଏଫ୍ ପକ୍ଷରୁ ଅତର୍କିତ ଚଢ଼ଉ କରାଯାଇଥିଲା। ପୁଲିସ୍‌କୁ ଦେଖି








ଏକେ-୪୭, ୩୫ ଗୁଳି, ୧୧୭ ଇଡି ଜବତ


ମାଓବାଦୀମାନେ ଗୁଳି ଚଳାଇବାରୁ ପୁଲିସ୍ ମଧ୍ୟ ପାଲଟା ଜବାବ ଦେଇଥିଲା। ତେବେ ଜୀବନ ବଞ୍ଚାଇ କିଛି ମାଓବାଦୀ ଛତ୍ରଭଙ୍ଗ ଦେଇଥିବା ବେଳେ ନିଷିଦ୍ଧ ସିପିଆଇ (ମାଓବାଦୀ) ସଂଗଠନର ଏରିଆ କମିଟି ସଦସ୍ୟ (ଏସିଏମ) କୁନିଅମ୍ ହିଡମା ଓରଫ୍ ମୋହନ ପୁଲିସ୍ ପଞ୍ଝାରେ ପଡ଼ିଥିଲା। ହିଡମାକୁ କାବୁ କରି ପୁଲିସ୍ ଖାନତଲାସି କରି ଏକ ମାଓ ଶିବିର ଠାବ କରିଥିଲା। ଉକ୍ତ କ୍ୟାମ୍ପରୁ ଗୋଟିଏ ଏକେ-୪୭ ବନ୍ଧୁକ ସମେତ ୩୫ ଗୁଳି, ୧୧୭ଟି ଇଡି, ରେଡିଓ, ବିସ୍ଫୋରକ ସାମଗ୍ରୀ, ମାଓ ପୁସ୍ତକ ଇତ୍ୟାଦି ଜବତ ହୋଇଥିଲା।

ହିଡମା ୧୪ ବର୍ଷ ବୟସରୁ (୨୦୦୭ ମସିହାରୁ) ମାଓ ସଂଗଠନରେ ଜନ ନାଟ୍ୟମଣ୍ଡଳୀ ସଦସ୍ୟ ଭାବେ ଯୋଗ ଦେଇଥିଲା। ବର୍ଷବର୍ଷ ଧରି ସେ ମାଲକାନଗିରି, କୋରାପୁଟ, ସୁକମା ଏବଂ ବିଜାପୁର (ଛତିଶଗଡ଼) ସମେତ ବିଭିନ୍ନ ଅଞ୍ଚଳରେ ସକ୍ରିୟ ଥିଲା। ସଶସ୍ତ୍ର ମାଓ କାର୍ଯ୍ୟକଳାପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ୨୦୨୦ରୁ ୨୦୨୩ ମଧ୍ୟରେ ଚାନ୍ଦାମେଟା, କୋଣ୍ଡାଝରୀ, କୁମ୍ଭିଖାରି ଏବଂ କୋଲେଙ୍ଗାବିଡାରେ ମାଓ ଏନ୍‌କାଉଣ୍ଟର୍ ସମେତ ବହୁ ହିଂସାକାଣ୍ଡରେ ଜଡ଼ିତ ଥିବା ପୁଲିସ୍ ନିକଟରେ ସେ ସ୍ୱୀକାର କରିଛନ୍ତି। ପୁଲିସ୍ ହିଡମାକୁ ଓଡ଼ିଶାରେ ୭ଟି ପ୍ରମୁଖ ଘଟଣାରେ ଲିଙ୍କ୍ କରିଛି, ଯେଉଁଥିରେ ହତ୍ୟା, ଅସ୍ତ୍ରଶସ୍ତ୍ର ଚୋରାଚାଲାଣ ଏବଂ ଦେଶବିରୋଧୀ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ରହିଛି। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ରେ ତା’ର ବ୍ୟାପକ ନେଟୱାର୍କ ଏବଂ ବିଦ୍ରୋହୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଉନ୍ମୋଚନ ପାଇଁ ତଦନ୍ତ ଜାରି ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜୟପୁରଏସ୍‌ଡିପିଓ ପାର୍ଥ କାଶ୍ୟପ, ଡିଭିଏଫ୍ ଏସି ଦିବ୍ୟପ୍ରସାଦ ପରିଡ଼ା ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।


JUPITER
+2 Science Higher Secondary School
BHUBANESWAR
www.jupiter.ac.in
Tested & Trusted since 2002
Celebrating Success year after year...



TOPPER
+2 SCIENCE STREAM 2024
Mr. Soumyajit Rout
BIITs, PILANI



TOPPER
+2 SCIENCE STREAM 2023
Ms. Aparna Pradhan
St. Stephen's College, New Delhi


Highlights of +2 Sc. Results 2024
5 Ranks Including the No1 Rank among the Best 10 | 97% FIRST CLASS | 100% PASS | 78 Students secured more than 500 marks

Highlights of +2 Sc. Results 2025
3 Ranks among the Best 10 | 98% FIRST CLASS | 100% PASS | 87 Students secured more than 500 marks

ADMISSION OPEN 9439489157 / 9439489158

JUPITER PUBLIC SCHOOL
BHUBANESWAR
Awarded as No.1 NUMBER ONE SCHOOL IN INTEGRATED TEACHING & COACHING
By Times School Ranking Survey Odisha THE TIMES OF INDIA
CBSE- I to XII ( Science & Commerce)

HIGHLIGHTS OF RESULTS 2025
23 STUDENTS Qualified for JEE MAIN in 1st attempt
92% FIRST CLASS



Bishal Ku. Sahu, Phulbani
10th Class - 98%
12th Class - 93.5%

FOUNDATION COURSE for JEE, NEET, NDA from Class VIII
95 other students achieved similar remarkable growth, testament to Jupiter's excellence

ADMISSION OPEN 6371853130 / 6371853132

JUPITER DEGREE COLLEGE
Affiliated to UTKAL UNIVERSITY
8093052844 / 845

+3 SCIENCE & +3 COMMERCE
with Coaching for IIT-JAM, CUET, CPET, Civil Service, & Banking exams etc...

Day Cum Residential
Separate AC Hostel Facility Available For Boys and Girls

SPECIAL DISCOUNTS AVAILABLE FOR Girl Students or Wards of Teachers

Gangapada, Near Old Toll Plaza, Adjacent to NH-16, Bhubaneswar

■ ପାକିସ୍ତାନ ପାଇଁ ଗୁଇନ୍ଦାଗିରି

# ସରକାରୀ ଚାକିରିଆ ଗିରଫ

ଜୟପୁର, ୨୯।୫ (ଏଜେନ୍ସି): ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରି ଧରା ପଡ଼ିଥିବା ଜ୍ୟୋତି ମଲହୋତ୍ରାଙ୍କ ପରେ ଅନେକ ବ୍ୟକ୍ତିଙ୍କୁ ଗିରଫ କରାଗଲାଣି। ଏବେ ରାଜସ୍ଥାନର ଜଣେ ସରକାରୀ ଚାକିରିଆ ତଥା ଜଣେ ବରିଷ୍ଠ କଂଗ୍ରେସ ନେତାଙ୍କ ପୂର୍ବତନ ବ୍ୟକ୍ତିଗତ ସହାୟକ ଶକୁର ଖାନ ମଙ୍ଗଲିୟାଙ୍କୁ ପୁଲିସ ଗିରଫ କରିଛି। ସେ ଜୈସାଲମେର ସ୍ଥିତ ରାଜ୍ୟ ସରକାରଙ୍କ ନିଯୁକ୍ତି କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ଅପରେସନ ସିନ୍ଦୂର ସମୟରେ ଜିଲ୍ଲା ପ୍ରଶାସନର ନିୟନ୍ତ୍ରଣ କକ୍ଷରେ ସେ ମୁତୟନ ଥିଲେ। ତେବେ ତାଙ୍କ କାର୍ଯ୍ୟକଳାପକୁ ନେଇ ଅଧିକାରୀମାନେ ସନ୍ଦେହ ପ୍ରକାଶ କରିଥିଲେ। ଏହା ପରେ ଶକୁର ପାକିସ୍ତାନ ଦୂତାବାସର ଜଣେ ଅଧିକାରୀଙ୍କ ସହିତ ଯୋଗାଯୋଗରେ ଥିବା ନେଇ ଅଭିଯୋଗ ହୋଇଥିଲା। ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସ୍‌ଆଇ ସହିତ ତାଙ୍କର ସଂପର୍କ ଥାଇପାରେ ବୋଲି ସନ୍ଦେହ କରାଯାଇଥିଲା। ଏହା ପରଠାରୁ ଗୁଇନ୍ଦା ସଂସ୍ଥାଗୁଡ଼ିକ ତାଙ୍କ ଉପରେ ନଜର ରଖିଥିଲେ।

ଜୈସାଲମେର ଏସ୍‌ପି ସୁଧୀର ଚୌଧୁରୀ କହିଛନ୍ତି ଯେ ଏବେ ମାମଲାର ତଦନ୍ତ ଚାଲିଛି। ଉପରୁ ନିର୍ଦ୍ଦେଶ ଆସିଥିବାରୁ ତାଙ୍କୁ ଗିରଫ କରାଯାଇଛି। ପୂର୍ବରୁ ରାଜ୍ୟ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶାଲେ ମହମ୍ମଦଙ୍କ ବ୍ୟକ୍ତିଗତ ସହାୟକ ଭାବେ ଶକୁର କାର୍ଯ୍ୟ କରୁଥିଲେ। ଉଭୟେ ଗୋଟିଏ ଗ୍ରାମର ବାସିନ୍ଦା। ଶକୁରଙ୍କ ଫୋନ୍‌ରୁ ଅନେକ ଅଜ୍ଞାତ ପାକିସ୍ତାନୀ ନମ୍ବରକୁ ଫୋନ୍ ଯାଇଛି। ସେହି ନମ୍ବରଗୁଡ଼ିକ ମୋବାଇଲକୁ କିପରି ଆସିଲା ସେ ନେଇ କୌଣସି ସ୍ପଷ୍ଟ ସୂଚନା ଶକୁର ଦେଇ ନାହାନ୍ତି। ସେ ୬-୭ ଥର ପାକିସ୍ତାନ ଯାଇଥିବା ମଧ୍ୟ ସ୍ୱୀକାର କରିଛନ୍ତି।

# ୨ ଲସ୍କର ଆତଙ୍କବାଦୀ ଗିରଫ

ଶ୍ରୀନଗର, ୨୯।୫ (ଏଜେନ୍ସି): ସ୍ଥଳ ସେନା, ପୁଲିସ୍ ଓ ସିଆରପିଏଫ ମିଳିତ ତଲାସୀ ଅଭିଯାନରେ ବଡ଼ ସଫଳତା ମିଳିଛି। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ସୁରକ୍ଷାବାହିନୀ ପଣ୍ଡ କରିଦେଇଛି। ଜମ୍ମୁ-କଶ୍ମୀର ସୋପିଆନର



ବାସ୍କୁଚାନ ଇମାମସାହିବରୁ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲଇଟି)ର ୨ ଆତଙ୍କବାଦୀଇରଫାନ ବଶିର ଓ ଉଜୈର ସଲାମକୁ ଗିରଫ କରାଯାଇଛି। ଉଭୟଙ୍କ ନିକଟରୁ ୨ଟି ଏକେ-୫୬ ରାଇଫଲ, ୪ଟି ମ୍ୟାଗାଜିନ, ୨ଟି ହ୍ୟାଣ୍ଡ ଗ୍ରେନେଡ ଓ ଅନ୍ୟାନ୍ୟ ଗୁଳିଗୋଳା ଜବତ କରାଯାଇଛି। ଉପତ୍ୟକାରେ ବଡ଼ଧରଣର ଆକ୍ରମଣ କରିବାକୁ ସେମାନେ ଯୋଜନା କରିଥିବା ବେଳେ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଛନ୍ତି। ୨ ଆତଙ୍କବାଦୀଙ୍କ ଠାରୁ ନଗଦ ୫,୪୦୦ ଟଙ୍କା ଏବଂ ଗୋଟିଏ ଆଧାର କାର୍ଡ ମଧ୍ୟ ଜବତ ହୋଇଛି। ଆତଙ୍କବାଦୀ ଲୁଚି ରହିଥିବା ସୂଚନା ପାଇଁ ଆର୍ମିର ୪୪ ରାଷ୍ଟ୍ରୀୟ ରାଇଫଲ, ପୁଲିସ ଓ ସିଆରପିଏଫର ୧୭୮ ବାଟାଲାୟନ ପକ୍ଷରୁ ଏହି ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ନିକଟସ୍ଥ ଫୁଲ ବଗିଚାରେ କିଛି ଆତଙ୍କବାଦୀ କାର୍ଯ୍ୟକଳାପ ଦେଖିବାକୁ ମିଳିଥିଲା। ସୁରକ୍ଷାକର୍ମୀଙ୍କୁ ଦେଖି ୨ ଆତଙ୍କବାଦୀ ଡରି ଯାଇଥିଲେ। ଏନକାଉଣ୍ଟର ଭୟରେ ଉଭୟେ ଆତ୍ମସମର୍ପଣ କରିଥିଲେ ବୋଲି ସେନା ପକ୍ଷରୁ କୁହାଯାଇଛି।

# ସୁପ୍ରିମକୋର୍ଟରେ ୩ ନୂଆ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ,୨୯।୫(ଏଜେନ୍ସି): ସୁପ୍ରିମକୋର୍ଟରେ ୩ ଜଣ ନୂଆ ବିଚାରପତି ନିଯୁକ୍ତ ହୋଇଛନ୍ତି। କେନ୍ଦ୍ର ସରକାର ଏ ନେଇ ଗୁରୁବାର ବିଜ୍ଞପ୍ତି ଜାରି କରିଛନ୍ତି। ସୁପ୍ରିମକୋର୍ଟ କଲେଜିୟମର ସୁପାରିସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ଜଣ ବିଚାରପତିଙ୍କ ନିଯୁକ୍ତିକୁ ମଞ୍ଜୁରୀ ଦେଇଛନ୍ତି। ଖୁବ୍‌ଶୀଘ୍ର ଏହି ବିଚାରପତି ଦାୟିତ୍ୱ ଗ୍ରହଣ କରିବେ। ନିଯୁକ୍ତି ପାଇଥିବା ବିଚାରପତିମାନେ ହେଲେ କର୍ଣ୍ଣାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଏନ୍‌ଭି ଅଞ୍ଜାରିଆ, ଗୌହାଟୀ ହାଇକୋର୍ଟ ମୁଖ୍ୟ ବିଚାରପତି ବିଜୟ ବିଷ୍ଣୋଇ ଏବଂ ବମ୍ବେ ହାଇକୋର୍ଟ ବିଚାରପତି ଏଏସ୍ ଚନ୍ଦୁରକର। ଏହି ନିଯୁକ୍ତି ସହିତ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୪ରେ ପହଞ୍ଚି ଯାଇଛି।

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସଦସ୍ୟ ବିଶିଷ୍ଟ କଲେଜିୟମ ଏହି ୩ଜଣ ବିଚାରପତିଙ୍କ ନାମ ସୁପାରିସ କରିଥିଲା। ଉଲ୍ଲେଖଥାଉ କି, ପୂର୍ବତନ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା, ବିଚାରପତି ଅଭୟ ଏସ୍ ଓକା ଏବଂ ଜଷ୍ଟିସ ହୃଷିକେଶ ରୟଙ୍କ ଅବସର ପରେ ଏହି ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା। ଗତ ୨୬ ତାରିଖରେ କଲେଜିୟମ ବୈଠକରେ ତିନି ନୂଆ ବିଚାରପତିଙ୍କ ନାମକୁ ମଞ୍ଜୁରି ପାଇଁ କେନ୍ଦ୍ର ନିକଟକୁ ପଠା ଯାଇଥିଲା।



ମାନିଲେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ

# ପାକିସ୍ତାନ ସାମରିକ ପ୍ରତିଷ୍ଠାନକୁ ଛାର୍‌ଖାର୍ କରିଦେଇଛି 'ବ୍ରହ୍ମୋସ୍'

- ନମାଜ ପାଠ ପରେ ସକାଳେ ଭାରତ ଉପରେ ଆକ୍ରମଣ କରିବାକୁ ଯୋଜନା କରିଥିଲା ପାକିସ୍ତାନ
- ସବୁ ବିଗାଡ଼ିଦେଲା ଭାରତୀୟ ସେନା
- ଉପଗ୍ରହ ଚିତ୍ରରୁ ମିଳିଛି ଧ୍ୱଂସର ପ୍ରମାଣ



ନୂଆଦିଲ୍ଲୀ, ୨୯।୫(ଏଜେନ୍ସି):

ଅପରେସନ ସିନ୍ଦୂର ପରେ ପ୍ରଥମ ଥର ଲାଗି ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ସ୍ୱୀକାର କରିଛନ୍ତି ଯେ ଭାରତର ବ୍ରହ୍ମୋସ କ୍ଷେପଣାସ୍ତ୍ର ମାଡ଼ରେ ପାକିସ୍ତାନର ଅନେକ ଗୁରୁତ୍ୱପୂର୍ଣ୍ଣ ସାମରିକ ପ୍ରତିଷ୍ଠାନ ଧ୍ୱଂସ ହୋଇଯାଇଛି। ଏପରିକି ରାୱଲପିଣ୍ଡି ବାୟୁସେନା ଘାଟୀ ମଧ୍ୟ ବର୍ତ୍ତି ପାରିନାହିଁ। ଭାରତ ଏଭଳି ଆକ୍ରମଣ କରିବ ବୋଲି ପାକିସ୍ତାନ କଳ୍ପନା କରିପାରିନଥିଲା।

ଅଜରବୈଜାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସରିଫ କହିଛନ୍ତି ଯେ ମେ ୧୦ ତାରିଖ ଭୋର ୪ଟା ୩୦ ସମୟରେ ନମାଜ ପରେ ଭାରତ ଉପରେ ଆକ୍ରମଣ କରିବାକୁ ପାକିସ୍ତାନ ଯୋଜନା କରିଥିଲା। ସେନା ଅଧ୍ୟକ୍ଷ ଜେନେରାଲ ମୁନୀର ସ୍ଥିର କରିଥିଲେ ଯେ ୧୦ ତାରିଖ ସକାଳ ପ୍ରାର୍ଥନା ପରେ ଭାରତ ଉପରେ ସମାରିକ କାର୍ଯ୍ୟାନୁଷ୍ଠାନ ହେବ। ଭାରତକୁ ଠିକଣା ଜବାବ ଦେବାଲାଗି ସେନା ପ୍ରସ୍ତୁତ ହୋଇରହିଥିଲା। କିନ୍ତୁ ଏହାପୂର୍ବରୁ ୯-୧୦ ତାରିଖ ରାତିରେ ଭାରତ ପକ୍ଷରୁ ବଡ଼ ଧରଣର ଆକ୍ରମଣ କରାଯାଇଥିଲା। ପାକିସ୍ତାନର ବିଭିନ୍ନ ପ୍ରଦେଶ ଉପରେ ଭାରତ ସୁପରସୋନିକ କ୍ଷେପଣାସ୍ତ୍ର ବ୍ରହ୍ମୋସ ବର୍ଷା କରିଥିଲା। ପାକିସ୍ତାନୀ ସେନା କିଛି କରିବା ପୂର୍ବରୁ ବ୍ରହ୍ମୋସ କ୍ଷେପଣାସ୍ତ୍ର ଆକ୍ରମଣ ଆମର ସବୁ ଯୋଜନାକୁ ଫେଲ୍ କରିଦେଇଥିଲା। ଆକ୍ରମଣରେ ଅନେକ ସାମରିକ ପ୍ରତିଷ୍ଠାନ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ବ୍ରହ୍ମୋସ ଆକ୍ରମଣରେ ରାୱଲପିଣ୍ଡି ବାୟୁସେନା ବିମାନବନ୍ଦର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅଜରବୈଜାନରେ ଏହି କଥାକୁ ସରିଫ ସ୍ୱୀକାର କରିବା ସମୟରେ ସେଠାରେ ତାଙ୍କର ସେନା ଅଧ୍ୟକ୍ଷ ଜେନେରାଲ ମୁନୀର ମଧ୍ୟ ଉପସ୍ଥିତ ଥିଲେ।

ମେ ମାସର ୮-୯ ତାରିଖ ରାତିରେ ଭାରତର ପଶ୍ଚିମାଞ୍ଚଳ ସୀମାବର୍ତ୍ତୀ ଗାଁ ଗୁଡ଼ିକ ଉପରେ ପାକିସ୍ତାନ କ୍ଷେପଣାସ୍ତ୍ର ଓ ଡ୍ରୋନ ମାଡ଼ କରିବାରୁ ଏହାର ପ୍ରତିଜବାବରେ ଭାରତ ପକ୍ଷରୁ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ରାୱଲପିଣ୍ଡିର ନୂର ଖାନ୍ ବାୟୁସେନା ଘାଟୀ ସମେତ ପାକିସ୍ତାନର ୧୧ଟି ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିଥିଲା ଭାରତ। ରଫିକି, ମୁରୀଦ, ରହିମ ୟାରଖାନ୍, ସୁକ୍କୁର ଏବଂ ଚୁନିଆନ ଭଳି ସାମରିକ ପ୍ରତିଷ୍ଠାନ ଧ୍ୱଂସ ହୋଇଯାଇଥିଲା। ସ୍କର୍ଦ୍ଦୁ, ଭୋଲାରି, ଜାକୋବାବାଦ ଏବଂ ସରଗୋଧା ବାୟୁସେନା ଘାଟୀ ମଧ୍ୟ ବ୍ୟାପକ ରୂପେ କ୍ଷତିଗ୍ରସ୍ତ ହୋଇଛି।

ମିଳିଥିବା ସୂଚନା ଅନୁସାରେ ଭାରତ ଏସ୍‌ୟୁ-୩୦ ଏମ୍‌କେଆଇ ଜେଟ୍ ଯୁଦ୍ଧ ବିମାନରୁ ପାଖାପାଖି ୧୫ଟି ବ୍ରହ୍ମୋସ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। ଏହା ସଠିକ ରୂପେ ଲକ୍ଷ୍ୟଭେଦ କରିପାରିଛି। ଉପଗ୍ରହ ଚିତ୍ରରୁ ମିଳିଥିବା ତଥ୍ୟରୁ ଏହାର ପ୍ରମାଣ ମିଳିଛି। ରୁଷ ସହଯୋଗରେ ନିର୍ମିତ ବ୍ରହ୍ମୋସ କ୍ଷେପଣାସ୍ତ୍ର ୩୦୦ କିଲୋମିଟର ଦୂର ପର୍ଯ୍ୟନ୍ତ ତୀବ୍ର ବେଗରେ ଲକ୍ଷ୍ୟଭେଦ କରିପାରିବ। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଯେ ପାକିସ୍ତାନରେ ମୁତୟନ ଚୀନ ନିର୍ମିତ ଏୟାର ଡିଫେନ୍ସ ସିଷ୍ଟମକୁ ଏହି କ୍ଷେପଣାସ୍ତ୍ର ନିଷ୍କ୍ରିୟ କରିଦେଇଥିଲା। ବ୍ରହ୍ମୋସ ଆକ୍ରମଣରୁ ଏହା ପାକିସ୍ତାନକୁ ସୁରକ୍ଷା ଦେବାରେ ବିଫଳ ହୋଇଥିଲା।

# ଆଲୋଚନା ପାଇଁ ପାକିସ୍ତାନ ପ୍ରସ୍ତାବକୁ ଭାରତର ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ, ୨୯।୫ (ଏଜେନ୍ସି): ପହଲଗାମ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳଚୁକ୍ତିକୁ ରଦ୍ଦ କରିଦେଇଛି। 'ଅପରେସନ ସିନ୍ଦୂର' ମାଧ୍ୟମରେ ପାକିସ୍ତାନରେ ଭାରତ ଶକ୍ତି ପ୍ରଦର୍ଶନ କରିଛି। ପାକିସ୍ତାନର ଦମ୍ଭକୁ ଚୁନା କରିଦେଇଛି। ଅସ୍ତ୍ରବିରତି କରିଥିଲେ ବି ଭାରତର ଜଳ ଷ୍ଟ୍ରାଇକ୍‌ରେ ଏବଂ ଅପରେସନ ସିନ୍ଦୂରକୁ ନେଇ ଭୟଭୀତ ପାକିସ୍ତାନ ଏତେ ମାତ୍ରାରେ ଡରି ଯାଇଛି ଯେ ନୂଆଦିଲ୍ଲୀ କେତେବେଳେ ବି କଣ କରିପାରେ ବୋଲି ଭାବୁଛି। ତେଣୁ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଏହି ଦେଶ ବାରମ୍ବାର ଆଲୋଚନା ପାଇଁ ଭାରତକୁ ଅନୁରୋଧ କରିଚାଲିଛି। ପାକିସ୍ତାନକୁ ଭାରତ ପୁଣି ଥରେ ସ୍ପଷ୍ଟ ବାର୍ତ୍ତା ଦେଇଛି। ଦୁଇ ଦିନ ତଳେ ଇରାନରୁ ଭାରତକୁ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିବା ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ଅନୁରୋଧକୁ ଭାରତ ସିଧାସଳଖ ପ୍ରତ୍ୟାକ୍ଷାନ କରିଦେଇଛି। ଆତଙ୍କବାଦ ବିରୋଧରେ ଦୃଢ଼ ଏବଂ ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ନ ନେବା ପର୍ଯ୍ୟନ୍ତ ଇସଲାମାବାଦ ସହ କୌଣସି ଆଲୋଚନା କରାଯିବ ନାହିଁ ବୋଲି ଭାରତ ପକ୍ଷରୁ କୁହାଯାଇଛି।

ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୈସୱାଲ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ପାକିସ୍ତାନ ସହ ଆଲୋଚନାକୁ ନେଇ

**ପ୍ରଥମେ ଆତଙ୍କବାଦ ବନ୍ଦ କର; ଏହାପରେ ଆଲୋଚନା**

**କେବଳ ପାକ୍ ଅଧିକୃତ କାଶ୍ମୀର ଫେରାଇବା ଉପରେ ଆଲୋଚନା ହେବ**

ଭାରତର ଆଭିମୁଖ୍ୟ ସମ୍ପୂର୍ଣ୍ଣ ସ୍ପଷ୍ଟ ରହିଛି। ଯେକୌଣସି ପ୍ରକାର ଆଲୋଚନା ହେବ ତାହା ଦ୍ୱିପାକ୍ଷିକ ରହିବ। କିନ୍ତୁ ଭାରତ ଏହା ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଆତଙ୍କବାଦ ଓ ଆଲୋଚନା ଏକାସଙ୍ଗେ ହୋଇପାରିବ ନାହିଁ। ଯେଉଁ ଆତଙ୍କବାଦୀଙ୍କ ତାଲିକା ପାକିସ୍ତାନକୁ କିଛି ବର୍ଷ ତଳେ ଦିଆଯାଇଥିଲା ସେହି ଆତଙ୍କବାଦୀଙ୍କୁ ପ୍ରଥମେ ଭାରତକୁ ହସ୍ତାନ୍ତର କରାଯାଉ। ପିଓକେ ଖାଲି କରୁ। ଉକ୍ତ ଅଞ୍ଚଳକୁ ଭାରତକୁ ହସ୍ତାନ୍ତର କରୁ। ଏହା ପରେ ଯାଇଁ ଜମ୍ମୁ-କଶ୍ମୀର ଉପରେ ଆଲୋଚନା କରାଯାଇପାରିବ। ସିନ୍ଧୁ ଜଳଚୁକ୍ତିକୁ ନେଇ ସେ କହିଛନ୍ତି ଯେ ଯେତେଦିନ ପର୍ଯ୍ୟନ୍ତ ସୀମା ପାର ଆତଙ୍କବାଦକୁ ପାକିସ୍ତାନ ପ୍ରୋତ୍ସାହନ କରି ଚାଲିଛି ସେତେ ଦିନ ପର୍ଯ୍ୟନ୍ତ ଏହା ସ୍ଥଗିତ ରହିବ। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏ ନେଇ ସ୍ପଷ୍ଟ କରିଦେଇଛନ୍ତି ଯେ ଆତଙ୍କବାଦ ଏବଂ ଆଲୋଚନା ଏକା ସାଙ୍ଗରେ ହୋଇପାରିବ ନାହିଁ। ଆତଙ୍କବାଦ ଓ ବାଣିଜ୍ୟ ଏକାଠି ଚାଲିପାରିବ ନାହିଁ। ପାଣି ଓ ରକ୍ତ ଏକା ସଙ୍ଗେ ବହିପାରିବ ନାହିଁ।

ଏହା ପୂର୍ବରୁ ଇରାନରେ ସରିଫ କହିଥିଲେ ଯେ କଶ୍ମୀର ଠାରୁ ଜଳ ସମେତ ସୁବ ବିବାଦର ସମାଧାନ ଚାହୁଁଛୁ। ଆଲୋଚନା ମାଧ୍ୟମରେ ଏହାର ସମାଧାନ ହେବା ଆବଶ୍ୟକ। ଆମେ ପଡ଼ୋଶୀ ସହ ବାଣିଜ୍ୟ ଓ ଆତଙ୍କବାଦ ପ୍ରସଙ୍ଗରେ ମଧ୍ୟ କଥା ହେବାକୁ ପ୍ରସ୍ତୁତ। ପାକିସ୍ତାନ ଶାନ୍ତି ଚାହୁଁଛି।

# ସେନାମୁଖ୍ୟଙ୍କୁ ଗୁରୁଦକ୍ଷିଣାରେ ପିଓକେ ମାଗିଲେ ରାମଭଦ୍ରାଚାର୍ଯ୍ୟ



ଭୋପାଳ, ୨୯।୫ (ଏଜେନ୍ସି): ମଧ୍ୟପ୍ରଦେଶର ଚିତ୍ରକୁଟରେ ରହିଛି ପଦ୍ମ ବିଭୂଷଣ ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟଙ୍କ ଆଶ୍ରମ ତୁଳସୀ ପୀଠ। ସ୍ଥଳ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏଠାକୁ ସପତ୍ନୀକ ଯାଇ ଜଗଦଗୁରୁଙ୍କ ଆଶୀର୍ବାଦ ନେଇଛନ୍ତି। ସେନାମୁଖ୍ୟଙ୍କୁ ଏଠାରେ ଦୀକ୍ଷା ଦେଇଛନ୍ତି ଜଗଦ୍‌ଗୁରୁ। ଲଙ୍କା ବିଜୟ ପାଇଁ ହନୁମାନଙ୍କୁ ମାତା ସୀତା ଯେଉଁ ଦୀକ୍ଷା ଦେଇଥିଲେ ସେ ସେନାମୁଖ୍ୟଙ୍କୁ ତାହା ପ୍ରଦାନ କରିଥିବା କହିଛନ୍ତି। କିନ୍ତୁ ପରମ୍ପରା ଅନୁଯାୟୀ ଦୀକ୍ଷା ବଦଳରେ ସେ ସେନାମୁଖ୍ୟଙ୍କୁ ମାଗିଛନ୍ତି ଗୁରୁ ଦକ୍ଷିଣା, ଯାହାକୁ ନେଇ ଭାରତରୁ ପାକିସ୍ତାନ ଯାଏଁ ଚର୍ଚ୍ଚା ହେଉଛି। ଜଗତ୍‌ଗୁରୁ ଗୁର ଦକ୍ଷିଣାରେ ସେନାମୁଖ୍ୟଙ୍କୁ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ମାଗିଛନ୍ତି। ଆଉ ପୁଣି ଆକ୍ରମଣ କଲେ ବିଶ୍ୱ ମାନଚିତ୍ରରୁ ପାକିସ୍ତାନକୁ ଲିଭାଇ ଦିଆଯିବ ବୋଲି କହିଛନ୍ତି। ବୁଧବାର ଜେନେରାଲ ଦ୍ୱିବେଦୀ ଜଗଦଗୁରୁଙ୍କୁ ସାକ୍ଷାତ କରିଥିଲେ। ଏଠାରେ ଉଭୟ ବିଭିନ୍ନ ଧାର୍ମିକ ବିଷୟ ଉପରେ ମଧ୍ୟ ଆଲୋଚନା କରିଥିଲେ। ଆଶ୍ରମରେ ଥିବା ସନ୍ଥମାନଙ୍କ ସହ ସେନାମୁଖ୍ୟ ଆଲୋଚନା କରି କାଚ ମନ୍ଦିରରେ ଦିବ୍ୟାଙ୍ଗ ଛାତ୍ରମାନଙ୍କୁ ସମ୍ବୋଧିତ କରିଥିଲେ। ଏହା ପରେ ସେନା ମୁଖ୍ୟ ସଦଗୁରୁ ସେବା ସଂଘ ଟ୍ରଷ୍ଟକୁ ଯାଇଥିଲେ। ଏଠାରେ ସେ ପଦ୍ମଶ୍ରୀ ଡକ୍ଟର ବୁଧେନ୍ଦ୍ର କୁମାର ଜୈନଙ୍କୁ ଭେଟି କହିଥିଲେ ଯେ ଏହି ସେବା କାର୍ଯ୍ୟ ଦେଖି ସେନା ଅଧିକାରୀମାନେ ପ୍ରେରଣା ନେବା ଉଚିତ। ସେ ଭାରତୀୟ ସେନା ପକ୍ଷରୁ ଡକ୍ଟର ଜୈନଙ୍କୁ ଏକ ସ୍ମାରକୀ ମଧ୍ୟ ପ୍ରଦାନ କରିଥିଲେ। ଏହା ସହିତ ୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଭେଟେରାନ ଆଚିଭର୍ସ ପୁରସ୍କାରରେ ସମ୍ମାନିତ କରିଥିଲେ। ଏହା ପରେ ସେନାମୁଖ୍ୟ ସଦଗୁରୁ ଚକ୍ଷୁ ହସ୍ପିଟାଲରେ ପହଞ୍ଚି କହିଥିଲେ ଯେ ମୁଁ ଏକ ଡାକ୍ତରୀ ପୃଷ୍ଠଭୂମିରୁ ଆସିଛି। ଈଶ୍ୱରଙ୍କ ପରେ ଡାକ୍ତର ହେଉଛନ୍ତି ଶ୍ରେଷ୍ଠ।

ଲାଲୁ ପରିବାରରେ ହାଇଡ୍ରାମା

# ଅନୁଷ୍କାଙ୍କ ଭାଇଙ୍କୁ ଦଳରୁ ବାହାରକଲା ଆର୍‌ଏଲ୍‌ଜେପି

ପାଟନା, ୨୯।୫ (ଏଜେନ୍ସି): ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ପରିବାରରେ ହାଇଡ୍ରାମା ଚାଲିଛି। ଏହାକୁ ନେଇ ସାରା ଦେଶରେ ଚର୍ଚ୍ଚା ଜାରି ରହିଛି। ରାଜ୍ୟ ନିର୍ବାଚନ ପୂର୍ବରୁ ବଡ଼ ପୁଅ ତେଜପ୍ରତାପ ଯାଦବଙ୍କ



ପ୍ରେମଲୀଳା ଲାଲୁ ପରିବାର ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଅନୁଷ୍କା ଯାଦବଙ୍କ ସହ ଫଟୋ ଏବଂ ଭିଡିଓ ଭାଇରାଲ ହେବା ପରେ ବଡ଼ ପୁଅକୁ ଦଳରୁ ବାହାର କରିଦେଇଥିବା ଲାଲୁ ଏବେ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ସେ ଆରଏଲଜେପି ମୁଖ୍ୟ ପଶୁପତି ପାରଶଙ୍କୁ କହି ଅନୁଷ୍କାଙ୍କ ଭାଇ ଆକାଶ ଯାଦବଙ୍କୁ ଦଳରୁ ବାହାର କରିଦେଇଥିବା ଅଭିଯୋଗ ଲାଗିଛି। ଆରଏଲଜେପି ପକ୍ଷରୁ ବିଜ୍ଞପ୍ତି ଜାରି କରି ତତ୍କାଳ ପ୍ରଭାବରେ ୬ ବର୍ଷ ପାଇଁ ଆକାଶଙ୍କୁ ଦଳରୁ ବିଦା କରାଯାଇଛି। ଦଳୀୟ ଅଧ୍ୟକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ବିଜ୍ଞପ୍ତି ଜାରି କରି କୁହାଯାଇଛି। ପୂର୍ବରୁ ଆକାଶ ଆରଜେଡିରେ ଥିଲେ। ତାଙ୍କ ପାଇଁ ତେଜପ୍ରତାପ ଦଳ ସହ ଲଢି ଯାଇଥିଲେ। ଅଧ୍ୟକ୍ଷଙ୍କୁ ଇସ୍ତଫା ଦେବା ପାଇଁ ମଧ୍ୟ ବାଧ୍ୟ କରିଥିଲେ। କିନ୍ତୁ ଲାଲୁଙ୍କ ହସ୍ତକ୍ଷେପ ଯୋଗୁଁ ଏହି ମାମଲା ଶାନ୍ତ ପଡ଼ିଥିଲା। ମାତ୍ର ଏବେ ସ୍ଥିତି ଓଲଟା ରହିଛି। ତେଜପ୍ରତାପଙ୍କ ପରେ ତାଙ୍କର

**୨ ଦିନ ତଳେ ଲାଲୁ ପରିବାରକୁ ଦେଇଥିଲେ ଆହ୍ୱାନ**

ତଥାକଥିତ ଶଳା ଆକାଶଙ୍କୁ ଆରଏଲଜେପିରୁ ବିଦା କରିବା ଘଟଣା ଲାଲୁ ପରିବାର ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବ ବୋଲି କୁହାଯାଉଛି। ଏହା ପୂର୍ବରୁ ଦୁଇ ଦିନ ତଳେ ତେଜପ୍ରତାପ ଏବଂ ଅନୁଷ୍କାଙ୍କ ମାମଲାକୁ ୨ ପରିବାରର ବିବାଦ ବୋଲି ଆକାଶ କହିଥିଲେ। ମାନ ସମ୍ମାନ ନିଲାମ ହେବା ଅନୁଚିତ। ଭଉଣୀ ପାଇଁ ଶେଷ ପର୍ଯ୍ୟନ୍ତ ଲଢେଇ କରିବୁ। ସେ ଲାଲୁ ପରିବାରକୁ ମାମଲାର ସମାଧାନ କରିବା ପାଇଁ ମଧ୍ୟ ନିବେଦନ କରି ଚେତାବନୀ ଦେଇଥିଲେ। ମାମଲାକୁ ଏତିକିରେ ଫଇସଲା ନ କଲେ କଥା ବହୁତ ଦୂରକୁ ଯିବ ବୋଲି ଧମକ ଦେଇଥିଲେ।

## ଜାପାନରେ ପିଲାଙ୍କ ଅଜବ ନାମ ରଖିବା ମନା

ଟୋକିଓ, ୨୯।୫ (ଏଜେନ୍ସି): ଜାପାନ ସରକାର ପିଲାଙ୍କ ଅଜବ ନାମ ରଖିବା ଉପରେ କଟକଣା ଲଗାଇ ଦେଇଛନ୍ତି। ଜାପାନର ଅନେକ ମାତାପିତା ନିଜ ଶିଶୁଙ୍କ ଅଜବ ଏବଂ ଅଲଗା ପ୍ରକାରର ନାମ ରଖୁଥିଲେ। ଏହାକୁ ନେଇ ସରକାର ଚିନ୍ତା ପ୍ରକାଟ କରିଥିଲେ। ନୂଆ ନିୟମ ଅନୁଯାୟୀ ଏବେ ମାତାପିତା ଶିଶୁଙ୍କ ପାଇଁ ଏଭଳି ନାମ ବାଛି ପାରିବେ ନାହିଁ। ଉଚ୍ଚାରଣ ବୁଝିବାରେ ସମସ୍ୟା ହେଉଥିବା ନାମ ରଖିପାରିବେ ନାହିଁ। ଯଦି କୌଣସି ନାମ ପଢ଼ିବା ପରେ ତାହାର ସଠିକ୍ ଉଚ୍ଚାରଣ ବୁଝି ନ ହୁଏ ତେବେ କର୍ତ୍ତୃପକ୍ଷ ଏହାକୁ ବାତିଲ କରିପାରିବେ।

# ପୁଣି ମୋଦୀ-ମମତା ମୁହାଁମୁହିଁ



କୋଲକାତା, ୨୯।୫ (ଏଜେନ୍ସି):

ପୁଣି ଆରମ୍ଭ ହୋଇଛି ରାଜନୀତି। ପଶ୍ଚିମବଙ୍ଗ ପାଲଟିଛି ରାଜନୈତିକ ଲଢେଇର ଯୁଦ୍ଧ କ୍ଷେତ୍ର। ଏଠାରେ ପୁଣି ମୁହାଁମୁହିଁ ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଅଲିପୁରଦ୍ୱାରରେ ଏକ ଜନସଭା ସମ୍ବୋଧନ କରି ମୋଦୀ ରାଜ୍ୟ ସରକାରଙ୍କୁ ନିଶାଣ କରିଛନ୍ତି। ଅପରେସନ ସିନ୍ଦୂର ପ୍ରସଙ୍ଗ ଉଠାଇ ଦୁର୍ନୀତି, ବାକ୍ ସ୍ୱାଧୀନତାରେ ଅଙ୍କୁଶ, ରାଜନୈତିକ ହିଂସା, ତୃଷ୍ଟିକରଣ, ଆଇନଶୃଙ୍ଖଳା ଆଦିକୁ ନେଇ ରାଜ୍ୟ ସରକାରଙ୍କୁ ନିଶାଣ କରିଛନ୍ତି। ରାଜ୍ୟ ସରକାର ମହିଳାଙ୍କ ହକ୍ ମାରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସମାଜରେ ହିଂସା ବ୍ୟାପି ଚାଲିଥିବାବେଳେ ମହିଳାଙ୍କୁ ସୁରକ୍ଷା ମିଳୁନାହିଁ। ତାଙ୍କ ବିରୋଧରେ ଜଘନ୍ୟ ଅପରାଧ ହେଉଥିବା ଅଭିଯୋଗ କରିଥିଲେ। ଏହା ପରେ ମମତା ସାମ୍ନାକୁ ଆସି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସେ ଗୁରୁବାର କୋଲକାତାରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସବୁ ମହିଳାଙ୍କ ସ୍ୱାମୀ ଭଳି କଥା କହୁଛନ୍ତି। ମୋଦୀ ନିଜ ପତ୍ନୀଙ୍କୁ କାହିଁକି ସିନ୍ଦୂର ଦେଉନାହାନ୍ତି? ଏହା ଉପରେ ଆଲୋଚନା କରିବାକୁ ଚାହୁଁ ନ ଥିଲି, କିନ୍ତୁ ମୋଦୀ ବାଧ୍ୟ କରିବାରୁ କହିଲି ବୋଲି ମମତା କହିଛନ୍ତି। ମମତା କହିଥିଲେ ଯେ ପ୍ରତ୍ୟେକ ମହିଳାଙ୍କ ସହ ସିନ୍ଦୂରର ସମ୍ବନ୍ଧ ରହିଛି। ସିନ୍ଦୂରକୁ ପବିତ୍ର ମନେ କରାଯାଏ। ନିଜ ସ୍ୱାମୀ ପାଇଁ ମହିଳା ଏହା ଲଗାଇ ଥାଆନ୍ତି। 'ଅପରେସନ ସିନ୍ଦୂର'କୁ ନେଇ କୌଣସି ମନ୍ତବ୍ୟ ଦେବାକୁ ଚାହୁଁ ନ ଥିଲି। କାରଣ ପ୍ରତ୍ୟେକ ମହିଳାଙ୍କ ପାଇଁ ଏହା ସମ୍ମାନ ହୋଇଥାଏ।

ଏହା ସହିତ ମୋଦୀଙ୍କୁ ମମତା ମୁହାଁମୁହିଁ ବିତର୍କ ପାଇଁ ଆହ୍ୱାନ ଦେଇଛନ୍ତି। କୌଣସି ପୂର୍ବ ନିର୍ଦ୍ଧାରିତ ବିଷୟବସ୍ତୁ ପରିବର୍ତ୍ତେ ସଙ୍ଗେସଙ୍ଗେ ପ୍ରଶ୍ନୋତ୍ତର ହେବ ଏବଂ ତୁରନ୍ତ ଜବାବ ଦେବାକୁ ପଡ଼ିବ। ଚାହିଁଲେ ପ୍ରଧାନମନ୍ତ୍ରୀ ଟେଲି ପ୍ରମ୍ପଟର ବ୍ୟବହାର କରିପାରିବେ ବୋଲି ମମତା କଟାକ୍ଷ କରିଛନ୍ତି। ପ୍ରଧାନମନ୍ତ୍ରୀ ଗଣମାଧ୍ୟମକୁ ନିୟନ୍ତ୍ରଣ କରୁଥିବା ଦିଦି ଅଭିଯୋଗ କରିଛନ୍ତି। ରାଜସ୍ଥାନ, ବାଂଲାଦେଶ ଏବଂ ଅନ୍ୟ ସ୍ଥାନରେ ହୋଇଥିବା ଘଟଣାକୁ ବ୍ୟବହାର କରି ରାଜ୍ୟରେ ମିଥ୍ୟା ଖବର ପ୍ରଚାରପ୍ରସାର କରାଯାଉଥିବା କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟ କେବଳ ପ୍ରଚାର ବୋଲି ମମତା ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ଅପରେସନ ସିନ୍ଦୂର ସଫଳତାକୁ ନେଇ ବିଜେପି ପ୍ରଚାର ଚଲାଇଥିବାବେଳେ ଏହାର ରାଜ୍ୟ ଶାଖା ମହିଳାଙ୍କୁ ସିନ୍ଦୂର ଭେଟି ଦେବ ଏବଂ ପାମ୍ପଲେଟ ବାଣ୍ଟିବ ବୋଲି ଯୋଜନା କରିଛି। ଜୁନ୍ ୯ରୁ ଏହା ଆରମ୍ଭ ହେବ ବୋଲି ରାଜ୍ୟ ବିଜେପିର ଜଣେ ବରିଷ୍ଠ ନେତା କହିଛନ୍ତି। ସେହିପରି ମୋଦୀଙ୍କ ସଭାରେ ବିଜେପି ଅଧ୍ୟକ୍ଷ ସୁକାନ୍ତ ମଜୁମଦାର 'ଅପରେସନ ବଙ୍ଗାଳ' ଅଧିନରେ ରାଜ୍ୟ ସରକାରଙ୍କୁ କ୍ଷମତାଚ୍ୟୁତ କରିବାକୁ ଆହ୍ୱାନ ଦେଇଥିଲେ। ଏହାକୁ ନେଇ ମମତା ପ୍ରଧାନମନ୍ତ୍ରୀଙ୍କୁ ଘେରିଛନ୍ତି। ଦେଶର ସ୍ୱାର୍ଥ ପାଇଁ ସଂସଦମାନେ ସାହସିକ ପଦକ୍ଷେପ ନେଉଥିବାବେଳେ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ନେତା ଅପରେସନ ବଙ୍ଗାଳ କଥା କହୁଛନ୍ତି। ଯଦି ସାହସ ଅଛି ତେବେ କାଲି ନିର୍ବାଚନ ଲଢ। ଆତଙ୍କବାଦ ବିରୋଧରେ ଆମେ କେନ୍ଦ୍ରକୁ ସମର୍ଥନ କରୁଥିବାବେଳେ ମୋଦୀ ରାଜ୍ୟକୁ ସମାଲୋଚନା କରୁଥିବା ଦିଦି ଅଭିଯୋଗ କରିଛନ୍ତି।

# ଶାନ୍ତି ନେଇ ବାଂଲାଦେଶ ମୁଖ୍ୟ ୟୁନୁସ୍ ନାଟକ

## ମୁକ୍ତି ସଂଗ୍ରାମରେ ଗଣହତ୍ୟା କରିଥିବା ବ୍ୟକ୍ତିଙ୍କୁ ମୁକ୍ତ କରାଗଲା

ଟୋକିଓ,୨୯।୫(ଏଜେନ୍ସି): ବାଂଲାଦେଶ ସରକାର ଅନ୍ତରୀଣ ମୁଖ୍ୟ ମହମ୍ମଦ ୟୁନୁସ୍ ଶାନ୍ତିର ବାର୍ତ୍ତା ଦେବାକୁ ପ୍ରୟାସ କରିଛନ୍ତି। କିନ୍ତୁ ଏହା ଏକ



ନାଟକ ବା ପ୍ରତାରଣା ସାବ୍ୟସ୍ତ ହୋଇଛି। ଜାପାନ ରାଜଧାନୀ ଟୋକିଓରେ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ ଏସିଆ ଓ ଏହି ମହାଦେଶ ବାହାରେ ଶାନ୍ତି ଏବେ ଦୁର୍ଲଭ ସାବ୍ୟସ୍ତ ହୋଇଛି। ମାନବକୃତ ସଂଘର୍ଷ ଓ ଯୁଦ୍ଧ ହଜାର ହଜାର ଲୋକଙ୍କ ଜୀବନ ଓ ଜୀବୀକାକୁ ନଷ୍ଟ କରୁଛି। ଏପରି ସ୍ଥଳେ ଏସିଆ ମହାଦେଶ ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେବାର ଆବଶ୍ୟକତା ରହିଛି। ଏଥିପାଇଁ ଶକ୍ତି ଉପରେ ଶାନ୍ତି, ପ୍ରତିଯୋଗିତା ଉପରେ ସହଯୋଗ ଓ କ୍ଷଣୀକ ଲାଭ ଉପରେ ସ୍ଥାୟୀ ସମାଧାନ ଆଣିବା ପାଇଁ ଏସିଆ କାର୍ଯ୍ୟ କରୁ। କିନ୍ତୁ ତାଙ୍କର ଏହି କଥା ବିରୋଧାଭାସ ସୃଷ୍ଟି କରିଛି। ସେ ନାଟକ କରୁଛନ୍ତି ବୋଲି ସାବ୍ୟସ୍ତ ହୋଇଯାଇଛି। କାରଣ ବାଂଲାଦେଶ ସୁପ୍ରିମକୋର୍ଟ ୧୯୭୧ ମୁକ୍ତି ସଂଗ୍ରାମରେ ୧, ୨୫୬ ଲୋକଙ୍କୁ ହତ୍ୟା କରିଥିବା, ୧୭ଜଣ ବ୍ୟକ୍ତିଙ୍କ ଅପହରଣ କରିଥିବା ଓ ୧୩ ଜଣ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଜମାତ-ଇ- ଇସଲାମି ନେତା ଏଟିଏମ୍ ଆଝାରୁଲ ଇସ୍‌ଲାମକୁ ମୁକ୍ତ କରିଛି। ଏହି ମୁକ୍ତି ସଂଗ୍ରାମ ବେଳେ ଜମାତ-ଇ- ଇସଲାମି ପାକିସ୍ତାନ ଓ ତା'ର ସେନାକୁ ଖୋଲାଖୋଲି ସମର୍ଥନ କରୁଥିଲା। ୧୯୫୨ରେ ଆଝାରୁଲ୍ ବାଂଲାଦେଶର ରଙ୍ଗପୁର ଜିଲ୍ଲାର ବଦରଗଞ୍ଜ ଗାଁରେ ଜନ୍ମଗ୍ରହଣ କରିଥିଲା। ଏଭଳି ଜଣେ କୁଖ୍ୟାତ ଅପରାଧୀଙ୍କୁ ମୁକ୍ତି କରିବା ପରେ ୟୁନୁସଙ୍କ ଶାନ୍ତିବାର୍ତ୍ତା କେବଳ ଧର୍ମକୁ ଆଖିଠାର ବୋଲି ମନେହେଉଛି।

## ରାଷ୍ଟ୍ରୀୟ ଲକ୍ଷପତି ଦିଦି ସମ୍ମିଳନୀ

# ମହିଳାଙ୍କୁ ଆର୍ଥିକ ସ୍ୱାଧୀନତା କରିବା ମୂଳ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ



**ଯୋଗଦେଲେ ୨୫ ରାଜ୍ୟର ଲକ୍ଷପତି ଦିଦି**

ଭୁବନେଶ୍ୱର, ୨୯।୫ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ମାର୍ଗଦର୍ଶନରେ ଲକ୍ଷପତି ଦିଦି ଯୋଜନା ମହିଳାମାନଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରିବାର ମାର୍ଗ ପ୍ରସ୍ତୁତ କରିଛି। ଏହା କେବଳ ରୋଜଗାରର କଥା ନୁହେଁ, ବରଂ ମହିଳାମାନଙ୍କୁ ଆର୍ଥିକ ସ୍ୱାଧୀନତା ଦେବା ଏବଂ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ନେତୃତ୍ୱ ଭାବନା ଜାଗ୍ରତ କରିବା ଏହାର ମୂଳ ଉଦ୍ଦେଶ୍ୟ। ଗୁରୁବାର ଲୋକସେବା ଭବନ କନଭେନସନ୍ ସେଣ୍ଟର୍‌ରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ରାଷ୍ଟ୍ରୀୟ ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାର ଲକ୍ଷପତି ଦିଦି ବିନ୍ଧ୍ୟବାସିନୀ, ମହାରାଷ୍ଟ୍ରର ଶୋଭା ଦିଗମ୍ବର କଦମ୍ ସେମାନଙ୍କର ସଫଳତାର ଅନୁଭୂତି ଓ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଶ୍ରେଷ୍ଠ ଲକ୍ଷପତି ଦିଦି ଭାବେ ଦେବଗଡ଼ ଜିଲ୍ଲାର ଶକୁନ୍ତଳା ଧଳ, ଗଜପତି ଜିଲ୍ଲାର ସୁଲମୀ ଦଳବେହେରା ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ମମତା ନାଥ ଶର୍ମାଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଏହାସହ ନିଜ ଜିଲ୍ଲାରେ ସର୍ବାଧିକ ଲକ୍ଷପତି ଦିଦି ସୃଷ୍ଟି କରିଥିବାରୁ ନୟାଗଡ଼, କେନ୍ଦ୍ରାପଡା, କଟକ, ଭଦ୍ରକ, ଜଗତସିଂହପୁର ଜିଲ୍ଲା ସମେତ ରାଜ୍ୟସ୍ତରରେ ଶ୍ରେଷ୍ଠ ଅଧିକାରୀ ଭାବେ ଓଡ଼ିଶା ଜୀବିକା ମିଶନ, ଭୁବନେଶ୍ୱରର ଦେବୀପ୍ରସାଦ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ବୋଧନ ଦେଇ ଲକ୍ଷପତି ଦିଦି ଯୋଜନା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଆନ୍ଦୋଳନ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଥିଲେ। ସମ୍ମିଳନୀରେ ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଲକ୍ଷପତି ଦିଦି ଓ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ।

# ‘ଲକ୍ଷପତି ଦିଦି’: ନବୀନଙ୍କ ବହିରେ ବିଜେପି ମଲାଟ

- ସରକାର ଲକ୍ଷପତି ଦିଦିଙ୍କ ତାଲିକା ସାର୍ବଜନୀନ କରିବାକୁ ଦାବି
- ଗୋଟିଏ ବର୍ଷରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ଦାବି ହାସ୍ୟାସ୍ପଦ
- ମିଶନ ଶକ୍ତି ବଜେଟ ହ୍ରାସ କରି ଲକ୍ଷପତି ଦିଦି ସୃଷ୍ଟି ଗ୍ରହଣୀୟ ନୁହେଁ

ଭୁବନେଶ୍ୱର,୨୯।୫(ସମିସ): ମାତ୍ର ଗୋଟିଏ ବର୍ଷରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିଛନ୍ତି ବୋଲି କହି ନିଜ ପିଠି ଥାପୁଡ଼ାଉଛନ୍ତି ରାଜ୍ୟ ସରକାର। ତେବେ ଲକ୍ଷପତି ଦିଦି ହେବାର ମାନକ, ପ୍ରକ୍ରିୟା ତଥା ଲକ୍ଷପତି ଦିଦି ସୃଷ୍ଟିରେ ନିଜର ଭୂମିକାକୁ ନେଇ କିନ୍ତୁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟୋକ୍ତି ରଖାଯାଉ ନାହିଁ। ଯାହାଫଳରେ ସରକାରଙ୍କ ଦାବି ଉପରେ ସାଧାରଣ ଲୋକଙ୍କ ସନ୍ଦେହ ବଢ଼ୁଛି ବୋଲି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି କହିଛି ବିଜେଡି। ବିଜେପି ସରକାରଙ୍କର ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଉପରେ ପ୍ରତିକ୍ରିୟା ଦେଇ ବିଜେଡି ଏହା ‘ନବୀନଙ୍କ ବହିରେ ବିଜେପି ମଲାଟ’ ବୋଲି ଅଭିହିତ କରିଛି। କ୍ଷମତାକୁ ଆସିବା ପରଠାରୁ, ବିଜେପି ସରକାର କେବଳ ନବୀନ ସରକାରଙ୍କ ବିଭିନ୍ନ ଯୋଜନାର ନାମ ଓ ରଙ୍ଗ ପରିବର୍ତ୍ତନ କରିଆସୁଥିବା ବେଳେ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ସେହି ପ୍ରକ୍ରିୟାରେ ଆଉ ଏକ ନମୁନା ବୋଲି ବିଜୁ ଜନତା ଦଳ ପକ୍ଷରୁ କୁହାଯାଇଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଡଃ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗୋଟିଏ ବର୍ଷରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିଛନ୍ତି ବୋଲି ରାଜ୍ୟ ବିଜେପି ସରକାର କରୁଥିବା ଦାବି ଅତ୍ୟନ୍ତ ହାସ୍ୟାସ୍ପଦ। କାହାକୁ ଲକ୍ଷପତି ଦିଦି ଭାବେ ବିଚାର କରାଯାଉଛି, ସରକାର ତାହା ସ୍ପଷ୍ଟ କରିନାହାନ୍ତି। ଲକ୍ଷପତି ଦିଦି କରିବା ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି, ତା’ର ମଧ୍ୟ ସୂଚନା ନାହିଁ। ରାତାରାତି ଲକ୍ଷପତି ଦିଦି ଘୋଷଣା କରି ରାଜ୍ୟ ସରକାର ନିଜ ସଫଳତା ଦାବି କରୁଛନ୍ତି। ତେଣୁ ଏ ବାବଦରେ ସରକାର ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

ଡ. ସାମନ୍ତସିଂହାର କହିଛନ୍ତି ଯେ ବିଜେପି ସରକାର ଏହି ବର୍ଷର ବଜେଟରେ ମିଶନ ଶକ୍ତି ପାଇଁ ୧୫୯୦ କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ, ଯାହା ୨୦୨୩-୨୪ ରେ ୩୩୧୬ କୋଟି ଥିଲା। ବଜେଟର ଅର୍ଥ ବରାଦ କମିଥିଲା ବେଳେ ଲକ୍ଷପତି ଦିଦି ହେଲେ କିପରି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ସୁଭଦ୍ରା ଯୋଜନାରେ ମାସକୁ ୮୩୩ ଟଙ୍କା ଦେଇ ସେମାନଙ୍କୁ ଲକ୍ଷପତି ଦିଦି ବୋଲି ଯଦି ଦାବି କରନ୍ତି, ତାହା ଆହୁରି ହାସ୍ୟାସ୍ପଦ ବୋଲି ସେ କହିଛନ୍ତି।

ଡଃ ସାମନ୍ତସିଂହାର ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟର ମହିଳାମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ନବୀନ ସରକାରଙ୍କ ଦ୍ୱାରା ୨୦୦୧ ମସିହାରେ ମିଶନ ଶକ୍ତି ଯୋଜନାର ଆରମ୍ଭ ହୋଇଥିଲା। ଏହି ଯୋଜନା ମାଧ୍ୟମରେ ରାଜ୍ୟର ୭୦ଲକ୍ଷ ମହିଳା ସଶକ୍ତ ହୋଇ ପାରିଥିଲେ। ମହିଳା ଏସ୍‌ଏଚ୍‌ଜିମାନଙ୍କୁ ବିନା ସୁଧରେ ୧୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଉଥିଲା। ମହିଳା ଏସ୍‌ଏଚ୍‌ଜିମାନଙ୍କୁ ଓଡ଼ିଶା ସରକାରଙ୍କ ୩୨ଟି ବିଭାଗରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ମହିଳାମାନଙ୍କୁ ବ୍ୟବସାୟ ଦୁନିଆ ସହିତ ଅଧିକ ପରିଚିତ କରାଇବା ଲକ୍ଷ୍ୟରେ ସେମାନଙ୍କୁ ବିଦେଶ ଭ୍ରମଣରେ ପଠାଯାଉଥିଲା। ନବୀନଙ୍କ ଦୂରଦର୍ଶୀ ନେତୃତ୍ୱରେ ହୋଇଥିବା ମହିଳା ସଶକ୍ତକରଣ ନୀତିର ଫଳସ୍ୱରୂପ ଓଡ଼ିଶାରେ ମହିଳାମାନେ ଅଧିକ ସଶକ୍ତ ହୋଇ ପାରିଥିଲେ। ମିଶନ ଶକ୍ତି ମାଧ୍ୟମରେ ସଶକ୍ତ ହୋଇଥିବା ମହିଳାମାନଙ୍କୁ ଆଜି ବିଜେପି ଲକ୍ଷପତି ଦିଦି ଭାବେ ଚିହ୍ନିତ କରି, କେବଳ ପ୍ରଚାର ଉଦ୍ଦେଶ୍ୟରେ ଲକ୍ଷ୍ୟପତି ଦିଦି କାର୍ଯ୍ୟକ୍ରମ କରୁଛି ବୋଲି ଡ. ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଯେପରି ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟର ନାମ ଓ ରଙ୍ଗ ପରିବର୍ତ୍ତନ କରି ନିଜ କାର୍ଯ୍ୟକ୍ରମ କହୁଛନ୍ତି, ସେହିପରି ଆଜି ଲକ୍ଷପତି ଦିଦି କାର୍ଯ୍ୟକ୍ରମ ମଧ୍ୟ ନବୀନଙ୍କ ବହିରେ ବିଜେପି ମଲାଟ। ଓଡ଼ିଶାବାସୀ ଏହାକୁ ଗ୍ରହଣ କରିବେ ନାହିଁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ସମ୍ବଲପୁର ଶୀତଳଷଷ୍ଠୀ

# ପତର୍‌ପେଁଡ଼ି ସମ୍ପନ୍ନ

ସମ୍ବଲପୁର, ୨୯।୫(ସମିସ): ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀରେ ‘ପତର୍‌ପେଁଡ଼ି’ ସହ ଦେବବିବାହ ଉତ୍ସବ ରୀତିନୀତିରେ ଆରମ୍ଭ ହୋଇଯାଇଛି। ଆଜି ଦେବଦେବ ମହାଦେବଙ୍କ ବରପିତା କନ୍ୟା ଅନ୍ୱେଷଣରେ ଯାଇ ଜଗଜ୍ଜନନୀ ମାତା ପାର୍ବତୀଙ୍କ ସହ ବିବାହ ନିଶ୍ଚିତ କରିଛନ୍ତି। ସନ୍ଧ୍ୟାରେ ଝାଡ଼ୁଆପଡ଼ାର ଶ୍ରୀଲୋକନାଥ ବାବା, ମୁଦିପଡ଼ାରେ ଶ୍ରୀଜାଗେଶ୍ୱର ବାବା, ବଡ଼ବଜାରର ଶ୍ରୀଶୀତଳେଶ୍ୱର ବାବା ଓ ଠାକୁରପଡ଼ାର ଶ୍ରୀଗୁପ୍ତେଶ୍ୱର ବାବାଙ୍କ ସମେତ ସମ୍ବଲପୁରରେ ଥିବା ସମସ୍ତ ମହାଦେବ ବାବାଙ୍କ ପତର୍‌ପେଁଡ଼ି ସମ୍ପନ୍ନ ହୋଇଛି।

ଉଲ୍ଲେଖଯୋଗ୍ୟ, ନନ୍ଦପଡ଼ାର ବମବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ପତର୍‌ପେଁଡ଼ି ଦୁଇଦିନ ପୂର୍ବରୁ ଗତ ୨୭ ତାରିଖରେ ସମ୍ପନ୍ନ ହୋଇଥିଲା।

ଝାଡ଼ୁଆପଡ଼ାର ଶ୍ରୀଲୋକନାଥ ବାବାଙ୍କ ବରପିତା ଅମରନାଥ ସୂପକାର କନ୍ୟା ଅନ୍ୱେଷଣରେ ସପ୍ତଋଷିଙ୍କ ସହ ବାଜାଗଜା ନେଇ ଶୋଭାଯାତ୍ରାରେ କନ୍ୟାପିତା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବାସଭବନରେ ପହଞ୍ଚି ଥିବା ବେଳେ ମୁଦିପଡ଼ାରେ ଶ୍ରୀଶ୍ରୀଜାଗେଶ୍ୱର ବାବାଙ୍କ ବରପିତା ମଧୁସୂଦନ ନେଗୀ କନ୍ୟାପିତା ମୃତ୍ୟୁଞ୍ଜୟ ଦାଶଙ୍କ କନ୍ୟା ଅନ୍ୱେଷଣରେ ଯାଇ ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲେ। ସେହିପରି ବଡ଼ବଜାରର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବାଙ୍କ ବରପିତା ଜଗଦୀଶ ପ୍ରସାଦ କାଲୋନୋରିଆ କନ୍ୟାପିତା ମୁଦିପଡ଼ାର ଅକ୍ଷୟ ଜେନାଙ୍କ ବାସଭବନ ଏବଂ ଠାକୁରପଡ଼ାର ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ବରପିତା ସପ୍ତଋଷି ସହ ପାଞ୍ଚଗଛିଆ ଛକ ନିକଟସ୍ଥ କନ୍ୟାପିତା ରାଜେନ୍ଦ୍ର ଶର୍ମାଙ୍କ ବାସଭବନରେ ପହଞ୍ଚିଥିଲେ। ପାରମ୍ପରିକ ଶଙ୍ଖ, ଘଣ୍ଟ, ଦୁଲଦୁଲି ଆଦି ବାଜାଗଜା ସହ ସୁସଜ୍ଜିତ ରଥରେ ପହଞ୍ଚିବାପରେ କନ୍ୟାପକ୍ଷ ସେମାନଙ୍କୁ ସ୍ୱାଗତ କରି



ପାଛୋଟି ନେଇଥିଲେ। ପରେ ତାଙ୍କ ଗୃହକୁ ଆଗମନର ଅଭିପ୍ରାୟ ବିଷୟରେ ବରପକ୍ଷଙ୍କୁ ପଚାରିଥିଲେ। ମହାଦେବ ବାବାଙ୍କ ବିବାହ ପାଇଁ କନ୍ୟା ଅନ୍ୱେଷଣରେ ଆସିଥିବା ସେମାନେ କହିଥିଲେ। ଏହାପରେ ବରପିତାଙ୍କ ସହିତ ଆସିଥିବା ସପ୍ତଋଷି ମନ୍ତ୍ର ଉଚ୍ଚାରଣ ସହିତ ମହାଦେବ ବାବାଙ୍କ ଗୁଣ ବଖାଣିଥିଲେ। କନ୍ୟାପକ୍ଷ ମଧ୍ୟ ମାତା ପାର୍ବତୀଙ୍କ ଗୁଣ ବର୍ଣ୍ଣନା କରିବାସହ ଶ୍ମଶାନ ନିବାସୀ ଓ ଭସ୍ମ ବୋଳି ହୋଇଥିବା ମହାଦେବଙ୍କୁ ତାଙ୍କ ଅଲିଅଳ କନ୍ୟା ଦେବାକୁ ଅରାଜି ହୋଇଥିଲେ। ବରପକ୍ଷ ଶ୍ଳୋକ ମାଧ୍ୟମରେ ମହାଦେବଙ୍କ ଉଦାରତା ଓ ମହାନତା ବିଷୟରେ କହିଥିଲେ। ଏହା ପରେ ମହାଦେବ ବାବାଙ୍କ ସହ ମାତା ପାର୍ବତୀଙ୍କ ବିବାହ ନିଷ୍ପତ୍ତି ହୋଇଥିଲା। ବୈଦିକ ରୀତିନୀତି ଅନୁଯାୟୀ, ବରପିତା କନ୍ୟାପିତାଙ୍କୁ ସର୍ଗିପତ୍ର ବିଡ଼ା, ଫୁଲ, ଫଳମୂଳ, ମିଷ୍ଟାନ୍ନ ଆଦି ଦେଇ ବିବାହ ସକାଶେ କନ୍ୟା ଚୂଡ଼ାନ୍ତ କରିଥିଲେ।

ଆସନ୍ତାକାଲି ପ୍ରଭୁ ହନୁମାନ ମନ୍ଦିର ମନ୍ଦିର ବୁଲି ‘ଗୁଆଗୁଣ୍ଡା’ ବା ଦେବ ନିମନ୍ତ୍ରଣ କରିବେ। ପରେ ୩୧ ତାରିଖ ରାତିରେ ବାଜାଗଜା ସହ ‘ବରାତି’ରେ ବାହାରିବେ ମହାଦେବ ବାବା। ସେହିଦିନ ବିଳମ୍ବିତ ରାତ୍ରି ବ୍ରାହ୍ମ ମୁହୂର୍ତ୍ତରେ ବୈଦିକ ରୀତିନୀତିରେ ଶୁଭ ଲଗ୍ନରେ ବିବାହ ହେବ। ଜୁନ ୧ ତାରିଖ ରାତିରେ ଦେବଦମ୍ପତି ନଗର ପରିକ୍ରମା କରି ଶ୍ରଦ୍ଧାଳୁଙ୍କୁ ଦେବେ ‘ଯୁଗଳ ଦର୍ଶନ’। ଏହି ଶୋଭାଯାତ୍ରା ୨ ତାରିଖ ସକାଳୁ କେଇ ଘଣ୍ଟା ପାଇଁ ବିଶ୍ରାମ ପରେ ପୁଣି ନିର୍ଦ୍ଧାରିତ ପଥରେ ପରିକ୍ରମା କରିବ। ୨ ତାରିଖ ଅପରାହ୍ଣରେ ଦେବଦମ୍ପତି ସ୍ୱମନ୍ଦିର ପ୍ରବେଶ କରିବେ।

ଏହାବ୍ୟତୀତ ବାଲିବନ୍ଧାର ଶ୍ରୀ ସୋମନାଥ ବାବା, ବୁଢ଼ାରଜାର ଶ୍ରୀ ପାହାଡ଼େଶ୍ୱର ବାବା, ଦୁର୍ଗାପାଲିର ଶ୍ରୀ ଗୁଡ଼େଶ୍ୱର ବାବା, କୁଲୁଥକାନୀର ଶ୍ରୀ କଙ୍କେଶ୍ୱର ବାବା, ଶଙ୍କର ମଠ (ଭତରା) ର ସପ୍ନେଶ୍ୱର ବାବା, ସାଲିଆ ବଗିଚା (କୁମ୍ଭାରପଡ଼ା)ର ଶ୍ରୀ ରାମେଶ୍ୱର ବାବା, ସିନ୍ଦୂରପଙ୍କର ଶ୍ରୀ ତାରକେଶ୍ୱର ବାବା, ବୁର୍ଲାର ଶ୍ରୀ ନୀଳକଣ୍ଠେଶ୍ୱର ବାବା ଆଦି ଦେବ ଦେବ ମହାଦେବଙ୍କ ପତର୍‌ପେଁଡ଼ି ସମ୍ପନ୍ନ ହୋଇଛି।

## ନିଶା ପାଇଁ ପୁଅର ନୃଶଂସ କାଣ୍ଡ

# ଗାଁ ଦାଣ୍ଡରେ ମା’କୁ ହାଣି ହତ୍ୟା

**ଗ୍ରାମବାସୀଙ୍କ ମାଡ଼ରେ ଲହୁଲୁହାଣ ଅଭିଯୁକ୍ତ ପୁଅ**

ପୁରୀ, ୨୯।୫ (ସମିସ): ନିଶା ପାଇଁ ନୃଶଂସ ପାଲଟିଗଲା ପୁଅ। ହରାଇଦେଲା ନିଜର ହିତାହିତ ଜ୍ଞାନ, ଭୁଲିଗଲା ମା’ର ସ୍ନେହ ଆଉ ପ୍ରେମ। ନିଶା ଖାଇବାର ନିଶା ଏମିତି ମୁଣ୍ଡକୁ ଚଢ଼ିଗଲା ଯେ ଗାଁ ଦାଣ୍ଡରେ ମା’କୁ କୋଦାଳରେ ହାଣି ହତ୍ୟା କଲା। ଗୁରୁବାର ସକାଳେ ପୁରୀ ପେଣ୍ଟକଟା ମେରାଇନ ଥାନା ଅଧୀନ ସମଙ୍ଗରା ଗାଁରେ ଘଟିଛି ଏଭଳି ଲୋମଟାଙ୍କୁରା ହତ୍ୟାକାଣ୍ଡ। ମୃତ ମହିଳା ହେଲେ, ଗାଁର କନକ ପ୍ରଧାନ (୫୫)। ଏଭଳି ଅମାନୁଷିକ ଘଟଣା ଦେଖି ଗ୍ରାମବାସୀ ରାଗରେ ପିଟିପିଟି ଅଭିଯୁକ୍ତ ପୁଅ ବିକ୍ରମ ପ୍ରଧାନ (୩୦)କୁ ଦରମରା କରିଦେଇଥିଲେ। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ଗାଁଲୋକଙ୍କ କବଳରୁ ବିକ୍ରମକୁ ଉଦ୍ଧାର କରିବାକୁ ନାକେଦମ୍ ହେବାକୁ ପଡ଼ିଥିଲା। ଏପରିକି, ପୁଲିସ୍‌କୁ ବି ଗାଁ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଥିଲା।

ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୭ଟାରେ କନକ ଗୋରୁଙ୍କୁ ଖାଇବାକୁ ଦେଉଥିଲେ। ଏହି ସମୟରେ ବିକ୍ରମ ସେଠାକୁ ଆସି ନିଶା ଖାଇବାକୁ ତାଙ୍କୁ ଟଙ୍କା ମାଗିଥିଲା। ସବୁବେଳେ ନିଶାଗ୍ରସ୍ତ ଅବସ୍ଥାରେ ରହୁଥିବା କାରଣରୁ ପୁଅ ପାଇଁ ଚିନ୍ତିତ ଥିବା କନକ ଟଙ୍କା ଦେବାକୁ ମନା କରିଦେଇଥିଲେ। ଏହାକୁ ନେଇ ମା’ଙ୍କ ସହ ଯୁକ୍ତିତର୍କ କରିଥିଲା ବିକ୍ରମ। କଥା ବଢ଼ିବାରୁ, ହଠାତ୍ ଉତ୍କ୍ଷିପ୍ତ ହୋଇ ପାଖରେ ଥିବା ଏକ କୋଦାଳରେ ମା’ ମୁଣ୍ଡକୁ ଚୋଟ ପକାଇଥିଲା। ଏଥିରେ କନକଙ୍କ ମୁଣ୍ଡ ଦୁଇଫାଳ ହୋଇଯାଇଥିଲା ଏବଂ ଘଟଣାସ୍ଥଳରେ ହିଁ ସେ ଟଳିପଡ଼ିଥିଲେ। ପ୍ରବଳ ରକ୍ତସ୍ରାବ ହେବା ସହ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମା’-ପୁଅଙ୍କ କଥା କଟାକଟି ହଠାତ୍ ଏଭଳି ରୂପ ନେବ କେହି ବିଶ୍ୱାସ କରିପାରି ନଥିଲେ। କିନ୍ତୁ ପୁଅର ଏଭଳି କାଣ୍ଡ ପରେ ଗାଁ ଲୋକେ ଘେରିଯାଇ ବିକ୍ରମକୁ କାବୁ କରିଥିଲେ। ସେ ଖସିଯିବାକୁ ଉଦ୍ୟମ କରିବା ବେଳେ ଲୋକେ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ।

ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗ୍ରାମବାସୀଙ୍କ କବଳରୁ ବିକ୍ରମକୁ ଉଦ୍ଧାର କରିବା ସମୟରେ ସାମାନ୍ୟ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ଗାଁ ଲୋକଙ୍କ ମାଡ଼ରେ ବିକ୍ରମ ଆହତ ହୋଇଥିବା ବେଳେ ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିବା ଆଇଆଇସିଙ୍କ ଚାର୍ଜରେ ଥିବା ଡିଏସ୍‌ପି ବବିତା ଦଳେଇ କହିଛନ୍ତି। ପୂର୍ବରୁ ବିକ୍ରମ ମଧ୍ୟ ପରିବାରରେ ଗଣ୍ଡଗୋଳ କରି ଜେଲ୍ ଯାଇଥିଲା। ଜାମିନରେ ଫେରିବା ପରେ ବି ତା’ ଆଚରଣରେ ସୁଧାର ଆସି ନଥିଲା ବୋଲି ପୁଲିସ୍ ସୂଚନା ଦେଇଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ଜମି ବିବାଦକୁ କେନ୍ଦ୍ର କରି ସମଙ୍ଗରା ଗ୍ରାମରେ ଡବଲ ମର୍ଡର ହୋଇଥିଲା। ଗୁରୁବାର ଗାଁରେ ପୁଣି ଏକ ହତ୍ୟାକାଣ୍ଡ ଘଟିବାରୁ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

# ବଜ୍ରପାତରେ ୨ ମହିଳା ମୃତ

ବରଗଡ଼,୨୯।୫(ସମିସ): ବରଗଡ଼ ଜିଲ୍ଲା ଅତାବିରା ଅଞ୍ଚଳରେ ବଜ୍ରପାତ ଆଜି ଦୁଇ ମହିଳାଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ଖଇରପାଲି ନିକଟସ୍ଥ ନଳିଆଁ ଝୁପୁଡ଼ି ଗାଁର ଶାନ୍ତି ଛତ୍ରିଆ (୪୮) ଓ ଟୋପ ଗାଁର ସହରାପଡ଼ା ନିବାସୀ ଯଶୋଦା ମଲ୍ଲିକ (୩୬)। ଶାନ୍ତି ଆଜି ଜାଳେଣି କାଠ ସଂଗ୍ରହ କରି ଘରକୁ ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଅନୁରୂପ ଭାବେ, ବିଲରେ କାମ କରୁଥିବା ସ୍ୱାମୀ ଗଣନାଥ ମଲ୍ଲିକଙ୍କୁ ମଧ୍ୟାହ୍ନଭୋଜନ ଦେବା ପାଇଁ ଯାଉଥିବା ବେଳେ ବଜ୍ରପାତ ହେବାରୁ ଯଶୋଦା ପ୍ରାଣ ହରାଇଛନ୍ତି। ଉଭୟଙ୍କୁ ଅତାବିରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ଅତାବିରା ଥାନା ପୁଲିସ ପହଞ୍ଚି ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏନେଇ ପୁଲିସ୍ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉଭୟଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ଜୁଲାଇ ୨୦ରେ ଓଟିଇଟି ପରୀକ୍ଷା

କଟକ, ୨୯।୫ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଏସ୍‌ଓଟିଇଟି) ପାଇଁ ଆଜି ସମୟ ଧାର୍ଯ୍ୟ ହୋଇଛି। ଆସନ୍ତା ଜୁଲାଇ ୨୦ ତାରିଖ, ରବିବାର ଦିନ ଦୁଇଟି ସିଟିଂରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟର ୪୩୦ଟି କେନ୍ଦ୍ରରେ ୧ଲକ୍ଷ ୪୧ ହଜାର ୨୭୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପେପର- ୧ ବିଷୟରେ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଓ ପେପର-୨ ପରୀକ୍ଷା ଦିନ ୨ଟାରୁ ଅପରାହ୍ଣ ୪ଟା ୩୦ମିନିଟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିଭଳି ଯେଉଁ ଦିବ୍ୟାଙ୍ଗ ପରୀକ୍ଷାର୍ଥୀମାନେ ଲେଖିପଢ଼ି ପାରୁନଥିବେ, ସେମାନେ ପରୀକ୍ଷାର ୪ଦିନ ପୂର୍ବରୁ ସେମାନଙ୍କ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କୁ ଅନ୍ୟଜଣଙ୍କ ସହାୟତା ନେବା ପାଇଁ ସମସ୍ତ ଅସଲି ଦସ୍ତାବିଜ ସହ ରିପୋର୍ଟ କରିବେ। ସମ୍ପୃକ୍ତ କେନ୍ଦ୍ର ଅଧୀକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପରାମର୍ଶ କରି ଧାର୍ଯ୍ୟ ଗାଇଡଲାଇନ ଅନୁସାରେ ପଦକ୍ଷେପ ନେଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ପରୀକ୍ଷା ପାଇଁ ଆଡମିଟ କାର୍ଡ ଆସନ୍ତା ଜୁଲାଇ ୧୨ତାରିଖରୁ ବୋର୍ଡର ୱେବସାଇଟ୍‌ରେ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ଏହାକୁ ଡାଉନଲୋଡ କରିପାରିବେ।

ପ୍ରକାଶଥାଉକି, ଗତବର୍ଷ ଏହି ପରୀକ୍ଷା ଆରମ୍ଭ ପୂର୍ବରୁ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଓ ଉତ୍ତରପତ୍ର ପ୍ରଘଟ ନେଇ ପରୀକ୍ଷାର୍ଥୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଗଣିତ, ଓଡ଼ିଆ, ଇଂରାଜୀ, ସିଡିପି ଭଳି ୪ଟି ବିଷୟର ପ୍ରାୟ ୧୦୦ଟି ଉତ୍ତର ଥିବା ଦୁଇଟି ଜେରକ୍ସ କାଗଜ ୟୁଟ୍ୟୁବ୍‌ରେ ମଧ୍ୟ ଛଡ଼ାଯାଇଥିଲା। ତେବେ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗକୁ ଗତବର୍ଷ ବୋର୍ଡ କର୍ତ୍ତୃପକ୍ଷ ଖଣ୍ଡନ କରିଥିଲେ। ଏଥର ପରୀକ୍ଷା ଶୃଙ୍ଖଳିତ ଭାବେ ଶେଷ ହେଉଛି କି ନାହିଁ ତାହା ଆଗାମୀ ଦିନରେ ଜଣାପଡ଼ିବ।

# ମୁଖ୍ୟମନ୍ତ୍ରୀ ପାଣ୍ଠିରୁ ଶୀତଳ ଷଷ୍ଠୀ ପାଇଁ ୫୦ ଲକ୍ଷ ମଞ୍ଜୁର



ସମ୍ବଲପୁର, ୨୯।୫(ସମିସ): ଦେବବିବାହ ଶୀତଳଷଷ୍ଠୀ ଯାତ୍ରାକୁ ଅଧିକ ଭବ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫୦ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଘୋଷଣା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ତାଙ୍କ ‘ଏକ୍ସ’ ଆକାଉଣ୍ଟରେ ସୂଚନା ଦେଇଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ‘ଶୀତଳଷଷ୍ଠୀ ଯାତ୍ରା’ ଆମ ସଂସ୍କୃତି, ପରମ୍ପରାର ଅନନ୍ୟ ବାର୍ତ୍ତାବହ। ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଐତିହ୍ୟ ସମ୍ପନ୍ନ ‘ଶୀତଳଷଷ୍ଠୀ’ ଯାତ୍ରାକୁ ଆହୁରି ଭବ୍ୟ କରିବା ସହ ଏହାର ପ୍ରଚାରପ୍ରସାର ପାଇଁ ୫୦ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିବାକୁ ଘୋଷଣା କରୁଛି।






# ଭିଜିଲାନ୍ସ ପଞ୍ଝାରେ ଆକାଉଣ୍ଟାଣ୍ଟ ଓ ବରିଷ୍ଠ ସହାୟକ

ପାରଳାଖେମୁଣ୍ଡି,୨୯।୫(ସମିସ): ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଆଜି ପାରଳାଖେମୁଣ୍ଡିସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟର ଦୁଇ କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ଡିଭିଜନାଲ ଆକାଉଣ୍ଟାଣ୍ଟ ସୂରଜ ପ୍ରସାଦ ଜୟସ୍ୱାଲ ଓ ବରିଷ୍ଠ ସହାୟକ ନରେଶ ପଟ୍ଟନାୟକ। ଜଣେ ଠିକାଦାର ସରୋଜ ପାତ୍ରଙ୍କଠାରୁ ୩୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ଦୁହିଁଙ୍କୁ ମାଡ଼ି ବସିଛନ୍ତି। ବକେୟା ବିଲ୍ ପାସ୍ କରିବାକୁ ସେମାନେ ଏହି ଲାଞ୍ଚ ଟଙ୍କା ନେଉଥିବା ଜଣାପଡ଼ିଛି। ଠିକାଦାର ଓ ତାଙ୍କ ସଂପର୍କୀୟ ନାମରେ

**ଠିକାଦାରଙ୍କଠାରୁ ନେଉଥିଲେ ୩୦ ହଜାର ଲାଞ୍ଚ**

ମୋଟ ୪ଟି କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି କାମର ପରିମାଣ ୮୬ ଲକ୍ଷ ଟଙ୍କାରୁ ଅଧିକ। ଏହି ସମୟ ମଧ୍ୟରେ ଉକ୍ତ ଠିକାଦାର ୩୨ଲକ୍ଷ ଟଙ୍କାର ରନିଂ ବିଲ୍ ଦାଖଲ କରିଥିଲେ। କିନ୍ତୁ ଅଭିଯୁକ୍ତଦ୍ୱୟ ୟୁପିଆଇ ଟ୍ରାଞ୍ଜାକ୍ସନ ମାଧ୍ୟମରେ ୩୨ଲକ୍ଷ ଟଙ୍କାର ବିଲ୍ ପୂର୍ବରୁ କ୍ଲିୟରାନ୍ସ ପାଇଁ ଏବଂ କାମ ଶେଷ ହେବା ପରେ ବାକି ବିଲ୍ ଦାଖଲ କରିବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ତେଣୁ ଠିକାଦାର ସରୋଜ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଆଜି ଶ୍ରୀ ଜୟସ୍ୱାଲ ଏବଂ ଶ୍ରୀ ପଟ୍ଟନାୟକଙ୍କୁ ୟୁପିଆଇ କାରବାର ମାଧ୍ୟମରେ ପ୍ରତ୍ୟେକ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ସେମାନଙ୍କୁ ଧରିଛି। ବ୍ରହ୍ମପୁର ଭିଜିଲାନ୍ସ ଦୁଇଟି ପୃଥକ୍ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ଫେରାର୍ ୭ ଶିକାରୀ ଶିମିଳିପାଳରୁ ଗିରଫ



**ମାରଣାସ୍ତ୍ର ଓ ବନ୍ୟଜନ୍ତୁ ଦେହାଂଶ ଜବତ**

ବାରିପଦା, ୨୯।୫ (ସମିସ): ଏକ ସମ୍ବର ଶିକାର ମାମଲାରେ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଫେରାର୍ ଥିବା ୭ ଶିକାରୀଙ୍କୁ ଆଜି ବନ ବିଭାଗ ଶିମିଳିପାଳରୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ରଘୁନାଥ ସଏ, ବାବୁରାମ ସଏ, ସୁକୁଲାଲ ହେମ୍ବ୍ରମ, ମଙ୍ଗଲ ବାଦ୍ରା, ଜୟସିଂହ ସିର୍କା, କୁନାରାମ ସାମାଡ ଓ ବାୟା ବାନାରା। ସେମାନଙ୍କ ନିକଟରୁ ୬ଟି ଧନୁ, ୧୧ତୀର, ୨ଟି ଫାଶ, ୨ଟି କାଟାପଲ୍ଟ, ଗୋଟିଏ ବାର୍କିଂ ହରିଣ ଏବଂ ଗୋଟିଏ ସ୍ପଟେଡ୍ ହରିଣର ଶିଙ୍ଘ ଜବତ ହୋଇଛି। ବର୍ଷ ୨୦୨୩-୨୪ରେ ଏମାନେ ଶିମିଳିପାଳ ଜାତୀୟ ଉଦ୍ୟାନର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ରେଞ୍ଜ ଅଧୀନରେ ଏକ ସମ୍ବର ଶିକାର କରିଥିଲେ। ବନ ବିଭାଗର ଗୁଇନ୍ଦା ବିଭାଗ ଏବଂ ଏଆଇ କ୍ୟାମେରା ସହାୟତାରେ ସେମାନଙ୍କୁ ଧରାଯାଇଛି। ବନ ବିଭାର ସ୍ୱତନ୍ତ୍ର ଟାସ୍କଫୋର୍ସ ଓ କର୍ମଚାରୀମାନେ କରଞ୍ଜିଆ ଥାନା ଦୁଧିଆଣି ଏବଂ ଅଁଳାକଟା ଗ୍ରାମରେ ଚଢ଼ଉ କରି ଏମାନଙ୍କୁ ଧରିଛନ୍ତି। ଅପରପକ୍ଷେ, ଏହି ଘଟଣାରେ ପୂର୍ବରୁ ବନ ବିଭାଗ ୧୩ଶିକାରୀଙ୍କୁ ଗିରଫ କରିସାରିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

# ୩୦୦ କେଜି ଗଞ୍ଜେଇ ସହ ମାଉଜର ଜବତ: ଜଣେ ଗିରଫ



ନନ୍ଦପୁର,୨୯।୫ (ସମିସ): ଓଡ଼ିଶା ଆନ୍ଧ୍ର ସୀମାନ୍ତ ପାଡୁଆ ଥାନା ପୁଲିସ ହାତରେ ଲାଗିଛି ବଡ଼ ସଫଳତା। ତିନି ଶହ କେଜି ଗଞ୍ଜେଇ, ମାଉଜର ସହ ଅଟୋ ଡ୍ରାଇଭର ଗିରଫ ହୋଇଛି। ତେବେ ଅଟୋର ଗଞ୍ଜେଇ ଚାଲାଣ ସହ ମାଉଜର ଜବତ ନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ପ୍ରଥମ ଥର ଗଞ୍ଜେଇ ବ୍ୟବସାୟୀଙ୍କ ଠାରୁ ମାଉଜର ଜବତ ହେବା ନେଇ ମଧ ପୁଲିସ ଚକିତ ହୋଇଛି।

ସୂଚନା ଅନୁଯାୟୀ, ଗୁରୁବାର ପାଡୁଆ ଥାନା ଏସ୍ଆଇ ଟୁନା ଶବର ଏକ ଟିମ୍ ନେଇ ପାଟ୍ରୋଲିଂ ବାହାରିଥିବା ବେଳେ ହାତୀବାରି ଗ୍ରାମ ପଞ୍ଚାୟତର କାଣ୍ଡରା ଗ୍ରାମରୁ ଗଞ୍ଜେଇ ନେଇ ଦେଓ ପଟାଙ୍ଗି ଯାଉଥିବା ଗଞ୍ଜେଇ ବୋଝେଇ ଅଟୋକୁ ପିଛା କରିଥିଲେ। ପୁଲିସ ଗାଡି ପିଛା କରୁଥିବା ଦେଖି ଅଟୋ ଡ୍ରାଇଭର ରାଇଣି ପଞ୍ଚାୟତର ରୁଢ଼ି ଛୁଆଁ ଗ୍ରାମ ଜଙ୍ଗଲ ନିକଟରେ ଗାଡ଼ି ଅଟକାଇବାକୁ ବାଧ ହୋଇଥିଲା। ଡ୍ରାଇଭର ଜଙ୍ଗଲ ମଧକୁ ଦୌଡ଼ିବା ସହ ପୁଲିସକୁ ମାଉଜର ଦେଖାଇ ପାଖକୁ ନ ଆସିବାକୁ ଧକମ ଦେଇଥିଲା । ପୁଲିସ ଚତୁରତା ସହ ଓ ଭୟଭୀତ ନ ହୋଇ ଡ୍ରାଇଭରକୁ କାବୁ କରି ମାଉଜର ଜବତ କରିବାରେ ସଫଳ ହୋଇଥିଲା। ପରେ ଗଞ୍ଜେଇ ବୋଝେଇ ଅଟୋ ରିକ୍ସା ସହ ଡ୍ରାଇଭରକୁ ଥାନାରେ ଆଣିବା ପରେ କୋର୍ଟ ଚାଲାଣ କରାଯାଇଥିଲା। ଡ୍ରାଇଭର ଜଣକ ନାମ ମନୋଜ ଖିଲ। ତାର ଘର ଗ୍ରାମ ଦେଓ ପଟାଙ୍ଗୀ ବୋଲି ପୁଲିସ ସୂଚନା ଦେଇଛି। ଏହି ମାମଲାରେ ଅଧିକ ତଦନ୍ତ ପାଇଁ ଏସ୍ଆଇ ହିମାଂଶୁ ଶେଖର ବେନିଆଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେପଟେ ଡ୍ରାଇଭର ଠାରୁ ମାଉଜର ସହ ଦୁଇଟି ଜୀବନ୍ତ ଗୁଳି, ୧୩୩୦ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ଜବତ ହୋଇଛି । ତେବେ ଡ୍ରାଇଭର ନିକଟରେ ମାଉଜର ଜବତ ହେବା ପରେ ଏହି ମାମଲା ପଛରେ ବଡ଼ ମାଫିଆଙ୍କ ହାତଥିବା ନେଇ ପୁଲିସ ସନ୍ଦେହ କରୁଛି।

# କୋରାପୁଟରେ ସ୍ୱତନ୍ତ୍ର ସିକଲ୍‌ସେଲ୍ କେନ୍ଦ୍ର ପ୍ରତିଷ୍ଠା

## ଜୟପୁରକୁ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ଦେବାକୁ ଅନୁରୋଧ




କୋରାପୁଟ,୨୯।୫ (ସମିସ): କୋରାପୁଟ ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍ ପକ୍ଷରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ହସ୍‌ପିଟାଲ ଠାରେ ଏକ ସ୍ୱତନ୍ତ୍ର ସିକଲସେଲ୍ ଏନିମିଆ କେନ୍ଦ୍ର ପ୍ରତିଷ୍ଠା ତଥା କୋରାପୁଟ ରକ୍ତ ଭଣ୍ଡାରରେ ଏକ ପରାମର୍ଶଦାତାଙ୍କ ନିଯୁକ୍ତି ଏବଂ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ କେନ୍ଦ୍ର ପାଇଁ ଏକ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ଯୋଗାଇବା ପାଇଁ ଜିଲ୍ଲାପାଳ ଭି. କୀର୍ତ୍ତି ୱାସନଙ୍କୁ ଅନୁରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ଫୋରମର ସଭାପତି ଜି. ସଞ୍ଜୀବ କୁମାର , ସାଧାରଣ ସମ୍ପାଦକ ଶେଖ ଇବ୍ରାହିମ୍, କୋଷାଧକ୍ଷା ଶାହେଦା ପରୱିନ, ବରିଷ୍ଠ ସଦସ୍ୟ ଚିନ୍ତାମଣି ପୃଷ୍ଟି ଏବଂ ପ୍ରମୋଦ ସେଠୀ, ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅନୁରୋଧ ପତ୍ର ପ୍ରଦାନ କରିଥିଲେ। କୋରାପୁଟ ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବା ଯୋଗୁଁ ଏଠାରେ ସିକଲ୍‌ସେଲ ରୋଗୀଙ୍କ ସଂଖ୍ୟା ଅଧିକ ଏବଂ ଏମାନଙ୍କ ଉଚିତ ଚିକିତ୍ସା ନିମନ୍ତେ ଏକ ସ୍ୱତନ୍ତ୍ର ସିକଲ୍ ସେଲ ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଏତଦ୍ ବ୍ୟତୀତ ଜିଲ୍ଲାର ଦୁର୍ଗମ ଏବଂ ଗ୍ରାମାଞ୍ଚଳରେ ରକ୍ତଦାନ ଅଭିଯାନକୁ ଆହୁରି ସୁଦୃଢ଼ କରିବା ପାଇଁ ଜୟପୁର ରକ୍ତ କେନ୍ଦ୍ର ପାଇଁ ଏକ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନର ଆବଶ୍ୟକତା ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ଫୋରମ୍‌ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ସମ୍ବନ୍ଧରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ କୀର୍ତ୍ତି ୱାସନ ପ୍ରତିଶୃତି ଦେଇଥିଲେ।

# ଗଞ୍ଜେଇ ଗାଡ଼ିକୁ ଧରିଲା ପୁଲିସ



ଜୟପୁର,୨୯।୫(ସମିସ) : ଜୟପୁର ଟାଉନଥାନା ପୁଲିସ ଗତକାଲି ମଧ ରାତ୍ରରେ ସହରର ଗାନ୍ଧୀଛକରୁ କୋରାପୁଟ ପଟକୁ ୨୬ ନମ୍ବର ଜାତୀୟ ରାଜପଥରେ ଯାଉଥିବା ଏକ ଟ୍ରକକୁ ପିଛା କରି ଗଞ୍ଜେଇ ଜବତ କରିଛି। ପୁଲିସ ଟ୍ରକର ପିଛା କରିବାରୁ ଚାଳକ ସ୍ଥାନୀୟ ଗେଟଗୁଡା ଛକ ବାମପାଶ୍ୱର୍ରେ ରହିଥିବା ଏକ ପୁରୁଣା ଗୋଦାମ ପରିସର ଭିତରକୁ ପ୍ରବେଶ କରିଥିଲା। ପୁଲିସ ଏହାର ପିଛା କରିବା ସହ ଟ୍ରକକୁ ଧରି ଯାଞ୍ଚ ବେଳେ ସେଥିରେ ବ୍ୟାପକ ପରିମାଣ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲା। ସୂଚନା ପାଇବା ପରେ ଏସଡିପିଓ ପାର୍ଥ ସାରଥୀ ଜଗଦିଶ ଏବଂ ଥାନା ଅଧିକାରୀ ଉଲ୍ଲାସ ରଞ୍ଜନ ରାଉତ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ଏହିପରି ଆଜି ପୂର୍ବାହ୍ନରେ ଉକ୍ତ ଟ୍ରକରୁ ଅନ୍ୟ ଏକ ମିନି ଟ୍ରକକୁ ଗଞ୍ଜେଇକୁ ପୁଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଓଜନ କରାଯାଇ ଲୋଡିଂ କରାଯାଇଛି। ଏହି ମାମଲାରେ ସ୍ଥାନୀୟ କିଛି ଗଞ୍ଜେଇ ମାଫିଆ ସମ୍ପୃକ୍ତ ଥିବା କୁହାଯାଉଛି। ଏ ନେଇ କେତେକ ଗିରଫ ହୋଇଥିବା ମଧ କୁହାଯାଉଛି। କିନ୍ତୁ ଏନେଇ ଏସ୍‌ଡିପିଓ ଶ୍ରୀ କାଶ୍ୟପ କହିଛନ୍ତି, ତଦନ୍ତ ଜାରି ରହିଛି, ଅତିଶିଘ୍ର ସାମ୍ବାଦିକ ସମ୍ମିଳନୀ ମାଧମରେ ସୂଚନା ଦିଆଯିବ ବୋଲି କହିଛନ୍ତି।

# ମୃତ ସାମ୍ବାଦିକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା

ନବରଙ୍ଗପୁର,୨୯।୫(ସମିସ): ନବରଙ୍ଗପୁର ଜିଲ୍ଲାରେ ଓଡ଼ିଶା ଭାସ୍କର ଖବରକାଗଜର ପୂର୍ବତନ ଜିଲ୍ଲା ସାମ୍ବାଦିକ ରଞ୍ଜନ ପଟ୍ଟନାୟକଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ଓଡିଶା ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏ ସମ୍ପର୍କରେ ତାଙ୍କ ପରିବାରକୁ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପତ୍ର ସଂଖ୍ୟା ୮୪୭୯ ଓ ମେମୋ ସଂଖ୍ୟା ୮୪୮୩ ଅନୁଯାୟୀ ଅତିରିକ୍ତ ସଚିବ ଅବଗତ କରିଛନ୍ତି । ଏହି ସହାୟତା ରାଶି ତାଙ୍କ ଧର୍ମ ପତ୍ନୀ ସବିତା ପଟ୍ଟନାୟକଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରେରଣ କରାଯାଇଛି। ଏହି ସହାୟତା ରାଶି ପାଇଁ ପରିବାର ପକ୍ଷରୁ ସରକାରଙ୍କ ସମେତ ନବରଙ୍ଗପୁର ଜିଲ୍ଲାପାଳ ଡ ଶୁଭଙ୍କର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରାଙ୍କ ଠାରେ କୃତଜ୍ଞତା ପ୍ରଦାନ କରାଯାଇଛି। ଏଥନେଇ ନବରଙ୍ଗପୁର ବିଭିନ୍ନ ସାମ୍ବାଦିକ ସଙ୍ଗଠନ ପକ୍ଷରୁ ମଧ କୃତଜ୍ଞତା ପ୍ରଦାନ କରାଯାଇଛି।

# ମା’ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ



ଡାବୁଗାଁ, ୨୯।୫(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସାଦରମାହକୁମା ସ୍ଥିତ ନୂଆଗୁଡା ଗ୍ରାମରେ ମାଁ ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଆରମ୍ଭ ହୋଇଛି। ଏଥିରେ ପ୍ରଥମେ ମାଁ ଠାକୁରାଣୀ ମନ୍ଦିର ପୁଷ୍କରିଣୀରେ ପୂଜାର୍ଚ୍ଚନା କରିବା ପରେ ଗ୍ରାମର ବହୁ ମହିଳା ମାନେ ମୁଣ୍ଡରେ କଳସୀ ମୁଣ୍ଡାଇ ଏକ ବିରାଟ ଶୋଭାଯାତ୍ରାରେ ଯାଇ ମଙ୍ଗଳା ମନ୍ଦିରରେ ପହଞ୍ଚିବା ପରେ ସ୍ଥାପନ କରାଯାଇଥିଲା । ଏହାପରେ ବନଯୋଗ କର୍ମକୁଟୀ ଶୋଧନ, ଅଙ୍କୁରାରୋପଣ କାର୍ଯ୍ୟକ୍ରମ ରହିଛି। ରବିବାର ବିଭିନ୍ନ ପୂଜାର୍ଚ୍ଚନା ପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ପରେ ପ୍ରତିଷ୍ଠା ଉତ୍ସବ ଶେଷ ହେବ। ଏଥିରେ ମନ୍ଦିର କମିଟିର ଲାଣ୍ଡୁ ପାଢ଼ୀ, ଜିତେନ୍ଦ୍ର କୁମାର ମାଝୀ, ସଞ୍ଜୟ ଶତପଥୀ, ପିଣ୍ଟୁ ପରିଛା, ଗେଦୁ ପଟ୍ଟନାୟକ, କାମେଶ୍ୱର ରାଓଙ୍କ ସମେତ ଅନ୍ୟମାନେ ପରିଚାଳନା କରିଛନ୍ତି।

# ପୋଖରୀରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

ଲମତାପୁଟ,୨୯।୫(ସମିସ): ଲମତାପୁଟ ବ୍ଲକ ତୁଷୁବା ପଞ୍ଚାୟତର ଆଉଡିପଡା ଗ୍ରାମରେ ପୋଖରୀରେ ବୁଡି ଜଣେ ଯୁବତୀଙ୍କର ମୃତ୍ୟୁ ଘଟିଛି। ଯୁବତୀ ଜଣକ ସେହି ଗ୍ରାମର କୌଶଲ୍ୟା ଶିସା( ୩୮) ବୋଲି ଜଣାପଡିଛି। କୌଣସି କାରଣରୁ ଯୁବତୀ ଜଣକ ଗତ ବୁଧବାର ଦିନ ୧୨ଟା ଠାରୁ ନିଖୋଜ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କଲା ପରେ ଆଜି ଅପରାହ୍ନ ୨ଟା ବେଳକୁ ପୋଖରୀ ଭିତରେ ତାହାର ଗାମୁଛା ଭାସିବା ଦେଖି ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତ ଯୁବତୀକୁ ପୋଖରୀରୁ ଉଦ୍ଧାର କରିଥିଲେ। ଘଟଣା ସ୍ଥଳରେ ମାଛକୁଣ୍ଡ ଓ ଲମତାପୁଟ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି

# ଗଡ଼ିଲା କୃଷି ରଥ



କୋରାପୁଟ,୨୯।୫(ସମିସ) କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକଶିତ କୃଷି ସଂକଳ୍ପ ଅଧିନରେ କୃଷି ରଥର ଶୁଭାରମ୍ଭ ହୋଇଯାଇଛି।କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ମୁଖ୍ୟ ଅତିଥି ଏବଂ କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।ଏହି ରଥ ୧୦ ଦିନରେ ୬୦ ଟି ଗାଁ ପରିଭ୍ରମଣ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଚାଷୀ ମାନଙ୍କୁ ସଚେତନ କରାଇବ ବୋଲି ଜିଲ୍ଲାପାଳ ଭି କୀର୍ତ୍ତି ୱାସନ କହିଛନ୍ତି।ଏଥି ସହ କୃଷି ବିଶେଷଙ୍କ ଏବଂ କେବିକେ ବୈଜ୍ଞାନିକ ମାନଙ୍କୁ ନେଇ କର୍ମଶାଳା ଆୟୋଜନ କରାଯିବ ବୋଲି ସେ କହିଛନ୍ତି।ଚାଷୀ ମାନେ କିପରି ଅଧିକରୁ ଅଧିକ ଉତ୍ପାଦନ କରିପାରିବେ ସେଥି ନିମନ୍ତେ ଚାଷୀ ମାନଙ୍କୁ କର୍ମଶାଳାରେ ପ୍ରଶିକ୍ଷଣ ଦିଆଯିବ ବୋଲି ସେ କହିଛନ୍ତି।ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟାନ୍ୟ କୃଷି ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ସାମ୍ବାଦିକଙ୍କ ସୁରକ୍ଷା ଦାବିରେ ସ୍ମାରକପତ୍ର ପ୍ରଦାନ



କୋରାପୁଟ୨୯।୫ (ସମିସ): ଓୟୁଜେ ଅନୁବନ୍ଧିତ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶଶଧର ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ଜିଲ୍ଲାପାଳ ଭି କିର୍ତ୍ତୀ ଭାସନଙ୍କୁ ଭେଟି ସାମ୍ବାଦିକଙ୍କ ସୁରକ୍ଷା ଦାବିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।ବଲାଙ୍ଗୀର ଜିଲ୍ଲା କୁଲଥିପାଲି ଠାରେ ସାମ୍ବାଦିକ ବିଜୟ ପ୍ରଧାନଙ୍କ ପ୍ରତି ହୋଇଥିବା ଆଚରଣରେ ରାଜ୍ୟର ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ରାଜ୍ୟରେ ସାମ୍ବାଦିକଙ୍କ ସୁରକ୍ଷା କିଭଳି ବିପନ୍ନ ହୋଇପଡିଛି ଏହା ହେଉଛି ତାହାର ଏକ ନଗ୍ନ ଚିତ୍ର। ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି, କିନ୍ତୁ ପଡୋଶୀ ରାଜ୍ୟ ଛତିଶଗଡ ଭଳି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ। ଗିରଫ ଅଭିଯୁକ୍ତ ବିରୋଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ କରାଯିବା ସହ ଛତିଶଗଡ ଓ ମହାରାଷ୍ଟ୍ର ଢାଞ୍ଚାରେ ଓଡ଼ିଶାରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରିବା ପାଇଁ ଏହି ସ୍ମାରକ ପତ୍ର ମାଧମରେ ଦୃଢ଼ ଦାବି କରାଯାଇଛି। ରାଜ୍ୟ ସରକାର ବର୍ଷ ପୂର୍ତ୍ତୀ ପାଳନ କରିବାକୁ ଯାଉଥିବା ବେଳେ ଓୟୁଜେର ମୂଳ ଦାବ ଅନ୍ୟ ରାଜ୍ୟ ଭଳି ସାମ୍ବାଦିକଙ୍କୁ ପେନସନ ପ୍ରଦାନ, ସାମ୍ବାଦିକ ଅଧିସ୍ୱୀକୃତି କମିଟିର ପୁନର୍ଗଠନ, ଅନୁକମ୍ପା ମୂଳକ ସହାୟତା ରାଶିର ପରିମାଣକୁ ୮ ଲକ୍ଷ ଟଙ୍କାକୁ ବୃଦ୍ଧି, ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ସହ ବୀମାରେ ମା’ବାପାଙ୍କୁ ସାମିଲ୍ କରିବା ଆଦି ନିଷ୍ପତ୍ତି ଜୁନ ୧୨ ତାରିଖ ପୂର୍ବରୁ ଘୋଷଣା କରିବାକୁ ଦାବି କରାଯାଇଛି। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, କୋରାପୁଟ ସଦର ସଂଯୋଜକ ସୌମ୍ୟରଞ୍ଜନ ସାହୁ, ମନୋଜ କୁମାର ନାୟକ, ସି ହେଚ ଭାଗବତୀ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

# ମାଉସୀ ମା’ ପରିଚାଳନା କମିଟି ଗଠନ



ରାଇଘର, ୨୯।୫(ସମିସ) ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଠାରେ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଆଜି ରାଇଘର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମାଉସୀ ମା’ କମିଟି ଗଠନ କରାଯାଇଛି। ରାଇଘର ସରପଞ୍ଚ ଲମ୍ବୋଦର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ତହସିଲଦାର ରିତୁ ସିଂ, ଜିପିଓ ମଣ୍ଟୁ ସ୍ୱାଇଁ, ଅଗ୍ନିଶ୍ରମ ବିଭାଗ ଅଧିକାରୀ ପବିତ୍ର ମୋହନ ପୂଜାରୀ, ଏଏସଆଇ ମନୋରଞ୍ଜନ ମିଶ୍ର, ଫରେଷ୍ଟର ପ୍ରଫୁଲ୍ଲ ମାଝୀ, ପିଇଓ ପିଣ୍ଟୁ ଦେଙ୍କ ସମେତ ସ୍ଥାନୀୟ ଯୁବ ଗୋଷ୍ଠୀ, ବୁଦ୍ଧିଜୀବୀ ଅଞ୍ଚଳବାସୀ ଯୋଗ ଦେଇଥିଲେ। ପ୍ରଥମେ ଗତ ବର୍ଷର ଆର୍ଥିକ ବ୍ୟୟ ବରାଦ ସହ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଅବଗତ ପରେ ଚଳିତ ବର୍ଷ ରଥଯାତ୍ରା ସୁ ପରିଚାଳନା ନିମନ୍ତେ ଶ୍ରୀମନ୍ଦିର ମନ୍ଦିର କମିଟି ସଦସ୍ୟ ବୃନ୍ଦ ଓ ସ୍ଥାନୀୟ ପ୍ରଶାସନ, ବୁଦ୍ଧିଜୀବୀ, ଯୁବ ଗୋଷ୍ଠୀଙ୍କ ପକ୍ଷରୁ ମାଉସୀ ମାଁ ମନ୍ଦିର ପରିଚାଳନା କମିଟି ଗଠନ କରାଯାଇଥିଲା । ସର୍ବସମ୍ମତି କ୍ରମେ ସଭାପତି ରୂପେ ତହସିଲଦାର ରିତୁ ସିଂ, ଉପସଭାପତି ରୂପେ ଲମ୍ବୋଦର ମାଝୀ, ସମ୍ପାଦକ କିରଣ ପଟ୍ଟନାୟକ, ସହ ସମ୍ପାଦକ ଦିବାକର ନାୟକ, କୋଷଧକ୍ଷ ରୂପେ ଭବାନୀ ନାୟକ ମନୋନୀତ ହୋଇଥିଲେ। ଉପଦେଷ୍ଟା କମିଟିରେ ପ୍ରଫୁଲ୍ଲ ଭୁୟାଁ, କମଳ ସିଂ ରାଜପୁତ୍, ଅଭିମନ୍ୟୁ ଡାକୁଆ, ଶ୍ରୀରାମ ସୁନାନୀ, ଜଗନ୍ନାଥ ଦୋରା ଓ ସହଦେବ ଗଣ୍ଡ ପ୍ରମୁଖ ରହିଥିବା ବେଳେ ଟୁକୁନା ସାମନ୍ତରାୟ, ଶକ୍ତି ଜେନା, ଅଶୋକ ରଥ, କୁନା ମହାପାତ୍ର ପ୍ରମୁଖ ସହ ବିଭିନ୍ନ ବ୍ୟକ୍ତି ବିଶେଷ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି। ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଟ୍ରାଫିକ୍ ସମସ୍ୟା, ରଥ ଉପରେ ଚଢ଼ିବା, ଛେଁରା ପହରା, ଡାହୁକ, ରଥ ଉଚ୍ଚତା ନିର୍ମାଣ, ରାଜ ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ଗଛ ଡାଳ କଟା, ପୂଜକ, ଆଲୋକୀକରଣ, ୯ ଦିନ ବଜାରରେ ଆମିଷ ନିଷେଧ, ରଥ ଯାତ୍ରା ଓ ବାହୁଡ଼ା ଦିନ ମଦ ବିକ୍ରି ବନ୍ଦ, କୋଭିଡ ବୃଦ୍ଧିକୁ ନେଇ ସୁରକ୍ଷା, ଜଳ ଯୋଗାଣ ସହ ଚଳିତ ବର୍ଷ ମହା ଆଡ଼ମ୍ବରରେ ପାଳନ ପାଇଁ କମିଟି ଅଣ୍ଟା ଭିଡିବା ସହ ନିଷ୍ପତି ନିଆ ଯାଇଥିଲା।

# ନାବାଳିକା ଦୁଷ୍କର୍ମକାରୀଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ମଣ୍ଡଳୀ




କୋରାପୁଟ,୨୯।୫(ସମିସ): ନାବାଳିକା ଦୁଷ୍କର୍ମକାରୀ କୋଟପାଡ଼ ବିଧାୟକଙ୍କ ବୋରିଗୁମ୍ମା ବ୍ଲକ୍ ପ୍ରତିନିଧିଙ୍କ ପୁଅକୁ ତୁରନ୍ତ ଗିରଫ କରିବା ଦାବିରେ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଏସ୍‌ପି ରୋହିତ ବର୍ମାଙ୍କୁ ଭେଟିଛି। ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ପୂର୍ବତନ ସାଂସଦ ଝିନ ହିକକା, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପିତମ୍ ପାଢ଼ୀ, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା , ସାଂସଦ ପ୍ରାର୍ଥୀନୀ କୌଶଲ୍ୟା ହିକକା, କାଉନ୍‌ସିଲର କାଦମ୍ବିନୀ ସେଠୀ,ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମନ୍ତ୍ରି, କୋରାପୁଟ ଟାଉନ ସଭାନେତ୍ରୀ ଦେବୀଶ୍ରୀ ପ୍ରଧାନ, ଜୟପୁର ଟାଉନ ସଭାନେତ୍ରୀ ଶିଲ୍ପା ପାଣି,ବିଜେଡି ନେତ୍ରୀ ରିତା ପାଣିଗ୍ରାହି ପ୍ରମୁଖ ଏସ୍‌ପିଙ୍କୁ ସାକ୍ଷାତ କରି ଦୁଷ୍କର୍ମ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଦାବି କରିଛନ୍ତି। କୋଟପାଡ ବିଧାୟକଙ୍କ ବୋରିଗୁମ୍ମା ବ୍ଲକ ପ୍ରତିନିଧିଙ୍କ ପୁଅ ରାଜେନ୍ଦ୍ର ଭତ୍ରା ଦୁଇ ବର୍ଷ କାଳ ବାପା ଛେଉଣ୍ଡ ଜଣେ ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଲା, ଆଜି ନାବାଳିକା ୫ ମାସର ଗର୍ଭବତୀ। ଡାକ୍ତରୀ ପରୀକ୍ଷା ପରେ ନାବାଳିକା ପେଟରେ ଜାଆଁଳା ଛୁଆ ଥିବା ଜଣାପଡ଼ିଛି। ବିବାହ କଥା ଉଠାଇବାରୁ ଓଲଟା ଧମକ ଦେଇ ଗର୍ଭପାତ କରିବାକୁ ଅଭିଯୁକ୍ତ ବାଧ କରୁଛି। ପୀଡ଼ିତାର ବିଧବା ମା’ ଜୟପୁର ମହିଳା ଥାନାରେ ଅଭିଯୋଗ କରିବାର ଦୀର୍ଘ ଦିନ ପରେ ମଧ ଅଭିଯୁକ୍ତ ଗିରଫ ହୋଇନାହିଁ। ଏ କି ପ୍ରକାର ଶାସନ ବୋଲି ପ୍ରଶ୍ନ ଉଠାଇ ତୁରନ୍ତ ଅଭିଯୁକ୍ତକୁ ଗିରଫ କରିବାକୁ ଦାବି କରିଛନ୍ତି। ଅଭିଯୁକ୍ତ ଜଣକ ଶାସକ ଦଳର ବିଧାୟକଙ୍କ ଛତ୍ରଛାୟା ତଳେ ରହି ପୀଡ଼ିତାକୁ ଧମକ ଦେଉଛି, ଅଥଚ ପୁଲିସ ହାତବାନ୍ଧି ବସି ରହିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି। ତେଣୁ ପୁଲିସ ତୁରନ୍ତ ଅଭିଯୁକ୍ତକୁ ଗିରଫ କରିବା ସହ ପୀଡ଼ିତା ନାବାଳିକା ଓ ତାଙ୍କ ମାଙ୍କୁ ସୁରକ୍ଷା ଦେବାକୁ ଦାବି କରାଯାଇଛି। ପୁଲିସ ଖୁବ୍‌ଶୀଘ୍ର ଅଭିଯୁକ୍ତକୁ ଗିରଫ କରିବ ବୋଲି ଏସ୍‌ପି ପ୍ରତିନିଧି ମଣ୍ଡଳୀକୁ ପ୍ରତିଶ୍ରୁତି ଦେଇଥିବା ଜଣା ପଡ଼ିଛି।

# ରାଜ୍ୟରେ ସୁଭଦ୍ରା ଅସୁରକ୍ଷିତ: ସ୍ନେହାଙ୍ଗିନୀ

କୋରାପୁଟ,୨୯।୫(ସମିସ):ପୂର୍ବତନ ମନ୍ତ୍ରୀ ତଥା ମହିଳା ବିଜେଡି ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଗୁରୁବାର କୋରାପୁଟ ଜିଲ୍ଲା ଗସ୍ତରେ ଆସିଥିବା ବେଳେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳାଙ୍କ ପ୍ରତି ଅତ୍ୟାଚାର ବୃଦ୍ଧିକୁ ନେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ପ୍ରକାରେ ଆଜି ସେମାନେ କୋରାପୁଟ ଏସ୍‌ପିଙ୍କୁ ସାକ୍ଷାତ କରି ବୋରିଗୁମ୍ମାର ନାବାଳିକା ଦୁଷ୍କର୍ମ ପୀଡ଼ିତା ଓ ତାଙ୍କ ମାଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ପୀଡ଼ିତା ଓ ତାଙ୍କ ମାଆଙ୍କ କଥାରୁ ଜଣାପଡ଼ିଲା ସେମାନେ ଖୁବ ଭୟଭୀତ ଅବସ୍ଥାରେ ଅଛନ୍ତି। ଅଭିଯୁକ୍ତ ଜଣକ ଶାସକ ଦଳ ବିଧାୟକଙ୍କ ପ୍ରତିନିଧିଙ୍କ ପୁଅ, ତେଣୁ ପୁଲିସ ତାକୁ ହାତ ମାରି ପାରୁନି। ଅଭିଯୁକ୍ତ ଓଲଟା ସେମାନଙ୍କୁ ଧମକ ଦେଉଛି, ଏହା କଣ ଭାରତୀୟ ଜନତା ପାର୍ଟି ସରକାରର ଆଦର୍ଶ ବୋଲି ସେ ପ୍ରଶ୍ନ କରିଛନ୍ତି। ଗତ ୧୧ ମାସରେ ରାଜ୍ୟରେ ହତ୍ୟା, ଦୁଷ୍କର୍ମ, ନାରୀ ନିର୍ଯାତନା ଭଳି ଘଟଣା ବଢ଼ି ଚାଲିଛି। ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ସମୟରେ ରାଜ୍ୟରେ ସବୁଠାରୁ ଆଦିବାସୀ ମାନେହିଁ ଅଧିକ ନିର୍ଯାତନାର ଶିକାର ହେଉଛନ୍ତି ବୋଲି ଶ୍ରୀମତି ଛୁରିଆ ଗଣମାଧମ ନିକଟରେ ପ୍ରକାଶ କରିଛନ୍ତି। ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ଗତ ଦୁଇ ମାସ ମଧ୍ୟରେ ତିନିଜଣ ନାବାଳିକା ଦୁଷ୍କର୍ମର ଶିକାର ହୋଇଛନ୍ତି । କିନ୍ତୁ ପୁଲିସ କୌଣସି ଅଭିଯୁକ୍ତକୁ ଗିରଫ କରି ପାରିନାହିଁ। ପୁଲିସ ଶାସକ ଦଳର ହାତ ବାରିଶି ସାଜିଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ରାଜ୍ୟରେ ପ୍ରତିଦିନ ଦୁଷ୍କର୍ମ, ହତ୍ୟା, ଡକାୟତି ଭଳି ଘଟଣା ଘଟୁଥିବା ବେଳେ ରାଜ୍ୟ ସରକାର କେଉଁ ମୁହଁରେ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛନ୍ତି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଯେଉଁ ସୁଭଦ୍ରା ମାନଙ୍କ କଥା କହି ବିଜେପି ରାଜ୍ୟରେ ଶାସନ କରିବାର ସୁଯୋଗ ପାଇଛି, ସେହି ସୁଭଦ୍ରା ଆଜି ଅସୁରକ୍ଷିତ ଅବସ୍ଥାରେ। ଜଣେ ଝିଅ କିମ୍ବା ମହିଳା ଘରୁ ବାହାରି ସୁରକ୍ଷିତ ଘରକୁ ଫେରିବା କଷ୍ଟକର ହୋଇ ପଡ଼ିଛି। ବିକାଶ ଆଜି ପଛକୁ ଫେରି ଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟର ବିକାଶ କଥା ଚିନ୍ତା ନକରି ରଙ୍ଗ ବଦଳେଇବାରେ ଲାଗି ପଡିଛନ୍ତି ବୋଲି ସ୍ନେହାଙ୍ଗିନୀ ଛୁରିଆ ରାଜ୍ୟ ସରକାରଙ୍କ ବିରୁଦ୍ଧରେ କଠୋର ବକ୍ତବ୍ୟ ରଖିଛନ୍ତି। ଗରିବ, ନିଷ୍ପେସିତ, ମହିଳା ମାନଙ୍କ ପାଇଁ ପ୍ରଶାସନ ଓ ପୁଲିସ କାମ ନକଲେ ଆଗାମୀ ଦିନରେ ମହିଳା ବିଜେଡି ରାଜରାସ୍ତାକୁ ଓହ୍ଲାଇବ ଓ ସବୁ ଜିଲ୍ଲାରେ ଜିଲ୍ଲାପାଳ ଏବଂ ଏସ୍‌ପି ଅଫିସ ଘେରିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ନାବାଳିକା ଗର୍ଭବତୀ ମାମଲା

# ପୀଡ଼ିତାଙ୍କୁ ସାକ୍ଷାତ କଲେ ରାଜ୍ୟ ବିଜେଡି ମହିଳା ତଥ୍ୟ ଅନୁସଂଧାନକାରୀ ଟିମ୍



ଜୟପୁର,୨୯ ।୫ (ସମିସ) :

କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଞ୍ଚଳରେ ଜୈନିକ ୧୬ ବର୍ଷୀୟା ନାବାଳିକା ଗର୍ଭବତୀ ହେବା ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଏହାର ସତ୍ୟାସତ୍ୟ ନେଇ ରାଜ୍ୟ ମହିଳା ବିଜୁ ଜନତା ଦଳର ତଥ୍ୟ ଅନୁସନ୍ଧାନକାରୀ ଦଳ ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି। ଭୟଭୀତ ପୀଡ଼ିତା ଏବଂ ତାଙ୍କ ପରିବାରଙ୍କୁ ଜୟପୁର ଜୟନଗର ଭତ୍ରା ସାହିସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇ ଏହି ଟିମ୍ ସାକ୍ଷାତ କରିଥିଲେ। ନାବାଳିକା ଓ ପରିବାର ନିକଟରୁ ସମସ୍ତ ଘଟଣା ସମ୍ପର୍କରେ ପଚାରି ବୁଝିବା ପରେ ଭୟଭୀତ ନ ହେବାକୁ ଆଶ୍ୱାସନା ଦେବା ସହିତ ସେମାନଙ୍କ ପଛରେ ବିଜେଡି ଦଳ ଅଛି ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ମହିଳା ବିଜେଡିର ସଭାନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଏକ ତଥ୍ୟ ଅନୁସନ୍ଧାନୀକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ତନାଘନ କରିଥିଲେ। ବିଜେଡି ସଭାନେତ୍ରୀ ଶ୍ରୀମତି ଛୁରିଆ ରାଜ୍ୟ ସରକାର ଓ ବିଜେପି ଦଳ ବର୍ତ୍ତମାନ ଦୁଷ୍କର୍ମକାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାରୁ ରାଜ୍ୟର ମହିଳା, ନାବାଳିକା ସମସ୍ତେ ଅସୁରକ୍ଷିତ। ଏହି ଘଟଣା ଏକ ସମ୍ବେଦନଶୀଳ ଘଟଣା ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଓ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ବଦଳରେ ଘଣ୍ଟ ଘୋଡାଇବାକୁ ବସିଥିବା ନେଇ ଅଭିଯୋଗ ହୋଇଛି। ସାରା ରାଜ୍ୟ ସମେତ କୋରାପୁଟ ଜିଲ୍ଲାରେ ନାବାଳିକା ଓ ମହିଳା ମାନଙ୍କ ପ୍ରତି ଦୁଷ୍କର୍ମ ଓ ଅତ୍ୟାଚାର ବୃଦ୍ଧି ପାଇଛି। ବିଜେପି କର୍ମୀ ଏବଂ ସମ୍ପର୍କୀୟ ମାନେ ଏଥିରେ ସଂଶ୍ଳିଷ୍ଟ ରହିଥିବା ବେଳେ ଏମାନଙ୍କୁ ସ୍ଥାନୀୟ ବିଜେପି ଲୋକ ପ୍ରତିନିଧି ଏବଂ ନେତା ମାନେ ସୁରକ୍ଷା ପ୍ରଦାନ କରୁଛନ୍ତି। ଗତ ୧୬ ତାରିଖରେ ପ୍ରଥମେ ବୋରିଗୁମ୍ମା ଥାନାର ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରିଥିଲେ ସୁଦ୍ଧା ଏଥିପ୍ରତି କୌଣସି ଗୁରୁତ୍ୱ ଦିଆଯାଇନଥିଲା। ଶେଷରେ ଗତ ୨୨ ତାରିଖରେ ଜୟପୁର ମହିଳା ଥାନାରେ ମାମଲା ରୁଜୁ କରାଯାଇଥିଲା। କିନ୍ତୁ ଦୀର୍ଘ ଏକ ସପ୍ତାହ ହୋଇଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଅଭିଯୁକ୍ତକୁ ପୁଲିସ ଗିରଫ କରିବାରେ ବିଫଳ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନିଜେ ଗୃହ ବିଭାଗ ଦାୟିତ୍ୱରେ ରହିଥିଲେ ସୁଦ୍ଧା ରାଜ୍ୟରେ ଅପରାଧି ଏବଂ ଦୁଷ୍କର୍ମକାରୀଙ୍କ ପ୍ରଭାବ ଯେଉଁଭଳି ବୃଦ୍ଧି ପାଇଛି ଏହା ପରିତାପର ବିଷୟ। ତେଣୁ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ବିରୋଧରେ ବିଜେଡି ଦଳର ମହିଳା ଶାଖା ପକ୍ଷରୁ ଏକ ବଡ ଆନ୍ଦୋଳନ କରାଯିବ ବୋଲି ସଭାନେତ୍ରୀ ଶ୍ରୀମତି ଛୁରିଆ କହିଥିଲେ। ଏହି ସମ୍ବେଦନଶୀଳ ମାମଲାର ନିରପେକ୍ଷ ତଦନ୍ତ ଏବଂ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ କୋରାପୁଟ ଠାରେ ଜିଲ୍ଲା ଏସ୍‌ପିଙ୍କୁ ତାଙ୍କ କାର୍ଯ୍ୟାଳୟରେ ଦାବିପତ୍ର ଦେବାକୁ ଏହିଦଳ ଗସ୍ତ କରିଥିଲେ। ଏହି ଦଳରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ସାଂସଦ କୌଶଲ୍ୟା ହିକକା, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, ପୌର ଉପାଧକ୍ଷା ବି.ସୁନିତା, ପ୍ରଭାତି ମସ୍ତି, ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ସୁଷମା ମହାପାତ୍ର, ସରିତା ମିଶ୍ର, ଶିଲ୍ପା ପାଣି। ସେହିପରି ରାଜ୍ୟ ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, କେସିସି ବ୍ୟାଙ୍କ ସଭାପତି ଇଶ୍ୱର ପାଣିଗ୍ରାହୀ, ଜିଲ୍ଲା ସଭାପତି ଝିନ୍ନ ହିକକା, ପୂର୍ବତନ ବିଧାୟକ ରଘୁରାମ ପଡାଲ, ପ୍ରୀତମ ପାଢି,ବରିଷ୍ଠ ନେତା ସୂର୍ଯ୍ୟନାରାୟଣ ରଥ, ବାଲା ରାୟ, ଦୁର୍ଗା ପ୍ରସାଦ ମିଶ୍ର, ରମାକାନ୍ତ ରାଉଳ, ବାଲ୍ମିକୀ ରାଓ, ଶିବ ପଟ୍ଟନାୟକ, ଧର୍ମେନ୍ଦ୍ର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବୋରିଗୁମ୍ମା ଥାନା ଡାବାଗାଁ ଅଞ୍ଚଳର ଅଭିଯୁକ୍ତ ରାଜେନ୍ଦ୍ର ଭତ୍ରା ଉକ୍ତ ଅଞ୍ଚଳର ୧୬ ବର୍ଷିୟ ବାପଛେଉଣ୍ଡ ଝିଅକୁ ଏକ ବିବାହ ଭୋଜିରେ ସାକ୍ଷାତ କରିବା ପରେ ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବାରମ୍ବାର ପୀଡ଼ିତାଙ୍କ ଇଚ୍ଛା ବିରୁଦ୍ଧରେ ଦୁଷ୍କର୍ମ ସହ ଶାରରୀକ ସମ୍ପର୍କ ରଖିଆସୁଥିଲେ। ନାବାଳିକା ୫ ମାସର ଗର୍ଭବତୀ ହୋଇଯାଇଥିବା ବେଳେ ବିବାହ କରିବାକୁ ଅଭିଯୁକ୍ତଙ୍କୁ କହିଥିଲେ। କିନ୍ତୁ ଅଭିଯୁକ୍ତ ଯୁବକ ଏବଂ ତାଙ୍କ ବାପା କୋଟପାଡ ବିଧାୟକଙ୍କ ପ୍ରତିନିଧି ତଥା ବିଜେପି କର୍ମୀ ରାମକୃଷ୍ଣ ଭତ୍ରା ପାଲଟା ପୀଡିତାଙ୍କ ବିଧବା ମା' ଓ ପୀଡ଼ିତାଙ୍କୁ ଧମକଚମକ ଦେଇଥିଲେ। ନାବାଳିକାଙ୍କ ମା' ବୋରିଗୁମ୍ମା ଥାନାକୁ ବାରମ୍ବାର ଯାଇଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଫେରାର ଥିବା ବେଳେ ପୁଲିସର କାର୍ଯ୍ୟଧାରା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ନାବାଳିକାଙ୍କ ଅଶ୍ଲୀଳ ଭିଡିଓ ଭାଇରାଲ, ଯୁବକ ଗିରଫ



କୋଷାଗୁମୁଡା,୨୯।୫(ସମିସ):

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ସଦର ଥାନା ଅନ୍ତର୍ଗତ ଟେମ୍ରା ଗ୍ରାମର ଜଣେ ୧୦ ଶ୍ରେଣୀର ଛାତ୍ରୀଙ୍କ ସହ ବର୍ଷେ ପୂର୍ବରୁ ବାଙ୍କୁଲି ଗ୍ରାମର ରବିନ୍ଦ୍ର ଭତ୍ରା ପ୍ରେମ କରୁଥିଲେ। ଶନିବାର ଦିନ ପ୍ରେମିକାର ମୋବାଇଲ୍ ଏବଂ ଇନ୍‌ଷ୍ଟାଗ୍ରାମରେ ଯୁବକ କିଛି ଫଟୋ ଓ ଅଶ୍ଳୀଳ ଭିଡିଓକୁ ପଠାଇଥିଲା। ଏହି ଅଶ୍ଳୀଳ ଭିଡିଓକୁ ନେଇ ଝିଅ କୋଷାଗୁମୁଡା ଥାନାରେ ଏକ ଲିଖିତ ଅଭିଯୋଗ ବୁଧବାର ଦିନ ଅପରାହ୍ଣରେ ଦେଇଛି। ନାବାଳିକାଙ୍କ ଏତଲାକୁ ଭିତ୍ତି କରି କୋଷାଗୁମୁଡା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ ନିଜେ ଅନୁସନ୍ଧାନ ଜାରି କରି ରବିନ୍ଦ୍ର ଭତ୍ରା(୧୮)କୁ ନିଜ ଗ୍ରାମ ବାଙ୍କୁଲିରୁ ଗିରଫ କରିଥିଲେ। କୋଷାଗୁମୁଡା ଥାନାରେ ୧୧୦/୨୫ ନମ୍ବର ଧାରା ୨୯୬/୩୫୧(୩),୩୫୧(୪),୭୯ବି ଏନ ଏସ୬୭,୬୭(ଏ) ଆଇଟି ଏକଟ/୧୨ ପୋସ୍କୋରେ ମାମଲା ରୁଜୁ ହୋଇଛି। ଗୁରୁବାର ଦିନ ଅଭିଯୁକ୍ତକୁ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରୀମାଇନା ପରେ ନବରଙ୍ଗପୁର କୋର୍ଟକୁ ଚାଲାଣ କରାଯାଇଥିବା କୋଷାଗୁମୁଡା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ କହିଛନ୍ତି।


● ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି

## ଶିବିର ପାଇଁ ୩୦ରୁ ପଞ୍ଜୀକରଣ

ନବରଙ୍ଗପୁର,୨୯।୫ (ସମିସ):

ଆଗାମୀ ଜୁନ ୨ ତାରିଖ ସୋମବାର ଦିନ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଯୁଗ୍ମ ଶୁଣାଣି ପାଇଁ ଚଳିତ ମାସ ୩୦ ତାରିଖ ୧୧ଟା ଠାରୁ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ କରାଯାଇ ପାରିବ। ଏଥି ନିମନ୍ତେ ଜନସାଧାରଣ ଜନ ଶୁଣାଣି ପୋର୍ଟାଲ ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତତ୍ ଭିନ୍ନ, ଅଣ ପଞ୍ଜୀକୃତ ଆବେଦନ କାରୀମାନଙ୍କର ଅଭିଯୋଗ ପତ୍ରଗୁଡିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ବୋଲି ନବରଙ୍ଗପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## ସରକାରୀ ଜାଗା ସହ ନଳକୂପ ଜବରଦଖଲ ଅଭିଯୋଗ



ବୈପାରିଗୁଡ଼ା, ୨୯।୫(ସମିସ): ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ମହୁଲି ପଞ୍ଚାୟତର ବିଚଳକୋଟା ଗ୍ରାମର କୋଟା ଛକଠାରେ ବେଆଇନ ଭାବେ ସରକାରୀ ଜାଗା ସହ ନଳକୂପ ଜବରଦଖଲ ହୋଇଛି। କୋଟା ଛକରେ କାଲୁ ପାଣିଗ୍ରାହୀ ନାମକ ଜଣେ ବ୍ୟବସାୟୀ ଦୋକାନ କରିଛନ୍ତି। ଦୋକାନ ଗୃହ ସରକାରୀ ଜାଗାରେ ଥିବାବେଳେ ଉକ୍ତ ଜାଗାରେ ଗୋଟିଏ ନଳକୂପ ରହିଛି। ସେହି ନଳକୂପକୁ ମିଶାଇ ଦୋକାନୀ ଜଣକ ପାଚେରୀ ନିର୍ମାଣ କରିଛନ୍ତି। ଯାଦ୍ୱାରା ନଳକୂପରୁ ପାଣି ନେବା ଆଣିବାରେ ଅସୁବିଧା ହେଉଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ ଆଣିଛନ୍ତି। ଏନେଇ ସ୍ଥାନୀୟ ବିଡିଓ ଅଭିମନ୍ୟୁ କବି ଶତପଥିଙ୍କୁ ପଚାରିବାରୁ ସେ କହିଛନ୍ତି, ସ୍ଥାନୀୟ ପିଇଓ ଏବଂ ରାଜସ୍ୱ ନିରୀକ୍ଷକ ତଦନ୍ତ କରି ଫେରିଛନ୍ତି ଏବଂ ଦୋକାନ ପାଚେରୀ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉକି, ସେହି ଦୋକାନରେ ବେଆଇନ ଭାବେ ମଦ ବିକ୍ରି କରାଯାଉଥିବାରୁ କିଛି ଦିନ ପୂର୍ବେ ସ୍ଥାନୀୟ ଜନ ପ୍ରତିନିଧି ସହ ଗାଁ ଲୋକେ ଉକ୍ତ ଦୋକାନୀଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସ୍ଥାନୀୟ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମଦ ବିକ୍ରି ବନ୍ଦ କରିବା ପାଇଁ ଦୋକାନୀଙ୍କୁ ତାଗିଦ୍ କରିଥିଲା।

## ଟ୍ରାଫିକ୍ ଉଲ୍ଲଂଘନକାରୀ ଅଟୋ ଚାଳକଙ୍କ ଦାଦାଗିରି

# କାର୍ଯ୍ୟରତ ଟ୍ରାଫିକ୍ ହୋମଗାର୍ଡଙ୍କୁ ମାରିଲେ ମାଡ଼



ରାୟଗଡ଼ା,୨୯।୫(ସମିସ): ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଚାଲି ଯାଉଥିବା ଏକ ଅଟୋରିକ୍ସାକୁ ଅଟକାଇବାରୁ ଜଣେ କାର୍ଯ୍ୟରତ ହୋମଗାର୍ଡଙ୍କୁ ଅଟୋ ଚାଳକ ଜଣକ ବିଟ୍ ରାସ୍ତା ଉପରେ ମାଡ଼ ମାରୁଥିବା ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି। ନିଜେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଡ୍ୟୁଟିରେ ଥିବା ହୋମଗାର୍ଡଙ୍କୁ ମାଡ ମାରିବା ସହ ତଳେ ପକାଇବା ଭଳି ଅଭାବନୀୟ ଘଟଣା ରାୟଗଡ଼ସହରର କପିଳାସ ଛକ ନିକଟରେ ଥିବା ଟ୍ରାଫିକ୍ ପୋଷ୍ଟ ଛକରେ ଦେଖିବାକୁ ମିଳିଛି। ଅଟୋ ଚାଳକଙ୍କ ମାଡ଼ର ଶୀକାର ହୋଇଛନ୍ତି ହୋମଗାର୍ଡ ଅଶୋକ କୁମାର ପାଢୀ। ତେବେ ରାୟଗଡ଼ା ଥାନା ଆରକ୍ଷୀ ନିରୀକ୍ଷକ କମଳକାନ୍ତ ବସନ୍ତ କୁମାର କହଁର ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଏବଂ ଅଟୋ ଚାଳକ ଜଣକ ଫେରାର ଥିବା ସୂଚନା ପ୍ରଦାନ କରିଛନ୍ତି।

ଘଟଣାଟି ଘଟିଛି ଗତ ମେ' ୨୬ ତାରିଖ ସୋମବାର ଅପରାହ୍ନରେ।

ମିଳିଥିବା ସୂଚନା ପ୍ରକାରେ ସୋମବାର ଅପରାହ୍ନ ସ୍ଥାନୀୟ କପିଳାସ ଛକ ଟ୍ରାଫିକ୍ ପୋଷ୍ଟରେ ହୋମଗାର୍ଡ ଅଶୋକ କୁମାର ସାହୁଙ୍କ ଡ୍ୟୁଟି ଥିଲା। ବର୍ଷା ଲାଗି ରହିଥିଲେ ମଧ୍ୟ ହୋମଗାର୍ଡ ଅଶୋକ ପ୍ରତିଦିନ ଭଳି ନିଜ ଦାୟିତ୍ୱକୁ ସୂଚାରୁ ରୂପେ ପାଳନ କରୁଥିବା ସମୟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି କପିଳାସ ରାସ୍ତାର ଡାହାଣ ପଟରୁ ଏକ ଅଟୋରିକ୍ସା ଟ୍ରାଫିକ୍ ଛକ ଦେଇ ଯିବାକୁ ଉଦ୍ୟମ କରିଥିଲା। ଏହି ସମୟରେ ହୋମଗାର୍ଡ ଅଶୋକ ଉକ୍ତ ଅଟୋ ଚାଳକଙ୍କୁ ଅଟକାଇଥିଲେ। ରାସ୍ତା ଉପରେ ଅଟୋ ଚାଳକ ଜଣକ ନିଜ ଅଟୋରିକ୍ସା ରଖି ଅଶୋକଙ୍କ ସହ ଯୁକ୍ତିତର୍କ କରିବା ସହ ତାଙ୍କୁ ମାଡ଼ ମାରିବା ସହ ତଳେ ପକାଇ ଦେଇଥିଲେ। ଏହି ଘଟଣାକୁ ସେଠାରେ ଉପସ୍ଥିତ ଥିବା ଲୋକେ ନିଜ ନିଜ ମୋବାଇଲରେ ଉଠାଇଥିବା ବେଳେ ସେଠାରେ ଥିବା ସିସିଟିଭି ଫୁଟେଜକୁ ଆଧାର କରି ରାୟଗଡ଼ା ପୁଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଜଣାପଡିଛି। ତେବେ କାର୍ଯ୍ୟରତ ହୋମଗାର୍ଡଙ୍କୁ ବିଟ୍ ରାସ୍ତାରେ ସମସ୍ତଙ୍କ ସମ୍ମୁଖରେ ଦାଦାଗିରି କରି ମାଡ଼ ମାରିବା ଭଳି ଘଟଣାକୁ ସହରବାସୀ ନିନ୍ଦା କରିଛନ୍ତି। ହୋମଗାର୍ଡ ଅଶୋକ ଜଣେ ନିଷ୍ଠାପର,ଦାୟିତ୍ୱବାନ୍ ବ୍ୟକ୍ତି ଭାବେ ନିଜ ଡ୍ୟୁଟିକୁ ସୂଚାରୁ ରୂପେ ତୁଲାଇ ଆସୁଥିବାରୁ ଚଳିତ ବର୍ଷର ହୋମଗାର୍ଡ ଦିବସରେ ତାଙ୍କୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିସହ ଅଶୋକଙ୍କୁ ବିଭିନ୍ନ ଅନୁଷ୍ଠାନଗୁଡିକ ପକ୍ଷରୁ ମଧ୍ୟ ବିଭିନ୍ନ ସମୟରେ ଶ୍ରେଷ୍ଠ ହୋମଗାର୍ଡ ଭାବେ ପୁରସ୍କୃତ କରାଯାଇଛି। ଘଟଣାର ୫ଦିନ ବ୍ୟାପି ଯାଇଥିବା ବେଳେ ରାୟଗଡ଼ା ଥାନା ପୁଲିସ କେବେ ଅଟୋ ଚାଳକକୁ ଧରିବାରେ ସଫଳ ହେବ ସେ ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ରାୟଗଡ଼ା ଗୃହରକ୍ଷୀ ସଂଘ ପକ୍ଷରୁ କଣ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଛି।

# ଭଙ୍ଗା ହେଲା ବସ୍‌ଷ୍ଟାଣ୍ଡର ଉପର ମହଲା



କୋରାପୁଟ,୨୯ ।୫(ସମିସ) କୋରାପୁଟ ବସଷ୍ଟାଣ୍ଡର ଉପର ମହଲା କୋଠା ବିପଦସଙ୍କୁଳ ଅବସ୍ଥାରେ ଥିବା ବେଳେ ଏହାର କାନ୍ଥ ଓ ସିମେଣ୍ଟ ଖଣ୍ଡ ଖସି ତଳେ ପଡ଼ି ଯାଉଥିଲା। ଏହାକୁ ନେଇ ଦୀର୍ଘ ଦିନ ହେଲା ଅନେକ ବାର କୋରାପୁଟ ପୌର ପରିଷଦର ଅଧକ୍ଷ ଓ କାଉନ୍‌ସିଲର ମାନେ ଜିଲ୍ଲାପାଳ ଓ ବିଧାୟକଙ୍କ ନିକଟରେ ଭାଙ୍ଗିବାକୁ ନେଇ ଦାବି ଉପସ୍ଥାପନା କରିଥିଲେ। ଯାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ଉପର ମହଲା କୋଠା ଭାଙ୍ଗିବା କାର୍ଯ୍ୟ ଆରମ୍ଭ କରାଯାଇଛି। କୋରାପୁଟ ପୌର ପରିଷଦର ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, କନିଷ୍ଠ ଯନ୍ତ୍ରୀ ନର୍ମଦା ସାହୁ, ପରିମଳ ନିରୀକ୍ଷକ ଭରତ କୁମାର ହାଲୁଆଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ। କୋରାପୁଟ ଟାଉନ ଥାନା ପକ୍ଷରୁ ପୁଲିସ ମୃତୟନ କରାଯାଇଥିଲା। କୋରାପୁଟ ଭାରପ୍ରାପ୍ତ ତହସିଲଦାର ତଥା ଅତିରିକ୍ତ ତହସିଲଦାର କେ ପଟ୍ଟନାୟକ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିଲେ। ଭାଙ୍ଗିବା କାର୍ଯ୍ୟ ଚାଲୁଥିବାର ବସଷ୍ଟାଣ୍ଡ ତଳ ମହଲାରେ ଥିବା ଦୋକାନ ଓ ଅଫିସ ବନ୍ଦ ରହିବା ସହ ବସଷ୍ଟାଣ୍ଡ ଭିତରକୁ ବସ୍‌ଚଳାଚଳ ବନ୍ଦ ରଖାଯାଇଛି। ଉପର ମହଲା କୋଠାଟି ଅସୁରକ୍ଷିତ ଥିବାରୁ ଭଙ୍ଗା କାର୍ଯ୍ୟ ଚାଲୁଥିବା ଜିଲ୍ଲାପାଳ ଭି କୀର୍ତ୍ତି ୱାସନ କହିଛନ୍ତି। ନୂତନ ବସ୍‌ଷ୍ଟାଣ୍ଡର ଡିଜାଇନ ହେବା ପରେ ଟେଣ୍ଡର ଆହ୍ୱାନ କରାଯିବ ବୋଲି ସେ କହିଛନ୍ତି। ଖୁବ୍‌ଶୀଘ୍ର ନୂତନ ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ଆଶା ରଖିଛନ୍ତି।

## ମେଧାବୀ ପ୍ରତିଭା ଅଭିନନ୍ଦନ କାର୍ଯ୍ୟକ୍ରମ



ବୈପାରୀଗୁଡ଼ା, ୨୯।୫ ( ସମିସ):

ବୈପାରୀଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ମେଧାବୀ ଛାତ୍ରୀଛାତ୍ର ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଫ୍ରେଣ୍ଡସ୍ ୟୁନିଟ କ୍ଲବ ସଭାପତି ଭୀମସେନ ହରିଜନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରରେ ବିଡିଓ ଅଭିମନ୍ୟୁ କବି ଶତପଥି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀ, ଡବ୍ଲୁଓ ଚନ୍ଦ୍ରଧ୍ୱଜ ପୂଜାରୀ ଯୋଗଦେଇ ଦଶମ ଶ୍ରେଣୀ ଏବଂ ଦ୍ୱାଦଶରେ ବ୍ଲକ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୌରବ ଅର୍ଜନ କରିଥିବା ବ୍ଲକ ଟପ୍ପର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୧ ପ୍ରତିଶତ ରଖିଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର କୃତିବନ୍ଧୁ ବରାଡ଼ (୪୫୭) ଏବଂ ଦ୍ୱାଦଶ ଶ୍ରେଣୀର ୬୮ ପ୍ରତିଶତ ରଖିଥିବା ବିଭୁ ପ୍ରସାଦ ପାଳ (୩୪୩) , ସହିଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୯୦ ନମ୍ବର ରଖିଥିବା ଦ୍ୱାଦଶ ଶ୍ରେଣୀ ଛାତ୍ର ବାବୁନା ହନ୍ତାଳ (୮୧ ପ୍ରତିଶତ), ୭୮ ପ୍ରତିଶତ ରଖିଥିବା ବାଲିଗାଁ ଏସଏସଡି ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଅନିତା ଖରା (୪୭୦) ଏବଂ ୯୧ ପ୍ରତିଶତ ରଖିଥିବା ଜୟପୁର ବିଦ୍ୟାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳର ଦ୍ୱାଦଶ ଶ୍ରେଣୀ ଛାତ୍ର ରଶ୍ମି ରଂଜନ ବିଶୋଇ ୫୪୬ଙ୍କୁ ଆଜି କ୍ଲବ୍ ତରଫରୁ ମାନପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକର ମଧୁସୁଦନ ରାଉତ ପରିଚାଳନା କରିଥିବା ବେଳେ ଧନପତି ନାୟକ, ସନୁ ତେନ୍ତୁଳି ପଡିଆ, କେ ଉମା ମହେଶ୍ୱର, ଦେବ କତଲୀ, ବଣ୍ଟି ଡାକୁଆ ପ୍ରମୁଖ ସହଯୋଗ କରିଥିଲେ।

## ୟୁଜେଏ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ରାୟଗଡ଼ା,୨୯।୫(ସମିସ): ରାଜ୍ୟରେ ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇବା ପ୍ରତିବାଦ ଏବଂ ବଲାଙ୍ଗୀରରେ ସାମ୍ବାଦିକ ବିଜୟ ପ୍ରଧାନଙ୍କ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଠିକାଦାରକୁ ତୁରନ୍ତ ଗିରଫ କରିବାକୁ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନିଷ୍ପତି କ୍ରମେ ସଂଘର ରାୟଗଡ଼ା ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ସନ୍ତୋଷ ପାଣିଗ୍ରାହୀ ଏବଂ ଜିଲ୍ଲା ସଭାପତି ସୁରେଶ ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଆଜି ରାୟଗଡ଼ା ଜିଲ୍ଲାପାଳ ପାରୁଲ ପାଟ୍‌ୱାରୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ଜିଲ୍ଲା ସମ୍ପାଦକ ରାଜେଶ ମହାନ୍ତି, ଶିବାଜୀ ଦାଶ ଓ ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ରବିମଣ୍ଡି କାର୍ଯ୍ୟକ୍ଷମ ଦାବି

# ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ



ଜୟପୁର,୨୯ ।୫(ସମିସ) : କୋରାପୁଟ ଜିଲ୍ଲାରେ ରବିଧାନ ମଣ୍ଡି ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବି ନେଇ କୃଷକ କଲ୍ୟାଣ ମଞ୍ଚ ଏବଂ ଚାଷୀମାନେ ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାରେ ଅଧିକାଂଶ ଚାଷୀ ସେମାନଙ୍କ ରବିଧାନ ଅମଳ କରିଛନ୍ତି। କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଷୀ ଅମଳ ଧାନ କ୍ରୟ ନେଇ ରବିମଣ୍ଡି ଖୋଲାଯାଇନାହିଁ। ଜିଲ୍ଲା ସ୍ତରୀୟ ଧାନ ଉତ୍ପାଦନ (ଡିଏଲପିସି) ବୈଠକରେ ମେ ୨୫ ତାରିଖରେ ଜିଲ୍ଲାରେ ମଣ୍ଡି ଉଦ୍‌ଘାଟନ ସହ କାର୍ଯ୍ୟକ୍ଷମ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। କିନ୍ତୁ ଆଜି ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଏ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ଧାନମଣ୍ଡି ଖୋଲାଯାଇ ଚାଷୀଙ୍କ ଅମଳ ଧାନ କ୍ରୟ କରିବାକୁ ଦାବି କରାଯାଇଛି। ଚାଷୀ ମାନେ ଧାନ ଅମଳ କରିବା ସହ ବସ୍ତାରେ ଫସଲ ରଖିଥିଲେ ସୁଦ୍ଧା ସେମାନଙ୍କ ଧାନ ମଣ୍ଡିରେ ବିକ୍ରି ହେବା ପୂର୍ବରୁ ସୁରକ୍ଷିତ ରଖିବା ନେଇ କୌଣସି ଗୋଦାମ ଗୃହ ଯୋଗାଇବାକୁ ଦାବି କରାଯାଇଛି। ଆଜି ପୂର୍ବାହ୍ନରେ ମଞ୍ଚର ସଦସ୍ୟ ଓ ଚାଷୀମାନେ ଏକତ୍ରିତ ହୋଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କୁ କାର୍ଯ୍ୟାଳୟ ସମ୍ମୁଖରେ ଦାବିପତ୍ର ପ୍ରଦାନ କରଥିଲେ। ମେ ମାସ ୨୫ ତାରିଖରେ ଜିଲ୍ଲାରେ ଧାନମଣ୍ଡି ଖୋଲିବାକୁ ନିଷ୍ପତ୍ତି ହୋଇ ଶେଷରେ ଆସନ୍ତା ଜୁନ୍ ୫ ତାରିଖରେ ଏହାକୁ ଶୁଭାରମ୍ଭ କରିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପାଖିଆ ନିଷ୍ପତିକୁ ବିରୋଧ କରାଯାଇଥିଲା। ମୌସୁମୀ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ମଣ୍ଡି ପରିଚାଳନାରେ ବାଧା ସୃଷ୍ଟି ହେବ। ଚାଷୀ ମାନେ ସେମାନଙ୍କ ଅମଳ ଧାନ ମଣ୍ଡିକୁ ଆଣିବାରେ ସମସ୍ୟାର ସମ୍ମୁଖିନ ହେବେ। ବର୍ଷାରେ ଚାଷୀ ମାନଙ୍କ ଧାନ ଓଦା ହେଲେ ନିଷ୍ଟ ହେବ ଏବଂ ଏହାକୁ ଚାଉଳ ପ୍ରସ୍ତୁତ କରୁଥିବା ମିଲ ମାଲିକ ମାନେ ଧାନ ନିମ୍ନମାନର ଦର୍ଶାଇ ମୂଲଚାଲ କରିବା ଦ୍ୱାରା ଚାଷୀ ମାନେ କ୍ଷତିଗ୍ରସ୍ତ ହେବେ। ତେଣୁ ତୁରନ୍ତ ଚାଷୀ ମାନେ ଉପଯୁକ୍ତ ତଥା ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ମଣ୍ଡିରେ ଧାନ ବିକ୍ରି କରିବା ପରେ ପ୍ରାପ୍ୟ ଟଙ୍କା ଆସିଲେ ପୁଣି ଆସନ୍ତା ଖରୀଫ ଧାନ ଫସଲ ଚାଷ ପାଇଁ ପ୍ରସ୍ତୁତ ହେବେ ବୋଲି ଉଲ୍ଲେଖ କରିଛନ୍ତି। କାଳାହାଣ୍ଡି ଜିଲ୍ଲାର ୩୫ ମିଲ କୋରାପୁଟ ଜିଲ୍ଲାରୁ ଧାନ କଷ୍ଟମ ମିଲିଂ ଭାବେ ନିଯୁକ୍ତ ହୋଇଥିବା ଯୋଗୁଁ ଉକ୍ତ ମିଲର୍ସ କିମ୍ବା ପ୍ରତିନିଧି ସିଧାସଳଖ ଚାଷୀଙ୍କ ସହ ଆଲୋଚନ କରିବା ସହ ଧାନ ଏଠାରୁ ନେବାକୁ କୁହାଯାଇଛି। ବାହାର ଜିଲ୍ଲାର ମିଲର ପ୍ରତିନିଧି ଭାବେ ସ୍ଥାନୀୟ ମିଲ ମାଲିକଙ୍କୁ ଏଜେଣ୍ଟ ଭାବେ ବେଆଇନ ନିଯୁକ୍ତି ବନ୍ଦ କରିବାକୁ ଦାବି କରାଯାଇଛି। ଗତ ଖରିଫ ଧାନ ବିକ୍ରିବେଳେ ଚାଷୀମାନେ ମଣ୍ଡିରେ ବିକ୍ରି କରିଥିବା ଖାଲି ବସ୍ତା ଓ ପରିଚାଳନା ଟଙ୍କା ଚାଷୀଙ୍କୁ ପ୍ରଦାନ କରିବାକୁ ଦାବି କରାଯାଇଛି। କୃଷକ ମଞ୍ଚର ସଂପାଦକ ନରେନ୍ଦ୍ର କୁମାର ପ୍ରଧାନ ଓ ଜିଲ୍ଲା ପରିଷଦର ଉପଧକ୍ଷ ତଥା ଚାଷୀ ରାଧା ବିନୋଦ ସାମନ୍ତରାୟଙ୍କ ନେତୃତ୍ୱରେ ଚାଷୀ ରାଧାନାଥ ଭଟ୍ଟ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ମୋନଜ ପାତ୍ର, ବୁଡୁ ମହାପାତ୍ର, ଦିଲ୍ଲୀପ ସାହୁ, କଳାକାର ମିଶ୍ର, ଉଗ୍ରସେନ ମଣ୍ଡଳ, ନରସିଂହ ପଣ୍ଡା, ସଞ୍ଜୟ ଶତପଥି, ଗଣେଷ ବେହେରା, ସଚିନ୍ଦ୍ର ଶତପଥି, ଗୋପୀନାଥ ହୋତା, ସର୍ବେଶ୍ୱର ରାଓ, ବୈଦନାଥ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ପଣ୍ଡା କହିଛନ୍ତି ଯେ. ଗତକାଲି କଳାହାଣ୍ଡି ଜିଲ୍ଲାର ୩୫ ଜଣ ମିଲ ମାଲିକଙ୍କ ସହ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଆଲୋଚନା ଶେଷ ହୋଇଛି। ଆଜି ସେମାନେ ବ୍ୟାଙ୍କ ଗ୍ୟାରେଣ୍ଟି ଟଙ୍କା ଜମା କରିଲେ ଆସନ୍ତା ୧ ତାରିଖ ସୁଦ୍ଧା ମଣ୍ଡି ଶୁଭାରମ୍ଭ କରାଯିବ।

# ସମ୍ପାଦକୀୟ



ସମ୍ବିଧାନ କେବଳ ଅଧିବକ୍ତାଙ୍କ ପାଇଁ ଉଦ୍ଦିଷ୍ଟ ଆଇନର ସଂକଳନ ନୁହେଁ; ଏହା ଜାତୀୟ ଜୀବନର ବାହକ ଏବଂ ଯୁଗୋପଯୋଗୀ ତତ୍ତ୍ୱର ସଂଚାଳକ।
-ଡ. ବି ଆର ଆମ୍ବେଦକର

ସକାଳ THE SAKALA

## ମନୁଆ ମୌସୁମୀ

ଗତ କିଛିବର୍ଷ ହେଲା 'ମଠୁଆ' ଅପବାଦ ବହନ କରିଆସୁଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏଥର 'ସଅଳ' ଆସିଛି। ଭାରତୀୟ ପାଣିପାଗ ସଂସ୍ଥା ଆକଳନର ଏକ ସପ୍ତାହ ପୂର୍ବରୁ କେରଳ ଏବଂ ଦୁଇସପ୍ତାହ ପୂର୍ବରୁ ମହାରାଷ୍ଟ୍ର ଓ ଓଡ଼ିଶାରେ ପାଦ ଥାପିଛି। ସାଧାରଣତଃ ବୃଷ୍ଟିପାତ ଉପରେ ନିର୍ଭରଶୀଳ ଭାରତୀୟ କୃଷି କ୍ଷେତ୍ର ମନୁଆ ମୌସୁମୀ ଯୋଗୁଁ ପ୍ରଭାବିତ ହୋଇଆସୁଛି। ଏହା କେତେବେଳେ ବିଳମ୍ବରେ ଆସି ରୁଆ କାର୍ଯ୍ୟକୁ ବିଳମ୍ବିତ କରୁଛି ତ କେତେବେଳେ ପୁଣି ସପ୍ତାହିକ ଅତିଥି ହୋଇ ନିରୁଦ୍ଦିଷ୍ଟ ହୋଇଯାଇ ଗଜା ମରୁଡ଼ିର କାରଣ ହେଉଛି। ପୁଣି କେତେବେଳେ ଅବେଳରେ ଖିର ଧରିବା ବେଳେ ବର୍ଷି ଧାନଫସଲ ନଷ୍ଟ କରୁଛି। ଏଥର ସଅଳ ଆସି ମୌସୁମୀ ରାଜ୍ୟର କୃଷିଜୀବୀଙ୍କ ମନରେ ଅସୁମାରି ଆଶା ଓ ସ୍ୱପ୍ନ ଆଣିଛି। ଅପରପକ୍ଷରେ ଏଥିପାଇଁ ପ୍ରସ୍ତୁତ ନଥିବା ଚାଷୀ ଓ ସରକାରଙ୍କୁ ତତ୍ପର କରିଛି। ଯେଉଁମାନେ ମୌସୁମୀକୁ ଦେଖି ସାରିବା ପରେ ହିଁ ବେଉଷଣ ଆଦିର ଅପେକ୍ଷାରେ ଥିଲେ ସେମାନେ ଏବେ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିବ।

ମନୁଆ ମୌସୁମୀର ଭାରତ ପଦାର୍ପଣରେ ଏଥର ବ୍ୟତିକ୍ରମ ଘଟିଥିଲେ ହେଁ ଆଧୁନିକ ବିଜ୍ଞାନକୁ ଭୁଲ୍ ସାବ୍ୟସ୍ତ କରିବାର ଧାରା ଅପରିବର୍ତ୍ତିତ ରହିଛି। ଅତ୍ୟାଧୁନିକ ସୂଚନା ପ୍ରଯୁକ୍ତି ବିଜ୍ଞାନ, ଦୂରସମ୍ବେଦୀ ଉପଗ୍ରହ, କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ କମ୍ପ୍ୟୁଟର ମଡେଲ୍ ସମୃଦ୍ଧ ଭାରତୀୟ ପାଣିପାଗ ବିଭାଗ କ୍ରମାଗତ ଭାବେ ମୌସୁମୀକୁ ଠଉରାଉବାରେ ଯେ ବିଫଳ ହୋଇଛି ଏହା ସ୍ୱୀକାର କରିବାକୁ ପଡ଼ିବ। ଏହାକୁ ହାଲ୍‌କା ଭାବେ ଗ୍ରହଣ ନ କରି ବିଭାଗ ନିଜକୁ ଆହୁରି ସଜାଡ଼ିବାକୁ ହେବ। ଜଳବାୟୁର ଯେଉଳି ଭାବେ ଅସ୍ୱାଭାବିକ ପରିବର୍ତ୍ତନ ହୋଇଚାଲିଛି ତାହାକୁ ଦୃଷ୍ଟିରେ ରଖି ଉଭୟ ଚାଷୀ ଓ ସରକାର ଯେକୌଣସି ପରିସ୍ଥିତିର ମୁକାବିଲା ଆଗୁଆ ପ୍ରସ୍ତୁତି ନ କଲେ ହୀନସ୍ତା ହେବା ସାର ହେବ। ମୌସୁମୀ ଯେଉଳି ଆଗୁଆ ଆସିଲା ସେଉଳି ହଠାତ୍ ଅନ୍ତର୍ଦ୍ଧାନ ହେବା ମଧ୍ୟ ଅସମ୍ଭବ ନୁହେଁ। ଏଠାରେ ଉଲ୍ଲେଖ ପ୍ରାସଙ୍ଗିକ ଯେ ଅଧୁନା ଆମ ବିଳାସପୂର୍ଣ୍ଣ ଜୀବନଶୈଳୀ ହିଁ ଏଭଳି ଅସ୍ୱାଭାବିକ ପାଣିପାଗ ପାଇଁ ଦାୟୀ, ଯାହା ସମଗ୍ର ବିଶ୍ୱରେ ଖାଦ୍ୟ ନିରାପତ୍ତାକୁ ବିପନ୍ନ କରିଚାଲିଛି। ତେଣୁ ଏବେ ଅଧିକ ନିଶ୍ଚିତ ହେବାର ବେଳ ଆସିନାହିଁ, ବରଂ ସବୁପ୍ରକାର ପରିସ୍ଥିତିର ମୁକାବିଲା କରିବା ଲାଗି ସଜାଗ ରହିବାର ସଙ୍କେତ ମିଳିଛି ବୋଲି ଭାବିବା ହିଁ ବୁଦ୍ଧିମାନର କାମ ହେବ।

ପାଣିପାଗ ବିଜ୍ଞାନୀଙ୍କ ମତାନୁଯାୟୀ ଚଳିତ ଥର ମୌସୁମୀର ଆଗୁଆ ପଦାର୍ପଣ ପଛରେ ସ୍ଥାନୀୟବିଭିନ୍ନକାରକସମେତପ୍ରମୁଖହେଉଛି ମାଡେନ୍-ଜୁଲିଆନ୍ ଓସିଲେସନ୍(ଏମ୍‌ଜେଓ)। ଏହି ମଡେଲ୍ ଅନୁଯାୟୀ ବାୟୁ, ମେଘ ଓ ଚାପର ସମ୍ମିଶ୍ରଣରେ ସୃଷ୍ଟି ପାରିବେଶିକ ପ୍ରଭାବ ଫଳରେ ମୌସୁମୀର ଗତି ତ୍ୱରାନ୍ୱିତ ହୁଏ, ଯାହା ପୂର୍ବ ଦିଗକୁ ସେକେଣ୍ଡ ପ୍ରତି ହାରାହାରି ୮ ମିଟର ବେଗରେ ଗତିଶୀଳ ହୁଏ। ମାସେରୁ ଦୁଇମାସ ମଧ୍ୟରେ ସମଗ୍ର ବିଶ୍ୱକୁ ଆଚ୍ଛାଦିତ କରି ରଖେ। ଭାରତରେ ଏଥର ତାହାର ପ୍ରଭାବ ରହିଥିବାରୁ ଆଗାମୀ ମାସେ ଦୁଇମାସ ପର୍ଯ୍ୟନ୍ତ ମଧ୍ୟମ ଧରଣରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଭାରତୀୟ ଜନସଂଖ୍ୟାର ସିଂହଭାଗ କୃଷିଜୀବୀ ହୋଇଥିବାରୁ ଏମ୍‌ଜେଓ ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଏବଂ ମୁଦ୍ରାସ୍ଫୀତିକୁ ଯଥାସମ୍ଭବ ନିୟନ୍ତ୍ରଣରେ ରଖିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

ମନୁଆ ମୌସୁମୀର ଆଉ ଏକ ସ୍ୱଭାବ ହେଲା ସାଧାରଣତଃ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷାର ପରିମାଣ ଅଧିକ ରହେ ଏବଂ ପଶ୍ଚିମ ଓ ଆଭ୍ୟନ୍ତରୀଣ ଜିଲ୍ଲାରେ କମ୍ ବର୍ଷା ହୁଏ। ତେଣୁ ଉପକୂଳ ଅଞ୍ଚଳରେ ଏଥର ମରୁଡ଼ି ଆଶଙ୍କା ବିଶେଷ ନାହିଁ ବୋଲି କୁହାଯାଇପାରେ। ତେବେ ମୁଖ୍ୟତଃ ବର୍ଷା ଉପରେ ନିର୍ଭରଶୀଳ ପଶ୍ଚିମ ଓଡ଼ିଶାରେ ଖରିଫ ଋତୁରେ ଚାଷୀମାନେ ଧାନ ବ୍ୟତୀତ ବିଭିନ୍ନ ପ୍ରକାର ତୈଳବୀଜ ଓ ଅଣଧାନ ଫସଲ ଚାଷ କରୁଥିବାରୁ ବର୍ଷା ସ୍ୱାଭାବିକ ନ ହେଲେ ତାହା ପ୍ରଭାବିତ ହୋଇପାରେ। ତେଣୁ ରାଜ୍ୟର ପଶ୍ଚିମ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଚାଷୀଙ୍କୁ ଅସ୍ୱାଭାବିକ ବୃଷ୍ଟି ଭଳି ପରିସ୍ଥିତିର ମୁକାବିଲା କରିବା ପାଇଁ ଉପଯୁକ୍ତ କୃଷି ପଦ୍ଧତି ଓ ଫସଲ ଚାଷ ନୀତି ପ୍ରଣୟନ ପାଇଁ ରାଜ୍ୟ କୃଷି ବିଭାଗ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ହେବ। ଜଳବାୟୁ ସହନଶୀଳ ଫସଲ ପାଇଁ ପ୍ରୋତ୍ସାହନ ଦେବାରେ ଅବହେଳା କରିବାର ଆଉ ସମୟ ନାହିଁ। ଶୀଘ୍ର ଏ ଦିଗରେ ସତ୍ୱର ସଚେତନତା ଏବଂ ସରକାରୀ ନୀତି ପ୍ରଣୟନ ଚାଷୀ ଓ ଖାଉଟି ଉଭୟଙ୍କ ପାଇଁ ମଙ୍ଗଳପ୍ରଦ ହେବ।

ଓଡ଼ିଶାରେ ଚାଷୀମାନଙ୍କର ପ୍ରମୁଖ ସମସ୍ୟା ହେଉଛି ଖରିଫ୍ ଋତୁ ଆରମ୍ଭରୁ ସରକାରୀ ବିହନ ଓ ସାରର ଅଭାବ। ଚାଷୀର ଆବଶ୍ୟକ ମୁତାବକ୍ ଠିକ୍ ସମୟରେ ଏହା ମିଳେ ନାହିଁ। ଚଳିତ ବର୍ଷ ମୌସୁମୀ ଆଗୁଆ ଆସିଥିବାରୁ ଏ କ୍ଷେତ୍ରଟି ଆହୁରି ଅଧିକ ପ୍ରଭାବିତ ହୋଇପାରେ। ତେଣୁ ଏଥିପାଇଁ ଆଗୁଆ ପଦକ୍ଷେପ ନ ନେଲେ କୃଷିଋଣ ଠିକ୍ ସମୟରେ ପାଇବାରେ ଚାଷୀ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସରକାରୀ ବ୍ୟବସ୍ଥାର ସବୁଠାରୁ ବଡ଼ ଦୁର୍ବଳତା ହେଲା ସବୁ ପ୍ରସ୍ତୁତି ଓ ଯୋଜନା ସତ୍ତ୍ୱେ ରୂପାୟନ ଶୃଙ୍ଖଳରେ ନିଷ୍ଠା ଓ ତତ୍ପରତାର ଅଭାବ। ତେଣୁ ସାର, ବିହନ, କୀଟନାଶକ ଯୋଗାଣ ଆଦି ସମୟୋପଯୋଗୀ ଓ ସୁନିଶ୍ଚିତ ହେବା ଆବଶ୍ୟକ।

ମନୁଆ ମୌସୁମୀର ଆଗୁଆ ଆଗମନ ଅସୁମାରୀ ଆଶା ସହିତ କିଛି ଆଶଙ୍କା ମଧ୍ୟ ନେଇ ଆସିଛି। ଏବେ କୋଭିଡ୍‌ର ନୂଆ ପ୍ରଜାତି ଏନ୍‌ବି.୧.୮.୧ ସଂକ୍ରମିତ ହେଉଛି। ଏଥିସହିତ ଦେଶର ବିଭିନ୍ନ ଅଞ୍ଚଳର ଇନ୍‌ଫ୍ଲୁଏଞ୍ଜା ସଂକ୍ରମଣ ମଧ୍ୟ ଦେଖାଦେଇଛି। ବର୍ଷା ଓ ଜଳବାୟୁରେ ଆର୍ଦ୍ରତା ଏହି ସଂକ୍ରମଣକୁ ତୀବ୍ର କରିପାରେ। ତେଣୁ ଏଥିପାଇଁ ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟ ସଜାଗ ରହିବାକୁ ପଡ଼ିବ। ତେବେ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇ ନଥିବାରୁ ଅଯଥା ଭୟଭୀତ ହେବାର କାରଣ ନାହିଁ। ଆଗୁଆ ମୌସୁମୀର ଆଉ ଏକ ସମସ୍ୟା ହେଲା ସହରାଞ୍ଚଳରେ କୃତ୍ରିମ ବା ମନୁଷ୍ୟକୃତ ବନ୍ୟା। ବିଭିନ୍ନ ପ୍ରାକୃତିକ ଜଳ ନିଷ୍କାସନ ପ୍ରଣାଳୀର ଜବରଦଖଲ ଓ ଅବୈଧ ନିର୍ମାଣ ଯୋଗୁଁ ବର୍ଷା ଜଳ ନିଷ୍କାସନ ହୋଇପାରୁ ନ ଥିବା ବେଳେ ବର୍ଜ୍ୟ ପରିଚାଳନାରେ ବିଭ୍ରାଟ ଯୋଗୁଁ ଡ୍ରେନେଜ୍‌ର ସ୍ୱାଭାବିକ କାର୍ଯ୍ୟକ୍ଷମତା ହ୍ରାସ ପାଉଛି। ଏହି ସମସ୍ୟାର ସମାଧାନ ପାଇଁ ମହାନଗର ନିଗମ, ପୌରପାଳିକା କର୍ତ୍ତୃପକ୍ଷଙ୍କ ତତ୍ପରତା କେବଳ ବର୍ଷା ଆସିଲେ ହିଁ ପ୍ରକାଶ ପାଏ; ତା' ମଧ୍ୟ କାଁ ଭାଁ କେଉଁଠି କେମିତି। ଦ୍ୱୈତନଗରୀର ଭୁବନେଶ୍ୱରରେ ଏ ପର୍ଯ୍ୟନ୍ତ ସବୁଅଞ୍ଚଳରେ ଏହି କାମଟି ଆରମ୍ଭ ହୋଇପାରି ନଥିବା ବେଳେ କଟକ ସହରର ଜାଇକା-ଯନ୍ତ୍ରଣା କଥା ନ କହିବା ଭଲ। ତେଣୁ ଆମକୁ ସବୁସ୍ତରରେ ଜଳବାୟୁ ପରିବର୍ତ୍ତନର ଅସ୍ୱାଭାବିକତାକୁ ମୁକାବିଲା କରିବା ଲାଗି ପ୍ରସ୍ତୁତ ରହିବାକୁ ହେବ। ବୋଧହୁଏ ଏହା ହିଁ ଆମ ପାଇଁ ମନୁଆ ମୌସୁମୀର ସଂକେତ।

## ସର୍ବଧର୍ମ ସମନ୍ୱୟ

ମହମ୍ମଦ ହିଫ୍‌ଜୁର ରହେମାନ

ମାର୍ଚ୍ଚ ୨୦୨୪। ମାଲାୟାଲମ୍ ଅଭିନେତା ମୋହନଲାଲ ସାବରିମାଳା ମନ୍ଦିର ଯାଇ ଅଭିନେତା ବନ୍ଧୁ ମାମୁଟି ଓରଫ ମହମ୍ମଦ କୁଟ୍ଟି ଇସମାଇଲଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କଲେ। ସାମାଜିକ ଗଣମାଧ୍ୟମକୁ ମିଳିଗଲା ମସଲା। ଚାହୁଁ ଚାହୁଁ ଏହି ମହାନ କାର୍ଯ୍ୟଟି ବିରାଟ ବିବାଦରେ ପରିଣତ ହୋଇଗଲା। ଜଣେ ମୁସଲମାନ ପାଇଁ ଜଣେ ହିନ୍ଦୁ ମନ୍ଦିର ଭିତରେ ପ୍ରାର୍ଥନା କରିବା ନିଶ୍ଚିତ ରୂପେ ଖବରଯୋଗ୍ୟ କଥା। କିନ୍ତୁ ଏହାକୁ ନେଇ ବିବାଦ ସୃଷ୍ଟି କରିବା ନିହାତି ନିନ୍ଦନୀୟ। ମାଲାୟଲମ ସିନେ ଜଗତରେ ମୋହନଲାଲ ଓ ମାମୁଟି ହେଉଛନ୍ତି ଦିଗ୍‌ଗଜ ଅଭିନେତା। ସେମାନେ ପରସ୍ପରର କେବଳ ପ୍ରତିଯୋଗୀ ନୁହନ୍ତି, ବନ୍ଧୁତ୍ୱର ପ୍ରତୀକ ମଧ୍ୟ। କିନ୍ତୁ ଯେଉଁମାନେ ଏହି ବିବାଦଟି ସୃଷ୍ଟି କଲେ ସେମାନେ ଧର୍ମ, ବିଶେଷକରି ସାବରିମାଲା ପରମ୍ପରା ବିଷୟରେ ବୋଧହୁଏ ସଂପୂର୍ଣ୍ଣ ଅଜ୍ଞ।

କୁହାଯାଏ ଯେ ଆୟାପ୍ପାଙ୍କ ଭକ୍ତମାନେ ମନ୍ଦିରରେ କେବଳ ନିଜ ପାଇଁ ପ୍ରାର୍ଥନା କରନ୍ତି ନାହିଁ, ନିଜ ପରିବାର, ବନ୍ଧୁବାନ୍ଧବ, ପଡ଼ୋଶୀ, ଏପରିକି ଅଚିହ୍ନା ଲୋକମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତି। 'ତୀର୍ଥ'ର ଅର୍ଥ ହିଁ ହେଉଛି ନିଃସ୍ୱାର୍ଥ ଚିନ୍ତା ଓ ଜନକଲ୍ୟାଣ। ପୁଣି ସାବରିମାଲା ହେଉଛି ଧାର୍ମିକ ସଦଭାବନାର ପ୍ରତୀକ। ପ୍ରତିବର୍ଷ ହଜାର ହଜାର ଆୟାପ୍ପା ଭକ୍ତ ସାବରିମାଲା ମନ୍ଦିରରେ ଏକତ୍ରିତ ହୋଇ ପୂଜା କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତି। ମନ୍ଦିର ଯିବା ପୂର୍ବରୁ ଭକ୍ତମାନେ ଏରୁମେଲିରେ ଥିବା ଭାଭର ମସଜିଦ ପରିକ୍ରମା କରନ୍ତି। ଏହା କୌଣସି ବାଧ୍ୟବାଧକତା ନୁହେଁ, ବରଂ ବର୍ଷ ବର୍ଷ ଧରି ଚାଲିଆସିଥିବା ପରମ୍ପରା। ଏହି ଉତ୍ସବରେ ହିନ୍ଦୁ ଓ ମୁସଲିମ ଏକାଠି ହୁଅନ୍ତି, ପରସ୍ପର ଦେହରେ ରଙ୍ଗ ବୋଳନ୍ତି ଏବଂ ରାସ୍ତା ଉପରେ ନୃତ୍ୟ କରନ୍ତି। ଏହାକୁ ନେଇ କେବେ କୌଣସି ଉତ୍ତେଜନା ନାହିଁ କି ବିତର୍କ ନାହିଁ। ଶହ ଶହ ବର୍ଷ ଧରି ଚାଲିଆସିଥିବା ଏହି ପରମ୍ପରା ଆସ୍ଥା ଓ ବନ୍ଧୁଭାବର ପ୍ରତୀକ।

କୁହାଯାଉଛି ଯେ ହିନ୍ଦୁ ଦେବତା ଆୟପ୍ପାନଙ୍କ ଘନିଷ୍ଠ ସହଯୋଗୀ ଥିଲେ ମୁସଲିମ ଭକ୍ତ ଭାଭର ଓରଫ ଭାଭରସ୍ୱାମୀ। କେରଳର ଏମୁରେଲିରେ ଆୟାପ୍ପା ମନ୍ଦିରର ଆରପାର୍ଶ୍ୱରେ ରହିଛି ଭାଭର ମସଜିଦ। ଆଧ୍ୟାତ୍ମିକ ଇତିହାସରୁ ମିଳିଥିବା ତଥ୍ୟ ଅନୁଯାୟୀ ଭାଭର ଜଣେ କୁଖ୍ୟାତ ଦସ୍ୟୁ ଥିଲେ। ଜଙ୍ଗଲ ଭିତରେ ହୋଇଥିବା ଲଢ଼େଇରେ ଆୟପ୍ପାନଙ୍କ ଠାରୁ ପରାସ୍ତ ହୋଇଥିଲେ ଭାଭର। ସମୟକ୍ରମେ ସେ ଆୟାପ୍ପାଙ୍କ ଭକ୍ତ ପାଲଟିଯାଇଥିଲେ। ସେ ଭାଭରରୁ ଭାଭରସ୍ୱାମୀ ନାମରେ ପରିଚିତ ହୋଇଥିଲେ। ବିଶ୍ୱାସ କରାଯାଉଛି ଯେ କୋଟ୍ଟାୟମ ଜିଲ୍ଲାର ଏରୁମେଲିରେ ଭାଭରଙ୍କ ପାଇଁ ମସଜିଦ ନିର୍ମାଣ ଲାଗି ପ୍ରଭୁ ଆୟାପ୍ପା ହିଁ ପାଣ୍ଡ୍ୟା ରାଜବଂଶର ରାଜାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ସାବରିମାଲା ମନ୍ଦିରର ଦୂରତା ୫୦ କିଲୋମିଟର।

ଆଉ ଏକ ଉଲ୍ଲେଖନୀୟ ପର୍ବ ବା ଉତ୍ସବ ହେଉଛି ଅମରନାଥ ଯାତ୍ରା। ହିନ୍ଦୁ ସଂପ୍ରଦାୟ ପାଇଁ ଏହାସବୁଠୁ ପବିତ୍ର ତୀର୍ଥ ଏବଂ ଏହାସହିତ ଯୋଡ଼ି ହୋଇରହିଛନ୍ତି କାଶ୍ମୀର ମୁସଲିମ ସଂପ୍ରଦାୟ। ଏହାକୁ ହିନ୍ଦୁ-ମୁସଲିମ ଭାଇଚାରାର ଜ୍ୱଳନ୍ତ ଉଦାହରଣ ରୂପେ ବିଚାର କରାଯାଉଛି। ସେମାନେ ଶିବଭକ୍ତଙ୍କ ପାଇଁ କେବଳ ଶିବିର ପ୍ରତିଷ୍ଠା କରୁଛନ୍ତି ତାହା ନୁହେଁ, ୩୮୮୮ ମିଟର ଉଚ୍ଚରେ ଅବସ୍ଥିତ ମନ୍ଦିରକୁ ଯିବା ଲାଗି ବୟସ୍କ ଭକ୍ତମାନଙ୍କ ପାଇଁ ପାଲିଙ୍କି ଓ ଖଚରର ମଧ୍ୟ ବ୍ୟବସ୍ଥା କରନ୍ତି। ଏହାସହିତ କୌଣସି ବିପତ୍ତି ଆସିଲେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଭକ୍ତମାନଙ୍କୁ ସବୁପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଅନ୍ତି। ଏହାକୁ କେବଳ ଆର୍ଥିକ ଦୃଷ୍ଟିରେ ଦେଖାଯାଏ ନାହିଁ, ବରଂ ସାଂପ୍ରଦାୟିକ ସଦ୍‌ଭାବନାର ଅନନ୍ୟ ଉଦାହରଣ ରୂପେ ବିଚାର କରାଯାଉଛି। ବିଶ୍ୱାସ କରାଯାଉଛି ଯେ ଏହି ଶିବଗୁମ୍ଫାର ଆବିଷ୍କାର ବୁଟା ମଲିକ ନାମକ ଜଣେ ମୁସଲିମ ହିଁ କରିଥିଲେ। ୧୮୫୦ରେ ସେ ଏହି ପାର୍ବତ୍ୟ ଅଞ୍ଚଳରେ ଛେଳି ଚରାଉଥିବା ବେଳେ ଜଣେ ସୁଫି ସନ୍ଥଙ୍କ ସହିତ ଭେଟ ହୋଇଥିଲା। ସେ ବୁଟାଙ୍କୁ କୋଇଲା ଭର୍ତ୍ତି ଏକ ମୁଣି ଦେଇଥିଲେ। ଘରେ ଆସି ମୁଣି ଖୋଲିଲା ବେଳେ ସେଥିରେ ସୁନା ଥିବା ଦେଖିଥିଲେ ବୁଟା। ବାବାଙ୍କୁ ଧନ୍ୟବାଦ ଜଣାଇବା ଲାଗି ବୁଟା ପୁଣି ପାହାଡ଼ ଉପରକୁ ଯାଇଥିଲେ। କିନ୍ତୁ ସେଠାରେ ସେ ଗୁମ୍ଫାରେ ପବିତ୍ର ଶିବଲିଙ୍ଗ ଦେଖିଥିଲେ। ସେ ଗାଁକୁ ଫେରି ଆସି ସବୁ କଥା ବର୍ଣ୍ଣନା କରିଥିଲେ। ଏହାପରେ ହିନ୍ଦୁମାନେ ଯାଇ ସେଠାରେ ଶିବଲିଙ୍ଗ ଦର୍ଶନ କରିଥିଲେ। ଏହି ଶିବଲିଙ୍ଗଙ୍କୁ ସେମାନେ 'ବାବା ବରଫାନି' ବୋଲି ମଧ୍ୟ କହନ୍ତି। ବୁଟାଙ୍କ ବଂଶଧର ଅମରନାଥର ବାଟକୋଟ ଗାଁରେ ବାସ କରୁଛନ୍ତି। ବୁଟାଙ୍କ ନାମରେ ନାମିତ ଏହି ଗାଁକୁ ଯାଇ ଅମରନାଥ ଯାତ୍ରୀମାନେ ବୁଟାଙ୍କ ଘର ଦର୍ଶନ କରନ୍ତି। କୁହାଯାଉଛି ଯେ ବୁଟାଙ୍କ ଘର ଦର୍ଶନ ନକଲେ ଅମରନାଥ ଯାତ୍ରା ଅସଂପୂର୍ଣ୍ଣ ହୋଇ ରହିବ।

ଓଡ଼ିଶା ଭୂମିରେ ସାମ୍ପ୍ରଦାୟିକ ସଦ୍‌ଭାବନା ଓ ସମନ୍ୱୟର କଥା ଆଲୋଚନା କଲା ବେଳେ ପବିତ୍ର ରଥଯାତ୍ରା ମନକୁ ଆସିଯାଏ, ଯାହା ବିଭିନ୍ନ ଧର୍ମ ଓ ଜାତିର ଲୋକଙ୍କୁ ଗୋଟିଏ ରଜ୍ଜୁରେ ବାନ୍ଧି ରଖିଛି। ଏଭଳି ମହାମିଳନ ଦୃଶ୍ୟ ଆଉ କେଉଁଠି ଦେଖିବାକୁ ମିଳେନାହିଁ। ସାରା ବିଶ୍ୱରେ ଧର୍ମ ଓ ଜାତିକୁ ନେଇ ବିଷାକ୍ତ ପରିବେଶ ଲାଗି ରହିଥିବା ବେଳେ ଜଗନ୍ନାଥ ହେଉଛନ୍ତି ଏକମାତ୍ର ଠାକୁର ଯିଏକି ସବୁ ବର୍ଗର ଲୋକଙ୍କୁ ତାଙ୍କ ବାହୁ ତଳେ ଏକାଠି କରି ରଖିଛନ୍ତି। ହିନ୍ଦୁମାନଙ୍କର ଆରାଧ୍ୟ କଳାଠାକୁରଙ୍କ ସହିତ ମୁସଲମାନଙ୍କ ସମ୍ପର୍କ ଦୀର୍ଘକାଳରୁ ରହିଆସିଛି। ଏହି ଭକ୍ତମାନଙ୍କୁ ଦର୍ଶନ ଦେବା ଲାଗି ତ ଠାକୁର ବର୍ଷକୁ ଥରେ ବଡ଼ଦାଣ୍ଡକୁ ଆସନ୍ତି। ତାଙ୍କର ସବୁଠାରୁ ବଡ଼ ଭକ୍ତ ହେଉଛନ୍ତି ମୁସଲମାନ୍ ସମ୍ପ୍ରଦାୟର ସାଲବେଗ, ଯାହାଙ୍କର ସମାଧି ପୁରୀ ବଡ଼ଦାଣ୍ଡରେ ରହିଛି। ସାଲବେଗ ତାଙ୍କ ଜୀବଦ୍ଦଶାରେ ଶ୍ରୀମନ୍ଦିରରେ ପ୍ରବେଶ କରିପାରି ନ ଥିଲେ। କିନ୍ତୁ ରଥଯାତ୍ରା ବେଳେ ନନ୍ଦିଘୋଷ ରଥ ସାଲବେଗଙ୍କ ସମାଧି ପୀଠ ପାଖରେ କିଛି ସମୟ ପାଇଁ ଅଟକି ଯାଆନ୍ତି। ଠାକୁର-ଭକ୍ତଙ୍କ ମଧ୍ୟରେ ଏଭଳି ନିଆରା ସମ୍ପର୍କ ଆଉ କେଉଁଠି ଦେଖିବାକୁ ମିଳେନାହିଁ। ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ସାଲବେଗଙ୍କ ଠାରେ ଭକ୍ତିର ଯେଉଁ ନିର୍ଝର ଉଦ୍ରେକ କଲା, ତାହା ତାଙ୍କୁ ଜଣେ ଅନନ୍ୟ ଭକ୍ତରେ ପରିଣତ କଲା ଏବଂ ଓଡ଼ିଆଙ୍କ ହୃଦୟ କନ୍ଦରରେ ଭକ୍ତ ସାଲବେଗ ଭାବେ ସେ ଅମର ହୋଇ ରହିଗଲେ। ୨୦୨୦ ମସିହାରେ କୋଭିଡ୍-୧୯ ମହାମାରୀ ସମୟରେ ରଥଯାତ୍ରା ବନ୍ଦ ନିଷ୍ପତ୍ତିର ପୁନଃବିଚାର ପାଇଁ ସର୍ବୋଚ୍ଚ ନ୍ୟାୟାଳୟରେ ଯେଉଁମାନେ ଜନସ୍ୱାର୍ଥମାମଲା ଦାୟର କରିଥିଲେ ସେଥିରେ ପ୍ରମୁଖ ଥିଲେ ଅଫ୍‌ତାବ୍ ହୁସେନ୍ ନାମକ ନୟାଗଡ଼ର ଜଣେ ଛାତ୍ର।

ଝାରସୁଗୁଡ଼ା ଜିଲ୍ଲା ରେମଣ୍ଡାରେ ୧୨୦ ବର୍ଷ ଧରି ହିନ୍ଦୁ-ମୁସଲିମ ମିଳିତ ଭାବେ ରଥଯାତ୍ରା ଆୟୋଜନ କରିଆସୁଛନ୍ତି। ଏଠି ମୁସଲିମ ସଂପ୍ରଦାୟର ଗୋଷ୍ଠିଆ ମହମ୍ମଦ ଜମିଉଲ୍ଲା ନାମକ ଭକ୍ତ ତିନି ରଥରେ ଛେରାପହଁରା କରନ୍ତି ଏବଂ ମୁସଲିମ ଭକ୍ତମାନେ ଉତ୍ସାହ ସହ ଏହି ଉତ୍ସବରେ ସାମିଲ ହୁଅନ୍ତି। କେନ୍ଦ୍ରାପଡ଼ା ସମେତ ଅନେକ ସ୍ଥାନରେ ମୁସଲିମ ଭକ୍ତମାନେ ରଥ ଟାଣନ୍ତି। ଅହମ୍ମଦାବାଦର ଜମାଲପୁରରେ ରଥଯାତ୍ରା ଅବ୍ୟବହିତ ପୂର୍ବରୁ ମୁସଲମାନ ଭକ୍ତଙ୍କ ପକ୍ଷରୁ ରୂପା ନିର୍ମିତ ରଥ ମୁଖ୍ୟସେବକଙ୍କୁ ଅର୍ପଣ କରାଯାଏ। ୪୫୦ ବର୍ଷ ପୁରୁଣା ଏହି ମନ୍ଦିରରେ ପ୍ରାୟ ଦେଢ଼ ଶହ ବର୍ଷ ଧରି ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଛି।

ଜଗନ୍ନାଥଙ୍କର ଆଉ ଜଣେ ମହିଳା ମୁସଲିମ ଭକ୍ତ ଥିଲେ ରଜିଆ ବେଗମ। ସପ୍ତଦଶ ଶତାବ୍ଦୀରେ ମୋଗଲ ସେନାପତି ତକି ଖାଁ ପୁରୀ ଶ୍ରୀମନ୍ଦିର ଉପରେ ଆକ୍ରମଣ କରି ଗଜପତି ରାମଚନ୍ଦ୍ର ଦେବଙ୍କୁ ବନ୍ଦୀ କରି ନେଇଗଲା। ଗଜପତିଙ୍କୁ ମୁକ୍ତ କରିବାକୁ ତକି ଖାଁ ତିନିଟି ସର୍ତ୍ତ ରଖିଲା ଯେ ରାମଚନ୍ଦ୍ର ଦେବ ତକି ଖାଁ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିବେ, ଇସଲାମ ଧର୍ମ ଗ୍ରହଣ କରିବେ ଏବଂ ତା'ର ଭଗ୍ନୀ ରଜିଆ ବେଗମକୁ ବିବାହ କରିବେ। ତକି ଖାଁ କବଳରୁ ଶ୍ରୀମନ୍ଦିରକୁ ସୁରକ୍ଷିତ ରଖିବା ପାଇଁ ଗଜପତି ସେ ସବୁ ସର୍ତ୍ତ ମାନିନେଲେ। ଏହାପରେ ରାମଚନ୍ଦ୍ର ଦେବ ପୁରୀ ଫେରିଥିଲେ ସତ, କିନ୍ତୁ ଧର୍ମ ପରିବର୍ତ୍ତନ କରିଥିବା କାରଣରୁ ମନ୍ଦିର ମଧ୍ୟକୁ ତାଙ୍କର ପ୍ରବେଶକୁ ବାରଣ କରାଗଲା। ତେଣୁ ତାଙ୍କ ଭଳି ଧର୍ମାନ୍ତରିତ ଭକ୍ତମାନଙ୍କ ଦର୍ଶନ ସକାଶେ ସେ ଶ୍ରୀମନ୍ଦିରର ପ୍ରବେଶ ଦ୍ୱାରଠାରେ ପତିତପାବନଙ୍କୁ ସ୍ଥାପନ କରାଇଲେ। ରାମଚନ୍ଦ୍ର ଦେବଙ୍କ ବିରୋଧୀଙ୍କ ଚକ୍ରାନ୍ତ ଓ ପ୍ରରୋଚନାରେ ତକି ଖାଁ ପୁଣି ଶ୍ରୀମନ୍ଦିର ଲୁଟ୍ ପାଇଁ ଯୋଜନା କଲା। କିନ୍ତୁ ରାମଚନ୍ଦ୍ର ଦେବଙ୍କ ରାଣୀ ରଜିଆଙ୍କ ମନରେ ଜଗନ୍ନାଥଙ୍କ ପ୍ରତି ଭକ୍ତି ଓ ଅନୁରକ୍ତି ଜାତ ହୋଇ ସାରିଥିଲା। ସେ ଏହାର ଖବର ରାମଚନ୍ଦ୍ର ଦେବଙ୍କୁ ଆଗତୁରା ଦେଇ ଦେବାରୁ ତିନି ଠାକୁରଙ୍କୁ ଶ୍ରୀମନ୍ଦିରରୁ ନେଇ ଚିଲିକାର କେଉଁ ଏକ ଅଜ୍ଞାତ ଟାପୁରେ ଲୁଚାଇ ରଖାଯାଇପାରିଲା। ପରବର୍ତ୍ତୀ ସମୟରେ ରାମଚନ୍ଦ୍ର ଦେବ ତିନି ଠାକୁରଙ୍କୁ ପୁରୀ ଅଣାଇବାର ବ୍ୟବସ୍ଥା କରିବା ସମୟରେ ପୁଣି ପଥ ଓଗାଳିଲେ ତକି ଖାଁର ସେନା। ଏଥର ଯୁଦ୍ଧରେ ବିଜୟୀ ହେଲେ ରାମଚନ୍ଦ୍ର ଦେବ, ଯହିଁରେ ରଜିଆଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଗଳ୍ପ ଭଳି ଲାଗୁଥିବା ଏହି ଦୃଷ୍ଟାନ୍ତଟି କେବଳ ତ୍ୟାଗ ଓ ପ୍ରେମର ଉଜ୍ଜ୍ୱଳ ପ୍ରମାଣ ନୁହେଁ, ସହିଷ୍ଣୁତା ଓ ସମନ୍ୱୟର ଉଚ୍ଚ ପରାକାଷ୍ଠାର ନିଦର୍ଶନ। ମହାପ୍ରଭୁଙ୍କ ପ୍ରତି ରଜିଆ ବେଗମଙ୍କ ଅନୁରକ୍ତି ଏବଂ ଭକ୍ତି ଧର୍ମ ବିଶ୍ୱାସର ପ୍ରାଚୀର ଅତିକ୍ରମ କରି ଓଡ଼ିଶାର ସର୍ବଧର୍ମ ସମନ୍ୱୟର ପରମ୍ପରା ଉପରେ ଏକ ମୋହର ମାରିଥିଲା।

ଏହା ହାତଗଣତି କିଛି ଉଦାହରଣ ମାତ୍ର। କିନ୍ତୁ ଏହା ସ୍ୱୀକାର କରିବାକୁ ହେବ ଯେ ଆମ ଭାରତବାସୀଙ୍କ ରକ୍ତରେ ଯେଉଁଭଳି ସାମ୍ପ୍ରଦାୟିକ ସହିଷ୍ଣୁତା ଓ ସମନ୍ୱୟ ଭାବନାର କଣିକା ଖେଳି ବୁଲୁଛି, ତାହା ଅନ୍ୟତ୍ର ବିରଳ।

ଭୁବନେଶ୍ୱର, ମୋ: ୯୯୩୭୦୫୯୯୫୪

## ପଶୁମାନେ କେତେ ବୁଝନ୍ତି ମଣିଷର ଭାଷା

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ବିଭିନ୍ନ ଶବ୍ଦ ବ୍ୟବହାର କରି ଭାଷା ମାଧ୍ୟମରେ ବାର୍ତ୍ତାଳାପ କରିବା ମଣିଷର ଏକ ବିଶେଷ ଗୁଣ। ପଶୁପକ୍ଷୀ ମଧ୍ୟ ନାନାଦି ସ୍ୱର ମାଧ୍ୟମରେ ମନର କଥା ପ୍ରକଟ କରିଥା'ନ୍ତି। କିନ୍ତୁ ସେଥିରେ ଭାଷା ନଥାଏ। ଅନ୍ୟପକ୍ଷରେ, ସେମାନଙ୍କ ମଧ୍ୟରୁ କେତେକ ମଣିଷ ଦ୍ୱାରା ବ୍ୟବହୃତ ଶବ୍ଦଗୁଡ଼ିକ ବୁଝିପାରିଲା ଭଳି ମନେ ହୁଏ।

ବିବିଧ ଶ୍ରେଣୀର ବାନର, ପକ୍ଷୀ, ଡଲଫିନ୍ ଭଳି କେତେକ ଜୀବଙ୍କଠାରେ ଏ କ୍ଷମତା ଅଛିକି ନାହିଁ ତାହାରି ଉପରେ ୧୯୬୦- ୭୦ ଦଶକରେ ବ୍ୟାପକ ଅନୁଧ୍ୟାନ କରାଯାଇଥିଲା। ସେଥିରୁ ଜଣାପଡ଼ିଥିଲା ଯେ ଯଦିଓ ଅନେକ ପଶୁ ମଣିଷର ଅଙ୍ଗଭଙ୍ଗୀ ଓ ଧ୍ୱନିର ସ୍ୱରରୁ କିଛି କଥା ଅନୁମାନ କରି ନିଅନ୍ତି ତେବେ ସେମାନେ ଉଚ୍ଚାରିତ ଶବ୍ଦର ଅର୍ଥ ବୁଝି ପାରନ୍ତି ବୋଲି ନିଶ୍ଚିତ କରିହେବ ନାହିଁ। ଅନ୍ୟପକ୍ଷରେ ଉପଯୁକ୍ତ ପ୍ରଶିକ୍ଷଣ ପାଇଲେ କେତେକ ଜୀବ ମଣିଷ ଭାଷାର କିଛି କିଛି ଭାବ ହୃଦୟଙ୍ଗମ କରିପାରିବାର ସମ୍ଭାବନା ଥିବାର ମତ ଦିଅନ୍ତି ବିବର୍ତ୍ତନୀୟ ନୃତତ୍ତ୍ୱ ବିଶାରଦ ପ୍ରଫେସର ସିମନ୍ ଡବ୍ଲୁ ଟାଉନ୍‌ସେଣ୍ଡ। ତାଙ୍କ ମତରେ ଅନ୍ୟ ସବୁ ଜୀବମାନଙ୍କ ତୁଳନାରେ ଅନେକ ଦୃଷ୍ଟିରୁ ମଣିଷର ବିବିଧ ବିଶେଷତା ରହିଛି। ଭାଷା ସେଗୁଡ଼ିକ ମଧ୍ୟରୁ ଅନନ୍ୟ। ତେବେ କେତେକ ପ୍ରାଣୀମାନଙ୍କର ଏବଂ ମଣିଷର ଭାବର ଆଦାନ ପ୍ରଦାନ ପ୍ରକ୍ରିୟାରେ କିଛି ମାତ୍ରାରେ ସମାନତା ଥିବାର ମନେ ହୁଏ। ଏହାକୁ ନେଇ ଟାଉନ୍‌ସେଣ୍ଡ ୨୦୧୮ ମସିହାରେ ଏକ ମାଈ ଗରିଲା ଉପରେ ପରୀକ୍ଷାଟିଏ କରିଥିଲେ। ଗରିଲା, ସମ୍ପାଞ୍ଜି, ଓ୍ୟାରଂଗୁଟାନ୍ ଆଦି ଜୀବ ଉପମାନବ ଶ୍ରେଣୀର ଅନ୍ତର୍ଭୁକ୍ତ। ଆଜକୁ ପ୍ରାୟ ୬ରୁ ୮ ନିୟୁତ ବର୍ଷ ପୂର୍ବେ ସେମାନେ ତାଙ୍କ ସାଧାରଣ ପୂର୍ବ ପୁରୁଷଙ୍କ ଠାରୁ ଅଲଗା ଅଲଗା ରୂପେ ବିକଶିତ ହୋଇଥିଲେ। ଗରିଲା, ବାବୁନ୍ ଓ ସମ୍ପାଞ୍ଜି ସମେତ ମଣିଷର ଖୁବ୍ ଜିନୀୟ ସମାନତା ରହିଛି (ପ୍ରାୟ ୯୮ ରୁ ୯୯ ଶତାଂଶ)। ପ୍ରଶିକ୍ଷଣ ପରେ ଏହା ପ୍ରାୟ ୨୦୦୦ ପର୍ଯ୍ୟନ୍ତ ଇଂରାଜୀ ଶବ୍ଦର ଉତ୍ତର ଦେଇ ପାରୁଥିଲା। ତେବେ ବିଶେଷଜ୍ଞମାନେ କହିଛନ୍ତି ଯେ ଏଥିରୁ ଜୀବଟି ମଣିଷର ଭାଷା ବୁଝିଛି ବୋଲି ଉପସଂହାରରେ ପହଞ୍ଚିବା ଯଥେଷ୍ଟ ନୁହେଁ। କାରଣ, ବେଳେ ବେଳେ ସେ ଶବ୍ଦଗୁଡ଼ିକ ପ୍ରତି ଅର୍ଥହୀନ ପ୍ରତିକ୍ରିୟା ମଧ୍ୟ ପ୍ରକଟ କରୁଥିଲା।

ଆମେରିକା ମନସ୍ତତ୍ତ୍ୱ ବିଶାରଦ ତଥା ଭାଷାବିତ୍ ମାଇକେଲ୍ ଟୋମାସେଲୋ ଏକ ପୁରୁଷବାବୁନ୍ ଠାରେ ଭାଷା ଦକ୍ଷତା ସଂପର୍କରେ ପରୀକ୍ଷଣଟିଏ କରିଥିଲେ। ଏହାର ଜୀବନକାଳ (୧୯୮୦ ରୁ ୨୦୨୫) ମଧ୍ୟରେ ଏହା ଏକ 'କି'ବୋର୍ଡ ମାଧ୍ୟମରେ ମଣିଷ ସହିତ 'ବାର୍ତ୍ତାଳାପ' କରି ପାରୁଥିଲା। ତାର ପରିବେଶ ମଧ୍ୟରେ ଥିବା ବିଭିନ୍ନ ପଦାର୍ଥମାନଙ୍କୁ ସୂଚୀତ କରଉଥିବା ପ୍ରାୟ ୨୦୦ଟି ସଙ୍କେତକୁ ସେ ପ୍ରକାଶ କରିପାରୁଥିଲା। ତାଙ୍କ ମତରେ ଜୀବଟି ଏଗୁଡ଼ିକୁ ଠିକ୍‌ରୂପେ ବୁଝିପାରୁଥିଲା ଏବଂ ପ୍ରଶିକ୍ଷକଙ୍କ ସହିତ ତାହା ବ୍ୟବହାର କରି ବାର୍ତ୍ତାଳାପ କରି ପାରୁଥିଲା। ଲୋକଙ୍କ ନାମ, କିଛି ସାଧାରଣ ପଦାର୍ଥ, କେତେକ କାମ ଏବଂ ସ୍ଥାନକୁ ସୂଚୀତ କରୁଥିବା ସଂକେତଗୁଡ଼ିକୁ ସେ ବ୍ୟବହାର କରିପାରୁଥିଲା ଏବଂ 'ହଁ' ଓ 'ନାହିଁ' ଶବ୍ଦ ଦୁଇଟିକୁ କହି ପାରୁଥିଲା। ଏପରିକି ସେ କି'ବୋର୍ଡ ବ୍ୟବହାର କରି କିଛି ଜିନିଷ ମାଗି ପାରୁଥିଲା କିମ୍ବା କୌଣସି ଅନୁରୋଧ କରି ପାରୁଥିଲା। ମାଇକେଲଙ୍କ ମତରେ ନିର୍ଦ୍ଦିଷ୍ଟଭାବେ ଅର୍ଥ ନ ବୁଝିଲେ ବି ତା'ର ତଦନୁଯାୟୀ କାମ କରିବା ଶକ୍ତ ଥିଲା।

ଅନେକ ଗୃହପାଳିତ ପଶୁ ଆମ ଭାଷା ସଂକେତ ଅନୁସାରେ କାମ କରନ୍ତି। ସେମାନଙ୍କ ମଧ୍ୟରେ କୁକୁର ଅଗ୍ରଗଣ୍ୟ। ଏ ଜୀବଟି ମଣିଷ ସହିତ ପ୍ରାୟ ୧୪୦୦୦ ବର୍ଷ ହେଲା ରହି ଆସୁଛି ଏବଂ ଏହାର ଏକ ବିଶେଷ ଧରଣର ଶକ୍ତି ରହିଛି ନିଜ ମାଲିକକୁ ବୁଝି ତଦନୁଯାୟୀ କାର୍ଯ୍ୟ କରିବାର। ସୁଦୀର୍ଘ ସଂପର୍କ ହେତୁ ମଣିଷ ଭାବ ବିନିମୟ ଲାଗି ବ୍ୟବହାର କରୁଥିବା ନିର୍ଦ୍ଦିଷ୍ଟ ଧ୍ୱନି ଏବଂ ସ୍ୱରଗୁଡ଼ିକ ସହିତ କୁକୁର ଅତିମାତ୍ରାରେ ପରିଚିତ ହୋଇପାରିଥିଲା। ପ୍ରକୃତରେ ବୟସ ପ୍ରାୟ ୮ ମାସ ହେଲା ପରଠାରୁ କୁକୁର ପ୍ରଭୁର ସ୍ୱର ଓ ଅଙ୍ଗଭଙ୍ଗୀ ପ୍ରତି ସ୍ପୃହା ପ୍ରଦର୍ଶନ କରିଆସୁଛି। ସ୍ନାୟୁ ବିଜ୍ଞାନ ଗବେଷଣାରୁ ଜଣାପଡିଛି ଯେ ଏ ଜୀବର ନିଜର ପ୍ରତ୍ୟେକ ଶବ୍ଦ ପାଇଁ ସ୍ୱତନ୍ତ୍ର ପ୍ରତିନିଧିତ୍ୱ କରିବାର ବ୍ୟବସ୍ଥା ରହିଛି। କେତେକଙ୍କର ୧୦୦୦ଟି ପର୍ଯ୍ୟନ୍ତ ଶବ୍ଦ ବାରିବାର କ୍ଷମତା ଥିବାର ଦେଖାଯାଇଛି।

ସାନ୍‌ଡିଏଗୋସ୍ଥିତ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ବୋଧଶକ୍ତି ବିଜ୍ଞାନ (ସ୍ନାୟୁ ବିଜ୍ଞାନ) ବିଭାଗର ଅଧ୍ୟାପକ ଫେଡେରିକୋ ରୋସାନୋ ପୋଷାକୁକୁରମାନଙ୍କ ଭାଷାଗତ ସାମର୍ଥକ ଅଧ୍ୟୟନ ଲାଗି ପରୀକ୍ଷାଟିଏ ଆରମ୍ଭ କରିଥିଲେ। ସେଥିରେ ସେ ବ୍ୟବହାର କରୁଥିଲେ ବୋତାମ୍ ଥିବା କିଛି ବୋର୍ଡ, ଯାହାକୁ ଟିପିଲେ ବାହାରୁଥିଲା ରେକର୍ଡ ହୋଇଥିବା ଗୋଟିଏ ଗୋଟିଏ ଅଲଗା ଶବ୍ଦ। ୨୦୨୪ ମସିହାରେ ପ୍ରାପ୍ତ ସୂଚନା ଅନୁଯାୟୀ କୁକୁର ପ୍ରତିଟି ଶବ୍ଦର ଉଚ୍ଚାରଣ ସୃଷ୍ଟି କରୁଥିବା ଧ୍ୱନି ପ୍ରତି ଭିନ୍ନଭିନ୍ନ ପ୍ରତିକ୍ରିୟା ପ୍ରକଟ କରେ। ଉଦାହରଣ ସ୍ୱରୂପ, ତା ପ୍ରଭୁ ବାହାରକୁ ଯିବା ପାଇଁ ସଙ୍କେତ ଦେଲେ ସେ ତାକୁ ଜୋତା ଆଣି ଦେଇଥାଏ। ତେବେ ମଣିଷ ଭଳି ଭାଷାର ଆକ୍ଷରିକ ଅର୍ଥ ବୁଝିବା ଏଥିରୁ ପ୍ରମାଣିତ ହୋଇପାରରେ ନାହିଁ। କିନ୍ତୁ ରୋସାନୋଙ୍କ ମତରେ ଏ ଗବେଷଣା କୁକୁରମାନେ ମଣିଷ କହୁଥିବା କଥାକୁ ବୁଝିପାରନ୍ତି ବୋଲି ପ୍ରମାଣିତ କରିଛି। ଅନ୍ୟ ପରୀକ୍ଷାରୁ ଜଣାପଡ଼ିଛି ଯେ ଏବର ଜୀବମାନେ ଏକାଭଳି ଉଚ୍ଚାରଣ ମଧ୍ୟରେ ଥିବା ପ୍ରଭେଦକୁ ସଂପୂର୍ଣ୍ଣ ରୂପେ ନ ହେଲେ ବି କିଛିମାତ୍ରାରେ ବୁଝି ପାରନ୍ତି। ଏସବୁ ସତ୍ତ୍ୱେ ବି ପଶୁଙ୍କ ଭାଷାବୁଝିବା ସାମର୍ଥ୍ୟ ଉପରେ ବିଭିନ୍ନ ସ୍ଥାନରେ ଗବେଷଣା ଜାରି ରହିଛି।

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

## ମଧୁମେହ ଚିକିତ୍ସାର ମନ୍ଦିର: କରୁମ୍ବେଶ୍ୱର

ଓଜସ୍ୱିନୀ

'ମୂକଂ କରୋତି ବାଚାଳମ୍, ପଙ୍ଗୁଂ ଲଙ୍ଘୟତେ ଗିରିମ୍, ଯତ୍‌କୃପା ତମହଂ ବନ୍ଦେ ପରମାନନ୍ଦ ମାଧବମ୍' - ଈଶ୍ୱରୀୟ ସତ୍ତା ଓ ଈଶ୍ୱରୀୟ ବିଶ୍ୱାସର ମହନୀୟତାକୁ ଦର୍ଶାଇଥାଏ ଈଶ୍ୱର ବିଶ୍ୱାସୀ ମନୁଷ୍ୟ ଜୀବନରେ ଘଟୁଥିବା ଅନେକ ଅଲୌକିକ ଘଟଣା ଓ ଚମତ୍କାର। ଏହି ପ୍ରଗାଢ଼ ବିଶ୍ୱାସ ମନୁଷ୍ୟ ଜୀବନରେ ଭଗବତ୍ କୃପା ରୂପରେ ଆର୍ବିଭାବ ହୋଇଥାଏ। ବିଭୁ କୃପା ନିର୍ବାକ୍ କୁ ବାଗ୍ମୀ କରିଦିଏ ତ ଆଉ କେତେବେଳେ ପଙ୍ଗୁ ଟିଏ ମଧ୍ୟ ଗିରିଶୃଙ୍ଗ ଅତିକ୍ରମ କରିପାରେ। ପୁଣି ଯେଉଁଠି ଅତ୍ୟାଧୁନିକ ଚିକିତ୍ସା ବିଜ୍ଞାନ ହାର ମାନେ ସେଠାରେ ଭଗବତ୍ ବିଶ୍ୱାସ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତ କରେ ଏବଂ ମରଣମୁହଁରୁ ଫେରାଇ ଆଣିଥାଏ। ଏଭଳି ଭକ୍ତି ଓ ବିଶ୍ୱାସର ଅନେକ ମନ୍ଦିର ଭାରତରେ ଅଛି, ଯେଉଁଠି ଦୁରାରୋଗ୍ୟ ବ୍ୟାଧିରୁ ଭକ୍ତମାନେ ଆରୋଗ୍ୟ ଲାଭ କରୁଥିବାର ଦେଖାଯାଇଛି। ଏହି ସ୍ତମ୍ଭରେ ସେଭଳି କିଛି ବିଶ୍ୱାସର ବିଜୟଧ୍ୱଜା ବହନ କରିଥିବା ମନ୍ଦିର ବିଷୟରେ ଆଲୋଚନା କରିବା। ଏଥର କରୁମ୍ବେଶ୍ୱର ମନ୍ଦିର ବିଷୟରେ ଆସନ୍ତୁ ଜାଣିବା।

କେରଳର ତିରୁବରୁର୍ ଜିଲ୍ଲାର କୋଏଲ୍‌ଭେନ୍ନି ସହରରେ ଥିବା ଏହି ମନ୍ଦିର ଦେବଦେବ ମହାଦେବଙ୍କୁ ସମର୍ପିତ। ଏହି ସ୍ଥାନ ଐତିହାସିକ ମାନ୍ୟତା ଅନୁସାରେ ତିରୁଭେନ୍ନି ନାମରେ ବିଦିତ ଥିବାରୁ କରୁମ୍ବେଶ୍ୱର ମହାଦେବ ଏଠାରେ ଭେନ୍ନି କରୁମ୍ବେଶ୍ୱର ଭାବେ ପୂଜିତ। ମାଲାୟାଲାମ୍‌ରେ କରୁମ୍ବ ଶବ୍ଦର ଅର୍ଥ ଆଖୁ। ଏଠାରେ ପୂଜିତ ଶିବଲିଙ୍ଗ ଅନେକଗୁଡ଼ିଏ ଆଖୁଗଛକୁ ବନ୍ଧା ହୋଇଥିବା (ସମଷ୍ଟି) ଭଳି ଦୃଶ୍ୟମାନ ହୋଇଥିବାରୁ କରୁମ୍ବେଶ୍ୱର ନାମରେ ନାମିତ ହୋଇଥିବା କିମ୍ବଦନ୍ତୀ କହେ। ଭକ୍ତମାନେ କରୁମ୍ବେଶ୍ୱରଙ୍କୁ ରସପୁରୀଶ୍ୱର, ଭେନ୍ନିନାଥର୍ ଓ ତ୍ରୟମ୍ବକନାଥର୍ ଭାବେ ମଧ୍ୟ ପୂଜା କରିଥା'ନ୍ତି। ଅତି ସୁନ୍ଦର ଓ ବାତ୍ସଲ୍ୟ ମୁଦ୍ରାରେ ଉପବିଷ୍ଟା ମାତା ପାର୍ବତୀ ଏହି ମନ୍ଦିରରେ ଅରୁଲ୍‌ମିଗୁ ସୌନ୍ଦର୍ଯ୍ୟନୟାଗି ନାମରେ ପୂଜିତା। ସୌନ୍ଦର୍ଯ୍ୟନୟାଗିର ଅର୍ଥ ହେଉଛି ଅତୀବ ସୁନ୍ଦର ଓ କମନୀୟ।

**ବିଶ୍ୱାସ ଓ ବିଜ୍ଞାନ**

ଏହି ମନ୍ଦିରର ବୈଶିଷ୍ଟ୍ୟ ହେଉଛି ଏଠାରେ ଭକ୍ତି, ବିଶ୍ୱାସ ଓ ପୂଜାର୍ଚ୍ଚନା ଦ୍ୱାରା ଦୁରାରୋଗ୍ୟ ମହୁମେହ ରୋଗରୁ ଆରୋଗ୍ୟ ମିଳିଥାଏ ବୋଲି ବହୁପରୀକ୍ଷିତ ଆଧାରିତ ଦୃଢ଼ ବିଶ୍ୱାସ ରହିଛି। ଭକ୍ତମାନେ କରୁମ୍ବେଶ୍ୱରଙ୍କୁ ଦର୍ଶନ କରିବା ସହିତ ମନ୍ଦିର ଭିତର ବେଢ଼ାରେ ଚିନି ପକାଇବାର ବିଧି ରହିଛି। ଭଗବାନ ଶିବଙ୍କ ମାହାତ୍ମ୍ୟ ଯୋଗୁଁ ପିମ୍ପୁଡ଼ିମାନେ ଚିନି ଖାଇଦେବା ଦ୍ୱାରା ମଧୁମେହ ରୋଗ ଭଲ ହୋଇଯାଉଥିବା ଭକ୍ତମାନଙ୍କର ବିଶ୍ୱାସ ରହିଛି। କରୁମ୍ବେଶ୍ୱରଙ୍କୁ ଭକ୍ତି ନିବେଦନ ପରେ ରକ୍ତସର୍କରା ନିୟନ୍ତ୍ରଣ ହୋଇଯାଇଥିବା ଅନେକ ଭକ୍ତ କହୁଥିବାବେଳେ ଆଉ କେତେଜଣ ଭକ୍ତଙ୍କର ମଧୁମେହ ସମ୍ପୂର୍ଣ୍ଣ ଭଲ ହୋଇଯାଇଥିବା ମଧ୍ୟ ଶୁଣିବାକୁ ମିଳେ। ଆରୋଗ୍ୟ ଲାଭ କରିବା ପରେ ଭକ୍ତମାନେ ମନ୍ଦିରକୁ ଆସି କରୁମେଶ୍ୱରଙ୍କୁ ଘିଅରେ ଅଭିଷେକ କରାଇବାର ବିଧି ରହିଛି। ମନ୍ଦିର ଭିତରେ ଥିବା ପିମ୍ପୁଡ଼ିମାନେ ଅଲୌକିକ ଶକ୍ତିର ଅଧିକାରୀ ବୋଲି ଭକ୍ତମାନେ ବିଶ୍ୱାସ କରିଥାନ୍ତି। ମନ୍ଦିର ଉପରେ ମୋଗଲ ଆକ୍ରମଣ ସମୟରେ ପିମ୍ପୁଡ଼ିମାନେ ମନ୍ଦିରକୁ ସୁରକ୍ଷା ପ୍ରଦାନ କରିଥିବା ମଧ୍ୟ କିମ୍ବଦନ୍ତୀ କହେ।

କରୁମ୍ବେଶ୍ୱରଙ୍କ ସ୍ୱରୂପ ଆଖୁଗଛର ସମଷ୍ଟି ଭଳି କାହିଁକି ହେଲା, ସେ ସମ୍ପର୍କରେ ଏକ ପୌରାଣିକ କଥା ମଧ୍ୟ ଅଛି। ପୂର୍ବରୁ ଘଞ୍ଚ ଆଖୁବୃକ୍ଷରେ ପରିବେଷ୍ଟିତ ଏହି ସ୍ଥାନରେ ଅସଂଖ୍ୟ ଧଳା ଫୁଲରେ ମଣ୍ଡିତ ଏକ ବିରାଟ ବୃକ୍ଷ ଥିଲା, ଯାହାର ନାମ ହେଉଛି ନନ୍ଦିବର୍ଦ୍ଧନମ୍ ବା ଭେନ୍ନି। ଏହି ଫୁଲ ଶିବଙ୍କର ଅତି ପ୍ରିୟ ଥିଲା। ସେହି ସମୟରେ ରାଜା ମୁସୁକୁନ୍ଦା ନାମରେ ଚୋଳ ବଂଶର ଶାସକ ତିରୁବରୁର୍‌ର କିଛିଅଂଶରେ ରାଜୁତି କରୁଥିଲେ। ସେଥିଲେ ଭଗବାନ ଶିବଙ୍କର ଜଣେ ବଡ଼ ଭକ୍ତ। ଏକଦା ସେ ନିଜ ସୈନ୍ୟମାନଙ୍କ ସହିତ ଭେନ୍ନିୟୁର୍ ରାସ୍ତାରେ ଯାଉଥିବା ବେଳେ ଦୁଇଜଣ ଋଷିଙ୍କୁ କୌଣସି କଥାକୁ ନେଇ ବିବାଦ କରୁଥିବାର ଦେଖିଲେ। ଜଣେ ଋଷି କହୁଥିଲେ ଏଠାରେ ଆଖୁବଣ ଥିଲା ଏବଂ ଅନ୍ୟ ଜଣେ କହୁଥିଲେ ଏଠାରେ ସ୍ଥଳବୃକ୍ଷ ବା ଭେନ୍ନି ଥିଲା। ଏହା ଶୁଣି ରାଜା କହିଲେ ବର୍ତ୍ତମାନ ଏଠାରେ ନା କୌଣସି ବୃକ୍ଷ ଅଛି, ନା କୌଣସି ମନ୍ଦିର ଅଛି ନା କୌଣସି ବିଗ୍ରହ ଅଛନ୍ତି। ଏହାପରେ ଏକ ଆକାଶବାଣୀ ଶୁଣାଗଲା ଏବଂ ସ୍ୱୟଂ ଭଗବାନ ଶିବ ଆଦେଶ ଦେଇ କହିଲେ ଯେ, 'ଏଠାରେ ମୁଁ ଭୂଗର୍ଭରେ ଚାରିଯୁଗ ଧରି ସ୍ୱୟମ୍ଭୂ ଶିବଲିଙ୍ଗ ଭାବେ ଅଛନ୍ତି, ଯାହାଙ୍କର ନାମ କରୁମ୍ବ ଭାବେ ଏବଂ ଏଠାରେ ଥିବା ବୃକ୍ଷ ଭେନ୍ନି ନାମରେ ନାମିତ ହେବ। ରାଜା ଶିବଲିଙ୍ଗଙ୍କୁ ଉଦ୍ଧାର କରି ମନ୍ଦିର ନିର୍ମାଣ କରି କୁମ୍ଭାଭିଷେକ କରିବା ଦ୍ୱାରା ଭକ୍ତମାନଙ୍କ ଅଶେଷ ମଙ୍ଗଳ ସାଧନ ହେବ।' ଏହି ଆକାଶବାଣୀ ଶୁଣିବା ପରେ ରାଜା ସୈନ୍ୟମାନଙ୍କୁ ପ୍ରେରଣ କରି ଉକ୍ତ ସ୍ଥାନର ଖନନ କାର୍ଯ୍ୟ ଆରମ୍ଭ କରାଇଲେ। କିନ୍ତୁ ସେମାନେ ଯେତିକି ଖୋଳୁଥିଲେ ଶିବଲିଙ୍ଗ ଆହୁରି ଗଭୀରକୁ ଚାଲି ଯାଉଥିଲା। ପୁନର୍ବାର ଭଗବାନ ଶିବଙ୍କ ଆକାଶବାଣୀ ଶୁଣାଗଲା - ଶିବଲିଙ୍ଗକୁ ଅନେକଗୁଡ଼ିଏ ଆଖୁଗଛର ମୂଳରେ ବାନ୍ଧି ମାଟି ଉପରକୁ ଆଣିବାକୁ ହେବ। ଏହି ଉପାୟରେ ଶିବଲିଙ୍ଗ ମାଟି ଉପରକୁ ଆସି ପୂଜିତ ହେଲେ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆୟୁଷ୍ମାନ କାର୍ଡରେ ମିଳୁନି ମାଗଣା ସ୍ୱାସ୍ଥ୍ୟସେବା

# ଟାଟା ମେମୋରିଆଲରେ ଛଟପଟ ବସୁମତି



ବାଲେଶ୍ୱର(ଉତ୍ତର),୨୯।୫(ସମିସ): "ଆଗରୁ ବିଜୁକାର୍ଡ ଥିଲା କିଛି ଅସୁବିଧା ହେଉ ନଥିଲା। ଘରୁ କେବଳ ଖାଇବା ପାଇଁ କିଛି ଟଙ୍କା ପଇସା ନେଇଗଲେ, ହସ୍ପିଟାଲରେ ସମସ୍ତ ଡାକ୍ତରୀ ପରୀକ୍ଷା ସହିତ କେମୋ, ଔଷଧ ସବୁ କିଛି ମାଗଣାରେ ମିଳୁଥିଲା। ମାତ୍ର ନୂଆ ସରକାର ତାକୁ ବନ୍ଦ କରି ଆୟୁଷ୍ମାନ କାର୍ଡ ଦେଲେ। ଆମକୁ ଜଣା ନଥିଲା। ବମ୍ବେସ୍ଥିତ ଟାଟା ମେମୋରିଆଲ କ୍ୟାନସର ହସ୍ପିଟାଲରେ ପହଞ୍ଚିବା ପରେ ସେଠାରେ ରୋଗୀ ଭର୍ତ୍ତି କଲା ବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ବିଜୁ ସ୍ୱାସ୍ଥ୍ୟକାର୍ଡ ବନ୍ଦ ହୋଇଛି ବୋଲି କହିଲେ। ଆୟୁଷ୍ମାନ କାର୍ଡରେ କେବଳ କେମୋ ଏବଂ ଅସ୍ତ୍ରୋପଚାର ମାଗଣାରେ ହୋଇପାରିବ, ବାକି ଯେତିକି ପରୀକ୍ଷା କିମ୍ବା ଔଷଧ ପାଇଁ ଟଙ୍କା ଲାଗିବ ବୋଲି କହିଲେ। ଆମେ ଘରୁ ଏତେ ଟଙ୍କା ନେଇ ନଥିଲୁ ତେଣୁ ଅସୁବିଧାରେ ପଡ଼ିଲୁ।" କ୍ୟାନସର୍‌ରେ ପୀଡ଼ିତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ପଥରେଶ୍ୱର ଗାଁର ମହିଳା ବସୁମତି ମାତାଳ ଏହି ଦୁଃଖ ବଖାଣିବା ବେଳେ ତାଙ୍କ ଆଖିରେ ଲୁହ ଜକେଇ ଆସିଥିଲା।

ବସୁମତି ବେଶ୍ କିଛି ବର୍ଷ ହେଲା ବିଜୁ ସ୍ୱାସ୍ଥ୍ୟକାର୍ଡ ଜରିଆରେ ମୁମ୍ବଇର ଟାଟା ମେମୋରିଆଲ ହସପିଟାଲରେ ଚିକିତ୍ସିତ ହେଉଥିଲେ। କେମୋ, ସର୍ଜରୀଠୁ ଆରମ୍ଭ କରି ତାଙ୍କର ସବୁପ୍ରକାର ପରୀକ୍ଷା ଏହି କାର୍ଡ ବଳରେ ମାଗଣାରେ ହେଉଥିଲା। ମାତ୍ର ନିକଟରେ ଡବଲ ଇଞ୍ଜିନ ନୂଆ ସରକାର ବିଜୁ ସ୍ୱାସ୍ଥ୍ୟ କାର୍ଡ ବଦଳାଇ ଆୟୁଷ୍ମାନ କାର୍ଡ ଆଣିବା ପରେ ତାଙ୍କ ପୁଅ ଭଗୀରଥ ଆୟୁଷ୍ମାନକାର୍ଡ ସହ ମା'ଙ୍କୁ ନେଇ ଟାଟା ମେମୋରିଆଲ ହସପିଟାଲ ଯାଇଥିଲେ। ହସ୍ପିଟାଲ କିନ୍ତୁ ଆୟୁଷ୍ମାନ କାର୍ଡରେ ତାଙ୍କର ସବୁ ଚିକିତ୍ସା ମାଗଣାରେ ହୋଇପାରିବ ନାହିଁ ବୋଲି କହି ଫେରାଇ ଦେଇଥିଲା। ପରେ ପୁଣି ଘରୁ ଗହଣାପତ୍ର ବନ୍ଧା ପକାଇ ଧାର କରଜ କରି ଟଙ୍କା ପଠାଇବା ପରେ ଏବେ ସେଠାରେ ସେ ଚିକିତ୍ସିତ ହେଉଛନ୍ତି। କେବଳ ସେ ନୁହଁନ୍ତି, ଏମିତି ଆୟୁଷ୍ମାନ କାର୍ଡ ନେଇ ଓଡ଼ିଶାରୁ ମୁମ୍ବଇ ଯାଇଥିବା ଶହଶହ କ୍ୟାନସର ରୋଗୀ ଏବେ ସେଠାରେ ମାଗଣା ଚିକିତ୍ସା ନପାଇ ହଇରାଣ ହେଉଛନ୍ତି। ଓଡ଼ିଆ ଅସ୍ମିତାର କଥା କହୁଥିବା ଓଡ଼ିଶା ସରକାର ସବୁ ଜାଣି ନିରବ ଅଛନ୍ତି।

ଗରିବ ଲୋକେ ବର୍ତ୍ତମାନ ଘରୋଇ ହସ୍ପିଟାଲରେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସେବା ପାଇବା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। କର୍କଟ ପୀଡ଼ିତା ବସୁମତି ଗତ ୨୦୨୨ ମସିହାରୁ ଟାଟା ମେମୋରିଆଲ କ୍ୟାନସର ହସ୍ପିଟାଲରେ ଚିକିତ୍ସିତ ହେଉଥିଲା ବେଳେ ବିଜୁ ସ୍ୱାସ୍ଥ୍ୟ କାର୍ଡ ତାଙ୍କ ପାଇଁ ସଂଜୀବନୀ ପାଲଟିଥିଲା। ସ୍ୱାମୀ ଭଗୀରଥ ମାତାଳ ଜଣେ ଦିନ ମଜୁରିଆ ହୋଇଥିଲା ବେଳେ ପତ୍ନୀକୁ କ୍ୟାନସର ଭଳି ଖର୍ଚ୍ଚ ବହୁଳ ଚିକିତ୍ସା କରାଇବାକୁ ସମ୍ପୂର୍ଣ୍ଣ ଅକ୍ଷମ ତେଣୁ ଏଭଳି ସ୍ଥିତିରେ ପୁଅ ଜ୍ୟୋତି ପ୍ରକାଶ ଭୋଗରାଇ ବିଧାୟକଙ୍କୁ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ଏହସହ ସହୃଦୟ ବ୍ୟକ୍ତିବିଶେଷ, ସାମାଜିକ, ଦାତବ୍ୟ ଅନୁଷ୍ଠାନମାନଙ୍କୁ ସହାୟତା ପାଇଁ ନିବେଦନ କରିଛନ୍ତି। ଯେଉଁମାନେ ଆର୍ଥିକ ସହାୟତା ଦେବେ, ତାଙ୍କ ଫୋନ୍ ପେ ନଂ ୯୫୯୪୨୧୯୯୧୪କୁ ପଠାଇବାକୁ ଅନୁରୋଧ କରିଛନ୍ତି।

## ଜୟହିନ୍ଦ୍ ସଭାରେ ବର୍ଷିଲେ ଦୀପେନ୍ଦର୍ ହୁଡ୍ଡା

# ସେନାକୁ ନେଇ ରାଜନୀତି କରୁଛି ବିଜେପି

ଭୁବନେଶ୍ୱର, ୨୯।୫ (ସମିସ): ଦେଶର ସୈନ୍ୟବାହୀଙ୍କ ତ୍ୟାଗ ଓ ବଳିଦାନକୁ ଏ ଦେଶ କେବେ ହେଲେ ବ୍ୟର୍ଥ ହେବାକୁ ଦେବ ନାହିଁ। ଦେଶର ସୈନ୍ୟବାହିନୀଙ୍କର ସୌର୍ଯ୍ୟ, ପରାକ୍ରମ ଓ ବଳିଦାନକୁ ନେଇ ବିଜେପି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜନୀତି କରୁଛନ୍ତି। ସୈନ୍ୟବାହିନୀରେ କାର୍ଯ୍ୟରତ ସେନାଧିକାରୀକୁ ସମ୍ମାନ ଜଣାଇବା ପରିବର୍ତ୍ତେ ତାଙ୍କର ଧର୍ମକୁ ନେଇ ତାଙ୍କୁ ସାରା ଦେଶରେ ନିନ୍ଦିତ କରାଯାଉଛି ବୋଲି କଂଗ୍ରେସ ସାଂସଦ ଦୀପେନ୍ଦର ସିଂ ହୁଡ୍ଡା କହିଛନ୍ତି।

ଦେଶର ସୈନ୍ୟବାହିନୀଙ୍କର ସୌର୍ଯ୍ୟ, ବିର୍ଯ୍ୟ ଓ ପରାକ୍ରମର ସମ୍ମାନରେ ଭୁବନେଶ୍ୱରଠାରେ ରାଜ୍ୟ କଂଗ୍ରେସ ପକ୍ଷରୁ ଆୟୋଜିତ ଜୟ ହିନ୍ଦ୍ ସଭାରେ ଯୋଗଦେଇ ଶ୍ରୀ ହୁଡ୍ଡା ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଦେଶର ସୈନ୍ୟବାହୀନିରେ କାର୍ଯ୍ୟରତ ମହିଳାଙ୍କୁ ଆତଙ୍କବାଦୀଙ୍କର ଭଉଣୀ ବୋଲି ଆଖ୍ୟା ଦିଆଯାଉଛି। ଭାରତବର୍ଷକୁ ଆଜି ଧର୍ମ ନାମରେ ଭାଗ କରୁଥିବା ବିଜେପି ପହଲଗାମରେ ମୃତ୍ୟୁବରଣ କରିଥିବା ଯାତ୍ରୀମାନଙ୍କୁ ଓ ତାଙ୍କର ପରିବାରକୁ ସମ୍ମାନ ଜଣାଇବା ପରିବର୍ତ୍ତେ ଏଥିରୁ ରାଜନୈତିକ ଫାଇଦା ହାସଲ କରିବାରେ ଲାଗିଛି। ଆମ ଦେଶର ସେନାବାହିନୀର ଅଧିକାରୀ ଓ ଯବାନମାନଙ୍କୁ ସମ୍ମାନ ଜଣାଇବା ପରିବର୍ତ୍ତେ ଖୋଦ୍ ପ୍ରଧାନମନ୍ତ୍ରୀ ନିଜର ଆତ୍ମପ୍ରଚାରରେ ଲାଗିଛନ୍ତି। ବିଜେପି ସାଂସଦ ଖୁଲମଖୋଲା ଦେଶର ସୈନ୍ୟବାହିନୀ ପ୍ରଧାନମନ୍ତ୍ରୀଙ୍କ ପାଦ ତଳେ ବୋଲି କହୁଛନ୍ତି। କଂଗ୍ରେସ ଦଳ ଏହାକୁ କେବେହେଲେ ସହ୍ୟ କରିବ ନାହିଁ। ଭାରତ ବର୍ଷର ବୈଦେଶିକ ମନ୍ତ୍ରୀ ସୀମା ଆରପଟେ ଥିବା ଆତଙ୍କବାଦୀଙ୍କ ଆଡ଼ାସ୍ଥଳୀ ଉପରେ ସେନାବାହିନୀ ଆକ୍ରମଣ କରିବାର ବହୁ ପୂର୍ବରୁ ପାକିସ୍ଥାନକୁ ସୂଚନା ଦେଉଛନ୍ତି। ଆମର ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ବିନା କାରଣରେ ମାରୁଛନ୍ତି କିନ୍ତୁ ଆମେ ଆତଙ୍କବାଦୀମାନଙ୍କ ଆଡ଼ାସ୍ଥଳୀ ଉପରେ ଆକ୍ରମଣ ନେଇ ପୂର୍ବରୁ ସୂଚନା ଦେଉଛୁ। ତେଣୁ ଆମ ଦେଶର କେଉଁଭଳି ବୈଦେଶିକ ନୀତି ଚାଲିଛି, ତାହା ଏଥିରୁ ସ୍ପଷ୍ଟ ବୋଲି ଶ୍ରୀ ହୁଡ୍ଡା ପ୍ରଶ୍ନ କରିଛନ୍ତି।

ସେହିପରି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଭାରତୀୟ ସୈନ୍ୟବାହିନୀର ପରାକ୍ରମ ଓ ବଳିଦାନର ଭୂୟସୀ ପ୍ରଶଂସା କରିବା ସହ ୧୯୭୧ ମସିହାରେ ଆମ ସେନାବାହିନୀ ୯୧ ହଜାରରୁ ଅଧିକ ପାକିସ୍ତାନୀ ସୈନ୍ୟଙ୍କୁ ଗୃହବନ୍ଦୀ କରି ରଖିଥିବା କଥା କହିଥିଲେ। କିନ୍ତୁ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ପ୍ରଚାରଜୀବୀ ଓ ନିଜ ପଦ ମର୍ଯ୍ୟାଦାକୁ ସମ୍ମାନ ନଜଣାଇ ସୈନ୍ୟବାହିନୀର ସଫଳତା ଓ ପରାକ୍ରମକୁ ନିଜର ପରାକ୍ରମ କହି ପ୍ରଚାର କରି ବୁଲୁଛନ୍ତି ବୋଲି ଭକ୍ତ କହିଛନ୍ତି। ପ୍ରଭାରୀ ଅଜୟ କୁମାର ଲଲ୍ଲୁ ତାଙ୍କ ବକ୍ତବ୍ୟରେ ଭାରତବର୍ଷର ସୈନ୍ୟବାହିନୀର ସଫଳତାକୁ ଆଜି ବିଜେପି ନିଜର ସଫଳତା ବୋଲି କହୁଥିବାରୁ ଏହାକୁ ସମାଲୋଚନା କରିଥିଲେ। ଏହାସହ କାହିଁକି ଓ କେଉଁ ପରିସ୍ଥିତିରେ ଆମେରିକାର ରାଷ୍ଟ୍ରପତି ପ୍ରଥମେ ଯୁଦ୍ଧ ବିରତିର ଘୋଷଣା କଲେ, ତାକୁ ନେଇ ମଧ୍ୟ କଂଗ୍ରେସ ଦଳ ଏଠାରେ ପ୍ରଶ୍ନ ଉଠାଇଛି। ପ୍ରଧାନମନ୍ତ୍ରୀ ବୁଲିବୁଲି ଭାଷଣ ଦେଉଥିଲା ବେଳେ ରାହୁଲ ଗାନ୍ଧୀ ବିଭିନ୍ନ ରାଜ୍ୟକୁ ମୃତକଙ୍କୁ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ତେଣୁ ବିଜେପିର ନୀତି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଛୁଇଁଦେଇ ବ୍ରେକ୍...

ପଶ୍ଚିମା ଝଡ଼ ମୌସୁମୀକୁ ଆଗରେ ପ୍ରତିବନ୍ଧକ ହେବ ବୋଲି ଜଣାପଡ଼ିଛି। ଯାହାର ଫଳ ସ୍ୱରୂପ ରାଜ୍ୟରେ ଉଭୟ ମୌସୁମୀ ଏବଂ ଲଘୁଚାପ ଥିବା ସତ୍ତ୍ୱେ ଓଡ଼ିଶାରେ ବିଶେଷ ବର୍ଷା ହୋଇନାହିଁ। ପଶ୍ଚିମା ଝଡ଼ ସକ୍ରିୟ ହେଲେ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ଆସିଥାଏ। ଏହାଦ୍ୱାରା ବାୟୁ ମଣ୍ଡଳରେ ଆର୍ଦ୍ରତା କିମିବା ସହ ବର୍ଷା କମିଥାଏ। ପ୍ରାୟ ଦୁଇ ସପ୍ତାହେ ପର୍ଯ୍ୟନ୍ତ ଏଭଳି ସ୍ଥିତି ଯୋଗୁଁ ମୌସୁମୀର ବ୍ରେକ୍ ଲାଗିବ ବୋଲି ଜଣାପଡ଼ିଛି।

ଅନ୍ୟପଟେ ଗୁରୁବାର ରାଜ୍ୟର ଆଉ କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହୋଇଛି। ଉଭୟ ମୌସୁମୀ ଓ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରଭାବ ଜାରି ରହିଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହୋଇଥିବା ବେଳେ ଏହା ରାଜ୍ୟରେ ମୌସୁମୀକୁ ଅଧିକ ସକ୍ରିୟ କରାଉଛି। ଫଳରେ ଗୁରୁବାର ରାଜ୍ୟର ଆଉ କେତେକ ଜିଲ୍ଲାକୁ ମୌସୁମୀ ଅଗ୍ରସର ହୋଇଛି। ଆଜି ମାଲକାନଗିରି, କୋରାପୁଟ,ଗଜପତି ଜିଲ୍ଲାକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିଥିବା ବେଳେ ନବରଙ୍ଗପୁର, ଗଞ୍ଜାମ, ରାୟଗଡ଼ା ଜିଲ୍ଲାର କିଛି ଅଞ୍ଚଳ ଓ କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାକୁ ଆଂଶିକ ଅଗ୍ରସର ହୋଇଛି। ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଏବେ ଏହା ଗଭୀର ଅବପାତ ଅବସ୍ଥାରେ ରହିଛି। ଏହା ସାଗର ଦ୍ୱୀପ ଏବଂ ବାଂଲାଦେଶ ଖେପୁପୁରା ମଧ୍ୟରେ ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହୋଇଥିବା ବେଳେ ଶୁକ୍ରବାର କିଛି କିଛି ସ୍ଥାନରେ ବର୍ଷା ଆଶଙ୍କା ରହିଛି। ତେବେ ବର୍ଷାର ପ୍ରଭାବ ଶୁକ୍ରବାରଠାରୁ ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶୁକ୍ରବାର କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ହାଲୁକାରୁ ମଧ୍ୟମ ବର୍ଷା ଆଶଙ୍କା ରହିଛି।

### ଚୁକ୍ତି ହେଉଛି...

ଥିବାରୁ ଉଦବେଗ ପ୍ରକାଶ କରି ମାର୍ଶଲ ଅମପ୍ରୀତ କହିଲେ ଯେ କେବଳ ଭାରତରେ ଉତ୍ପାଦନ କଲେ ଚଳିବ ନାହିଁ, ଏହାର ଡିଜାଇନ୍‌କୁ ମଧ୍ୟ ଭାରତରେ ବିକଶିତ କରିବାକୁ ପଡ଼ିବ। କେବଳ ଚୁକ୍ତି କରିଦେଲେ ଚଳିବ ନାହିଁ, ଏହାକୁ ହାସଲ କରିବା ଲାଗି ଉଦ୍ୟମ କରିବାକୁ ପଡ଼ିବ। କିନ୍ତୁ ଦେଖାଯାଉଛି ଯେ ଚୁକ୍ତି ସ୍ୱାକ୍ଷରିତ ହେଲାପରେ ପରବର୍ତ୍ତୀ ପ୍ରକ୍ରିୟା ପଥଚ୍ୟୁତ ହୋଇଯାଉଛି। ଏହି ଅବସରରେ ସେ କହିଲେ ଯେ ସେନା ଓ ପ୍ରତିରକ୍ଷା ଶିଳ୍ପ ମଧ୍ୟରେ ଆସ୍ଥା ଓ ଯୋଗାଯୋଗ ବ୍ୟବସ୍ଥା ଦୃଢ଼ ରହିବା ଆବଶ୍ୟକ।

### ଟ୍ରମ୍ପଙ୍କ ହାତ...

ଟ୍ରମ୍ପ ମସ୍କଙ୍କୁ ଡିଓଜିଇ ମୁଖ୍ୟ ଭାବରେ ନିଯୁକ୍ତ କରିଥିଲେ। ମସ୍କ ଏହି ବିଭାଗର ଦାୟିତ୍ୱ ନେବା ପରେ ଅନେକ ବିଭାଗରୁ କର୍ମଚାରୀ ଛଟେଇ କରାଯାଇଥିବାବେଳେ ସରକାରୀ ଖର୍ଚ୍ଚ କାଟ୍ କରାଯାଇଥିଲା। ଏହି ବିଭାଗର କାର୍ଯ୍ୟ ଥିଲା ସରକାରୀ ଖର୍ଚ୍ଚ କମ୍ କରିବା ଏବଂ ଅଯଥା ନିଯୁକ୍ତିକୁ ହ୍ରାସ କରିବା। ତେବେ ଯେତେବେଳେ ମସ୍କ ଇସ୍ତଫା ଦେଇଛନ୍ତି ଏହା ପରେ ପରେ ତାଙ୍କର କାର୍ଯ୍ୟକାଳ ଶେଷ ହେଉଥିଲା। ଅପରପକ୍ଷେ ବିଗତ କିଛି ଦିନ ହେବ ଟ୍ରମ୍ପ ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହା ବେଶ ବିବାଦୀୟ ହେଉଥଇଲା। ଏହି କାରଣରୁ ଉଭୟଙ୍କ ମଧ୍ୟରେ ମତଭେଦରୁ ମସ୍କ ଇସ୍ତଫା ଦେଇଛନ୍ତି ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ ଯେ, କ୍ୟାବିନେଟ ବୈଠକରେ କର୍ମଚାରୀ ହ୍ରାସ ପ୍ରସଙ୍ଗରେ ମସ୍କ ଏବଂ ବୈଦେଶିକ ମନ୍ତ୍ରୀ ମାର୍କ ରୁବିଓଙ୍କ ମଧ୍ୟରେ ବିତର୍କ ହୋଇଥିଲା। ମସ୍କ ବୈଦେଶିକ ମନ୍ତ୍ରୀଙ୍କ ଉପରେ କର୍ମଚାରୀ ସଂଖ୍ୟା ହ୍ରାସ କରିପାରି ନ ଥିବା ଅଭିଯୋଗ କରିଥିଲେ। ରୁବିଓ ଏହାକୁ ଅସ୍ୱୀକାର କରିଥିଲେ। ଯେତେବେଳେ ଉଭୟଙ୍କ ମଧ୍ୟରେ ବିତର୍କ ତୀବ୍ର ହୋଇଥିଲା, ଟ୍ରମ୍ପ ରୁବିଓଙ୍କୁ ସୁରକ୍ଷା ଦେଇ କହିଲେ ଯେ ସେ ବହୁତ ଭଲ କାମ କରୁଛନ୍ତି। ଏହା ପ୍ରଥମ ଥର ଥିଲା ଯେତେବେଳେ ମସ୍କ ଏବଂ ପ୍ରଶାସନର ଜଣେ ବଡ଼ ନେତାଙ୍କ ମଧ୍ୟରେ ବିବାଦ ହୋଇଥିଲା, ଯେଉଁଥିରେ ଟ୍ରମ୍ପ ତାଙ୍କୁ ସମର୍ଥନ କରି ନ ଥିଲେ। ଅପରପକ୍ଷେ ଟ୍ରମ୍ପ ସରକାରରେ ମସ୍କଙ୍କ ହସ୍ତକ୍ଷେପ ବିରୁଦ୍ଧରେ ସାରା ଆମେରିକାରେ ପ୍ରବଳ ପ୍ରତିବାଦ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଏପ୍ରିଲ ୬ ସାରା ଦେଶରେ ୧୪୦୦ରୁ ଅଧିକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା।

ଓପନ୍‌ଏଆଇ ୟୁଏଇରେ ଏକ ବଡ଼ ଏଆଇ ଡାଟା ସେଣ୍ଟର ନିର୍ମାଣ ପାଇଁ ଚୁକ୍ତି ଜିତିଥିଲା। ମସ୍କଙ୍କ କମ୍ପାନୀ ଏକ୍ସ ଏଆଇ ମଧ୍ୟ ଏହି ଚୁକ୍ତିରେ ଯୋଗଦେବାକୁ ଚେଷ୍ଟା କରିଥିଲା, କିନ୍ତୁ ସେମାନେ ବିଫଳ ହୋଇଥିଲେ। ତାଙ୍କ ପ୍ରତିଦ୍ୱନ୍ଦୀ କମ୍ପାନୀ ଚୁକ୍ତି ପାଇବା ପରେ, ମସ୍କ ଟ୍ରମ୍ପଙ୍କ ପରାମର୍ଶଦାତା ଡେଭିଡ୍ ସାକ୍ସ ଏବଂ ଅନ୍ୟ ଅଧିକାରୀଙ୍କ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଥିଲେ। ଦୁହିଁଙ୍କ ମଧ୍ୟରେ ଫାଟ ସମ୍ପର୍କରେ ଅନ୍ୟ ଏକ କଥା ମଧ୍ୟ ଚର୍ଚ୍ଚା ହେଉଛି ତା ହେଲା ମସ୍କ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପଙ୍କ ପାଇଁ ୨୫୦ ନିୟୁତ ଡଲାର ଖର୍ଚ୍ଚ କରିଥିଲେ। ସେ ୨୦୨୬ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କ ଦଳକୁ ୧୦୦ ନିୟୁତ ଡଲାର ଦେବାକୁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ଏ ପର୍ଯ୍ୟନ୍ତ ସେହି ଅର୍ଥ ଦିଆଯାଇନାହିଁ ଯାହା ପାଇଁ ଟ୍ରମ୍ପଙ୍କ ଅନେକ ସହଯୋଗୀ କ୍ଷୁବ୍ଧ ଥିବା କୁହାଯାଉଛି।

### ବିସ୍ଫୋରକ ଉଭାନ୍...

ସୀମାନ୍ତବର୍ତ୍ତୀ ବାଙ୍କୋ ପଥର ଖାଦାନରୁ ୨୭ ତାରିଖ ଦିନ ସ୍ପଷ୍ଟ ଦିବାଲୋକରେ ୨୦୦ ଶହ ପେଟି ବିସ୍ଫୋରକ ସାମଗ୍ରୀକୁ ୩୦ରୁ ୪୦ ଜଣ ସଶସ୍ତ୍ର ମାଓବାଦୀ ବନ୍ଧୁକ ମୁନରେ ଲୁଟି ନେଇଥିଲେ। ପ୍ରତ୍ୟେକ ପେଟିରେ ୨୫ କିଲୋଗ୍ରାମ ଲେଖାଏଁ ଜିଲେଟିନ ପ୍ୟାକିଂ ହୋଇଥିବାରୁ ମୋଟ ୫ ଟନ୍ ବିସ୍ଫୋରକ ସାମଗ୍ରୀ ଲୁଟ୍ ହୋଇଥିଲା। ଲଙ୍ଗଲକଟା ନିକଟବର୍ତ୍ତୀ ବାଙ୍କୋ କ୍ୱାରୀ ନିକଟରେ ୩୦ ରୁ ୪୦ ଜଣ ସଶସ୍ତ୍ର ଅଜ୍ଞାତ ବ୍ୟକ୍ତି ବାରୁଦ ବୋଝେଇ ଟ୍ରକକୁ ଜଙ୍ଗଲ ଭିତରକୁ ନେଇଯାଇଥିଲେ। ସୂଚନା ପାଇ ଗତକାଲି ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ, ଆଇଜି ଅପରେସନ ଡ. ଦୀପକ କୁମାର ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଗୁରୁବାର ସିଆରପିଏଫ୍ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ଡିଆଇଜି ଅସିତ କୁମାର ଚୌଧୁରୀ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କେ. ବଲାଙ୍ଗରେ ପହଞ୍ଚିଥିଲେ। ସେମାନେ ବାଇକରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରକ୍ସି, ଜାମଡିହ, ସ୍ୱୟଂମ୍ବା, ବଡ଼ ପୁରୁଣାପାଣି ହୋଇ ଓଡ଼ିଶା - ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ବାଙ୍କୋ ସ୍ଥିତ ଲୁଟ୍ ହୋଇଥିବା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏତେ ପରିମାଣର ବିସ୍ଫୋରକ ସାମଗ୍ରୀ ଲୁଟ୍ କରିବା ପରେ ମାଓବାଦୀମାନେ କେଉଁଠି ଲୁଚାଇ ରଖିଛନ୍ତି ତାକୁ ନେଇ ଚିନ୍ତାରେ ପୁଲିସ। ଏହି ବିସ୍ଫୋରକ ସାମଗ୍ରୀକୁ ନେଇ ଆଗାମୀ ଦିନରେ ମାଓବାଦୀମାନେ ଭୟଙ୍କର ବିସ୍ଫୋରଣ କରି ଧନଜୀବନ ହାନୀ କରିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରୁନାହିଁ, ଯାହାକୁ ନେଇ ଉଭୟ ଓଡିଶା ଓ ଝାଡ଼ଖଣ୍ଡ ପୁଲିସର ନିଦ ହଜିଯାଇଛି।

ସୂଚନାଯୋଗ୍ୟ ଯେ ମାଓବାଦୀମାନେ ୨୦୦୯ ରେ ମଧ୍ୟ ରାଉରକେଲାର ଚମ୍ପାଝରନରୁ ଏକ ବିସ୍ଫୋରକ ଗାଡ଼ି ଲୁଟିନେଥିଲେ। ତାର ପତ୍ତା ଏପର୍ଯ୍ୟନ୍ତ ମଧ୍ୟ ମିଳିନଥିବା ବେଳେ ସେମାନେ ପୁଣି ବିସ୍ଫୋରକ ଲୁଟିବା ଘଟଣା ସୁରକ୍ଷା ବାହିନୀର ହୋସ୍ ଉଡ଼ାଇଦେଇଛି।

### ୨ ନିଯୁକ୍ତି ଅଶାୟୀ...

ଏହି ପରୀକ୍ଷା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଗୁମ୍ମା ମୁଖ୍ୟ ରାସ୍ତାର ଏକ କିଲୋମିଟର ଗଲା ପରେ ସେଠାରୁ ପୁଣି ଫେରିବାର ଥିଲା। ସକାଳୁ ସକାଳୁ ପାଗ ମଧ୍ୟ ଦୌଡ଼ ପାଇଁ ଅନୁକୂଳ ଥିଲା। ପ୍ରଥମ ପର୍ଯ୍ୟାୟରେ ମହିଳା ଆଶାୟୀ ଦୌଡ଼ିବା ପରେ ପୁରୁଷ ପ୍ରାର୍ଥୀଙ୍କ ପର୍ଯ୍ୟାୟକ୍ରମେ ପ୍ରଥମ ବ୍ୟାଚ୍‌ର ଦୌଡ଼ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାର୍ଥୀ ଦୌଡ଼ି ନିର୍ଦ୍ଧାରିତ ସ୍ଥାନକୁ ଫେରି ଆସିଥିଲେ। ଏଥିରେ ଉଭୟ ସୁଲନ୍ତ ଓ ଦୀପକ ଥିଲେ। ସେମାନେ ନିର୍ଦ୍ଧାରିତ ଦୌଡ଼ ଦୂରତାକୁ ସମାପନ କରି ଆସିବା ପରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସେମାନଙ୍କୁ ଚୟନସ୍ଥଳରେ ଉପସ୍ଥିତ ଥିବା ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ସୁଲନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହି ସମୟରେ ଆଉ ୫ ଜଣ ପରୀକ୍ଷାର୍ଥୀ ମଧ୍ୟ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ମଧ୍ୟ ପରୀକ୍ଷା ସ୍ଥଳରେ ପ୍ରାଥମିକ ଚିକିତ୍ସା କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅସୁସ୍ଥଙ୍କ ମଧ୍ୟରେ ଗୁରାଣ୍ଡି ଗ୍ରାମର ଶିବ ପ୍ରସାଦ ମହାପାତ୍ର (୩୨), ପାରଳାଖେମୁଣ୍ଡିର ଦୀପକ, ଗୁମ୍ମାର ଆସବାନ୍ ପାଣି (୩୨), ଗୋଷାଣି ବ୍ଲକ ଘରୋଣୀର ସଞ୍ଜୟ ଶବର(୨୮) ଥିଲେ। ଅନ୍ୟ ଜଣେ ପ୍ରାର୍ଥୀ ସାମାନ୍ୟ ଅସୁସ୍ଥ ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଘରକୁ ଚାଲିଯାଇଥିଲେ। ଚିକିତ୍ସିତ ହେଉଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଦୀପକଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସଂଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି।

ପାରଳାଖେମୁଣ୍ଡିରେ ଅସୁସ୍ଥ ପ୍ରାର୍ଥୀଙ୍କୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଭେଟି ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିଥିଲେ। ପରେ ମୃତକଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ଏପରି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଥିଲେ।


Email ID: se_nerwkjr@rediffmail.com

O-216

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE: KEONJHAR**
**Identification No. NCB-04 / RWCKJR / 2025-26**
**No. 2377 / Date 27.05.2025**

1. Name of the work :- Repair / Maintenance of the Rural roads Constructed under Pradhan Mantri Gram Sadak Yojana in the District of Keonjhar.
2. Total No. of Packages :- 03 (Three) Nos.
3. Estimated Cost (Approx.) :- From Rs.107.17 lakh to Rs.241.06 lakh (Approximately).
4. Period of completion :- 60 Calendar Months.
5. Other details :-

| Procurement Officer | Bid Identification No. | No. of Work | Availability of tender Online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief Construction Engineer, Rural Works Circle, Keonjhar | NCB-04 / RWCKJR / 2025-26 | 03 Nos. | 03.06.2025 at 11.00 A.M. | 17.06.2025 Upto 5.00 P.M. |

- Further details can be seen from the website: www.pmgsytenders.gov.in

Chief Construction Engineer,
R.W. Circle, Keonjhar

OIPR-25177/11/0075/2526

O-196

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, MALKANGIRI**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 01/RWD-I, MKG/2025-26 dt. 23.05.2025**

01.Name of the work: - Construction of Road, Building & Boxcell works (Detailed in Annexure)02. Total Number of Works: - 7 nos (Seven). 03.Estimated Cost: - Rs. 20.47 lakhs to Rs. 80.86 Lakhs ,04. Class of Contractor: C" & B" Class, 05. Period of Completion: - (As Per Detailed in Annexure), 6. Other Details

| Procurement Officer | Bid Identification No. | No of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender -01/ RWD-I, MKG /2025-26 | Total 7 nos (single cover & Double Cover) | 06.06.2025 from 11.00 AM | 20.06.2025 up to 5.00 PM | 19.06.2025 up to 5.00 P.M. | Tech Bid opening: - (Single Cover & Double Cover Tech. Bid) 21.06.2025 at 11.00 AM |

Further details can be seen from the website www.tendersorissa.gov.in

Sd/- Sujata Dishari
Superintending Engineer
R.W. Division-I, Malkangiri

OIPR-25058/11/0012/2526



**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

By virtue of an affidavit sworn before Executive Magistrate: Papadahandi, on 29-05-2025. I Subarna Majhi, residing at: Chikiliaguda, Po: Majhiguda, Ps: Papadahandi, Dist: Nabarngpur, declare that I have changed my Daughter's name from Jalendri Majhi to Jayanti Majhi. Henceforth she shall be known as Jayanti Majhi for all purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 27/05/2025 I *BALI MALIK* S/o- Samara Malik, Village - Mallikput, Post - Bilaput, PS- Nandapur, Dist.- KORAPUT declare that, I have changed my name from ***GURU SISA** to* **BALI MALIK*** . Henceforth, I shall be known as ***BALI MALIK*** for all purpose.
Sd/- ***BALI MALIK***

**AFFIDAVIT**

I, Kirtan Behari Singh, S/o- Late Kanduri Singh, resident at Melana Padia, Gurujanga, Ps-Khordha, Dist-Khordha, Odisha, Pin-752055 declare by this affidavit No.283 dated-28/05/2025 that now onwards, I shall be known as **KIRTAN BIHARI SINGH** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 27/05/2025 I Sri *Murali BADANAYAK*, S/o- Keshab Badanayak, Village- Debagandhana, Post- Banamaliput, PS- Nandapur, Dist.- KORAPUT declare that, I have changed my Daughters name from ***Kumari Jasmini Badanayak to JASMINI BADANAYAK***. Henceforth,She shall be known as ***JASMINI BADANAYAK*** for all purpose.
Sd/- ***MURALI BADANAYAK***

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 27/05/2025, I *KHAGAPATI PANGI* S/o- Chandra Pangi, Village- Satasemili, Post- Thuba, PS- Nandapur, Dist - KORAPUT declare that, I have changed my name from ***KHOGPATE PANGYE to KHAGAPATI PANGI***. Henceforth, I shall be known as ***KHAGAPATI PANGI*** for all purpose.
Sd/- ***KHAGAPATI PANGI***

**AFFIDAVIT**

By virtue of an affidavit before the Executive Magistrate, Koraput, I, Sri Sami Dalei, S/o- Samara Dalei, resident of Khajuriguda, Po: Kunduli, Ps: Pottangi, District: Koraput do hereby declare that I have changed my minor son's name from Jana Dalei to John Dalei. Henceforth he shall be known as John Dalei for all future purposes.
**Sd/- Sami Dalei**

**AFFIDAVIT**

By virtue of an affidavit CA No. 167/2025, dtd. 03.01.2025 before the Executive Magistrate, Tentulikhunti, Dist.- Nabarangpur, I, Kuni Takri have changed my minor daughter's name and date of birth from Ribika Takri, DOB- 11.04.2014 to Rohini Takri, DOB- 26.07.2012 respectively. Henceforth she will be known as Rohini Takri born on dtd. 26.07.2012 for all purposes.
**Sd/- Kuni Takri**

**AFFIDAVIT**

**I, Sabita Kumari Swain,** W/o.: Nimain Charan Swain, Resident of At: Sumada, PO.: Kanipada, P.S.: Erasama, Dist.: Jagatsinghpur, PIN-754139, Odisha, declare by this affidavit No.: 02,dated-28/05/2025, that now onwards I shall be known as **SABITA SWAIN** for all future purposes

**LOST**

I Daulat Kumar Kampa, S/o- Late Surendra Kampa, resident of Sunalarambha, Po/Tah- Bheden the original sale deed bearing RSD No-72, dtd. 09.07.1999 and RSD No-67, dtd 17.01.1995 which are executed in fevour of Surendra Kampa and Banabasi Kampa have been lost the said original sale deed from my custody when I was traveling on dtd- 26.04.2025 from Sunalarambha to Bheden. I couldn't find out the same with my utmost effort and inquiry.

**AFFIDAVIT**

**By virtue of an affidavit sworn before the Executive Magistrate, Vyasanagar, on dated 28/05/2025, I KANCHAN SAHU, W/o Late Binod Bihari Sahu resident of Village At/Po - Andhari, Ps- Korei, Dist- Jajpur, Odisha declare that I have changed my minor daughter name from PRATIMA SAHOO to LIPSA SAHU. Henceforth, she shall be known as LIPSA SAHU for all future purposes.**
**Sd- KANCHAN SAHU**

**AFFIDAVIT**

By virtue of an affidavit sworn before Executive MAGISTRATE KESINGA dated 17/05/2025. I NEERAJ KASHYAP, W/o- NITESH KUMAR JAIN At/po - Kesinga, Word no-3, Dist .: Kalahandi, Odisha declare that, I have changed my name from Neeraj Kashyap to NIRAJA JAIN. Henceforth, I shall be known as **NIRAJA JAIN** for all purpose.
**Niraja Jain**

**AFFIDAVIT**

SHAIK HASNAIN RAJA, S/o. SHAIK FAIZULLAH, Resident of Ward No.13, At. Muleswar, Po. Soro, Ps. Soro, Dist. Balasore, PIN-756045, Odisha declear by this Affidavit no. 739 dtd. 02/04/2024 that now onwards I shall be known as **SK. HASNAIN RAZA** for all future purposes.

**AFFIDAVIT**

I, Sreyash Gourab, S/o- Sidhanta Gourab Sethy, resident of At -Parbatia, Po- Shankarpur, Dist.: Dhenkanal, Pin–759013, Odisha declare by this affidavit No- 4447, Dtd 29/05/2025 that now onwards I shall be known as **SHREYASH GOURAB** for all future purposes.



# ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/25-26/ E-Tender/21, ତା.26.05.2025ରିଖ

**(1) eTender-CenKUR-75-2025, ତା.19.05.2025ରିଖ**
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.WAY) ତାଳଚେର ଅଧିନସ୍ଥ କୁହାପଙ୍କ ଘାଟରେ କମ୍ପ୍ଲିଟ୍ ଟ୍ରାକ୍ ନବୀକରଣ ସମ୍ପାଦନ (ଦ୍ୱିତୀୟକ)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 49.60 ଲକ୍ଷ, **EMD:** ₹ 99,200/-

**(2) eTender-CenKUR-74-2025, ତା.19.05.2025ରିଖ**
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର କୁହାପଙ୍କ ଠାରୁ ହିନ୍ଦୋଳ ରୋଡ୍ ପର୍ଯ୍ୟନ୍ତ ଲୁପ୍ ଲାଇନରେ ବେଗକୁ 30 କି.ମି. ପ୍ରତି ଘଣ୍ଟାରୁ 50 କି.ମି. ପ୍ରତି ଘଣ୍ଟାକୁ ପ୍ରସ୍ତାବିତ ବୃଦ୍ଧି ନିମନ୍ତେ P.WAY ସମ୍ପର୍କିତ କାର୍ଯ୍ୟ ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 49.95 ଲକ୍ଷ, **EMD:** ₹ 99,900/-

**(3) e-Tender-estatekur-73-25, ତା.20.05.2025ରିଖ**
**ବିବରଣୀ :** ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଠାରେ ରେଳ ସଦନ (କ୍ଷେତ୍ରୀୟ ମୁଖ୍ୟାଳୟ ଭବନ)ର କାର୍ଯ୍ୟାଳୟ, ଶୌଚାଳୟ ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହର ପ୍ରସ୍ତାବିତ ଉନ୍ନୟନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 301.82 ଲକ୍ଷ, **EMD:** ₹ 3,00,900/-

**(4) e-Tender-NORTHKUR-76-2025, ତା.21.05.2025ରିଖ**
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର DATR-ଡମକା ଷ୍ଟେସନ ମଧ୍ୟରେ ରେଳୱେ କି.ମି. 147/44-148/2 ଠାରେ ବର୍ତ୍ତମାନର ପ୍ରହରୀଯୁକ୍ତ ଲେଭେଲ କ୍ରସିଙ୍ଗ ନଂ. JD-01 ପ୍ରତି ବଦଳରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ପ୍ରସ୍ତାବିତ ନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 298.50 ଲକ୍ଷ, **EMD:** ₹ 2,99,300/-

**ଶେଷ ହେବା ଅବଧି :** 06 (ଛଅ) ମାସ (କ୍ରମ ସଂ. 1 ପାଇଁ), 10 (ଦଶ) ମାସ (କ୍ରମ ସଂ. 2 ପାଇଁ), 12 (ବାର) ମାସ (କ୍ରମ ସଂ. 3 ପାଇଁ) ଏବଂ 08 (ଆଠ) ମାସ (କ୍ରମ ସଂ. 4 ପାଇଁ)।

**ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ : 11.06.2025, 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।**

ଏହି ଇ-ଟେଣ୍ଡରଗୁଡ଼ିକ ଖୋଲିବା ... ଫର୍ମ (Firm)ର ... www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ... ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ... ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ... IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-176/Q/25-26



**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 27/05/2025 I RUKA SISA, D/o- Balu Sisa , Village- Kanta, Post- Banamaliput, PS- Nandapur, Dist.- KORAPUT declare that I have changed my name from **Rupa Sisa to RUKA SISA**. Henceforth, I shall be known as **RUKA SISA** for all purpose.
Sd/- **RUKA SISA**

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 27/05/2025 I *GUNAMATI KHILLA* W/o- Gopinath Khilla, Village - Makaput, Post - Kularsing, PS- Padua, Dist - KORAPUT declare that, I have changed my name from ***Gutumati Khila* to *GUNAMATI KHILLA***. Henceforth, I shall be known as ***GUNAMATI KHILLA*** for all purpose.
Sd/- ***GUNAMATI KHILLA***

**AFFIDAVIT**

I Amrut Sahu, S/o Ramchandra Sahu, resident of Bishipali, Ps- Padampur, have purchased Ac1.35dc land through RSD from Jitendra sahu and Makhunu sahu vide No-728, (2004) on 15.4.2025 in daily market of Padampur I have lost my original registered sale deed and mobile SIM 9937202140. I have not used the above RSD and SIM card for any other purpose.

**AFFIDAVIT**

I, Kshirod Kumar Pradhan, S/o- Abakash Pradhan, resident of House No. 138, PO- Nariso, PS- Balipatna, Dist- Khordha, PIN-752103, Odisha declared by this affidavit No. 1089, dtd-28/05/2025 that now onwards I shall be known as **KHIROD KUMAR PRADHAN** for all future purposes.

**AFFIDAVIT**

I, Chakradhara Dash, S/o- Sridhar Dash, resident of Plot No. K-7/597, Kalinga Nagar, Ghatikia, Ps- Khandagiri, Bhubaneswar, Dist-Khordha, PIN- 751003, Odisha declared by this affidavit No. 1088, dtd-28/05/2025 that now onwards I shall be known as **CHAKRADHAR DASH** for all future purposes.

**AFFIDAVIT**

According the adoption deed No. 22, dtd-13/09/2004 the S.R.D Niali and the affidavit of Executive Magistrate Niali on 12/08/2020. I **Umakanta Barik,** S/o- Subal Barik instead of **Uma Kanta Rout,** S/o- Balakrushna Rout, At-Balisahi, Po-Pahanga, Via-Niali of Cuttack, Pin-754004. Odisha for all purposes.

ସକାଳ
THE SAKALA



# ଜଙ୍ଗଲ ଜମି ପଟ୍ଟା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ ବାଲ୍ମୀକି ସମାଜର ଦାବିପତ୍ର



ମାଲକାନଗିରି, ୨୯ ।୫(ସମିସ): ମାଲକାନଗିରି ଜିଲ୍ଲା ଗୁରାଖୁଣ୍ଟା ଗ୍ରାମ ପଞ୍ଚାୟତ ଅଧିନସ୍ଥ କୃଷ୍ଣୱାଡା ଗ୍ରାମର ବାସିନ୍ଦାଙ୍କ ତରଫରୁ ଆଜି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାଲ୍ମୀକି ସମାଜ ମାତୃଭାଷା ତେଲୁଗୁ । ଏହା ଆଞ୍ଚଳିକ ପରମ୍ପରା ବାଲ୍ମିକି (ୱାଲମିକି) ଉପଜାତିର ଅନ୍ତର୍ଗତ ଅଟେ। ଏଣୁ ଜଙ୍ଗଲ ଓ ଜମି ଅଧିକାର ଆଇନ ୨୦୦୬ ଅନୁଯାୟୀ ସରକାରଙ୍କ ନିୟମ ମୁତାବକ ଦୀର୍ଘ ବର୍ଷ ଧରି ଭୋଗ ଦଖଲ କରି ଆସୁଥିବା ଜଙ୍ଗଲ ଜମିର ପଟ୍ଟା ପାଇବାକୁ ସେମାନେ ହକ୍‌ଦାର। କିନ୍ତୁ ସେମାନେ ସେଥିରୁ ବଞ୍ଚିତ ଅଛନ୍ତି ବୋଲି ସମାଜ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ମାଲକାନଗିରି ଅଞ୍ଚଳଟି ଆନ୍ଧ୍ରପ୍ରଦେଶର ବିଶାଖପାଟନାମ ଜିଲ୍ଲା ସହିତ ମିଶି ରହିଥିଲା। ୧୯୩୬ ମସିହା ପରେ ସେମାନଙ୍କର ବଂଶଧର ଆନ୍ଧ୍ରପ୍ରଦେଶରେ ରହିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୩୫ଟି ଗ୍ରାମ ଓଡ଼ିଶାରେ ରହିଗଲା। ଏହି ସମାଜ ଓଡ଼ିଶାରେ ରହୁଥିବା ନେଇ ଅନେକ ପ୍ରମାଣ ରହିଛି। ଏହାର ସତ୍ୟାସତ୍ୟ ଅନୁଧାନ ପୂର୍ବକ ସେମାନଙ୍କୁ ଆଞ୍ଚଳିକ ପାରମ୍ପରିକ ବନବାସୀର ମାନ୍ୟତା ଦେଇ ସେମାନଙ୍କ ଭୋଗ ଦଖଲରେ ଥିବା ଜଙ୍ଗଲ ଜମିର ପଟ୍ଟା ପ୍ରଦାନ କରାଗଲେ ଦଶହଜାରରୁ ଅଧିକ ଲୋକ ଉପକୃତ ହେବେ ବୋଲି ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଅନେକ ଗ୍ରାମବାସୀ ଓ ସ୍ଥାନୀୟ ଜନ ପ୍ରତିନିଧି ଉପସ୍ଥିତ ଥିଲେ।

## ଗୋଖାଦ୍ୟ ବୋଝେଇ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ

# ଟ୍ରକ୍ ସହ ୮୫୨ କେଜି ଗଞ୍ଜେଇ ଜବତ: ୨ ଗିରଫ

ଗୁଣପୁର, ୨୯।୫(ସମିସ) :



ବୁଧବାର ଦିନ ଗୁଣପୁର ପୁଲିସକୁ ବଡ଼ ଧରଣର ସଫଳତା ମିଳିଛି। ଗୋଖାଦ୍ୟ ବୋଝେଇ ଟ୍ରକ୍‌ରେ ବେଆଇନ ଭାବେ ଗଞ୍ଜେଇ ଚାଲାଣ କରା ଯାଉଥିବା ବେଳେ ଟ୍ରକ୍‌କୁ ଜବତ କରିଛି ଗୁଣପୁର ଆଦର୍ଶ ଥାନା ପୁଲିସ। ଏକ ୧୬ ଚକିଆ ଟ୍ରକ୍ ଯୋଗେ ଗୋଖାଦ୍ୟ ସହ ଗଞ୍ଜେଇ ଜଲତାର ଅଞ୍ଚଳ ରୁ ଗୁଣପର ଅଭିମୁଖେ ଆସୁଥିଲା ଆଇଆଇସି ଉତ୍ତମ କୁମାର ସାହୁ ବିଶେଷ ସୂତ୍ରରୁ ଖବର ପାଇ ଥାନା ସମ୍ମୁଖରେ ଟ୍ରକ୍‌କୁ ଅଟକାଇଥିଲେ। ଯାଞ୍ଚ ସମୟରେ ଗାଡ଼ିରେ ଗୋଖାଦ୍ୟ ସହ ଗଞ୍ଜେଇ ଥିବା ଜାଣିପାରି ଗାଡ଼ିକୁ ଜବତ କରି ତଦନ୍ତ ବେଳେ ଗଞ୍ଜେଇ ଉତ୍ତର ପ୍ରଦେଶ ଅଭିମୁଖେ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ଗଞ୍ଜେଇ ମାଫିଆ ମାନେ ଅଭିନବ ଉପାୟରେ ଟ୍ରକ୍ ମଧ୍ୟରେ ତଳେ ଗଞ୍ଜେଇ ଭର୍ତ୍ତି କରି ଉପରେ ଗୋଖାଦ୍ୟ ରଖି ବେଆଇନ ଭାବେ ଚାଲାଣ କରୁଥିଲେ। ଟ୍ରକ୍‌ରୁ ୨୯ଟି ବ୍ୟାଗ୍‌ରେ ୮୫୨ କେଜି ଗଞ୍ଜେଇ ଜବତ କରିବା ସହ ୫୧୭ଟି ଜରିବ୍ୟାଗ୍ ଭର୍ତ୍ତି ଗୋଖାଦ୍ୟ ଥିବା ଜଣାପଡ଼ିଛି। ଟ୍ରକ୍ ସହ ଦୁଇଟି ମୋବାଇଲ୍ ଫୋନ, ୭୧୦୦ ଟଙ୍କା ଜବତ ହୋଇଛି। ଗାଡ଼ି ଚାଳକ ଓ ହେଲପର ଦୁଇଜଣକୁ ଗିରଫ କରିଛି ପୁଲିସ। ଗିରଫ ଦୁଇ ହେଲେ ଘର ଉତ୍ତରପ୍ରଦେଶର ଆଲିଗଡ ଜିଲ୍ଲା ନାଉନ୍ ଗ୍ରାମର ଅନିଲ କୁମାର, ଥେକେଡେର୍ ଗ୍ରାମର ହରିଶ୍ କୁମାର। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ଏକ କୋଟିରୁ ଅଧିକ ହେବ ବୋଲି ଜଣାପଡ଼ିଛି।

## ନାହିଁ ନାହିଁରେ ଚାଲିଛି କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଶଯ୍ୟା ଅଭାବରୁ ତଳେ ଶୁଆଇ ରୋଗୀ ଚିକିତ୍ସା

● ଅଧିକାଂଶ ବିଶେଷଜ୍ଞ ଡାକ୍ତର ପଦବି ଖାଲି



କାଲିମେଳା,୨୯।୫(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୧୯୮୬ ମସିହାରେ ସ୍ଥାପନ ହୋଇଛି। ସ୍ୱାସ୍ଥ୍ୟ କେନ୍ଦ୍ରଟି ବହୁ ପୁରାତନ ହୋଇଥିବା ବେଳେ ଏହା ଉପରେ ବ୍ଲକର ୨୩ ପଞ୍ଚାୟତର ହଜାର ହଜାର ରୋଗୀ ନିର୍ଭର କରୁଛନ୍ତି। ଜରୁରୀକାଳୀନ ରୋଗୀସେବା ଠାରୁ ଆରମ୍ଭ କରି ମହିଳାଙ୍କ ପ୍ରସୂତି ପର୍ଯ୍ୟନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ହେଲେ ଏଠାରେ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଆବଶ୍ୟକ ଅତ୍ୟାଧୁନିକ ଯନ୍ତ୍ରପାତିର ଅଭାବ ରହିଛି। ଏହାସହ ମେଡିକାଲରେ ମାତ୍ର ୩୦ଟି ଶଯ୍ୟା ରହିଛି। ତେଣୁ ଅଧିକାଂଶ ସମୟରେ ଶଯ୍ୟା ଅଭାବରୁ ରୋଗୀଙ୍କୁ ଚଟାଣରେ ଶୁଆଇ ଚିକିତ୍ସା କରାଯାଉଥିବା ଦେଖିବାକୁ ମିଳିଛି। ସେହିପରି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ମାସକୁ ୧୦୦ରୁ ଅଧିକ ଶିଶୁ ଜନ୍ମ ନେଉଛନ୍ତି। ଉକ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଜଣେ ହେଲେ ଶିଶୁ ବିଶେଷଜ୍ଞ କି ମେଡିସିନ୍ ସ୍ପେସାଲିଷ୍ଟ ନାହାନ୍ତି। ଗର୍ଭବତୀ ଏବଂ ପ୍ରସୂତୀମାନଙ୍କ ଚିକିତ୍ସା ନିମନ୍ତେ କେବଳ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ରହିଥିବା ବେଳେ ମେଡିକାଲରେ ଅଧିକାଂଶ ବିଶେଷଜ୍ଞ ଡାକ୍ତର ପଦବି ଖାଲି ପଡ଼ିଛି। ଗୋଟିଏ ପଟେ ନବଜାତ ଶିଶୁ ଓ ପ୍ରସୂତିଙ୍କ ମୃତ୍ୟୁହାର ରୋକିବାକୁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ହେଲେ ଏହି ମୃତ୍ୟୁହାରକୁ ରୋକିବା ନିମନ୍ତେ ନା ଅଛନ୍ତି ଡାକ୍ତର ନା ଅଛି ଆବଶ୍ୟକୀୟ ଯନ୍ତ୍ରପାତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ସୁବିଧା ନ ଥିବା ବେଳେ ଜିରୋ ମୃତ୍ୟୁ ହାରକୁ କିପରି ବ୍ୟବସ୍ଥା କରାଯିବ ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦୀର୍ଘ ବର୍ଷ ଧରି ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞଙ୍କ ଅଭାବ ରହିଛି। ବିଶେଷଜ୍ଞ ନିଯୁକ୍ତି ଦିଗରେ ସ୍ୱାସ୍ଥ୍ୟ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କାଲିମେଳା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଦୁର୍ଗମ ଅଞ୍ଚଳର ରୋଗୀମାନେ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ତତଃ ପକ୍ଷେ ଶିଶୁ ବିଶେଷଜ୍ଞ ଡାକ୍ତର, ପରିଚାଳନା ବ୍ୟବସ୍ଥାରେ ସୁଧାର ନିତ୍ୟାନ୍ତ ଜରୁରୀ ହୋଇପଡିଛି ବୋଲି ବୁଦ୍ଧିଜିବୀ ଓ ଜନସାଧାରଣରେ ମତ ପ୍ରକାଶ ପାଇଛି। ଏନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିବାରୁ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି।

# ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ମିଳିଲା ୧୭ କୋଟି

ମାଲକାନଗିରି, ୨୯ ।୫(ସମିସ): ମାଲକାନଗିରି ଜିଲ୍ଲାର ବିକାଶ ସହ ଜିଲ୍ଲା ମଧ୍ୟରେ ରହିଥିବା ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ଗୁଡିକର ବିକାଶ କରିବାକୁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ପୂର୍ବ ସରକାରଙ୍କ ସମୟରେ ଜିଲ୍ଲାର ବିଭିନ୍ନ ପ୍ରାକୃତିକ ଓ ଇତିହାସ ସହ ଜଡିତ ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିକାଶ ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା। ରାଜ୍ୟରେ ନୂଆ ସରକାର ଆସିବା ପରେ ଜିଲ୍ଲାରେ ପ୍ରାକୃତିକ ସ୍ଥାନ ଗୁଡିକର ବିକାଶ ପାଇଁ ପ୍ରାୟ ୧୭ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି। ଜିଲ୍ଲା ସଦରରେ ଥିବା ମଲ୍ଲିକେଶ୍ୱର

**ମାଲକାନଗିରି ଜିଲ୍ଲା**

ମନ୍ଦିର, ସତୀଗୁଡା ଜଳ ଭଣ୍ଡାର, ଜିଲ୍ଲା ଆରମ୍ଭରେ ଥିବା ସପ୍ତଧାରା ନଦୀ, ସୀତାକୁଣ୍ଡ, ଆମ୍ବାକୁଣ୍ଡ, ଯଦୁଗୁଡା ଶୈବ ପୀଠ, ଚିତ୍ରକୋଣ୍ଡାର ବିଭିନ୍ନ ସ୍ଥାନ ସହ ଜିଲ୍ଲାରେ ଥିବା ଅନେକ ଜଳପ୍ରପାତ ଗୁଡିକର ବିକାଶ ପାଇଁ ରାଜ୍ୟ ସରକାର ଏହି ଅର୍ଥ ପ୍ରଦାନ କରିଥିବା ସୂଚନା ମିଳିଛି। ତେବେ ଏକଦା ମାଓ ଗଡ ଭାବେ ପରିଚିତ ଥିବା ମାଲକାନଗିରି ଜିଲ୍ଲାକୁ ଲୋକେ ଆସିବାକୁ ଭୟ କରୁଥିବା ବେଳେ ପୂର୍ବ ସରକାରଙ୍କ ଦୀର୍ଘଦିନର ଲଢେଇ ପରେ ଜିଲ୍ଲା ଏକ ପ୍ରକାର ମାଓ ମୁକ୍ତ ହୋଇଥିଲା। ଯାହା ପରେ ଜିଲ୍ଲା ମଧ୍ୟରେ ଥିବା ପ୍ରାକୃତିକ ପରିବେଶରେ ଭରପୁର ସ୍ଥାନ ଗୁଡିକ ଲୋକଲୋଚନକୁ ଆସିଥିଲା। ମାଲକାନଗିରି ଜିଲ୍ଲା ପର୍ଯ୍ୟଟନ ସ୍ଥଳୀ ଭାବେ ଲୋକଙ୍କ ନିକଟରେ ନୂଆ ପରିଚୟ ପାଇବାକୁ ଯାଉଥିବା ବେଳେ ପର୍ଯ୍ୟଟକଙ୍କ ଭିଡ ଜମିଲେ ଜିଲ୍ଲାର ମଧ୍ୟ ବିକାଶ ହେବ ବୋଲି କୁହାଯାଉଛି।

# ରଘୁନାଥ ମିଶ୍ରଙ୍କ ପରଲୋକ



ଖଇରପୁଟ,୨୯।୫(ସମିସ): ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀର ବରିଷ୍ଠ ସାମ୍ବାଦିକ ପ୍ରତାପ ମିଶ୍ରଙ୍କ ପିତା ରଘୁନାଥ ମିଶ୍ରଙ୍କ ଆଜି ସକାଳ ୧୦.୨୦ ମିନିଟ୍ ସମୟରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ସେ କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତ ମିଶ୍ର ପୁଲିସ କନଷ୍ଟେବଳ ଭାବେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିଲେ ଏବଂ ଗତ ୨୦୦୦ ମସିହାରେ ଚାକିରିରୁ ଅବସର ଗ୍ରହଣ କରିଥିଲେ।ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଏବଂ ଆଧ୍ୟାତ୍ମିକବାଦୀ ବ୍ୟକ୍ତିତ୍ୱ ଥିଲେ। ମାଲକାନଗିରି ସାମ୍ବାଦିକ ସଂଘ ଓ ଉତ୍କଳ ସାମ୍ବାଦିକ ସଂଘ ମାଲକାନଗିରି ଶାଖା ପକ୍ଷରୁ ମଧ୍ୟ ସ୍ୱର୍ଗତ ମିଶ୍ରଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଛି।

# ଚନ୍ଦ୍ରପୁର ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

ଚନ୍ଦ୍ରପୁର ୨୯।୫(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ସଦ୍‌ଭାବନା ସଭା ଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଯୋଜନା ଅନ୍ତର୍ଗତ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ପିଏ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଶ୍ରୀ ଅଜୟ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଓ ବିଡିଓ ସୌମ୍ୟକାନ୍ତ ବଙ୍ଗୋଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକ୍ ଅଧକ୍ଷ କଇନ କିମ୍ବାକା, ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, ଏପିଓ ମାର୍ଶଲ ପ୍ରଧାନ, ଭାରପ୍ରାପ୍ତ ଜିପିଇଓ ରାଜେନ୍ଦ୍ର ପାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଜନଶୁଣାଣି ଶିବିରରେ ମନରେଗା ଯୋଜନାର ୨୦୨୩ ମସିହା ଅକ୍ଟୋବର ୧ ତାରିଖରୁ ୨୦୨୪ ମସିହା ସେପେଟମ୍ବର ୩୦ ପର୍ଯ୍ୟନ୍ତ ଏବଂ ପଞ୍ଚଦଶ ଅର୍ଥ କମିଶନରେ ୨୦୨୪ ଏପ୍ରିଲ ୧ ତାରିଖରୁ ୨୦୨୪ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଆର୍ଥିକ ବର୍ଷର ଖର୍ଚ୍ଚ ଉପରେ ଶୁଣାଣି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସମୀକ୍ଷକ ଦିଲେଶ୍ୱର ଶବର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା, ସରପଞ୍ଚ ଫକୀର ମୋହନ ଗମିଡ଼ାଙ୍ଗା, ଅନିତା ଶବର, ସୁନିତା ମୁଣ୍ଡିକା, ଫୁଲମାଇ କ୍ରାଡିକା, ଜେରମିନା ପଡ଼ାଗଣ୍ଡା,



ଜଳଛାୟା ପ୍ରକଳ୍ପ ଅଧିକାରୀ ହାଡୁବନ୍ଧୁ ଶବର, ଉଦ୍ୟାନ ବିଭାଗ ଅଧିକାରୀ ତପସ୍ୱିନୀ ଶବର, ଭାରପ୍ରାପ୍ତ ଫରେଷ୍ଟର ଲକ୍ଷ୍ମୀକାନ୍ତ ପାଟଖୋଣ୍ଡାଲ କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ କିର୍ଷାନୀ, ଦେବାଶିଷ ଗୌଡ଼, ଅରୁଣ ସାହୁଙ୍କ ସମେତ ସମସ୍ତ ପିଇଓ, ସମସ୍ତ ଏଡିଇଓ, ଜିଆରଏସ, ବ୍ଲକ ସଂଯୋଜକ, ସମସ୍ତ ମେଟ , ସମସ୍ତ ଲାଇନ୍ ବିଭଗର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଡିଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସମୀକ୍ଷକ ଦିଲେଶ୍ୱର ଶବର ପରିଚାଳନା କରିଥିବା ବେଳେ ଏପିଓ ଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଏପିଓ ଶ୍ରୀ ପ୍ରଧାନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଲୁଚାଇବାକୁ ଉଦ୍ୟମ କରିଥିଲେ।

# ପାରୀକ୍ଷିତି ଘାଟିରେ ଦୁର୍ଘଟଣା, ଯୁବତୀ ମୃତ



ରାମନାଗୁଡ଼ା,୨୯।୫(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ଥାନା ଅନ୍ତର୍ଗତ ପାରୀକ୍ଷିତି ଘାଟିରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଗୁରୁବାର ସକାଳ ୭ଟା ସମୟରେ ସୁଣ୍ଡିଧାମୁଣି ପଞ୍ଚାୟତ ଅନ୍ତର୍ଗତ ରୁଗୁଡୁବାଇ ଗ୍ରାମର ପୂର୍ଣ୍ଣିମା ମାଣ୍ଡାଙ୍ଗି(୨୦), ପପିନି ମାଣ୍ଡାଙ୍ଗି(୧୫) ଙ୍କୁ ଜଣେ ଯୁବକଙ୍କ ସହିତ ଓଡି ୧୮ ଡି ୩୪୫୦ ନମ୍ବର ବିଶିଷ୍ଟ ବାଇକ୍ ଯୋଗେ ରାମନାଗୁଡା ଯାଉଥିବା ବେଳେ ପାରୀକ୍ଷିତି ଘାଟିରେ ଓଡି ୦୩-ଏଲ ୭୪୯୮ ନମ୍ବର ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଜଣେ ଯୁବକଙ୍କ ସମେତ ଅନ୍ୟ ଜଣେ ଯୁବତୀ ରାସ୍ତା କଡ଼କୁ ଛିଟିକି ପଡିଥିଲେ। ପୂର୍ଣ୍ଣିମା ମାଣ୍ଡାଙ୍ଗିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତ ଯୁବତୀ ରୁଗୁଡୁବାଇ ଗ୍ରାମର ପୂର୍ଣ୍ଣିମା ମାଣ୍ଡାଙ୍ଗି ବୋଲି ଜଣାପଡିଛି। ବାଇକ୍‌ରେ ଥିବା ଅନ୍ୟ ଦୁଇ ଜଣଙ୍କ ଅବସ୍ଥା ସ୍ୱାଭାବିକ ରହିଛି। ଟ୍ରକ୍‌କୁ ଅଟକ ରଖି ସ୍ଥାନୀୟ ଲୋକେ ଓ ମୃତକଙ୍କ ସମ୍ପର୍କୀୟମାନେ ରାମନାଗୁଡ଼ା ଠାରୁ ରାୟଗଡା-କୋରାପୁଟ ଓ ବ୍ରହ୍ମପୁରକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ ଓ ରାମନାଗୁଡ଼ା-ଗୁଣୁପୁର ରାସ୍ତା ଅବରୋଧ କରିଥିଲେ । ସେହି ରାସ୍ତାରେ ରାୟଗଡ଼ା ବୈଠକକୁ ଯାଉଥିବା ବେଳେ ଗୁଣୁପୁର ଉପ ଜିଲ୍ଲାପାଳ କିରନଦୀପ କୌର ମଧ୍ୟ ଉକ୍ତ ଅବରୋଧରେ କିଛି ସମୟ ଧରି ଫସି ରହିଥିବା ବେଳେ ମୃତକଙ୍କ ପରିବାରକୁ ଆଶ୍ୱାସନା ଦେଇ ବୁଝାସୁଝା କରିବା ବଦଳରେ ଅନ୍ୟ ରାସ୍ତା ଦେଇ ଚାଲି ଯାଇଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଗାଡି ଚଳାଚଳ ଦୀର୍ଘ ୫ ଘଣ୍ଟା ବନ୍ଦ ରହିଥିଲା। ଟ୍ରକ୍ ଚାଳକକୁ ପୁଲିସ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି। ଘଟଣା ସ୍ଥଳରେ ରାମନାଗୁଡା ଅତିରିକ୍ତ ତହସିଲଦାର ଡମ୍ବୁରୁ ଗୟାଧର ବେହେରା ମାଜିଷ୍ଟ୍ରେଟ ଭାବେ ଗୁଣୁପୁର ଏସଡିପିଓ ବାବୁଲି ନାୟକ , ରାମନାଗୁଡା ଥାନା ଅଧିକାରୀ ସୁନିତା ବେହେରା, ରାମନାଗଡା ଅତିରିକ୍ତ ଥାନା ଅଧିକାରୀ ଜଳନ୍ଧର ସେଠୀ, ସେକେଣ୍ଡ ଅଫିସର ବାବୁଲା ପ୍ରଧାନ , ପଦ୍ମପୁର ଥାନା ସେକେଣ୍ଡ ଅଫିସର ଅଶୋକ ପାଢ଼ୀ, ଗୁମୁଡ଼ା ଫାଣ୍ଡି ଅଧିକାରୀ ବିରେନ୍ଦ୍ର ରାୟଙ୍କ ସମେତ ପୁଲିସ ଫର୍ସ ପହଞ୍ଚି ରାସ୍ତା ଅବରୋଧ ହଟାଇବା ପାଇଁ ଆନ୍ଦୋଳନକାରୀଙ୍କ ସହ ବୁଝାସୁଝା କରିବା ପରେ ଗାଡ଼ି ଚଳାଚଳ ୫ ଘଣ୍ଟା ପରେ ସ୍ୱାଭାବିକ ହୋଇଥିବା ଜଣାପଡିଛି। ଘଟଣା ସ୍ଥଳରେ ଟ୍ରକ୍ ରହିଥିବା ବେଳେ ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ ଶରୀର ରହିଛି। ଉତ୍ତ୍ୟକ୍ତ ଲୋକଙ୍କ କହିବା ଅନୁଯାୟୀ ଯେ ପର୍ଯ୍ୟନ୍ତ କ୍ଷତିପୂରଣ ନମିଳିଛି , ସେ ପର୍ଯ୍ୟନ୍ତ ଶବ ବ୍ୟବଛେଦ କରାଯିବ ନାହିଁ ଏବଂ ୨୪ ଘଣ୍ଟା ମଧ୍ୟରେ କ୍ଷତି ପୂରଣ ନ ମିଳିଲେ ପୁଣି ଥରେ ରାସ୍ତାରୋକ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ବିଶ୍ୱ ଋତୁସ୍ରାବ ଓ ସ୍ୱାସ୍ଥ୍ୟ ରକ୍ଷା ଦିବସ



ମାଥିଲି,୨୯ ।୫(ସମିସ):

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣାଙ୍କ ନେତୃତ୍ୱରେ ବିଶ୍ୱ ଋତୁସ୍ରାବ ଓ ସ୍ୱାସ୍ଥ୍ୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ସଦର ସରପଞ୍ଚ କାନାମରାଜୁ ନାୟକ ଯୋଗ ଦେଇଥିବା ବେଳେ କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ମହାନ୍ତି ଓ ଯୋଗାଣ ସହାୟକ କେଶବ ଚନ୍ଦ୍ର ପୂଜାରୀ ଯୋଗ ଦେଇଥିଲେ। ଏହି ଅବସରରେ ମହିଳା ମାନେ କିପରି ଋତୁସ୍ରାବ ସମୟରେ ସଚେତନ ରହି କାର୍ଯ୍ୟ କରିବେ, ପୂର୍ବପରି ଛୁଆଁ ଅଛୁଆଁ ନରଖିବା, ସେମାନଙ୍କୁ ସୁସ୍ୱାଦୁ ଖାଦ୍ୟ, କପଡ଼ା ବଦଳରେ ପ୍ୟାଡ୍ ବ୍ୟବହାର କରିଲେ ମହିଳା ମାନେ ସୁସ୍ଥ ରହିବେ ବୋଲି ଅତିଥିମାନେ ବୁଝାଇ ଥିଲେ। ଏହି ଅବସରରେ ପଞ୍ଚାୟତର ଅନେକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ସହ ବହୁ ମହିଳା ମାନେ ଉପସ୍ଥିତ ରହି ସମସ୍ତେ ଏହି ନିୟମ ଅନୁଯାୟୀ କାର୍ଯ୍ୟ କରିବେ ବୋଲି ଶପଥ ଗ୍ରହଣ କରିଥିଲେ।

● ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

# ମୂଳପୋଛ ହେବ ବାଲ୍ୟ ବିବାହ ପ୍ରଥା



ମୁନିଗୁଡ଼ା,୨୯।୫(ସମିସ):

ରାୟଗଡ଼ା ମୁନିଗୁଡ଼ା ବ୍ଲକ କାର୍ଯ୍ୟଳୟର ସମ୍ମିଳନୀ କକ୍ଷରେ ବାଲ୍ୟବିବାହ ନିବାରଣ ନିମନ୍ତେ ବ୍ଲକ ଶିଶୁ ବିକାଶ କାର୍ଯ୍ୟାଳୟ ତରଫରୁ ଶିଶୁ ପାଇଁ ଦିନଟିଏ ଓ ବାଲ୍ୟ ବିବାହକୁ ମୂଳପୋଛ କରିବା ନିମନ୍ତେ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଦୁର୍ଗମ ଇଲାକାରେ ସଚେତନତା ଅଭାବରୁ ଅଳ୍ପ ବୟସରେ କିଶୋରୀ ବାଳିକା ମାନେ ପ୍ରେମ ବିବାହ କରି ମାତୃତ୍ୱ ଲାଭ କରୁଥିବା ଦେଖିବାକୁ ମିଳୁଥିବାରୁ ଏହା ଉପରେ କିଭଳି ରୋକ ଲଗାଯାଇ ପାରିବ ତାକୁ ନେଇ ବିଭିନ୍ନ ଗୋଷ୍ଠୀକୁ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ମୁନିଗୁଡ଼ା ଶିଶୁ ବିକାଶ ଅଧିକାରୀ ଡାଲିମ୍ବ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତି ଦେଓ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୁନିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଅଫିସର ଆଶିଷ କୁମାର ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଫିସର ମନୋରଞ୍ଜନ ବାଗ, ପୋଗ୍ରାମ ଅଧିକାରୀ ପ୍ରତିମା ଦାସ, ସ୍ଥାନୀୟ ଓକିଲ ରାଧାରମଣ ଦାସ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀନିବାସର ମାଟ୍ରୋନ, ସମସ୍ତ ପଞ୍ଚାୟତ ଅଧିକାରୀ, ଅଙ୍ଗନବାଡି କର୍ମୀଙ୍କ ସମେତ ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ ବିଭିନ୍ନ ସଚେତନତା ଉପରେ ଆଲଚନା ହୋଇଥିଲା। ଗ୍ରାମଞ୍ଚଳଠାରୁ ଆରମ୍ଭ କରି ଦୁର୍ଗମ ଇଲାକାରେ ମାତୃ ଓ ଶିଶୁ ମୃତ୍ୟୁ ହାରରେ ରୋକ ଲଗାଇବା, ବାଲ୍ୟ ବିବାହ ପ୍ରଥାକୁ ମୂଳପୋଛ କରାଯିବା ଦିଗରେ ବିଭିନ୍ନ ପଦେକ୍ଷେପ ନେବା ସହ ଆମେ ସମସ୍ତେ ଏକଜୁଟ ହେବା ସହ ସମସ୍ତଙ୍କ ସଚେତନତା ସମାଜର ବାଲ୍ୟ ବିବାହ ପ୍ରଥାକୁ ମୂଳପୋଛ କରି ପାରିବ ବୋଲି ଉପସ୍ଥିତି ଅତିଥି ମାନେ କହିଥିଲେ।

# ମନରେଗା ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନାର ଜନଶୁଣାଣି

ବିଷମକଟକ,୨୯। ୫(ସମିସ):



ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସମ୍ମିଳନୀ କକ୍ଷରେ ଆଜି ମନରେଗା ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁଣୁପୁର ଆଇଟିଡିଏର ଏଡିଡବ୍ଲୁଓ ପ୍ରଶାନ୍ତ କୁମାର ବାଉରୀ ଅଧକ୍ଷତା କରିଥିଲେ। ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ଭାରପ୍ରାପ୍ତ ଏପିଓ ବିନାୟକ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତି ରହିଥିଲେ। ବ୍ଲକର ୨୧ଟି ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ମନରେଗା ଯୋଜନାରେ କାର୍ଯ୍ୟ କରୁଥିବା କୁଶଳୀ ଓ ଅଣକୁଶଳୀ ଶ୍ରମିକ ଓ ପ୍ରତ୍ୟକ ଲାଇନ୍ ଡିପାର୍ଟମେଣ୍ଟ ଉପସ୍ଥିତ ଥିଲେ। ପର୍ଯ୍ୟାୟ କ୍ରମେ ପଞ୍ଚାୟତସ୍ତରରେ ଚାଲିଥିବା ମନରେଗା କାର୍ଯ୍ୟ ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ୨୦୨୪ ଅକ୍ଟୋବରରୁ ୨୦୨୫ ମସିହା ଏପ୍ରିଲ ମଧ୍ୟରେ ହୋଇଥିବା କାର୍ଯ୍ୟର ଶୁଣାଣି କରାଯାଇଥିଲା। ବନବିଭାଗ, ଜଳଛାୟା ପ୍ରକଳ୍ପ, ଆଇଟିଡିଏ ଏବଂ ମୃତ୍ତିକା ସଂରକ୍ଷଣ ବିଭାଗରେ ହୋଇଥିବା ମନରେଗା ଯୋଜନାର କାର୍ଯ୍ୟର ମଧ୍ୟ ସମୀକ୍ଷା ହୋଇଥିଲା। ଏହି ସମୟ ସୀମା ମଧ୍ୟରେ ୩୮୯ଟି ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ କର୍ମ ନିଯୁକ୍ତି କ୍ଷେତ୍ରରେ ୫୪ ପ୍ରତିଶତ ସଫଳତା ପାଇଛି ଏହି ବ୍ଲକ। ବର୍ତ୍ତମାନ ସୁଦ୍ଧା ୭୮୪ଜଣଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଛି। ଗ୍ରାମପଞ୍ଚାୟତରେ ମନରେଗା ଯୋଜନାରେ ଦେଖାଦେଇଥିବା ଅନିୟମିତତା ଚିହ୍ନଟ କରାଯାଇଛି। ଜନ ଶୁଣାଣି ସମୀକ୍ଷାରେ ଆଇଟିଡିଏ ଓ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ମନରେଗା ଯୋଜନାରେ ଲଗା ଯାଇଥିବା ଆମ୍ବ, କାଜୁ ଏବଂ ଲିଚୁ ବଗିଚାରେ ବ୍ୟାପକ ତ୍ରୁଟି ଦେଖା ଦେଇଛି। ବିଷମକଟକ ବ୍ଲକ୍ ଅଧୀନରେ ଥିବା ଦୁର୍ଗୀ, ଡୁମ୍ବୁରୁନେଲୀ, କଣାବାଇ, ବେଥିଆପଡା, କୁମ୍ବାର ଧାମୁଣି, ସାହାଡ଼ା, ଡୁକୁମ, ଝିଗିଡି ଓ କୁର୍ଲି ପାଞ୍ଚାୟରେ ଏହି ଦୁଇ ବିଭାଗର ମାଳମାଳ ଅଭିଯୋଗ ଆସିଛି। କେଉଁଠି ନାମଫଳକ ନାହିଁ ତ, ଆଉ କେଉଁଠି ପ୍ରଥମେ ଓ ଦ୍ୱିତୀୟ ବର୍ଷର ରକ୍ଷଣବେକ୍ଷଣ ବାବଦକୁ ଖର୍ଚ୍ଚ ହୋଇଥିବା ଟଙ୍କାରେ ବିଲ୍ ଭାଉଚର ରିପୋର୍ଟ ବ୍ଲକ କାର୍ଯ୍ୟାଳୟକୁ ପ୍ରଦାନ କରାଯାଇନାହିଁ। ଜନ ଶୁଣାଣି ଶିବିରରେ ଅଧକ୍ଷତା କରିଥିବା ଗୁଣୁପୁର ଆଇଟିଡିଏର ଏଡିଡବ୍ଲୁଓ ପ୍ରଶାନ୍ତ କୁମାର ବାଉରୀ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ମାନଙ୍କରେ ହୋଇଥିବା ଅନିୟମିତତା ସମ୍ବନ୍ଧରେ ତଦନ୍ତ କରି ୭ଦିନ ମଧ୍ୟରେ ସବିଶେଷ ବିବରଣୀ ଦାଖଲ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୭ଦିନ ମଧ୍ୟରେ ରିପୋର୍ଟ ଦାଖଲ ନ କଲେ ଅଭିଯୋଗ ହୋଇଥିବା ସମସ୍ତ ପ୍ରକଳ୍ପର ଟଙ୍କା ଦାୟିତ୍ୱରେ ରହିଥିବା ଅଧିକାରୀ ମାନଙ୍କ ଠାରୁ ରିକଭରୀ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟ ପଟେ ଲାଇନ୍ ଡିପାର୍ଟମେଣ୍ଟରେ ଚାଲିଥିବା ମନରେଗା କାର୍ଯ୍ୟରେ ନଥିପତ୍ର ଠିକ୍ ରଖିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ଆଗକୁ ଯେ କୌଣସି କାର୍ଯ୍ୟ କରିବା ପୂର୍ବରୁ ପ୍ରଥମରେ ସୂଚନାଫଳକ ପ୍ରସ୍ତୁତ କରି ସମସ୍ତ ବିବରଣୀ ଲେଖିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟ ତଦାରଖ କରିବା ନିମନ୍ତେ ନିଯୁକ୍ତି ପାଇଥିବା ମେଟ୍ ମାନେ ନିଜ ନିଜର କାର୍ଯ୍ୟକୁ ସୂଚାର ରୂପେ ସମ୍ପାଦନ କରିବାକୁ କହିଛନ୍ତି।

● ମଣ୍ଡିରେ ଚାଷୀଙ୍କ ଟଙ୍କା ହେରଫେର ଅଭିଯୋଗ

# ରାଇଘର ଲ୍ୟାମ୍ପ୍ସ ଏମ୍‌ଡି ନିଲମ୍ବିତ

ନବରଙ୍ଗପୁର,୨୯।୫ (ସମିସ): ମଣ୍ଡିରେ ଚାଷୀଙ୍କ ଟଙ୍କା ହେରଫେର ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ ହେଲେ ଲ୍ୟାମ୍ପ୍ସ ଏମ୍‌ଡି । ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସ୍ଥିତ ରାଇଘର ଲ୍ୟାମ୍ପ୍ସ ଠାରେ ଚଳିତ ବର୍ଷ ଖରିଫ ଋତୁରେ ଧାନ ମଣ୍ଡିରେ ଧାନ କିଣାରେ ଅନିୟମିତତା ଅଭିଯୋଗକୁ ଆଧାର କରି ସହକାରୀ ନିବନ୍ଧକ ସମବାୟ ସମିତି ସମୂହ (ଏଆରସିସି ) ନବରଙ୍ଗପୁରଙ୍କ ନିର୍ଦ୍ଦେଶ କ୍ରମେ ରାଇଘର ଲ୍ୟାମ୍ପ୍ସ ପରିଚାଳନା ପରିଷଦ ଲ୍ୟାମ୍ପ୍ସ ନିର୍ଦ୍ଦେଶକ(ଏମ୍‌ଡି) ନିରାକାର ରାଉତଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ଲ୍ୟାମ୍ପ୍ସ ପକ୍ଷରୁ ଟିପି କଟାଯାଇ ନଥିବାରୁ ବର୍ତ୍ତମାନ ସୁଦ୍ଧା ୩୪୪ ଜଣ ଚାଷୀଙ୍କ ୧୪, ୨୦୦ କ୍ୱିଣ୍ଟାଲ ଧାନ ମଣ୍ଡିରେ ଦେଇଥିଲେ ସୁଦ୍ଧା ୪ କୋଟି ୪୦ ଲକ୍ଷରୁ ଅଧିକ ଟଙ୍କା ଚାଷୀ ପାଇପାରି ନାହାନ୍ତି । ଅଭିଯୋଗ ହେବା ଦିନ ଠାରୁ ଏମ୍‌ଡି ଫେରାର ଥିଲେ । ପୂର୍ବରୁ ଚାଷୀ ନିଜ ଟଙ୍କା ଫେରି ପାଇବା ନେଇ ରାଇଘର ଲ୍ୟାସ ଘେରାଉ କରିଥିବା ବେଳେ ପରେ ବିଜେଡି ରାଷ୍ଟ୍ରୀୟ ପ୍ରବକ୍ତା ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ନେତୃତ୍ୱ କ୍ଷତିଗସ୍ତ ଚାଷୀଙ୍କ ତରଫରୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରି କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ ଏବଂ ଆଗାମୀ ୨୦ ଦିନ ଭିତରେ ଚାଷୀଙ୍କ ଟଙ୍କା ଫେରାଇବା ନେଇ ପଦକ୍ଷେପ ନେବା ନେଇ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଓହରି ଥିଲେ ।

# ଓଲଟିଲା ଇଟା ବୋଝେଇ ଟ୍ରକ୍, ୫ ଆହତ



ନାରାୟଣପାଟଣା,୨୯।୫(ସମିସ): ଏକ ଇଟା ବୋଝେଇ ଟ୍ରକ୍ ପଡ଼ୋଶୀ ମାକୁଆରୁ ନାରାୟଣପାଟଣା ଆସୁଥିବା ବେଳେ କୁମ୍ଭାରୀ ପଞ୍ଚାୟତ ବାଗାମ୍ ଘାଟିରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିଥିଲା । ଡ୍ରାଇଭର ସମେତ ୫ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ଗୁରୁତରଙ୍କୁ ଆମ୍ବୁଲାନ୍ସ ସହାୟତାରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଦମକଳ ବାହାନି ଓ ୧୦୮ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀ ସହାୟତାରେ ୫ ଜଣଙ୍କ ଜୀବନ ବଞ୍ଚିଯାଇଥିବାରୁ ସାଧାରଣରେ ସେମାନଙ୍କୁ ପ୍ରଶଂସା କରାଯାଇଛି । ସୂଚନା ଅନୁସାରେ, ଆଜି ଦିନ ୧୨ଟା ବେଳେ ଆନ୍ଧ୍ରପ୍ରଦେଶର ମାକୁଆରୁ ନାରାୟଣପାଟଣାକୁ ଏପି ୩୧ ଟିଟି ୩୮୮୮ ନମ୍ବର ଟ୍ରକ୍‌ରେ ଇଟା ବୋଝେଇ ହୋଇ ଆସୁଥିଲା । ବାଗାମ୍ ଘାଟି ଓହ୍ଲାଇବା ବେଳେ ଗାଡ଼ିର ବ୍ରେକ୍ ଫେଲ୍ ହୋଇଯାଇଥିଲା । ଟ୍ରକ୍‌ର ଡ୍ରାଇଭର ଗିୟର ଜରିଆରେ ସାବଧାନତାର ସହ ଗାଡ଼ି ଘାଟିରୁ ଓହ୍ଲାଇବାକୁ ଚେଷ୍ଟା କରିଥିଲେ । ଗାଡ଼ି ଇଟା ଲୋଡ୍ ସହ ଦ୍ରୁତ ଗତିରେ ଥିବାରୁ ଭାରସାମ୍ୟ ହରେଇ ରାସ୍ତାରେ ଗୋଟେ ଛେଳି ଓ ଦୁଇଟି ଗାଈକୁ ଧକ୍କା ଦେଇ ଓଲଟି ପଡ଼ିଥିଲା । ଫଳରେ ଟ୍ରକ୍‌ର ଇଟା ୪ଶ୍ରମିକଙ୍କ ଉପରେ ପଡ଼ିଥିଲା । ଡ୍ରାଇଭର ସମେତ ୫ ଜଣ ଇଟା ଭିତରେ ଚାପି ହୋଇ ଯାଇଥିଲେ । ସେମାନେ ହେଲେ ମାକୁଆ ଗ୍ରାମର ସିକାଟି ତିରୁପତି, କୁଲି ଭେଙ୍କେଟ ରାବଣା, (ପାର୍ବତିପୁର), କୁନିଟି ସୁରୀ ନାରାୟଣ (ଡ୍ରାଇଭର)(ମାକୁଆ), ସୁରୀ ନାରାୟଣ,ସି ଏଚ୍ ଇଶ୍ୱର ରାଓ । ଏହି ୫ ଜଣ ଚାପି ହୋଇ ଚିତ୍କାର କରିଥିଲେ । ଠିକ୍ ଏହି ସମୟରେ ରାସ୍ତା ଦେଇ ଯାଉଥିବାର ଲୋକେ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗକୁ ଫୋନ କରି ଥିଲେ । ଇଟା ତଳେ ଚାପି ହୋଇଥିବା ଶ୍ରମିକଙ୍କୁ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ ଗ୍ରାମବାସୀ । କିଛି ସମୟ ପରେ ନାରାୟଣପାଟଣା ଅଗ୍ନିଶମ ବିଭାଗର ଟିମ୍ ପହଞ୍ଚିଥିଲେ । ପ୍ରଥମେ ୪ଜଣ ଶ୍ରମିକ ଓ ପରେ ଗାଡ଼ି ଚାଳକଙ୍କୁ ଉଦ୍ଧାର କରାଯାଇଥିଲା । ମେଡିକାଲରେ ଚିକିତ୍ସା ପରେ ପରିବାର ଲୋକେ ଅଧିକ ଚିକିତ୍ସା ପାଇଁ ସେମାନଙ୍କୁ ବିଶାଖାପାଟଣାକୁ ନେଇଯାଇଥିବା ଜଣାପଡିଛି ।

ଜୁନ ତୃତୀୟ ସପ୍ତାହରେ ପାଠ୍ୟକ୍ରମ ଆରମ୍ଭ

# ଜୟପୁର କେନ୍ଦ୍ରୀୟ ବିଦ୍ୟାଳୟରେ ଖୁବ୍‌ଶୀଘ୍ର ନାମଲେଖା




ଜୟପୁର,୨୯।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁରଠାରେ ନୂତନ ଭାବେ ସ୍ଥାପନ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକାରୀ ହେବା ନେଇ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ଚିଠି ମାଧ୍ୟମରେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ସୂଚନା ଦିଆଯାଇଛି । ଆସନ୍ତା ଦୁଇଦିନ ମଧ୍ୟରେ ଛାତ୍ରଛାତ୍ରୀଙ୍କୁ ଶ୍ରେଣୀ ପ୍ରବେଶ ନେଇ ନାମଲେଖା ଏବଂ ଆସନ୍ତା ଏକ ମାସ ପର୍ଯ୍ୟନ୍ତ ଏହା ଜାରି ରହିବ । ସେହିପରି ପ୍ରଥମରୁ ୫ମ ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀର ୪୦ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ଗ୍ରହଣ କରାଯିବ । ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ଭବନରେ ଅସ୍ଥାୟୀ ଭାବେ ବିଦ୍ୟାଳୟ ଶୁଭାରମ୍ଭ ହେବ । ଏହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୬ ଏକର ଜମି ବାଇପାସ୍ ରୋଡ ଏମସିସି ନିକଟରେ ପ୍ରଦାନ କରାଯାଇଥିବା ବେଳେ ଭବନର ଅତିଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ଶେଷ ହେବା ପରେ ବିଦ୍ୟାଳୟରୁ ହସ୍ତାନ୍ତର କରାଗଲେ ଉକ୍ତ ଭବନରେ ସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଶୁଭାରମ୍ଭ ହେବ । ଶୁକ୍ରବାର କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ନିର୍ଦ୍ଦେଶକ୍ରମେ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ସୂଚନା ଦିଆଯିବ ବୋଲି ବୋଲି ଭାରପ୍ରାପ୍ତ ଅଧ୍ୟକ୍ଷ ତଥା କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ଦାଶ ସୂଚନା ଦେଇଛନ୍ତି ।

## ଫୁଟ୍ ଓଭରବ୍ରିଜରୁ ଖସିପଡ଼ି ଯୁବକ ମୃତ

ରାୟଗଡ଼ା, ୨୯।୫(ସମିସ) : ରାୟଗଡ଼ା ରେଳ ଷ୍ଟେସନ ପରିସରରେ ଥିବା ଫୁଟ୍ ଓଭରବ୍ରିଜ ଉପରୁ ତଳକୁ ଖସି ପଡି ଜଣେ ୧୯ବର୍ଷୀୟ ଯୁବକର ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଲେ ରାଜ ଛତ୍ରୀୟା । ସେ ରାୟଗଡ଼ା ସହରର ନୂଆସାହିର ବାସିନ୍ଦା ବୋଲି ଜଣାପଡିଛି । ଏହି ମୃତ୍ୟୁ ଖବରକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏ ନେଇ ରାୟଗଡ଼ା ଜିଆରପି ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ ଆଜି ସନ୍ଧ୍ୟାରେ ରାଜ ରେଳବାଇ ଷ୍ଟେସନକୁ ଆସିଥିବା ବେଳେ କୌଣସି କାରଣ ବଶତଃ ସେ ଫୁଟ ଓଭର ବ୍ରିଜ ତଳକୁ ଖସି ପଡିଥଲେ । ଫଳରେ ତାର ଗୋଟିଏ ଗୋଡ଼ ଭାଙ୍ଗି ଯିବା ସହ ଶରୀରର ଅନ୍ୟାନ୍ୟ ସ୍ଥାନରେ ଆଘାତ ଲାଗିଥିଲା । ଘଟଣା ସ୍ଥଳରେ ଜିଆରପି ଓ ଆରପିଏଫ ପୋଲିସ ପହଞ୍ଚି ତୁରନ୍ତ ରାଜକୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ ରାଜ ମାନସିକ ବିକୃତ ରୋଗୀ ଥିଲା ବୋଲି ଜିଆରପି ପୁଲିସ ସୂଚନା ଦେଇଛନ୍ତି ।

## ରଥଯାତ୍ରା ପାଇଁ ଜଗନ୍ନାଥ ସେନାର ପ୍ରସ୍ତୁତି ବୈଠକ



ଗୁଣପୁର,୨୯।୫(ସମିସ): ସ୍ଥାନୀୟ ଗୁଣ୍ଡିଚା ରାଧା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଆଜି ଜଗନ୍ନାଥ ସେନାର ବୈଠକ ଅନୁଷ୍ଠିତ ହୋଇଯାଇଛି । ଫକୀର ମୋହନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ତ୍ରିପତି ମହାନ୍ତି ଏହାର ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଚଳିତ ରଥଯାତ୍ରା ପାଖେଇ ଆସୁଥଲେ ମଧ୍ୟ ଏଯାଏଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ କରାନଯିବାକୁ ନେଇ ସଦସ୍ୟ ମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଏହି ବୈଠକରେ ରଥଯାତ୍ରା ପ୍ରସ୍ତୁତି ବୈଠକ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ କରିବାକୁ ଦାବି କରା ଯାଇଥିଲା । ରଥଯାତ୍ରାରେ ବର୍ଷସାରା ଠାକୁରଙ୍କ ସବୁ ଯାନିଯାତ୍ରା ଉତ୍ସବରେ ସେବାକରି ଆସୁଥିବାରୁ ଜଗନ୍ନାଥ ସେନାକୁ ସମସ୍ତ ବୈଠକରେ ସାମିଲ କରାଯାଉ ବୋଲି ଦାବି ହୋଇଥିଲା । ମିନାବଜାରର ବଳକା ହେଉଥୁବା ଅର୍ଥରାଶିକୁ କେବଳ ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ସୁ ବିନିଯୋଗ କରାଯାଉ ,ନଚେତ କମିଟିକୁ ହସ୍ତାନ୍ତର କରାଯାଉ, ରଥଯାତ୍ରା ଉଦେଶ୍ୟରେ ସଂଗ୍ରହ ହେଉଥିବା ଅର୍ଥରାଶିକୁ ସର୍ବସମ୍ମତି କ୍ରମେ ସ୍ୱତନ୍ତ୍ର କମିଟି ମାଧ୍ୟମରେ ବ୍ୟୟ କରାଯାଉ, ମିନବଜାର ବ୍ୟତୀତ ଯେଉଁ ଅନ୍ୟ ସବୁ ଦୋକାନ ରହିଛି, ସେ ସବୁକୁ ଟେଣ୍ଡର ପ୍ରକ୍ରିୟାରେ ସାମିଲ କରାଯାଉ ବୋଲି ସଭ୍ୟମାନେ ଦାବି କରିଥିଲେ । ଏହି ବୈଠକରେ ଜିତେନ୍ଦ୍ର ନାୟକ , ଗାଙ୍ଗରାଜୁ ଶବର, ବଦ୍ରି ମହାନ୍ତି, ଗୌତମ ବିଶୋଇ, ଯାତ୍ରା ଶବର ଆଲୋଚନାରେ ଭାଗ ନେଇ ନିଜର ବ୍ୟକ୍ତିଗତ ମତ ରଖିଥିଲେ । ଶେଷରେ ସନ୍ତୋଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଜଗନ୍ନାଥ ମହାନ୍ତି ,ରାମ ମହାନ୍ତି, ସୋମନାଥ ମହାନ୍ତି, ନେତ୍ରା ନାୟକ, ଟୁଟୁ କାର୍ଜି, ବିଜୟ ଶବର, ଜଗନ୍ନାଥ ଶବର, ତ୍ରିନାଥ ଶବର, ବିଟୁ , ଲିଟୁ , ରବି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

■ ଖେଲୋ ଇଣ୍ଡିଆ ବିଚ୍ ଗେମ୍

## ନବରଙ୍ଗପୁର ଜିଲ୍ଲା ଖେଳାଳିଙ୍କ ସଫଳତା



ନବରଙ୍ଗପୁର,୨୯।୫ (ସମିସ): ନବରଙ୍ଗପୁର ଜିଲ୍ଲା ପେଞ୍ଚାକ ସିଲାଟ ସଂଘର ତିନି ଜଣ ଖେଳାଳି ଗଣେଶ ପୂଜାରୀ, ରବୀନ୍ଦ୍ର ଭତରା ଏବଂ ଅଶୁତୋଷ ପୂଜାରୀ ଡାମନ୍ ଓ ଡିଉ ଠାରେ ଖେଲ ଇଣ୍ଡିଆ ବିଚ୍ ଗେମ୍‌ରେ ଭାଗ ନେଇ ତିନୋଟି ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ସୂଚନା ଯୋଗ୍ୟ ଯେ ଡାମନ ଓ ଡିଓ ଠାରେ ଚଳିତ ମାସ ୧୯ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ଖେଲୋ ଇଣ୍ଡିଆ ବିଚ୍ ଗେମ୍ ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । ଏଥି ପୂର୍ବରୁ ନବରଙ୍ଗପୁରର ଏଇ ଖେଳାଳି ମାନେ ଜାତୀୟ ସ୍ତରର କ୍ରୀଡ଼ାରେ ଚୟନ ହୋଇ ଖେଲୋ ଇଣ୍ଡିଆ ବିଚ୍ ଗେମ୍‌ରେ ଖେଳିବା ପାଇଁ ସୁଯୋଗ ପାଇଥିଲେ । ଅନ୍ତର୍ଜାତୀୟ ରେଫରି ତଥା ପ୍ରଶିକ୍ଷକ ହରିଶ୍ ବେହେରାଙ୍କ ଠାରୁ ବିଗତ ଦଶବର୍ଷ ଧରି ଏହି ଖେଳାଳି ମାନେ ପ୍ରଶିକ୍ଷଣ ନେଉଛନ୍ତି । କ୍ରୀଡାବିତ୍ ମାନଙ୍କର ଏହି ସଫଳତା ପରେ ଜିଲ୍ଲାର ପ୍ରାକ୍ତନ କ୍ରୀଡାବିତ୍ , ବର୍ତ୍ତମାନର ଖେଳାଳୀ ଏବଂ ଖେଳପ୍ରେମୀ ମାନେ ଖୁସି ପ୍ରକଟ କରିଛନ୍ତି । ଏହି ଅବସରରେ ପଦକ ବିଜେତା ଏବଂ କୋଚ୍, ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ତଥା ପେଞ୍ଚକ୍ ସିଲଟ ସଂଘର ଉପଦେଷ୍ଟା ମନୋଜ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ରଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ରୀଡାବିତ୍ ମାନଙ୍କୁ ସମ୍ମାନିତ କରାଯିବ ବୋଲି ଜିଲ୍ଲାପାଳ ଡକ୍ଟର ମହାପାତ୍ର କହିଥିଲେ । ଏହା ଶୁଣି ପଦକ ବିଜେତା ମାନେ ଜିଲ୍ଲାପାଳଙ୍କୁ ସାଧୁବାଦ୍ ଜଣାଇବା ସହ ଖୁସି ପ୍ରକଟ କରିଛନ୍ତି । ସେହିପରି ଜିଲ୍ଲା ମଙ୍ଗଳ ଅଧିକାରୀ ପଲକା ରବୀନ୍ଦ୍ରଙ୍କୁ ମଧ୍ୟ ପଦକ ବିଜେତା ମାନେ ସାକ୍ଷାତ କରିଥିଲେ । ଶ୍ରୀ ପାଲକା ବିଜେତା ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସୂଚନା ଯୋଗ୍ୟ ଯେ କ୍ରୀଡାବିତ୍ ମାନେ ପଦକ ହାସଲ କରି ନବରଙ୍ଗପୁରରେ ପହଞ୍ଚିବା ପରେ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ପଦକ ବିଜେତା ମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ କ୍ରୀଡ଼ା ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ, ମାରାଥନ ଧାବକ ଚିତ୍ତରଞ୍ଜନ ପାତ୍ର, ଉପ ସଭାପତି ଏମ.ବାଲା କ୍ରିଷ୍ଣା ରାଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜେତା ମାନଙ୍କୁ ଉତ୍ସାହିତ କରିଥିଲେ ।

# ବିପୁଳ ମାଓ ସାମଗ୍ରୀ ଜବତ




ମାଲକାନଗିରି, ୨୯।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବୋଟେତୋଙ୍ଗ ଜଙ୍ଗଲରେ ନକ୍ସଲମାନଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ବିଜିଏଲ ସେଲ୍ ବିସ୍ଫୋରକ ସାମଗ୍ରୀ ଏବଂ ବିଜିଏଲ ସେଲ୍ ନିର୍ମାଣ ସାମଗ୍ରୀ ଉଦ୍ଧାର କରିଛନ୍ତି ଯବାନ । ସୂଚନା ଅନୁଯାୟୀ ଛତିଶଗଡର ସୁକୁମା ଜିଲ୍ଲା ଅନ୍ତର୍ଗତ ବୋଟେତୋଙ୍ଗ ଜଙ୍ଗଲ ଅଞ୍ଚଳରେ ନକ୍ସଲମାନଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇ, ଜିଲ୍ଲା ବାହିନୀ, ୨୦୩ ବାଟାଲିୟନ କୋବ୍ରା ବାହିନୀର ଏକ ମିଳିତ ଦଳ ତଲାସି ଅଭିଯାନ ଆରମ୍ଭ କରିଥିଲେ । ଏହି ସମୟରେ ନକ୍ସଲମାନେ ସୁରକ୍ଷା ବାହିନୀକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଲୁଚାଇ ରଖିଥିବା ବିପୁଳ ପରିମାଣର ବିଜିଏଲ ସେଲ୍ ବିସ୍ଫୋରକ ସାମଗ୍ରୀ, ବିଜିଏଲ ସେଲ୍ ନିର୍ମାଣ ସାମଗ୍ରୀ ଏବଂ ଅନ୍ୟାନ୍ୟ ନକ୍ସଲ ସାମଗ୍ରୀ ବୋଟେତୋଙ୍ଗ ଗ୍ରାମର ଜଙ୍ଗଲ ଅଞ୍ଚଳରୁ ଉଦ୍ଧାର କରିଥିଲେ । ଉଦ୍ଧାର ସାମଗ୍ରୀ ମଧ୍ୟରେ ୧୫ଟି ବିଜିଏଲ ସେଲ୍, ବିଜିଏଲ ସେଲ୍ ଖୋକା ୧୭ ଟି, ବିଜିଏଲ ତିଆରି ପାଇଁ ବ୍ୟବହୃତ ହେବାକୁ ଥିବା ୭୮ଟି ଖୋଳା, ଗୋଟିଏ ହ୍ୟାଣ୍ଡ ଗ୍ରେନେଡ୍ ଏବଂ ଅନ୍ୟାନ୍ୟ ବିସ୍ଫୋରକ ତିଆରି ସାମଗ୍ରୀ । ଏହା ଯବାନଙ୍କ ପାଇଁ ଏକ ବଡ ସଫଳତା ବୋଲି କୁହାଯାଉଛି ।

# ଛତୁ ଖାଇ ୬ ଅସୁସ୍ଥ



ନନ୍ଦପୁର,୨୯।୫ (ସମିସ): ନନ୍ଦପୁର ବ୍ଲକ୍ ମାଳିବେଲଗାଁ ପଞ୍ଚାୟତ ଅନ୍ତର୍ଗତ ଗୁଲପଣ୍ଡି ଗ୍ରାମର ଗୋଟିଏ ପରିବାରର ୬ ଜଣ ଗୋବର ଛତୁ ଖାଇ ଅସୁସ୍ଥ ହୋଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ଗୁଲପଣ୍ଡି ଗ୍ରାମର ଈଶ୍ୱରୀ ଖରା(୭), ଗୌରୀ ଖରା(୨୨), ଜୟମି ଖେମୁଣ୍ଡୁ (୨୪), ଯୋସୋଧା ଖରା(୨୨), ସୁହାନା ଖେମୁଣ୍ଡୁ(୧୪), ପ୍ରିନ୍ସ ଖେମୁଣ୍ଡୁ(୮) ଛତୁ ଖାଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ । ଉକ୍ତ ପରିବାର ଲୋକେ ଘର ପାଖ ଗୋବର ଗଦାରେ ଫୁଟିଥିବା ଛତୁ ସଂଗ୍ରହ କରି ଦ୍ୱିପ୍ରହରରେ ରୋଷେଇ କରି ଖାଇଥିଲେ । କିଛି ସମୟ ପରେ ସେମାନଙ୍କୁ ବାନ୍ତି ହେବା ଆରମ୍ଭ ହୋଇଥିଲା । ଲକ୍ଷଣ ଜାଣିପାରି ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ କୁ ଯୋଗାଯୋଗ କରିଥିଲେ । ଆମ୍ବୁଲାନ୍ସ ଉପଲବ୍ଧ ନଥିବା ଯୋଗୁଁ ତୁରନ୍ତ ଏକ ଅଟୋ ସାହାଯ୍ୟରେ ନନ୍ଦପୁର ହସ୍ପିଟାଲ ନେଇଆସିଥିଲେ । ତୁରନ୍ତ ଚିକିତ୍ସା ମିଳିବା ହେତୁ ସମସ୍ତେ ସୁସ୍ଥ ଥିବା ଉପସ୍ଥିତ ଡାକ୍ତର କହିଛନ୍ତି ।

## ଓଡ଼ିଆ କବିତା ଓ ଆଲୋଚନା କାର୍ଯ୍ୟକ୍ରମ

ବୋରିଗୁମ୍ମା, ୨୯।୫ (ସମିସ): ବୋରିଗୁମ୍ମା ବ୍ଲକ ଖୁଟିଗୁଡା ଗ୍ରାମରେ ଗ୍ରାମାଲୋକ (ଓଡ଼ିଆ କବିତା ଓ ଆଲୋଚନା କାର୍ଯ୍ୟକ୍ରମ) ଆୟୋଜିତ ହୋଇଯାଇଛି । କେନ୍ଦ୍ର ସାହିତ୍ୟ ଅକାଦେମି ଏବଂ କୋରାପୁଟ ସାହିତ୍ୟ ପରିବାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଗ୍ରାମାଲୋକ କାର୍ଯ୍ୟକ୍ରମର ଆବାହିକା ଥିଲେ ସାହିତ୍ୟ ଅକାଦେମିର ଓଡ଼ିଆ ବିଭାଗ ଉପଦେଷ୍ଟା ପରିଷଦ ସଦସ୍ୟା ଡ .ପ୍ରୀତିଧାରା ସାମଲ । କୋରାପୁଟ ସାହିତ୍ୟ ପରିବାରର ଉପସଭାପତି ଅଧ୍ୟାପକ ରବି ଶତପଥୀଙ୍କ ସହଯୋଗରେ ଆୟୋଜିତ ଏହି ସାହିତ୍ୟ ସମାରୋହରେ ନବରଙ୍ଗପୁର, ବୋରିଗୁମ୍ମା, ଜୟପୁର କୋରାପୁଟର ଅନେକ ସାହିତ୍ୟାନୁରାଗୀ କବି ଏବଂ କବୟିତ୍ରୀ ଯୋଗଦେଇ ନିଜ ନିଜର କବିତା ଆବୃତ୍ତି କରିଥିଲେ । ସାହିତ୍ୟ ଓ ସମାଜ ପରିପୂରକ ବୋଲି ବକ୍ତାଗଣ ପ୍ରକାଶ କରିଥିଲେ ଏବଂ ଗ୍ରାମାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ କରିବା ଦ୍ୱାରା ସମସ୍ତ ପ୍ରକାର କବି ଲେଖକ ମାନେ ଏକ ସୁନ୍ଦର ମଞ୍ଚ ପାଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୋରିଗୁମ୍ମା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମର ପଟ୍ଟନାୟକ ଯୋଗଦେଇ ଏକ ବ୍ୟଙ୍ଗାତ୍ମକ କବିତା ପାଠ କରିଥିଲେ । ଭିନ୍ନ ଭିନ୍ନ ପର୍ଯ୍ୟାୟ କବିତା ପାଠ ସମୟରେ ସାହିତ୍ୟିକ ନଳିନୀ ରଞ୍ଜନ ମିଶ୍ର, ଉଦୟ ଶଙ୍କର ଜାନୀ, ରଜତ କୁମାର ଷଡ଼ଙ୍ଗୀ, ପ୍ରମୋଦ କୁମାର ରାଉଳ ପ୍ରମୁଖ ସଭାପତି ରୂପେ ମଞ୍ଚାସୀନ ଥିଲେ । ଅଧ୍ୟକ୍ଷ ଦାଶରଥି ଗୌଡ଼ ଏବଂ ଅଧ୍ୟାପକ ଡ .ସୁଧାଂଶୁ ଶେଖର ପଟ୍ଟନାୟକ ସହ ଅନ୍ୟାନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ମଞ୍ଚାସୀନ ହୋଇଥିଲେ । ସମଗ୍ର କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଏନ୍.ରାଜେଶ କୁମାର କରିଥିବା ବେଳେ ଡିଗ୍ରୀ କଲେଜ ଅଧ୍ୟକ୍ଷ ସୌମେନ୍ଦ୍ର ସ୍ୱାଇଁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ବିଶିଷ୍ଟ ଅନୁବାଦକ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଗ୍ରାମାଲୋକ କାର୍ଯ୍ୟକ୍ରମରେ ସୁବାଷ ଚନ୍ଦ୍ର ହରିଜନ, ନାରାୟଣ ସଗର, ସରୋଜ ପ୍ରହରାଜ, ସତ୍ୟ ନାରାୟଣ ଆଚାରି, କୃଷ୍ଣ ଚନ୍ଦ୍ର ହୋତା, ବୈରାଗୀ ଚରଣ ସାହୁ, ଆଲୋକ ମହାରଣା, ସ୍ମୃତି ପଣ୍ଡା, ଅଭିନାଶ ସାନ୍ତ୍ରାପାତ୍ର, ମାନସ କର, ନାରାୟଣ ପାଣିଗ୍ରାହୀ, ରାଜେଶ ନାୟକ, ଅଶୋକ ଷଡଙ୍ଗୀ, ସଦାଶିବ ତ୍ରିପାଠୀ, ଆଶୁତୋଷ ବାରିକ, ମଧୁସୂଦନ ସ୍ୱାଇଁ, ଅଶୋକ ପଲେଇ, ମାନସୀ ମହାନ୍ତି, ଡୋଲି ନାୟକ, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ, ଜାହ୍ନବୀ ପଣ୍ଡା, ସଂଯୁକ୍ତା ପଣ୍ଡା ଓ ସାବିତ୍ରୀ ରାଣା ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ । ଡ.ସୁଧାଂଶୁ ଶେଖର ପଟ୍ଟନାୟକଙ୍କ ତତ୍ତ୍ୱାବଧନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ନୂତନ ପବ୍ଲିକ୍ ପ୍ରସିକ୍ୟୁଟରଙ୍କ ଯୋଗଦାନ



ଜୟପୁର,୨୯।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ତଥା ଦୌରା ଜଜ୍ କୋର୍ଟର ନୂତନ ପବ୍ଲିକ ପ୍ରସିକ୍ୟୁଟର (ପିପି) ଭାବେ ମହେନ୍ଦ୍ର କୁମାର ନାଗ ଯୋଗଦାନ କରିଛନ୍ତି । ଏହା ପୂର୍ବରୁ ପିପି ଶ୍ରୀ ନାଗ ମାଲକାନଗିରି ଜିଲ୍ଲାର ଅତିରିକ୍ତି ପିପି ଭାବେ କାର୍ଯ୍ୟରତ ଥିଲେ । ଆଜି ପିପି ଶ୍ରୀ ନାଗଙ୍କୁ ଜୟପୁର ଜିଲ୍ଲା ଆଇନଜୀବି ସଂଘର ସଭାପତି ସରୋଜ ଦାଶ, ସମ୍ପାଦକ ସଚିଦାନନ୍ଦ ମିଶ୍ର, ପୂର୍ବତନ ସଂଘର ସଭାପତି ବିରେଶ ପଟ୍ଟନାୟକ, ସୁଧିର ତ୍ରିପାଠୀ, ଗାୟତ୍ରୀ ଦେବୀ, ରାଜେନ୍ଦ୍ର ସାନ୍ତ୍ରା ଏବଂ ଅନ୍ୟମାନେ ଜିଲ୍ଲା କୋର୍ଟ ପରିସରରେ ତାଙ୍କ କକ୍ଷରେ ସ୍ୱାଗତ କରିଥିଲେ । ସେହିପରି ଜୟପୁର ଜିଲ୍ଲା କୋର୍ଟର ପୂର୍ବତନ ପିପି ଶୈଳଜା ପଟ୍ଟନାୟକଙ୍କୁ ପଦୋନ୍ନତି ପ୍ରଦାନ କରାଯାଇ କଳାହାଣ୍ଡି ଜିଲ୍ଲାର ଆଇନ ବିଭାଗର ନୂତନ ଭାବେ ସୃଷ୍ଟି ହୋଇଥିବା ପଦବୀ ଡେପୁଟି ଡାଇରେକ୍ଟର ( ପ୍ରସିକ୍ୟୁସନ) ଭାବେ ନିଯୁକ୍ତି କରାଯାଇଛି । ଏହିପରି ନବରଙ୍ଗପୁର ଜିଲ୍ଲାର ମଧ୍ୟ ସେ ଅତିରିକ୍ତ ଦାୟୀତ୍ୱରେ ରହିବେ । ସେହିପରି କଳାହାଣ୍ଡି ଜିଲ୍ଲା ଦୌରାଜଜ୍ କୋର୍ଟର ପିପି ନିର୍ଦ୍ଦେଶନୀ ରଥଙ୍କୁ ପଦୋନ୍ନତି ପ୍ରଦାନ କରାଯାଇ କୋରାପୁଟ ଜିଲ୍ଲା ଡେପୁଟି ଡାଇରେକ୍ଟର ଭାବେ ଅବସ୍ଥାପିତ କରାଯାଇଛି । ସେ ମାଲକାନଗିରି ଜିଲ୍ଲାର ଡେପୁଟି ଡାଇରେକ୍ଟର ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି ।

# ନିର୍ମାଣାଧୀନ ରାସ୍ତା ଉପରୁ ଉଠିଯାଉଛି ପିଚୁ

ନିମ୍ନମାନର କାର୍ଯ୍ୟ ନେଇ କଂଗ୍ରେସର ଅଭିଯୋଗ



ଚନ୍ଦାହାଣ୍ଡି,୨୯।୫(ସମିସ): ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଫୁଲଝରି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମେନ୍ କେନାଲ ଉପରେ ନିର୍ମାଣ ହେଉଥିବା ରାସ୍ତା ସମ୍ପୂର୍ଣ୍ଣ ଭାବେ ନିମ୍ନମାନର ହେଉଥିବା ଦେଖିବାକୁ ମିଳିଛି । ଏକ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ଅବସ୍ଥାରେ ପୁରା ପିଚୁ ଉଠି ଯାଉଥିବାରୁ ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାସ୍ତା କାର୍ଯ୍ୟ ସମୟରେ ଠିକାଦାର କି କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁନଥିବା ବେଳେ ସ୍ଥାନୀୟ ମେଟ କାର୍ଯ୍ୟ ତୁଲାଉଥିବା ଅଭିଯୋଗ ହୋଇଛି । ଏ ନେଇ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ପରେ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ କ୍ଷେମରାଜ ବାଘ ଘଟଣାସ୍ଥଳ ପରିଦର୍ଶନ କରି ରାସ୍ତା ନିର୍ମାଣରେ ସମ୍ପୂର୍ଣ୍ଣ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି । ଏଥି ସହିତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ଦାବି କରିଛନ୍ତି । ଏହି ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁ ଚନ୍ଦ୍ରିକାରେ କାମ ହୋଇଥିବାରୁ ବିଭାଗୀୟ ଯନ୍ତ୍ରୀଙ୍କୁ ତୁରନ୍ତ ନିଲମ୍ବନ କରିବା ସହ ସଂପୃକ୍ତ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବାକୁ ଶ୍ରୀ ବାଘ ଦାବି କରିଛନ୍ତି । ନଚେତ୍ କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ଏହା ସହ ବର୍ତ୍ତମାନର ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ନିର୍ବାଚିତ ହେବା ପୂର୍ବରୁ ଏଭଳି ଉନ୍ନୟନ କାର୍ଯ୍ୟକୁ ନିମ୍ନମାନର କାର୍ଯ୍ୟ ଦର୍ଶାଇ ଯନ୍ତ୍ରୀ ଠିକାଦାରଙ୍କୁ ଆକ୍ଷେପ କରୁଥିଲେ । ମାତ୍ର ସେ ଏବେ ନିର୍ବାଚିତ ହୋଇ ସାଂସଦ ହେବା ପରେ ନିଜ ଅଞ୍ଚଳରେ ଏତେ ନିମ୍ନମାନର କାର୍ଯ୍ୟ ହେଉଥିବା ଜାଣି ଚୁପ ରହିବା ନେଇ ଶ୍ରୀ ବାଘ ପ୍ରଶ୍ନ କରିଛନ୍ତି । ଏ ନେଇ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଏବଂ କ୍ଷୁଦ୍ର ଜଳସେଚନ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ବି ତାଙ୍କର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଆକାଶ ଅମ୍ବାନୀ



ପୁରୀ, ୨୯।୫(ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଭାରତର ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ଜିଓର ପ୍ରତିଷ୍ଠାତା ମୁକେଶ ଅମ୍ବାନୀଙ୍କ ବଡ଼ପୁଅ ଆକାଶ ଅମ୍ବାନୀ। ବୁଧବାର ବିଳମ୍ବିତ ରାତିରେ ଆକାଶ କଡ଼ା ସୁରକ୍ଷା ମଧ୍ୟରେ ଆସି ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ସିଂହଦ୍ୱାର ଥାନା ପାଖରେ ଶ୍ରୀମନ୍ଦିର ପ୍ରଶାସନ, ପୁଲିସ ଏବଂ ତାଙ୍କର କୌଳିକପଣ୍ଡା ସମେତ ଅନ୍ୟ ବରିଷ୍ଠ ସେବାୟତ ସ୍ୱାଗତ କରିଥିଲେ। ପରେ ତାଙ୍କୁ ଶ୍ରୀମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ଯେହେତୁ ବୁଧବାର ଠାକୁରଙ୍କ ବନକଲାଗି ଥିଲା, ନୀତିକାନ୍ତି ବିଳମ୍ବରେ ଚାଲିଥିଲା। ଆକାଶ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢ଼ା ପରିସର ବୁଲି ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପ୍ରାୟ ଅଧଘଣ୍ଟା ମନ୍ଦିରରେ ସମୟ ଅତିବାହିତ କରିଥିବା ବେଳେ ୧୫ ମିନିଟ୍ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ମହାପ୍ରଭୁଙ୍କ ଦର୍ଶନ କରି ଆକାଶ ବେଶ୍ ଖୁସି ପ୍ରକଟ କରିଥିଲେ ବୋଲି କହିଛନ୍ତି ତାଙ୍କର କୌଳିକପଣ୍ଡା ଜଗନ୍ନାଥ କର। ଶ୍ରୀମନ୍ଦିରରୁ ପ୍ରତ୍ୟାବର୍ତ୍ତନ ସମୟରେ ମନ୍ଦିର ପ୍ରଶାସନ ତରଫରୁ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଠାକୁରଙ୍କ ପ୍ରତିମୂର୍ତ୍ତି ଆଦି ପ୍ରଦାନ କରାଯାଇଥିଲା। ସେ ମଧ୍ୟ ଏକ ଖାମ୍‌ରେ ମନ୍ଦିର ପାଇଁ ଚେକ୍ ଦେଇଥିବା ସୂଚନା ମିଳିଛି। କିନ୍ତୁ କେତେ ଟଙ୍କା ତାହା ଜଣାପଡ଼ିନାହିଁ।

ସୂଚନା ଥାଉକି, ମୁକେଶ ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀ ତାଙ୍କ ବିବାହ ପୂର୍ବରୁ ଗତବର୍ଷ ଏପ୍ରିଲ ୧୬ ତାରିଖରେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେ ଶ୍ରୀମନ୍ଦିର ପ୍ରଶାସନକୁ ୨.୫କୋଟି ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

# ସରକାରଙ୍କ ବର୍ଷପୂର୍ତ୍ତି ପ୍ରସ୍ତୁତି; ଜବାବ ଦେବାକୁ ବିରୋଧୀଙ୍କ ସଜବାଜ

ଭୁବନେଶ୍ୱର,୨୯।୫(ସମିସ): ଆଉ ଦିନ କେଇଟା ପରେ ରାଜ୍ୟରେ ବିଜେପି ସରକାର ପାଳିବେ ଶାସନର ଏକ ବର୍ଷ ପୂର୍ତ୍ତି ଉତ୍ସବ। ରାଜ୍ୟବ୍ୟାପୀ ଏହି ଉତ୍ସବ ପାଳନ କରାଯିବ। ଏଥିପାଇଁ ରାଜ୍ୟଠାରୁ ଜିଲ୍ଲା ଓ ବ୍ଲକ୍ ପ୍ରଶାସନିକ ସ୍ତରରେ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରି ରାଜ୍ୟବାସୀଙ୍କୁ ଡବଲ ଇଂଜିନ ସରକାରରେ ପ୍ରଥମ ବର୍ଷର କାର୍ଯ୍ୟ ବିଷୟରେ ଅବଗତ କରାଇବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଭିତରେ ସରକାରଙ୍କୁ ଘେରିବାକୁ ବିରୋଧୀ ମଧ୍ୟ ପ୍ରସ୍ତୁତ ହେଉଛନ୍ତି। ସରକାର ଦେଇଥିବା ପ୍ରତଶ୍ରୁତି ପୂରଣରେ ବିଫଳ ଓ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ସୃଷ୍ଟି ହୋଇଥିବା ଆହ୍ୱାନ ସହ ଲୋକଙ୍କୁ ବିଜେପି ସରକାରର ବିଫଳତା ଜଣାଇବାକୁ ଉଭୟ ବିଜେଡି ଓ କଂଗ୍ରେସ ଯୋଜନା କରୁଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ବିଜେପି ସରକାର ବର୍ଷପୂର୍ତ୍ତି ଉତ୍ସବ ପାଳନ ପାଇଁ ସାରାରାଜ୍ୟରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରିବେ। ଅନେକ ସାମ୍ବାଦିକଙ୍କଠାରୁ ଆରମ୍ଭ କରି ଶିଳ୍ପ ସଂସ୍ଥାର କର୍ତ୍ତୃପକ୍ଷ ଓ ସ୍ୱେଚ୍ଛାସେବୀ ସଂଗଠନ ମୁଖ୍ୟ ଆଦିଙ୍କୁ ଭୋଜି ଦିଆଯିବ। ଏଥିରେ ନେତା ଓ ମନ୍ତ୍ରୀ ମଧ୍ୟ ସାମିଲ ହେବେ। ସେହିପରି ନୂଆ ଯୋଜନା ଓ ସଫଳତାର ଏକ ପୁସ୍ତିକା ଓ ପକେଟ୍ ବୁକ୍ ସାଙ୍ଗକୁ ଥିମ୍ ସଙ୍ଗ୍ ଏବଂ ଡକ୍ୟୁମେଣ୍ଟାରୀ ଫିଲ୍ମ ଆଦି ତିଆରି କରାଯାଉଛି। ୧୨ ଜୁନ୍‌ରେ ଜନତା ମୈଦାନରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଥିବା ବେଳେ ଏଠାରେ ରାଜ୍ୟର ପ୍ରମୁଖ ବିଭାଗଗୁଡ଼ିକ ସରକାରୀ ଯୋଜନାର ପ୍ରଚାର ପ୍ରସାର ସହିତ ସନ୍ଧ୍ୟାରେ ବିରାଟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନା ହେବ। ଜୁନ୍ ୧୩ ତାରିଖରେ ବ୍ରହ୍ମପୁରରେ ନାରୀ ଶକ୍ତି ସମାବେଶ ସାଙ୍ଗକୁ ଜୁନ୍ ୧୮ରେ ଢେଙ୍କାନାଳରେ ଯୁବ ଶକ୍ତି ସମାବେଶ, ଜୁନ୍ ୧୯ରେ ମୟୂରଭଞ୍ଜରେ ଆଦିବାସୀ ଶକ୍ତି ସମାବେଶ ଓ ୨୦ରେ ବରଗଡ଼ରେ ଚାଷୀ ଶକ୍ତି ନାମରେ ଏକ ବିରାଟ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ପ୍ରସ୍ତୁତ ହୋଇଛି। ସାରା ରାଜ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଭୁବନେଶ୍ୱରରେ ପ୍ରାୟ ସବୁ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ।

- **ରାଜ୍ୟବ୍ୟାପୀ ସରକାର ପାଳନ କରିବେ କାର୍ଯ୍ୟକ୍ରମ, ସମାବେଶ**
- **ଓଡ଼ିଶାବାସୀ ବିଜେଡିର ସ୍ୱର ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଜବାବ ଦେବେ: ଅରୁଣ**
- **ଲୋକଙ୍କୁ ଠକି ଲୋକଙ୍କ ପଇସାରେ ଉତ୍ସବ; ଇଏ କେବଳ ରଙ୍ଗ ବଦଳାଇବା ସରକାର: ତାରା**

ସରକାର ଜୁନ୍ ୧୨ରେ ବର୍ଷପୂର୍ତ୍ତି ଉତ୍ସବ ପାଳନ କରୁଥିବା ବେଳେ ବିଜେଡି ମଧ୍ୟ ସରକାରଙ୍କ ମୁଖା ଖୋଲିବାକୁ ପ୍ରସ୍ତୁତ ହେଉଛି। ସରକାରଙ୍କ ଏଭଳି କାର୍ଯ୍ୟକ୍ରମ ନେଇ ବରିଷ୍ଠ ବିଜେଡି ନେତା ଡ. ଅରୁଣ ସାହୁ କହିଛନ୍ତି, ମିଛ କାହାଣୀକୁ ସତ ଜବାବ ଦିଆଯିବ। ଓଡ଼ିଶାବାସୀ ବିଜେଡିର ସ୍ୱର ମାଧ୍ୟମରେ ସରକାରଙ୍କୁ ଜବାବ ଦେବେ। ବର୍ଷସାରା ସେମାନେ ପ୍ରଚାର କରୁଛନ୍ତି; ହେଲେ ତାଙ୍କ ସଭାରେ ତିନି ଭାଗ ଚେୟାର ଫାଙ୍କା ପଡ଼ୁଛି। କୌଣସି ପ୍ରତଶ୍ରୁତି ସେମାନେ ପୂରଣ କରି ନ ଥିବାରୁ ବିଜେଡି ଏହାର ଜବାବ ଦେବ ବୋଲି ଡ. ସାହୁ କହିଛନ୍ତି।

ସେହିପରି ବରିଷ୍ଠ କଂଗ୍ରେସ ନେତା ତାରା ପ୍ରସାଦ ବାହୀନିପତି କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ଗରିବ ଲୋକଙ୍କ ଟିକସ ପଇସାରେ କରାଯିବ। ସରକାର ବିକାଶ ନୁହେଁ; ବିନାଶ କରିଛନ୍ତି। ସରକାର ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବାରେ ବିଫଳ ହୋଇଛନ୍ତି। ଦାଦନ ବନ୍ଦ କରି ପାରିନାହାନ୍ତି। ମହିଳାଙ୍କ ସୁରକ୍ଷା, ବେକାରୀ ଯୁବକଙ୍କ ଚାକିରି, ମହିଳାଙ୍କୁ ବର୍ଷକୁ ୫୦ ହଜାର ଦେବା ଭଳି ଯୋଜନାର ପ୍ରତିଶ୍ରୁତି ଦେଇ ଫେଲ୍ ମାରିଛନ୍ତି। କଟ୍‌ନୀଛଟନୀ ବନ୍ଦ ବଦଳରେ ଏହାକୁ ବଢ଼ାଇ ଚାଷୀଙ୍କୁ ଉପହାସ କରିଛନ୍ତି। ସରକାର କେବଳ ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଆଖିରେ ରଖି ସରକାରୀ ପଇସାରେ ଡିଣ୍ଡିମ ପିଟିବାକୁ ବାହାରିଛନ୍ତି। ଲୋକେ ବୁଝି ସାରିଲେଣି। ଇଏ କେବଳ ରଙ୍ଗ ବଦଳାଇବା ସରକାର। କଂଗ୍ରେସ ଘରେ ଘରେ ପହଞ୍ଚିବ ଓ ଦୁର୍ନୀତି ବିଷୟରେ ଲୋକଙ୍କୁ ଅବଗତ କରାଇବ। ଲୋକଙ୍କୁ ଏ ସଂପର୍କରେ ଅବଗତ କରାଯିବ ବୋଲି ଶ୍ରୀ ବାହୀନିପତି କହିଛନ୍ତି।

# ଟାଇମ୍ସ ନାଓ ବିଜିନେସ୍ ଏକ୍ସିଲେନ୍ସ ଆୱାର୍ଡରେ ସୋଆକୁ ୮ ସମ୍ମାନ



ଭୁବନେଶ୍ୱର, ୨୯।୫ (ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇଞ୍ଜିନିୟରିଂ, ଆଇନ ଏବଂ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନକୁ ପୂର୍ବ ଭାରତର ଶ୍ରେଷ୍ଠ ଶିକ୍ଷାକେନ୍ଦ୍ର ଭାବେ ଟାଇମ୍ସ ନାଓ ବିଜିନେସ୍ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି। କୋଲକାତାଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଟାଇମ୍ସ ନାଓ ବିଜିନେସ୍ ଏକ୍ସିଲେନ୍ସ ଆୱାର୍ଡ- ଇଷ୍ଟ ୨୦୨୫ ଅବସରରେ ସୋଆର ୩ଟି ଶିକ୍ଷାନୁଷ୍ଠାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର), ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସ୍ଏନ୍ଆଇଏଲ୍) ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)କୁ ପୂର୍ବ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ସମ୍ମାନିତ କରାଯାଇଛି। ସେହିପରି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଅଙ୍କୋଲୋଜି, କାର୍ଡିଓଲୋଜି ଆଣ୍ଡ କାର୍ଡିଆକ୍ ସର୍ଜରୀ, ୟୁରୋଲୋଜି, ନ୍ୟୁରୋଲୋଜି ଏବଂ ନେଫ୍ରୋଲୋଜି ବିଭାଗ ଗୁଡ଼ିକୁ ଓଡ଼ିଶାର ମଲ୍ଟିସ୍ପେଶିଆଲିଟି ହସ୍ପିଟାଲଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ବିଭାଗ ଭାବେ ସମ୍ମାନ ପ୍ରଦାନ କରାଯାଇଛି।

ବଲିଉଡ୍ ଅଭିନେତ୍ରୀ ନିମ୍ରତ କୌର୍ ଏହି ସମ୍ମାନଗୁଡ଼ିକୁ ପ୍ରଦାନ କରିଥିବା ବେଳେ ଟାଇମ୍ସ ନେଟୱର୍କ ଡିଜିଟାଲ୍‌ର ପରିଚାଳନା ନିର୍ଦ୍ଦେଶିକା ପୂଜା ସେଠୀ, ବଲିଉଡ୍ ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ପରମବ୍ରତ ଚାଟାର୍ଜୀ, ଚଳଚ୍ଚିତ୍ର ନିର୍ମାତା ନନ୍ଦିତା ରାୟ, ଶିବପ୍ରସାଦ ମୁଖାର୍ଜୀ ଏବଂ ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜ ଚକ୍ରବର୍ତ୍ତୀ, ଟାଇମ୍ସ ନେଟୱାର୍କର ଆସିଷ୍ଟାଣ୍ଟ ଭାଇସ୍ ପ୍ରେସିଡେଣ୍ଟ ବିମାନ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସୋଆ ପକ୍ଷରୁ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ କର୍ପୋରେଟ୍ ରିଲେସନ୍ସ ଓ ଇଣ୍ଡଷ୍ଟ୍ରି ଏନ୍‌ଗେଜମେଣ୍ଟ ରୀପ୍ତି ରଞ୍ଜନ ଦାଶ ଏବଂ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ଶୁଭଦର୍ଶିନୀ ମିଶ୍ର ଅତିଥିମାନଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ।

# ନୌସେନା, ତଟରକ୍ଷୀ ବାହିନୀ ସହ କିଟ୍‌ର ଦୁଇ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୨୯।୫(ସମିସ): ଶିକ୍ଷାଗତ ସଶକ୍ତୀକରଣ ଏବଂ ଅନ୍ତର୍ଭୁକ୍ତିମୂଳକ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ପଦକ୍ଷେପସ୍ୱରୂପ, କିଟ୍ ବିଶ୍ୱବିଦ୍ୟାଳୟ, ଭାରତୀୟ ନୌସେନା ଓ ଭାରତୀୟ ତଟରକ୍ଷୀ ମଧ୍ୟରେ ଦୁଇଟି ଅଲଗା ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାପତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏବଂ ନୌସେନା ସ୍ତ୍ରୀ କଲ୍ୟାଣ ସଂଘର ସଭାପତି ଶଶି ତ୍ରିପାଠି ଏବଂ ନୌସେନା ଶିକ୍ଷା ଅଧିକାରୀ କମୋଡୋର ଏସଏମ୍ ଉରୁଜ ଆଥାର୍ ସ୍ୱାକ୍ଷର କରିଛନ୍ତି।

ବୁଝାମଣାପତ୍ର ଅନୁସାରେ, କିଟ୍ ବିଶ୍ୱବିଦ୍ୟାଳୟରେ ନୌସେନା କର୍ମଚାରୀ ଏବଂ ସେମାନଙ୍କ ପରିବାର ପିଲାଙ୍କ ପାଇଁ ଛାତ୍ରବୃତ୍ତି, ଟ୍ୟୁସନ୍ ଫି' ଛାଡ଼ ଏବଂ ବିଭିନ୍ନ ପାଠ୍ୟକ୍ରମରେ ସିଟ୍ ସଂରକ୍ଷିତ ରଖାଯିବ। ସେମାନଙ୍କ ପିଲାଙ୍କ ପାଇଁ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ଦୁଇଟି ସିଟ୍ ପାଇଁ ୧୦ ପ୍ରତିଶତ ଟ୍ୟୁସନ୍ ଫି' ଛାଡ଼, ବିଡିଏସ୍ ଏବଂ ବିଏସ୍‌ସି ନର୍ସିଂରେ ୫ଟି ସିଟ୍ ସଂରକ୍ଷଣ, ବି.ଟେକ୍ (କମ୍ପ୍ୟୁଟର ବିଜ୍ଞାନ ଏବଂ ଆନୁଷଙ୍ଗିକ ପାଠ୍ୟକ୍ରମ)ରେ ୪ଟି ସିଟ୍ ସଂରକ୍ଷଣ ଏବଂ କାର୍ଯ୍ୟରତ ନୌସେନା ଅଧିକାରୀଙ୍କ ପିଲାମାନଙ୍କ ପାଇଁ ଅନ୍ୟ ସମସ୍ତ ଅଣ-ଡାକ୍ତରୀ ପାଠ୍ୟକ୍ରମରେ ୫୦ ପ୍ରତିଶତ ଇନ୍‌ଷ୍ଟିଚ୍ୟୁସନାଲ୍ ଫି ଛାତ୍ରବୃତ୍ତି ସହ ସେମାନଙ୍କୁ ଆବଶ୍ୟକ ସିଟ୍ ପ୍ରଦାନ କରାଯିବ।





ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ତଟରକ୍ଷୀର କୋଷ୍ଟଗାର୍ଡ ୱେଲଫେୟାର୍ ଆଣ୍ଡ ୱେଲନେସ୍ ସଂଘ ମଧ୍ୟରେ ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏଥିରେ ମଧ୍ୟ ଭାରତୀୟ ତଟରକ୍ଷୀରେ କର୍ମଚାରୀଙ୍କ ପିଲାଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟରେ ଇନ୍‌ଷ୍ଟିଚ୍ୟୁସନାଲ୍ ଫି' ଉପରେ ୧୦ ପ୍ରତିଶତ ବୃତ୍ତି ସହ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୨ଟି, ବିଡିଏସ୍‌ରେ ୫ଟି, ବିଏସ୍ସି ନର୍ସିଂରେ ୫ଟି ସିଟ୍ ସଂରକ୍ଷିତ ରଖାଯିବ। ଏହାବ୍ୟତୀତ କମ୍ପ୍ୟୁଟର୍ ସାଇନ୍ସ ଓ ତତ୍ ସମ୍ପର୍କିତ ଅନ୍ୟାନ୍ୟ ବିଟେକ୍ ପାଠ୍ୟକ୍ରମରେ ୪ଟି ସିଟ୍ ସେମାନଙ୍କ ପାଇଁ ସଂରକ୍ଷିତ ରହିବ। ଅନ୍ୟାନ୍ୟ ସମସ୍ତ ଅଣ-ଡାକ୍ତରୀ ପାଠ୍ୟକ୍ରମରେ ସେମାନଙ୍କ ପିଲାଙ୍କ ପାଇଁ ଇନ୍‌ଷ୍ଟିଚ୍ୟୁସନାଲ୍ ଫି' ଉପରେ ୫୦ ପ୍ରତିଶତ ବୃତ୍ତି ପ୍ରଦାନ କରାଯିବ। ଏହି ସହଯୋଗ କିଟ୍‌ର ଜାତୀୟ ସେବା ଏବଂ ସାମାଜିକ ଦାୟିତ୍ୱବୋଧ ପ୍ରତି ଦୀର୍ଘସ୍ଥାୟୀ ପ୍ରତିବଦ୍ଧତା ପ୍ରତିପାଦିତ କରୁଛି ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି।

■ ରଥଖଳାରୁ...

# ଶେଷ ପର୍ଯ୍ୟାୟରେ ଅଖ ନିର୍ମାଣ



ପୁରୀ,୨୯।୫ (ସମିସ): ରଥଯାତ୍ରା ପାଖେଇ ଆସୁଥିବା ବେଳେ ଚଳଚଞ୍ଚଳ ହୋଇପଡ଼ିଛି ରଥଖଳା। ମହାପ୍ରଭୁଙ୍କ ପ୍ରତି ସମର୍ପଣ ଭାବ ରଖି କାମ କରୁଛନ୍ତି ରଥ ନିର୍ମାଣକାରୀ ସେବକ। ବିଧି ମୁତାବକ, ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନିରଥର ୪୨ଟି ଯାକ ଚକ ନିର୍ମାଣ ସରିଥିବା ବେଳେ ୨୧ଟି ଅଖ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଗରଗରାର ଚଉପଟ ଶେଷ ହୋଇଛି। ଏହାପରେ ଏହି ଗରଗରାର ଉଭୟ ପାର୍ଶ୍ୱରେ ବିନ୍ଧ କରାଯାଉଛି। ତିନିରଥର ୧୪ ନାହାକା ମଧ୍ୟରୁ ୧୦ଟି ଲେଖାଏଁ ଶେଷ ହୋଇଥିବା ବେଳେ ଆଉ ୪ଟି କାମ ଆରମ୍ଭ କରିଛନ୍ତି। ସେହିପରି ତିନି ରଥର ଭୂଇଁ ଚଉତାରେ ପାଖୁଡ଼ା ବିନ୍ଧ କାର୍ଯ୍ୟ ଜାରି ରହିଛି। ରଥଖଳା ନିକଟରେ କରତି ସେବକମାନେ ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ କରୁଛନ୍ତି। ଶୁକ୍ରବାର ଏହାର ଚିରଟ ଶେଷ ହେବ। ରୂପକାର ସେବକମାନେ ପ୍ରତ୍ୟେକ ରଥର ୧୧ଟି ଲେଖାଏଁ କୋଣଗୁଜ ବା ସାଲ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଶେଷ କରିବା ସହ ଉକ୍ତ ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ସାରି ସେଥିରେ ଅଳଙ୍କାର ପକାଉଛନ୍ତି। ଶୁକ୍ରବାରଠାରୁ ନାଟଗୋଡ଼ କାମ ଆରମ୍ଭ କରିବେ ରୂପକାର ସେବକ। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ଗରଗରା କଣ୍ଟା, ଦଣ୍ଡା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

**ହାଇକୋର୍ଟରେ ମହାକାଳପଡ଼ା ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ**

# ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ଅନାସ୍ଥା ସମ୍ପର୍କିତ ପଦକ୍ଷେପ

କଟକ, ୨୯।୫(ସମିସ): ମହାକାଳପଡ଼ା ବ୍ଲକ୍ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ନୋଟିସ୍‌କୁ ବିରୋଧ କରି ଦାୟର ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। କଳ୍ପନା ରାଉତଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଉପଜିଲ୍ଲାପାଳଙ୍କ ଗତ ମେ' ୨୦ ତାରିଖ ଅନାସ୍ଥା ନୋଟିସ ଆଧାରରେ ପରବର୍ତ୍ତୀ ପଦକ୍ଷେପ ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କୁ ଅଦାଲତ ନୋଟିସ୍ ମଧ୍ୟ ଜାରି କରିଥିବା ବେଳେ ଆସନ୍ତା ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ଗତ ୨୭ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାର ଶୁଣାଣି ଆସନ୍ତା ଜୁନ୍ ୩୦କୁ ଧାର୍ଯ୍ୟ କରାଯାଇଥିବା ବେଳେ ଛକାପଞ୍ଝା ଭିତରେ ଶେଷରେ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବର ଫଇସଲା ଗତକାଲି ତରବରିଆ ଭାବେ ହୋଇଛି।

ବିଜେଡି ସମର୍ଥିତ ଅଧ୍ୟକ୍ଷା ଶ୍ରୀମତୀ ରାଉତ ଗତକାଲି ଅନାସ୍ଥା ଭୋଟ୍‌ରେ ପଦ ହରାଇଛନ୍ତି। ମୋଟ ୩୧ ପଞ୍ଚାୟତ ବିଶିଷ୍ଟ ମହାକାଳପଡ଼ା ବ୍ଲକ୍‌ରେ ଅଧ୍ୟକ୍ଷାଙ୍କ ବିରୋଧରେ ପ୍ରଥମେ ମାର୍ଚ୍ଚ ୨୧ ତାରିଖରେ ଅନାସ୍ଥା ପ୍ରସ୍ତାବ ଆସିଥିଲା। ଏପ୍ରିଲ ୫ରେ ଅନାସ୍ଥା ଭୋଟ୍ ପାଇଁ ପ୍ରଶାସନ ଘୋଷଣା କରିଥିଲା। ଦୁଇଥର ଅନାସ୍ଥା ପାଇଁ ଭୋଟ୍ ତାରିଖ ଘୋଷଣା ହୋଇ ଅଦାଲତଙ୍କ ଆଦେଶକ୍ରମେ ସ୍ଥଗିତ ରହିଥିଲା। ଗତ ୧୬ ତାରିଖରେ ହାଇକୋର୍ଟ ମାମଲାର ଶୁଣାଣି କରି ପ୍ରଶାସନର ନିର୍ବାଚନ ସ୍ଥଗିତ ଆଦେଶକୁ ହଟାଇ ଦେଇଥିଲେ। ୨୮ ତାରିଖରେ ସ୍ୱତନ୍ତ୍ର ବୈଠକ ଓ ମତଦାନ ହୋଇଥିଲା।

**ରାୟଗଡ଼ା ଜନସ୍ୱାସ୍ଥ୍ୟ ଅଧୀକ୍ଷଣ ଯନ୍ତ୍ରୀ ଗିରଫ**

# ୯ ବର୍ଷ ଚାକିରିରେ କୋଟିପତି

ରାୟଗଡ଼ା,୨୯।୫ (ସମିସ): ନଗଦ ଦେଢ଼ଲକ୍ଷ ଟଙ୍କା ସହ ଗତକାଲି ବାଟମଝିରୁ ଧରାପଡ଼ିଥିବା ରାୟଗଡ଼ା ଜନସ୍ୱାସ୍ଥ୍ୟ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସହଦେବ କିଷାନଙ୍କୁ ଆଜି ଭିଜିଲାନ୍ସ ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଗିରଫ କରିଛି। ଗିରଫ ପରେ ତାଙ୍କୁ ଜୟପୁରସ୍ଥିତ ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ନିକଟରେ ହାଜର କରାଯାଇଥିବା ଜଣାଯାଇଛି।



ମାତ୍ର ୯ବର୍ଷର ସରକାରୀ ଚାକିରିରେ ଶ୍ରୀ କିଷାନ କୋଟିକୋଟି ଟଙ୍କାର ସମ୍ପତ୍ତି ଠିଆ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଗତକାଲି ଶ୍ରୀ କିଷାନ ଧରାପଡ଼ିବା ପରେ ତାଙ୍କର ସମ୍ବଲପୁର ଓ ରାୟଗଡ଼ାସ୍ଥିତ ଘରେ ଏକକାଳୀନ ଖାନତଲାସି କରାଯାଇଥିଲା। ଏହି ସମୟରେ ତାଙ୍କର କୋଟି କୋଟି ଟଙ୍କାର ସଂପତ୍ତି ଠାବ କରିଥିଲା ଭିଜିଲାନ୍ସ। ଠାବ ସଂପତ୍ତି ମଧ୍ୟରେ ଶ୍ରୀ କିଷାନଙ୍କର ସମ୍ବଲପୁର ସହରରେ ଦୁଇଟି ଦାମୀ ଫ୍ଲାଟ୍ ରହିଛି। ସେହିପରି ବ୍ୟାଙ୍କଜମା, ବୀମା ଜମା ଏବଂ ମ୍ୟୁଚୁଆଲ ଫଣ୍ଡ, ସେୟାର ଇତ୍ୟାଦିରେ ପ୍ରାୟ ୫୦ ଲକ୍ଷ ଟଙ୍କାର ନିବେଶ ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଏହାବ୍ୟତୀତ ତାଙ୍କ ଘରୁ ୧୦୦ ଗ୍ରାମ୍ ଓଜନର ସୁନା ଅଳଙ୍କାର ଓ ୧୦ ଲକ୍ଷ ଟଙ୍କାର ଦାମୀ ଘରୋଇ ଆସବାବପତ୍ର ଠାବ ହୋଇଛି।

ଖାଲି ସେତିକି ନୁହେଁ, ଶ୍ରୀ କିଷାନ ତାଙ୍କର ଉତ୍ତରପ୍ରଦେଶର ଜଣେ ବନ୍ଧୁ ରମେଶ କୁମାରଙ୍କ ନାମରେ ସମ୍ବଲପୁର ଗୋଲବଜାର ଶାଖାର ଏଚଡିଏଫ୍‌ସି ବ୍ୟାଙ୍କ ଶାଖାରେ ଗୋଟିଏ ଆକାଉଣ୍ଟ ଚଳାଉଥିବା ଜଣାପଡ଼ିଛି। ସେଥିରେ ଶ୍ରୀ କିଷାନ ପ୍ରାୟ ୧୬ଲକ୍ଷ ଟଙ୍କା ଜମା କରିଛନ୍ତି। ଏନେଇ ଭିଜିଲାନ୍ସ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଏହାସହ ବନ୍ଧୁ ରମେଶ କୁମାରଙ୍କ ନାମରେ ମଧ୍ୟ ପୁଞ୍ଜିବଜାରରେ ସେ ପ୍ରାୟ ୧୫ଲକ୍ଷ ଟଙ୍କା ନିବେଶ କରିଛନ୍ତି ବୋଲି ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ୨୦୧୬ ମାର୍ଚ୍ଚ ୨୯ ତାରିଖରେ ଗୃହ ଓ ନଗର ଉନ୍ନୟନ ବିଭାଗରେ ଏଇଇ ଭାବରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ ଶ୍ରୀ କିଷାନ। ସେ ସମ୍ବଲପୁରର ଓଡ଼ିଶା ଜଳ ସ୍ୱରେଜ ବୋର୍ଡ, ପିଏଚ ସର୍କଲ, ଭବାନୀପାଟଣା ଏବଂ ପିଏଚ ଡିଭିଜନ, ରାୟଗଡ଼ା କାର୍ଯ୍ୟାଳୟରେ ଏଇଇ ଭାବରେ କାର୍ଯ୍ୟ କରିଥିଲେ। ତାଙ୍କୁ ୨୦୨୨ରେ ନିର୍ବାହୀ ଯନ୍ତ୍ରୀ ଏବଂ ଚଳିତ ବର୍ଷ ମାର୍ଚ୍ଚ ୧ ତାରିଖରେ ଅଧୀକ୍ଷଣ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ଦିଆଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ରାୟଗଡ଼ା ଜନସ୍ୱାସ୍ଥ୍ୟ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟ କରି ଆସୁଥିଲେ।

**ସରୁନି ରାସନ୍ କାର୍ଡ ଯନ୍ତ୍ରଣା**

# ରାତିଅଧରୁ ପିଲାଛୁଆ ଧରି ଅଧିଆ



**୩ ଦିନ ହେବ ବ୍ଲକ୍‌ରୁ ନିରାଶରେ ଫେରୁଛନ୍ତି ହିତାଧିକାରୀ**

ଭଦ୍ରକ, ୨୯ ।୫ (ସମିସ): ପୁଣି ରାସନ୍ କାର୍ଡରେ ନାମ ଯୋଡ଼ିବାକୁ ଶହଶହ ନୂତନ ହିତାଧିକାରୀ ଯନ୍ତ୍ରଣା ଭୋଗୁଥିବା ନଜରକୁ ଆସିଛି। ନୂତନ ହିତାଧିକାରୀଙ୍କ ମଧ୍ୟରେ ବହୁ ମହିଳା, ବୟସ୍କ ଓ ଭିନ୍ନକ୍ଷମମାନେ ରହିଛନ୍ତି। ଗତ ୩ ଦିନ ହେବ, ଭଦ୍ରକ ସଦର ବ୍ଲକ ସମ୍ମୁଖରେ ରାସନ୍ କାର୍ଡ ପାଇଁ ନୂତନ ହିତାଧିକାରୀମାନେ ରାତି ଅଧରୁ ଅଧିଆ ପଡ଼ୁଛନ୍ତି। ତଥାପି କାର୍ଡ ନପାଇ ଶହଶହ ଯୋଗ୍ୟ ହିତାଧିକାରୀ ନିରାଶ ହୋଇ ଘରକୁ ଫେରୁଥିବା ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ନୂତନ ରାସନ୍‌କାର୍ଡ ଆବେଦନ ପାଇଁ ନୂଆ ଆଧାରକାର୍ଡ କରିବା ଓ ଆଧାରକାର୍ଡରେ ନାମ ଯୋଡ଼ିବା ପାଇଁ ଭଦ୍ରକ ବ୍ଲକ ପରିସରରେ ହିତାଧିକାରୀଙ୍କ ଦୟନୀୟ ଅବସ୍ଥା ଭୋଗୁଛନ୍ତି। ରାତି ୪ଟାରୁ ଧାଡ଼ି ବାନ୍ଧୁଛନ୍ତି ହଜାରହଜାର ହିତାଧିକାରୀ। ହେଲେ ସକାଳୁ ମିଳୁଛି ମାତ୍ର ଶହେ ଟୋକାନ। ଅର୍ଥାତ ଶହେ ଜଣରୁ ଅଧିକ ହିତାଧିକାରୀଙ୍କ ରାସନ୍ କାର୍ଡ ଯୋଡ଼ା ହେବା କାର୍ଯ୍ୟ ହେଉନି। ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖିବାକୁ ମିଳିଛି। ଧାଡ଼ିରେ ଛିଡ଼ା ହେଲେ ମଧ୍ୟ ଭିତିରିଆ ଟୋକାନ୍ ବଣ୍ଟନ ହେଉଥିବା ଅଭିଯୋଗ ହେଉଛି। ଏପରିକି, ଟୋକନ୍ ବଣ୍ଟନରେ ପାତରଅନ୍ତର ନୀତି ଆପଣାଯାଉଥିବା ଅଭିଯୋଗ କରିଛନ୍ତି ବହୁ ହିତାଧିକାରୀ। ଏସବୁ ପାଇଁ ବ୍ଲକ୍ ପ୍ରଶାସନର ଅପାରଗତାକୁ ଦାୟୀ କରିଛନ୍ତି ଲୋକେ। ଅନ୍ୟପଟେ ୩ ଦିନ ମଧ୍ୟରେ ମାତ୍ର ୨୬୦ଜଣଙ୍କ କାର୍ଡରେ ନାମ ସଂଯୋଗୀକରଣ କରାଯାଇଥିବା କହିଛନ୍ତି ଭଦ୍ରକ ବିଡିଓ ରଶ୍ମିରଂଜନ ମଲ୍ଲିକ। ଦିନକୁ ୬ଟି ପଞ୍ଚାୟତର ମାତ୍ର ୧୨୦ଜଣଙ୍କୁ ଟୋକାନ୍ ଦେବା ବ୍ୟବସ୍ଥା କରାଯାଇଛି ଓ ହିତାଧିକାରୀଙ୍କୁ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ବିଡିଓ କହିଛନ୍ତି।

ପିଲାମାନଙ୍କ ନାମ ରାସନ୍ କାର୍ଡରେ ଯୋଡ଼ିବାକୁ ୩ ଦିନ ହେବ, ରାତି ୩ଟାରୁ ଆସି ବ୍ଲକ୍ ସମ୍ମୁଖରେ ଲାଇନ ଦେଇ ନିୟମିତ ଫେରିବାକୁ ବାଧ୍ୟ ହେଉଛୁ ବୋଲି ଗୁଜିଦରଡ଼ା ଅଞ୍ଚଳର ସେକ୍ ଅବଦୁଲ ରହେମାନ, ପାଟଣା ଗାଁରୁ ପ୍ରମିଳା ନାୟକ ଓ ତପସ୍ୱିନୀ ମଲ୍ଲିକଙ୍କ ଭଳି ବହୁ ହିତାଧିକାରୀ ଅଭିଯୋଗ କରିଛନ୍ତି।

**ରାଜ୍ୟ ଆଇନ ସେବା ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷଙ୍କ ଆଭାସୀ ବୈଠକ**

# ସମ୍ବେଦନଶୀଳ ଖବର ପ୍ରସଂଗରେ ତ୍ୱରିତ ଆଇନଗତ ପଦକ୍ଷେପ ଉପରେ ଗୁରୁତ୍ୱାରୋପ

କଟକ, ୨୯ ।୫(ସମିସ): ଗଣମାଧ୍ୟମ ବିଶେଷକରି ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ସମ୍ବେଦନଶୀଳ ଖବର ପ୍ରସଙ୍ଗରେ ପରସ୍ପର ସହଭାଗିତାରେ ଆଇନସମ୍ମତ ପଦକ୍ଷେପ ନେବା ପାଇଁ ବିଚାରପତି ତଥା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ୍ ସଂଗମ କୁମାର ସାହୁ ବିଭିନ୍ନ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। କିଛି ଦିନ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାସ୍ଥିତ କୋରା ଗ୍ରାମର ବୃଦ୍ଧ ଶ୍ରୀଧର ସାହୁଙ୍କୁ ଗଣମାଧ୍ୟମରୁ ଖବର ପାଇ ଜିଲ୍ଲା ପ୍ରଶାସନ ସହଯୋଗରେ କିପରି ତ୍ୱରିତ ସାହାଯ୍ୟ ଓ ସୁବିଧାମାନ ଯୋଗାଇ ଦିଆଯାଇଥିଲା, ତାହାକୁ ଉଦାହରଣ ଭାବେ ଗ୍ରହଣ କରିବାକୁ ଜଷ୍ଟିସ ସାହୁ ଉଲ୍ଲେଖ କରିଥିଲେ। ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳମାନଙ୍କରେ ପହଞ୍ଚି ଉପେକ୍ଷିତ ନାଗରିକମାନଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ଉପଲବ୍ଧ କରାଇବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଜଷ୍ଟିସ ସାହୁ ଆଭାସୀ ସମ୍ମିଳନୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀମାନଙ୍କ ସହ ବିଭିନ୍ନ ଖବରକାଗଜରେ ପ୍ରକାଶିତ ଖବରକୁ ଆଧାର କରି ତୁରନ୍ତ ଆଇନଗତ ସହାୟତା ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବମାନେ ରାଜ୍ୟ ଆଇନ ସେବା ପ୍ରାଧିକରଣଠାରୁ ପ୍ରେରିତ ଖବରମାନଙ୍କ ଉପରେ ନିଆଯାଇଥିବା ନ୍ୟାୟୋଚିତ ପଦକ୍ଷେପଗୁଡ଼ିକୁ ୧୦ ଦିନ ମଧ୍ୟରେ ଆଇନ ସେବା ପ୍ରାଧିକରଣକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ଜଷ୍ଟିସ ସାହୁ। ଶେଷରେ "ମାନବ ସେବା ହିଁ ମାଧବ ସେବା" ରେ ମନ୍ତ୍ରିତ ହୋଇ ରାଜ୍ୟବାସୀଙ୍କୁ ନିଃସ୍ୱାର୍ଥପର ଏବଂ ତ୍ୱରିତ ଆଇନ ସେବା ଓ ସରକାରୀ ସହାୟତା ଯୋଗାଇଦେବା ପାଇଁ ଜଷ୍ଟିସ ସାହୁ ଆହ୍ୱାନ ଦେଇଛନ୍ତି। ଉକ୍ତ ଆଭାସୀ ବୈଠକରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ, ଉପ ସଚିବ, ସହ ସଚିବ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।





## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ । ବ୍ୟବସାୟରେ ସମସ୍ୟା ଦେଖା ଦେବ । କୌଣସି କଥାକୁ ନେଇ ଚିନ୍ତାରେ ରହିବେ । ନୂଆ କାମରେ ପରିବାରର ସହଯୋଗ ମିଳିବ । କଥାରେ ମଧୁରତା ରଖିବେ ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ । ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ । ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ଘରେ ପୂଜାପାଠ ଆୟୋଜନ କରିବେ ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ । ଧନ ବ୍ୟୟର ଯୋଗ ରହିଛି । ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ । ରାଜନୀତିରେ ସଫଳତା ମିଳିବ ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଯାନବାହନ କିଣିପାରନ୍ତି । କୌଣସି ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଅଧିକ ଖର୍ଚ୍ଚାନ୍ତ ହେବେ । ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ । ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପୂଜାପାଠରେ ସାମିଲ ହେବେ । ପ୍ରେମ ଜୀବନରେ ମଧୁରତା ଆସିବ ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ । ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ । ସରକାରୀ କ୍ଷେତ୍ରରେ ସଫଳତା ମିଳିବ । ଜୀବନସାଥୀଙ୍କ ସହଯୋଗ ମିଳିବ ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ । ପିଲାଙ୍କ ସହ ସମୟ ଅତିବାହିତ କରିବେ । ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ । ସ୍ୱାସ୍ଥ୍ୟରେ ସୁଧାର ହେବ ।

**ଧନୁ:** ଅର୍ଥ ସଞ୍ଚୟ କରିବେ । ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ । ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ । ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ । ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ । କୌଣସି କାମରେ ପରିବାରର ସହଯୋଗ ମିଳିବ । ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି । ଉଧାର ଟଙ୍କା ଫେରିପାଇବେ ।

## ଆଜିର ଇତିହାସ

- ୧୪୯୮ - କଲମ୍ବସ୍ ଆମେରିକା ଯାତ୍ରାରେ ବାହାରିଲେ ।
- ୧୮୨୬- ପ୍ରଥମ ଥର ପାଇଁ ହିନ୍ଦୀ ସମ୍ବାଦପତ୍ର 'ଉଦନ୍ତ ମାର୍ତଣ୍ଡ'ର ପ୍ରକାଶନ ଆରମ୍ଭ ହେଲା ।
- ୧୯୭୫- ୟୁରୋପୀୟ ସ୍ପେସ୍ ଏଜେନ୍ସିର ପ୍ରତିଷ୍ଠା ।
- ୧୯୮୭- ଗୋଆ ଭାରତର ୨୫ତମ ରାଜ୍ୟ ହେଲା ।
- ୧୯୯୮ - ଉତ୍ତର ଆଫଗାନିସ୍ତାନରେ ଭୂମିକମ୍ପ ଯୋଗୁଁ ୫୦୦୦ ଲୋକ ପ୍ରାଣ ହରାଇଲେ ।
- ୨୦୧୨-ବିଶ୍ୱନାଥନ୍ ଆନନ୍ଦ ପଞ୍ଚମ ଥର ପାଇଁ ବିଶ୍ୱ ଚେସ୍ ଚାମ୍ପିୟନ୍ ହେଲେ ।



## ହିନ୍ଦୀ ସାମ୍ବାଦିକତା ଦିବସ

ପ୍ରତିବର୍ଷ ମେ' ୩୦ ତାରିଖକୁ ଭାରତରେ ହିନ୍ଦୀ ସାମ୍ବାଦିକତା ଦିବସ ଭାବେ ପାଳନ କରାଯାଏ । ୧୮୨୬ ମସିହା ଆଜିର ଦିନରେ ହିନ୍ଦୀ ଭାଷାର ପ୍ରଥମ ଖବରକାଗଜ 'ଉଦନ୍ତ ମାର୍ତଣ୍ଡ' ପ୍ରକାଶ ପାଇଥିଲା । ପଣ୍ଡିତ ଯୁଗଳ କିଶୋର ଶୁକ୍ଳ ଏହାକୁ କଲିକତାରୁ ଏକ ସାପ୍ତାହିକ ଖବରକାଗଜ ଭାବେ ଆରମ୍ଭ କରିଥିଲେ । ସେ ଏହାର ପ୍ରକାଶକ ଓ ସମ୍ପାଦକ ଥିଲେ । ପରାଧୀନ ଭାରତବାସୀ ସେହି ସମୟରେ ନିଜ ଅଧିକାରର ସ୍ୱର ଉତ୍ତୋଳନ କରିବା ଏକ ଆହ୍ୱାନ ଥିଲା । ସେତେବେଳେ ଭାଷଣ ଜରିଆରେ ଲୋକଙ୍କୁ ଦେଶର ପରିସ୍ଥିତି ସମ୍ପର୍କରେ ଜଣାଯାଉଥିଲା । ବିନା ଭାଷଣରେ ଭାରତୀୟଙ୍କ ଅଧିକାର ସପକ୍ଷରେ ସ୍ୱର ଉତ୍ତୋଳନ କରିବା ପାଇଁ ଯୁଗଳ କିଶୋର କଲିକତାରୁ ସାପ୍ତାହିକ 'ଉଦନ୍ତ ମାର୍ତଣ୍ଡ'ର ପ୍ରକାଶନ ଆରମ୍ଭ କରିଥିଲେ । ଉଦନ୍ତ ମାର୍ତଣ୍ଡର ଶବ୍ଦର ଅର୍ଥ ହେଉଛି ଉଦିତ ସୂର୍ଯ୍ୟ । ଏହାର ନାମ ଅନୁଯାୟୀ, ଉଦନ୍ତ ମାର୍ତଣ୍ଡ ହିନ୍ଦୀ ଖବର କାଗଜ ଜଗତର ସୂର୍ଯ୍ୟ ସହିତ ସମାନ ଥିଲା । ସେହି ସମୟରେ ଇଂରାଜୀ, ଫରାସୀ, ବଙ୍ଗଳାରେ ଅନେକ ଖବରକାଗଜ ପ୍ରକାଶ ପାଉଥିଲା । କିନ୍ତୁ ହିନ୍ଦୀ ଭାଷାରେ ଗୋଟିଏ ଖବରକାଗଜ ନ ଥିଲା । ଆଠ ପୃଷ୍ଠାର ଏହି ସାପ୍ତାହିକ ଖବରକାଗଜ ପ୍ରତ୍ୟେକ ସପ୍ତାହରେ ମଙ୍ଗଳବାର ଦିନ ପାଠକମାନଙ୍କ ନିକଟରେ ପହଞ୍ଚୁଥିଲା । ଏହି ସାପ୍ତାହିକ ଖବରକାଗଜର ପ୍ରଥମ ସଂସ୍କରଣର ୫୦୦ କପି ଛପାଯାଇଥିଲା । କିନ୍ତୁ କଲିକତାରେ ହିନ୍ଦୀ ଭାଷାଭାଷୀ ପାଠକଙ୍କ ସଂଖ୍ୟା କମ୍ ଥିବାରୁ ଏହି ସମ୍ବାଦପତ୍ରକୁ ବହୁ ସଂଖ୍ୟାରେ ପାଠକ ମିଳି ନ ଥିଲା । ସବୁଠୁ ବଡ଼ କଥା ହେଉଛି ହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକୁ ଏହି ଖବରକାଗଜ ଡାକରେ ପଠାଇବା ଏକ ମହଙ୍ଗା ବ୍ୟାପାର ସାବ୍ୟସ୍ତ ହୋଇଥିଲା । ଡାକ ଦରରେ କିଛି ରିହାତି ଦେବା ପାଇଁ ଯୁଗଳ କିଶୋର ଅନୁରୋଧ କରିଥିଲେ ସୁଦ୍ଧା ଇଂରେଜ ସରକାର ତାଙ୍କ କଥା ଶୁଣି ନ ଥିଲେ । ଏହି ଖବରକାଗଜ ଆର୍ଥିକ ସମସ୍ୟା କାରଣରୁ ୪ ଡିସେମ୍ବର, ୧୮୨୬ରେ ବନ୍ଦ ହୋଇଯାଇଥିଲା । 'ଉଦନ୍ତ ମାର୍ତଣ୍ଡ' ତା'ର ସ୍ୱଳ୍ପକାଳର ଅବଧି ଏହା ସାଧାରଣ ଜନତାଙ୍କ ସ୍ୱର ହୋଇଥିଲା । ଏହି ଦିବସ ପାଳନ ଅବସରରେ ସେମିନାର, ବିତର୍କ ପ୍ରତିଯୋଗିତା ଓ ପୁରସ୍କାର ସମାରୋହର ଆୟୋଜନ କରାଯାଇ ହିନ୍ଦୀ ସାମ୍ବାଦିକ ଓ ହିନ୍ଦୀ ସାମ୍ବାଦିକତା କ୍ଷେତ୍ରରେ ଦେଖାଯାଉଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋଚନା କରାଯାଏ ।

## ସନ୍ତୋଷଜନକ ଚାକିରି

ଆଜିର ବ୍ୟସ୍ତବହୁଳ ଜୀବନରେ ସମସ୍ତେ ଏମିତି ଚାକିରିଟିଏ ଚାହାନ୍ତି, ଯେଉଁଥିରେ ସେମାନଙ୍କୁ ଭଲ ପାରିଶ୍ରମିକ, ସମ୍ମାନ ଏବଂ ମନକୁ ଶାନ୍ତି ମିଳିପାରୁଥିବ । ହେଲେ ସମସ୍ତଙ୍କୁ ଚାକିରିରେ ଏଭଳି ସୁବିଧା ମିଳି ନ ଥାଏ । ତେବେ ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି କେଉଁ ଚାକିରିରେ ଲୋକଙ୍କୁ ଅଧିକ ଶାନ୍ତି ମିଳେ ଏବଂ କେଉଁ କାମରେ ମାନସିକ ଚାପ ବୃଦ୍ଧି ପାଏ । ଏସ୍ତୋନିଆର ଟାର୍ଟୁ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏମିତି ଏକ ଗବେଷଣା କରିଛନ୍ତି । ଉକ୍ତ ଗବେଷଣାରୁ ସେମାନେ ବିଶ୍ୱର ସନ୍ତୋଷଜନକ ଏବଂ କମ୍ ଶାନ୍ତି ଦେଉଥିବା ଚାକିରି ସମ୍ପର୍କରେ ଖୁଲାସା କରିଛନ୍ତି । ଏହି ଗବେଷଣାରେ ୫୯ ହଜାର ଲୋକଙ୍କୁ ସାମିଲ କରାଯାଇଥିଲା । ତା'ସହ ଏଥିରେ ୨୬୩ଟି ବୃତ୍ତିର ବିଶ୍ଳେଷଣ କରାଯାଇଥିଲା । ଏହି ଲୋକମାନଙ୍କୁ ସେମାନଙ୍କ ଚାକିରି, ଦରମା, ବ୍ୟକ୍ତିତ୍ୱ ଏବଂ ଜୀବନର ବିଭିନ୍ନ ଦିଗକୁ ନେଇ ପ୍ରଶ୍ନ କରାଯାଇଥିଲା । ଏହି ଆଧାରରେ ସ୍ଥିର କରାଯାଇଥିଲା ଯେ, କେଉଁ ଚାକିରି ଲୋକଙ୍କୁ ଅଧିକ ସନ୍ତୁଷ୍ଟି ପ୍ରଦାନ କରିଥାଏ । ତେବେ ଗବେଷଣାରେ ଏକଥା କୁହାଯାଇଛି ଯେ, ସବୁଠୁ ଆରାମଦାୟକ ଚାକିରି ମଧ୍ୟରେ ଧାର୍ମିକ କାର୍ଯ୍ୟ ସହ ଜଡ଼ିତ ବ୍ୟକ୍ତି, ଡାକ୍ତର, ନର୍ସ ଭଳି ମେଡିକାଲ ସହ ଜଡ଼ିତ ଅନ୍ୟାନ୍ୟ ବ୍ୟକ୍ତି, ଲେଖକ ତଥା ଅନ୍ୟ ସୃଜନାତ୍ମକ କାମ ସହ ଜଡ଼ିତ ବ୍ୟକ୍ତି, ମନୋବିଜ୍ଞାନୀ, ଶିକ୍ଷକ, ସିପ୍ ଇଞ୍ଜିନିୟର୍ ଭଳି ସାମିଲ ଅଛି । ଏହି ଚାକିରିଆଙ୍କୁ ଅଧିକ ସନ୍ତୁଷ୍ଟି ମିଳିଥାଏ । ସେହିପରି କେଉଁ ଚାକିରିରେ ଲୋକେ କମ୍ ସନ୍ତୁଷ୍ଟି ଲାଭ କରିଥାନ୍ତି, ସେକଥା ବି କୁହାଯାଇଛି । ଏଥିରେ ସିକ୍ୟୁରିଟି ଗାର୍ଡ, ୱେଟର, ସେଲ୍ସ ୱାର୍କର, ପୋଷ୍ଟମ୍ୟାନ, କେମିକାଲ ଇଞ୍ଜିନିୟର, କିଚେନ ଷ୍ଟାଫ ଏବଂ ମ୍ୟାନୁଫ୍ୟାକ୍ଚରିଂ ସହ ଜଡ଼ିତ କାମ ସାମିଲ ଅଛି । ବିଶେଷକରି କାମକୁ ନେଇ ଅଧିକ କଟକଣା, କମ୍ ସ୍ୱାଧୀନତା ଏବଂ ଦାୟିତ୍ୱବୋଧର ଚାପ ଥିବା କାମରେ ଲୋକଙ୍କୁ ସନ୍ତୁଷ୍ଟି ମିଳି ନ ଥାଏ । ସେହିପରି ଉଚ୍ଚ ପ୍ରତିଷ୍ଠିତ ଚାକିରିରେ ଅଧିକ ଶାନ୍ତି ମିଳିଥାଏ ଭାବିବା ଭୁଲ । ଯେଉଁ କାମରେ ଉପଲବ୍ଧି ଭାବନା ଅଧିକ ଥାଏ, ସେଠାରେ ସନ୍ତୋଷ ଭାବ ବି ଅଧିକ ଥାଏ । ଅନ୍ୟପଟେ ନିଜସ୍ୱ କାମ କରୁଥିବା ଲୋକ ଅଧିକ ଖୁସିରେ ରହନ୍ତି । ଏହାର କାରଣ ହେଉଛି ସେମାନଙ୍କ କାମ ଓ ସମୟ ଉପରେ ଅଧିକ ନିୟନ୍ତ୍ରଣ ରହିଥାଏ ବୋଲି ଉକ୍ତ ଗବେଷଣାରେ କୁହାଯାଇଛି ।




## 'ଲୁକ୍କା ଛୁପି-୨'ରୁ ବାଦ୍ ପଡ଼ିଲେ କାର୍ତ୍ତିକ୍-କ୍ରିତି

ବଲିଉଡ୍‌ରେ ଏବେ ନୂଆ ଫିଲ୍ମଗୁଡ଼ିକ ବ୍ୟତୀତ ପୁରୁଣା ଫିଲ୍ମଗୁଡ଼ିକର ସିକ୍ୱେଲ ମଧ୍ୟ ନିର୍ମାଣ କରାଯାଉଛି । ଏହି ତାଲିକାରେ ଏବେ ଆଉ ଏକ ନାମ ସାମିଲ ହୋଇଛି । ୨୦୧୯ରେ ଆସିଥିବା କାର୍ତ୍ତିକ୍ ଆର୍ୟ୍ୟନ୍ ଓ କ୍ରିତି ସାନନ୍‌ଙ୍କ ଫିଲ୍ମ 'ଲୁକ୍କା ଛୁପି'ର ଏବେ ସିକ୍ୱେଲ ଆସିବ । ଏହି ଯୋଡ଼ିକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । କିନ୍ତୁ ଏହାର ସିକ୍ୱେଲରୁ କାର୍ତ୍ତିକ୍ ଓ କ୍ରିତିଙ୍କୁ ବାଦ୍ ଦିଆଯାଇଛି । ଏବେ ଏହି ରୋମାଣ୍ଟିକ୍ କମେଡି ଫିଲ୍ମରେ କାର୍ତ୍ତିକ୍‌ଙ୍କ ବଦଳରେ ବରୁଣ ଧୱନ୍ ଦେଖାଯିବେ । ସେହିଭଳି ଏଥିରେ କ୍ରିତିଙ୍କ ସ୍ଥାନ ନେବେ ଶର୍ବରି ୱାଘ୍ । ଏହାର ସିକ୍ୱେଲ ମୂଳ ଫିଲ୍ମଠାରୁ ପୂରା ଅଲଗା ହେବ ବୋଲି ଫିଲ୍ମ ନିର୍ମାତା କହିଛନ୍ତି । ଏହାର ସୁଟିଂ ୨୦୨୬ରୁ ଆରମ୍ଭ ହେବ । 'ଲୁକ୍କାଛୁପି'ର ନିର୍ଦ୍ଦେଶନା ଦେଇଥିବା ଲକ୍ଷ୍ମଣ ଉତେକର ଏହାର ସିକ୍ୱେଲରେ ପ୍ରଯୋଜନା ଦାୟିତ୍ୱରେ ରହିବେ । ସେହିଭଳି ଲକ୍ଷ୍ମଣଙ୍କର ଜଣେ ନିକଟ ସମ୍ପର୍କୀୟ ଏହାର ନିର୍ଦ୍ଦେଶନା ଦେବେ ।




## ବିଶ୍ୱ ଏମ୍‌ଏସ୍ ଦିବସ

ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟପେୟ ଓ ଜୀବନଚର୍ଯ୍ୟା ଯୋଗୁଁ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି । ଏହି କ୍ରମରେ ମଲ୍‌ଟିପଲ୍ ସ୍କେଲେରୋସିସ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା । ମଲ୍ଟିପଲ ସ୍କେଲେରୋସିସ୍ ମସ୍ତିଷ୍କ ସହିତ ଜଡିତ ସମସ୍ୟା । ଏଥିରେ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିଥାଏ । ଏହି ରୋଗ ହେଲେ ରୋଗପ୍ରତିରୋଧକ ପ୍ରଣାଳୀ ନିଜସ୍ୱ ଟିସୁ ଏବଂ କୋଷିକାକୁ ନଷ୍ଟ କରିବା ଆରମ୍ଭ କରିଦିଏ । ମୁଖ୍ୟତଃ ଏହା ମସ୍ତିଷ୍କ ଏବଂ ମେରୁଦଣ୍ଡକୁ ପ୍ରଭାବିତ କରିଥାଏ । ଏହି ରୋଗର ବିଭିନ୍ନ ଲକ୍ଷଣ ଯଥା- ପୀଡ଼ିତଙ୍କୁ ହାଲିଆ ଲାଗିବା, ଦୃଷ୍ଟିସମ୍ବନ୍ଧୀୟ ସମସ୍ୟା, ଅବସାଦ, ସ୍ମୃତିଶକ୍ତି ହ୍ରାସ, ଥକ୍କାପଣ, ମାଂସପେଶୀ ଦରଜ, ଚଲାବୁଲା କରିବାକୁ ସମସ୍ୟା ହେବା ଆଦି ଲକ୍ଷଣ ଦେଖାଯାଏ । ରୋଗର ଲକ୍ଷଣ ଅନୁଯାୟୀ ଚିକିତ୍ସା ଜରୁରି ହୋଇଥିଲେ ହେଁ, ଅଧିକାଂଶ ଏହାକୁ ଅଣଦେଖା କରିଥାନ୍ତି । ତେଣୁ ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ସହ ପୀଡ଼ିତଙ୍କୁ ସମର୍ଥନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ମାସ ୩୦ ତାରିଖକୁ ବିଶ୍ୱ ଏମ୍‌ଏସ୍ ଦିବସ ଭାବେ ପାଳନ କରାଯାଇଥାଏ । ଚଳିତ ବର୍ଷ ଏହି ଦିବସର ବିଷୟ ବସ୍ତୁ ହେଉଛି "Navigating MS Together". । ଏହି ଦିବସକୁ ସର୍ବପ୍ରଥମେ ମଲ୍ଟିପଲ୍ ସ୍କେଲେରୋସିସ୍ ଇଣ୍ଟରନ୍ୟାସନାଲ ଫେଡେରେଶନ (ଏମ୍‌ଏସ୍‌ଆଇଏଫ୍) ଦ୍ୱାରା ୧୯୬୭ରେ ଆରମ୍ଭ କରାଯାଇଥିଲା । ଏହାର ସ୍ଥାପନା ୨୦୦୯ରେ ହୋଇଥିଲା । ଅନ୍ୟପଟେ ଏମ୍‌ଏସ୍ ପାଇଁ କୌଣସି ସ୍ଥାୟୀ ଚିକିତ୍ସା ପଦ୍ଧତି ନାହିଁ । କେବଳ ରୋଗର ଲକ୍ଷଣ ଅନୁସାରେ ଏହାକୁ ନିୟନ୍ତ୍ରିତ କରାଯାଇପାରିବ । ଏମ୍‌ଏସ୍ ପୀଡ଼ିତଙ୍କୁ ବିଭିନ୍ନ ପ୍ରକାର ସମର୍ଥନ ଯଥା- ଚିକିତ୍ସା ସହାୟତା, ସାମାଜିକ ସହାୟତା ଯୋଗାଇବା ଦ୍ୱାରା ରୋଗୀର ମନୋବଳ ଦୃଢ଼ ହୋଇଥାଏ ।



## କାୟା ମେଲାଉଛି NB.1.8.1 ଏବଂ LF.7



**କିଛି ବର୍ଷ ବ୍ୟବଧାନରେ ମୁଣ୍ଡ ଟେକିଛି କୋଭିଡ-୧୯ । କରୋନାର ନୂତନ ଉପପ୍ରଜାତି ଜେଏନ୍.୧ ପରେ ଏବେ ଦୁଇଟି ନୂତନ ଭାରିଏଣ୍ଟ ଚିହ୍ନଟ ହୋଇଛି । ଏହାର ନାଁ ହେଉଛି NB.1.8.1 ଏବଂ LF.7 । ଇନ୍‌ସାକୋଗ୍ ତଥ୍ୟ ଅନୁସାରେ ଦିଲ୍ଲୀ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଗୁଜୁରାଟରେ ମଧ୍ୟ ଏହି କରୋନା ସଂକ୍ରମଣ ମାମଲା ଅଧିକ ବଢ଼ିବାରେ ଲାଗିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଦୁଇଟି ଭାରିଏଣ୍ଟ ଉପରେ ଅଧିକ ଗବେଷଣା ଚଳାଇଥିବା ବେଳେ ଏହି ପ୍ରଜାତି ବିପଜ୍ଜନକ କି ନାହିଁ ଜାଣିବା ।**

ତାମିଲନାଡୁରେ ଏପ୍ରିଲମାସରେ NB.1.8.1ର ଜଣେ ଆକ୍ରାନ୍ତଙ୍କ ଠାବ ହୋଇଥିବାବେଳେ ଗୁଜୁରାଟରେ ମଇମାସରେ LF.7 ର ଚାରିଟି ମାମଲା ସାମନାକୁ ଆସିଥିଲା । NB.1.8.1 ଜେଏନ୍.୧ର ଉପ ପ୍ରଜାତି । LF.7 ମଧ୍ୟ ଅନ୍ୟ ଏକ ସମ୍ପର୍କିତ ପ୍ରଜାତି । ତେବେ ଏହି ନୂତନ ଭାରିଏଣ୍ଟ ନୂଆ ନୁହେଁ । ଭାରତରେ ୨୦୨୨ ମସିହାରେ କରୋନା ରୋଗୀଙ୍କଠାରେ ଏହି ଭାରିଏଣ୍ଟ ସକ୍ରିୟ ଦେଖାଯାଇଥିଲା । ଏହି ଦୁଇଟି ଭାରିଏଣ୍ଟ ଏତେ ଗମ୍ଭୀର ହୋଇନଥିଲେ ହେଁ, ଦ୍ରୁତ ଭାବେ ବ୍ୟାପିବାର ଏଥିରେ କ୍ଷମତା ରହିଛି । ତେଣୁ ଭୟଭୀତ ନ ହୋଇ ସତର୍କ ରହିବା ଜରୁରି ।

NB.1.8.1 ଏବଂ LF.7ର ଲକ୍ଷଣ ଓମିକ୍ରନ ଭାରିଏଣ୍ଟ ପରି । ଜ୍ୱର, ଗଳା ଦରଜ, ନାକରୁ ପାଣି ବହିବା, ଶୁଖିଲା କାଶ, ଥକ୍କାପଣ, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ବେଳେ ବେଳେ ତରଳ ଝାଡ଼ା, ଭୋକ ନ ଲାଗିବା, ବାନ୍ତି, ଜେଏନ୍.୧ ଏବଂ ଏହାର ଉପ ପ୍ରଜାତିରେ ଡାଇରିଆ ଅଧିକ ହେବାର ଆଶଙ୍କା ଥାଏ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେଉଁମାନେ ଟିକା ନେଇଛନ୍ତି ସେମାନଙ୍କଠାରେ ଲକ୍ଷଣ ଦେଖାଯିବାର ୪ରୁ୫ ଦିନ ମଧ୍ୟରେ ଠିକ୍ ହୋଇଯାଆନ୍ତି । କମ୍ ରୋଗପ୍ରତିରୋଧକଶକ୍ତି ଥିବା ବ୍ୟକ୍ତି, ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ବୟସ୍କ, ନବଜାତ ଶିଶୁ, ଗର୍ଭବତୀ ମହିଳାଙ୍କ ପାଇଁ ଏହା ଅଧିକ ବିପଜ୍ଜନକ । ତେଣୁ ଶରୀରରେ ଏହି ଲକ୍ଷଣ ଦେଖାଗଲେ, ଆର୍‌ଟି-ପିସିଆର୍ କିମ୍ବା ରାପିଡ଼ ଆଣ୍ଟିଜେନ୍ ଟେଷ୍ଟ କରିବା ଜରୁରି । କରୋନାରେ ଆକ୍ରାନ୍ତ ହେଲେ ଘରେ ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ ।

ଏହି ନୂତନ ଭାରିଏଣ୍ଟରେ ମୃତ୍ୟୁ ଆଶଙ୍କା କମ୍ ଥିଲେ ବି ଭିଡ ସ୍ଥାନରେ ମାସ୍କ ପିନ୍ଧିବା, ହାତକୁ ସାବୁନରେ ୨୦ ସେକେଣ୍ଡ ଧୋଇବା ଆବଶ୍ୟକ । ଛିଙ୍କିବା ବା କାଶିବା ସମୟରେ ମୁହଁରେ ମାସ୍କ ଦେବା ଜରୁରି । ସାମାନ୍ୟ ଲକ୍ଷଣ ଦେଖିଲେ, ଆଇସୋଲେଟ୍‌ରେ ରହିବା ଆବଶ୍ୟକ । ବୟସ୍କ ଏବଂ ରୋଗପ୍ରତିରୋଧକଶକ୍ତି ଦୁର୍ବଳ ଥିବା ବ୍ୟକ୍ତି ସତର୍କ ରହିବା ସହ ଦୈନିକ ଡାଏଟ୍‌ରେ ସନ୍ତୁଳିତ ଓ ପୌଷ୍ଟିକ ଖାଦ୍ୟ ସାମିଲ କରିପାରିବେ ।

## ନାକରୁ ରକ୍ତ ପଡ଼ିବାର ଆୟୁର୍ବେଦ ଉପଚାର

ଖରାଦିନେ ତାପମାତ୍ରା ବୃଦ୍ଧି ଯୋଗୁଁ ସନ୍‌ବର୍ଣ୍ଣ, ଡିହାଇଡ୍ରେସନ୍ ଏବଂ ଚର୍ମ କୁଣ୍ଡାଇ ହୁଏ । ଏହା ସହିତ ନାକ ଶିରା ସୁଖି ଫାଟିଗଲେ ନାକରୁ ରକ୍ତ ବାହାରି ଜଳାପୋଡ଼ା ହୋଇଥାଏ । ପିଲା, ବୟସ୍କ ଏବଂ ଆଲର୍ଜି ସମସ୍ୟା ଥିବା ଲୋକଙ୍କ ନାକରୁ ରକ୍ତ ଆସିବା ସାଧାରଣ କଥା । ତେବେ ନାକରୁ ରକ୍ତ ପଡୁଥିଲେ ଏହାର ଉପଶମ ପାଇଁ ଆୟୁର୍ବେଦ ଉପଚାର ଆପଣାଇ ପାରିବେ ।

- ଦୂବଘାସ ରସ ଦୁଇଟୋପା ପ୍ରତ୍ୟେକ ନାକ ପୁଡ଼ାରେ ଦିନକୁ ଦୁଇଥର କରି ପକାଇଲେ ନାସାଗତ ରକ୍ତପିତ୍ତରେ ଉପକାର ହୁଏ ।
- ଶିଶୁଗଛର କଁଅଳ ପତ୍ର ରସ, ଅଶ୍ୱସ୍ଥ ଗଛର କଅଁଳ ପତ୍ର ରସ, ସଞ୍ଜୀବନୀ ଘାସର ରସ କିମ୍ବା ଦୂବଘାସ ରସ ବାହାର କରି ୧୦ ମିଲି ମାତ୍ରାରେ ଅଳ୍ପ ମିଶ୍ରି ମିଶାଇ ଦିନକୁ ଦୁଇଥର କରି ଖାଲି ପେଟରେ ସେବନ କଲେ ଉପକାର ହୁଏ ।
- ସେହିପରି ୧୫ରୁ ୨୦ ଗ୍ରାମ ଗୁଲକନ୍ଦକୁ ଥଣ୍ଡା କ୍ଷୀରରେ ମିଶାଇ ଦିନରେ ଦୁଇଥର ଲେଖାଏଁ ପିଇଲେ ଉପଶମ ମିଳିଥାଏ । ଯୋଗ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ନାକ ଧୌତି (ନେତିକ୍ରିୟା) କଲେ ଉପଶମ ମିଳିଥାଏ ।
- ଦୈନିକ ୮ରୁ ୯ ଗ୍ଲାସ୍ ପାଣି, ଆଖୁରସ, ଘୋଳଦହି, ବେଲପଣା, ଆଦି ସେବନ କରିପାରିବେ ।

## ଘାତକ ପାମୋଲିନ୍ ତେଲ



**ବର୍ତ୍ତମାନ ସମୟରେ ପାମୋଲିନ୍ ବା ପାମ୍ ତେଲ ବିନା କୌଣସି ଫାଷ୍ଟଫୁଡ୍ କିମ୍ବା ଖାଦ୍ୟ ଉପଲବ୍ଧ ହେଉନାହିଁ । ବଡ଼ ବଡ଼ ବିସ୍କୁଟ କମ୍ପାନୀ, ଚକୋଲେଟ୍ କମ୍ପାନୀମାନେ ମଧ୍ୟ ଏହି ତେଲ ବ୍ୟବହାର କରୁଛନ୍ତି । ସାଧାରଣତଃ ଏହି ତେଲ ଶସ୍ତା ହୋଇଥିବାରୁ ଏହାକୁ ହୋଟେଲ, ବୁଲାବେପାରୀ, କମ୍ପାନୀମାନେ ବହୁଳ ମାତ୍ରାରେ ବ୍ୟବହାର କରୁଛନ୍ତି । ତେବେ ଏହି ତେଲରୁ ତିଆରି ଜଙ୍କ୍‌ଫୁଡ, ଚକୋଲେଟ, ବିସ୍କୁଟ ଆଦି ସ୍ୱାସ୍ଥ୍ୟପାଇଁ କେତେ ବିପଜ୍ଜନକ ଜାଣିବା ।**

ବିଶ୍ୱରେ ପାମ୍ ତେଲର ସର୍ବାଧିକ ଆମଦାନକାରୀ ଦେଶ ହେଉଛି ଭାରତ । କିନ୍ତୁ ଆଶ୍ଚର୍ଯ୍ୟର କଥା, ଏହି ତେଲରେ ସ୍ୟାଚୁରେଟେଡ ଫ୍ୟାଟ୍ ତଥା ପାଲମିଟିକ୍ ଏସିଡ୍ ମାତ୍ରାଧିକ ଥାଏ । ତେଣୁ ଏହାର ବ୍ୟବହାର ନାନା ରୋଗକୁ ନିମନ୍ତ୍ରଣ କରିଥାଏ । ସାଧାରଣତଃ ନିଶା ସେବନ ଏବଂ ଧୂମ୍ରପାନଠାରୁ ଏହି ତେଲ ଅଧିକ ବିପଜ୍ଜନକ ବୋଲି ନୂଆଦିଲ୍ଲୀ, ଏମ୍ସର ଡାକ୍ତର ପେ.କେ ସାମନ୍ତରାୟ କହିଛନ୍ତି । ତାଙ୍କ କହିବାନୁଯାୟୀ, ପାମ୍ ତେଲ ବ୍ୟବହାର ଦ୍ୱାରା ମନୁଷ୍ୟ ମସ୍ତିଷ୍କ ଅନୁପଯୁକ୍ତ ଭାବେ କାର୍ଯ୍ୟକରିବା, ଏଲ୍‌ଡିଏଲ୍ କୋଲେଷ୍ଟ୍ରଲ୍ ବୃଦ୍ଧି, ହୃଦ୍‌ରୋଗ, ଷ୍ଟ୍ରୋକ୍ , ଉଚ୍ଚ ରକ୍ତଚାପ, ଅଳ୍ପ ବୟସରେ ଟାଇପ୍ -୨ ମଧୁମେହ, ପାଚନସମ୍ବନ୍ଧୀୟ ରୋଗ ଆଦି ହୋଇଥାଏ । ବିଭିନ୍ନ ଆକଳନ ଅନୁଯାୟୀ ଯୁବାବସ୍ଥାରେ ମୃତ୍ୟୁବରଣ କରୁଥିବା ୫୦ ପ୍ରତିଶତ ଲୋକ କେବଳ ମଧୁମେହ ଏବଂ ହୃଦ୍‌ରୋଗରେ ମୃତ୍ୟୁବରଣ କରୁଛନ୍ତି । ଏହାର ମୁଖ୍ୟ କାରଣ ହେଉଛି ଏହି ପାମ୍ ତେଲ । ତେବେ ପାମ୍‌ତେଲ ମାଫିଆମାନେ ବିଭିନ୍ନ ବିଜ୍ଞାପନ, ସୋସିଆଲ ମିଡିଆ ଦ୍ୱାରା ପିଲାଙ୍କୁ ଜଙ୍କଫୁଡ ପ୍ରତି ଆକର୍ଷିତ କରୁଛନ୍ତି । ଜଙ୍କଫୁଡ ତଥା ଚିପ୍ସ ଖାଇଲା ପରେ ପିଲାମାନେ ସ୍ୱାସ୍ଥ୍ୟପାଇଁ ହିତକର ଯଥା- ଫଳ ଏବଂ ପନିପରିବାଖାଇବା ଛାଡ଼ି ଦେଉଛନ୍ତି । ଏଥିପାଇଁ ସ୍ୱଳ୍ପ ବୟସରୁ ପିଲାମାନେ ମଧ୍ୟ ନାନା ରୋଗର ଶିକାର ହେଉଛନ୍ତି । ତେଣୁ ସର୍ବଦା ବଜାରରୁ କିଣୁଥିବା ଉତ୍ପାଦରେ ଯଦି ପାମତେଲ କିମ୍ବା ପାଲମିଟିକ୍ ଏସିଡ୍ ଲେଖା ଅଛି ଏହାକୁ କିଣିବାରୁ ଦୂରେଇ ରୁହନ୍ତୁ ।

### ଆଇପିଏଲ୍-୧୮ : ହାଜ୍‌ଲେଉଡ୍, ସୂୟାଶଙ୍କ ଚମତ୍କାର ବୋଲିଂ, ସଲ୍ଟଙ୍କ ଅପରାଜିତ ଅର୍ଦ୍ଧଶତକ

# ୯ ବର୍ଷ ପରେ ଫାଇନାଲରେ ବେଙ୍ଗାଲୁରୁ



ମୁଲାନପୁର, ଚଣ୍ଡିଗଡ,୨୯।୫ (ଏଜେନ୍ସି): ଟେବଲ ଟପ୍ପର ପଞ୍ଜାବ କିଙ୍ଗ୍‌ସକୁ ୮ ୱିକେଟରେ ପରାସ୍ତ କରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ୍ (ଇଣ୍ଡିଆନ୍ ପ୍ରିମିୟର ଲିଗ୍) -୧୮ର ଫାଇନାଲରେ ପ୍ରବେଶ କରିଛି। ଏହା ଫଳରେ ଦୀର୍ଘ ୯ ବର୍ଷ ପରେ ବେଙ୍ଗାଲୁରୁ ଆଇପିଏଲ୍ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଶେଷଥର ଲାଗି ୨୦୧୬ରେ ଦଳ ଫାଇନାଲରେ ସନ୍‌ରାଇଜର୍ସ ହାଇଦରାବାଦ୍‌ଠାରୁ ୮ ରନ୍‌ରେ ପରାଜିତ ହୋଇ ତୃତୀୟଥର ସକାଶେ ରନର୍ସ ଅପ୍ ହୋଇଥିଲା। ପୂର୍ବରୁ ୨୦୦୯, ୨୦୧୧ ଓ ୨୦୧୬ରେ ବେଙ୍ଗାଲୁରୁ ଫାଇନାଲରେ ପ୍ରବେଶ କରି ସବୁଥିରେ ହାରିଯାଇଥିଲା। ଅହମ୍ମଦାବାଦ୍‌ରେ ଜୁନ୍ ୩ ତାରିଖ ଫାଇନାଲ ମ୍ୟାଚ୍ ଖେଳାଯିବ। ଏଠାରେ ଜୁନ୍ ୧ ତାରିଖ ଖେଳାଯିବାକୁ ଥିବା କ୍ୱାଲିଫାୟର-୨ର ବିଜେତା ସହ ବେଙ୍ଗାଲୁରୁ ଫାଇନାଲ ଖେଳିବ। ଆଜିର ମ୍ୟାଚ୍‌ରେ ପରାଜିତ ପଞ୍ଜାବ ଟିମ୍ ଜୁନ୍-୧ରେ ହେବାକୁ କ୍ୱାଲିଫାୟର-୨ରେ ଖେଳିବ। ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଆସନ୍ତାକାଲି ଖେଳାଯିବାକୁ ଥିବା ଏଲିମିନେଟର ମୁକାବିଲାର ବିଜେତା ସହ ପଞ୍ଜାବର ମୁକାବିଲା କ୍ୱାଲିଫାୟର-୨ରେ ହେବ। ବିଜୟୀ ବେଙ୍ଗାଲୁରୁ ଦଳ ପକ୍ଷରୁ ୧୭ ରନ୍‌ରେ ୩ଟି ୱିକେଟ ନେଇଥିବା ସୂୟାଶ ଶର୍ମାଙ୍କୁ ମ୍ୟାଚ୍ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଚଣ୍ଡିଗଡର ମୁଲାନପୁରରେ ଅନୁଷ୍ଠିତ ପ୍ରଥମ କ୍ୱାଲିଫାୟରରେ ବେଙ୍ଗାଲୁରୁ ବୋଲିଂର ଉଚିତ ମୁକାବିଲା କରି ନ ପାରି ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କିଙ୍ଗ୍‌ସ ୧୪.୧ ଓଭରରେ ମାତ୍ର ୧୦୧ ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ବେଙ୍ଗାଲୁରୁ ୧୦ ଓଭରରେ ୨ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଅଧିନାୟକ ରଜତ ପାଟିଦାର ବିରାଟ ଛକା ମାରି ଏହି ମ୍ୟାଚ୍‌ରେ ବିରାଟ ବିଜୟ ସହ ଷ୍ଟାଡିୟମ୍‌ରେ ଉପସ୍ଥିତ ତଥା ଟେଲିଭିଜନରେ ଖେଳ ଦେଖୁଥିବା କୋଟି କୋଟି ବେଙ୍ଗାଲୁରୁ ଦର୍ଶକଙ୍କ ମନରେ ଆନନ୍ଦ ଖେଳାଇ ଦେଇଥିଲେ। ପଞ୍ଜାବ ପ୍ରଦତ୍ତ ୧୦୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦମ୍‌ର ସହ ଖେଳିଥିଲା। କିନ୍ତୁ ଦଳର ସୁପର ଷ୍ଟାର ବିରାଟ କୋହଲିଙ୍କୁ ୧୨ ରନ୍‌ରେ କାଏଲ ଜାମିସନ ଆଉଟ କରି ପଞ୍ଜାବ ଶିବିରରେ ଆନନ୍ଦ ଖେଳାଇଥିଲେ। ଏହା ପରେ ମୟଙ୍କ ଅଗରୱାଲ ୧୯ ରନ୍‌ରେ ମୁସୀର ଖାନ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ୮୪ ରନ୍‌ରେ ଦ୍ୱିତୀୟ ୱିକେଟ ପଡ଼ିବା ପରେ ସଲ୍ଟ ଓ ଅଧିନାୟକ ପାଟିଦାର ଆଉ କୌଣସି କ୍ଷତି ହେବାକୁ ନ ଦେଇ ଦଳକୁ ୮ ୱିକେଟରେ ସହଜ ବିଜୟ ପ୍ରଦାନ କରିଥିଲେ। ସଲ୍ଟ ୨୭ ବଲ୍‌ରେ ୬ ଚୌକା ଓ ୩ ଛକା ସହ ୫୬ ଏବଂ ପାଟିଦାର ଶେଷ ବଲ୍‌ରେ ଛକା ମାରିବା ସହ ୮ ବଲ୍‌ରୁ ୧୫ ରନ୍ କରି ଅପରାଜିତ ରହିଥିଲେ।

**ଦୁଇ ଅଙ୍କ ଛୁଇଁପାରିଲେନି ପଞ୍ଜାବର ୭ ବ୍ୟାଟର୍**

ପୂର୍ବରୁ ବେଙ୍ଗାଲୁରୁ ବୋଲିଂର ଉଚିତ ମୁକାବିଲା କରି ନ ପାରି ପଞ୍ଜାବ କିଙ୍ଗ୍‌ସର ବ୍ୟାଟିଂ ତାସ ଘର ପରି ଭୁଷୁଡି ପଡ଼ିଥିଲା। ଦଳର ସମସ୍ତ ତାରକା ଓ ସଫଳ ବ୍ୟାଟର ଜଣଙ୍କ ପରେ ଜଣେ ପାଭିଲିୟନ ଫେରିଯାଇଥିଲେ। ସେମାନଙ୍କ ମଧ୍ୟରେ ମାତ୍ର ୩ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିବାକୁ ସମର୍ଥ ହୋଇଥିଲେ। ମାର୍କସ ଷ୍ଟୋଇନିସ ସର୍ବାଧିକ ୨୬, ପ୍ରଭସିମରନ ସିଂ ଓ ଆଜମତୁଲ୍ଲା ଓମରଜାଇ ୧୮ ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଶ୍ରେୟସ ଆୟର ୨, ଜୋଶ ଇଂଲିଶ ୪, ଯୁବ ଓପନର ପ୍ରିୟାଂଶ ଆର୍ଯ୍ୟ ୭, ନେହାଲ ୱାଧେରା ୮, ଶଶାଙ୍କ ସିଂ ୩ ଓ ଡେବ୍ୟୁ କରିଥିବା ମୁସୀର ଖାନ୍ ଖାତା ଖୋଲିପାରି ନ ଥିଲେ। ଫଳରେ ଦଳ ଏପରି ଦୟନୀୟ ବ୍ୟାଟିଂ ପ୍ରଦର୍ଶନ କରିଥିଲା। ବେଙ୍ଗାଲୁରୁ ପକ୍ଷରୁ ଫାଷ୍ଟ ବୋଲର ଜୋଶ ହାଜ୍‌ଲେଉଡ ଓ ସ୍ପିନର ସୂୟାଶ ଶର୍ମା ୩ଟି ଲେଖାଏଁ ୱିକେଟ ନେଇ ପଞ୍ଜାବର ବ୍ୟାଟିଂ ଲାଇନ୍‌କୁ ଧ୍ୱଂସ କରିଦେଇଥିଲେ। ୟଶ ଦୟାଲ ୨ଜଣ, ଭୁବନେଶ୍ୱର କୁମାର ଓ ରୋମାରିଓ ସେଫର୍ଡ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

## ଗୁଜରାଟ-ମୁମ୍ବାଇ ଏଲିମିନେଟର ଆଜି

ମୁଲାନପୁର,ଚଣ୍ଡିଗଡ, ୨୯।୫ (ଏଜେନ୍ସି): ଆଇପିଏଲ୍‌ର ଦୁଇ ଦମ୍‌ଦାର ଦଳ ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଚଳିତ ସଂସ୍କରଣର ଦ୍ୱିତୀୟ ପ୍ଲେ ଅଫ ବା ଏଲିମିନେଟର ମ୍ୟାଚ୍ ଏଠାରେ ଆସନ୍ତାକାଲି ଖେଳାଯିବ। ଦୀର୍ଘ ଦୁଇମାସ ଧରି ଲଢ଼େଇ କରୁଥିବା ଏହି ଦୁଇ ଦଳ ଲାଗି ମ୍ୟାଚ୍‌ଟି ସବୁଠାରୁ ଅଧିକ ଗୁରୁତ୍ୱ ବହନ କରୁଛି। ଏହାର ଅର୍ଥ ଏହି ମୁକାବିଲାରେ ଯେଉଁ ଦଳ ପରାଜିତ ହେବ, ସେହି ଦଳ ପ୍ରତିଯୋଗିତାରୁ ବିଦାୟ ନେବ। ଏଣୁ ତାରକା ବିହୀନ ଖେଳାଳିଙ୍କୁ ନେଇ ଉଭୟ




**ଆଇପିଏଲ୍ ଏଲିମିନେଟର**

**ଗୁଜରାଟ ବନାମ ମୁମ୍ବାଇ**

ମୁଲାନପୁର/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

ଦଳ କିପରି ଏହି ୪୦ ଓଭରକୁ ମୁକାବିଲା କରିବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନଂ-୩ରେ ଥିବା ଗୁଜରାଟ ଟାଇଟନ୍ସର ଅଳ୍ପଦିନ ପ୍ରବେଶ ମଧ୍ୟରେ ଦୁଇଥର ଫାଇନାଲ ଖେଳିଥିଲାବେଳେ ୨୦୨୨ରେ ଚାମ୍ପିଅନ ହୋଇଥିଲା। ଆରମ୍ଭରୁ ଏଯାଏ ୧୮ ଟି ଯାକ ସଂସ୍କରଣ ଖେଳିଥିବା ମୁମ୍ବାଇ ୫ଥର ଟାଇଟଲ ଜିତିଛି। ଏଭଳି ସ୍ଥିତିରେ କେହି କାହାରିକୁ ଇଞ୍ଚେ ଛାଡ଼ିବେ ନାହିଁ ବୋଲି ସେମାନଙ୍କ ରଣନୀତିରୁ ସୂଚନା ମିଳିଛି।

ଗୁଜରାଟ ଦଳରେ ୩ଜଣ ଖେଳାଳି ସର୍ବାଧିକ ରନ୍ ସଂଗ୍ରହ କରିଛନ୍ତି। ଦଳର ଦୁଇ ଓପନର ସାଇ ସୁଦର୍ଶନ ୬୭୯ ଓ ଅଧିନାୟକ ଶୁବମନ ଗିଲ୍ ୬୪୯ ରନ୍ କରିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଆଉଟ ହେଲେ ଇଂଲିଶ ଖେଳାଳି ଜୋଶ ବଟଲର ୫୩୮ ରନ୍ କରି ସ୍ଥିତି ସମ୍ଭାଳିଛନ୍ତି। ଏହି ମ୍ୟାଚ୍‌ରେ ବଟଲର କିମ୍ବା ଦକ୍ଷିଣ ଆଫ୍ରିକୀୟ ଫାଷ୍ଟ ବୋଲର କାଗିସୋ ରାବାଡ଼ା ଖେଳିବେ ନାହିଁ। ଏଣୁ ସୁଦର୍ଶନ ଓ ଗିଲ ଚାପରେ ରହିବେ। ଅନ୍ୟ ପକ୍ଷରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ଭଲ ଖେଳୁଥିଲାବେଳେ ସୂର୍ଯ୍ୟକୁମାର ଯାଦବ ୬୪୦ ରନ୍ କରି ସ୍ଥିର ପ୍ରଦର୍ଶନ ଦେଇଆସିଛନ୍ତି। ଓପନର ରିୟାନ ରିକେଲଟନ ଓ ୱିଲ ଜ୍ୟାକ୍ସ ଏହି ମ୍ୟାଚ୍ ଖେଳିବେ ନାହିଁ। ରୋହିତ ଶର୍ମା (୩୨୯) ହୁଅନ୍ତୁ କି ତିଲକ ବର୍ମା (୨୭୪) ସ୍ଥିର ପ୍ରଦର୍ଶନ ଦେଇପାରି ନାହାନ୍ତି। ବୋଲିଂରେ ମୁମ୍ବାଇର ଶକ୍ତି ଅଧିକ। ଯଶପ୍ରୀତ ବୁମ୍‌ରା (୧୭ ୱିକେଟ), ଟ୍ରେଣ୍ଟ ବୋଲ୍ଟ (୧୯ ୱିକେଟ), ହାର୍ଦ୍ଦିକ ପାଣ୍ଡ୍ୟା (୧୩) ଓ ଦୀପକ ଚହର (୧୧) ସ୍ଥିର ପ୍ରଦର୍ଶନ ଦେଇଛନ୍ତି। ଗୁଜରାଟର ଦୁଇ ସଫଳ ବୋଲର ହେଲେ ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ୍ ସିରାଜ। କ୍ରିଷ୍ଣା ୨୩ଟି ଓ ସିରାଜ ୧୫ଟି ୱିକେଟ ପାଇଛନ୍ତି। ବାମହାତୀ ସ୍ପିନର ଆର୍ ସାଇ କିଶୋରଙ୍କୁ ୧୭ଟି ୱିକେଟ ମିଳିଛି। ଏମାନଙ୍କୁ ବାଦ୍ ଦେଲେ ରସିଦ୍ ଖାନଙ୍କ ସମେତ ଅନ୍ୟ ଖେଳାଳି ସଫଳ ହୋଇ ନାହାନ୍ତି। ପ୍ରଦର୍ଶନ ଯାହା ହେଉନା କାହିଁକି, ଦୁଇ ସମକକ୍ଷ ଦଳ ମଧ୍ୟରେ ଏହି ମୁକାବିଲାଟି ବେଶ ରୋମାଞ୍ଚକ ହେବ ବୋଲି ଆଶା କରିବା ସ୍ୱାଭାବିକ୍।


## ବିନା ଶତକରେ ସର୍ବାଧିକ ଦିନିକିଆ ଦଳଗତ ସ୍କୋର


ବର୍ମିହାମ, ୨୯।୫ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଗୁରୁବାର ଏଠାରେ ଅନୁଷ୍ଠିତ ପ୍ରଥମ ଏକଦିବସୀୟ ମ୍ୟାଚ୍‌ରେ ଏକ ବିରଳ କୀର୍ତ୍ତିମାନ ସ୍ଥାପନ ହୋଇଛି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ଆଗଧାଡ଼ିର ସମସ୍ତ ବ୍ୟାଟର୍‌ଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ୫୦ ଓଭରରେ ୮ ୱିକେଟ୍ ହରାଇ ୪୦୦ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଜାକବ ବେଥେଲ (୮୨), ବେନ୍ ଡକେଟ୍ଟ (୬୦), ଅଧିନାୟକ ହ୍ୟାରୀ ବ୍ରୁକ୍ (୫୮) ଓ ଜୋ ରୁଟ୍ (୫୭) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିଭଳି ଜୋସ୍ ବଟ୍‌ଲର୍ ୩୭ ରନ୍ କରିଥିଲେ। ଏଥିସହ ଇଂଲଣ୍ଡର ଏହି ସ୍କୋର ଏକଦିବସୀୟ କ୍ରିକେଟ୍ ଇତିହାସରେ ବିନା ଶତକରେ ସର୍ବାଧିକ ଦଳଗତ ସ୍କୋର ହେବାର ରେକର୍ଡ ହୋଇଛି। ପୂର୍ବରୁ କୌଣସି ଶତକ ବିନା ୫୦ ଓଭର ଫର୍ମାଟ୍‌ରେ ସର୍ବାଧିକ ଦଳଗତ ସ୍କୋର ୩୯୨ ରନ ଥିଲା। ୨୦୦୭ରେ ପାକିସ୍ତାନ ବିପକ୍ଷରେ ଦକ୍ଷିଣ ଆଫ୍ରିକା ଏହି ସ୍କୋର କରିଥିଲା।

### ● ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

## ଭୁବନେଶ୍ୱର-ଏ ବିଜୟୀ

କଟକ,୨୯।୫(ସମିସ): ଡ୍ରିମସ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଭୁବନେଶ୍ୱର-ଏ' ୯ ୱିକେଟରେ ରାଉରକେଲାକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲାର ଇନିଂସ୍ ମାତ୍ର ୮୭ରନରେ ସୀମିତ ରହିଥିଲା। ହିମାଂଶୁ ଚୌବେ ସର୍ବାଧିକ ୨୬ରନ କରିଥିଲେ। ଭୁବନେଶ୍ୱର-ଏ'ର ସୟଦ ଟି ଅହମ୍ମଦ ୧୩ରନ ବିନିମୟରେ ୨ଟି ୱିକେଟ ଦଖଲ କରିଥିଲେ। ଗୋଟିଏ ୱିକେଟ ହରାଇ ୨୧.୪ ଓଭରରେ ଭୁବନେଶ୍ୱର-ଏ ବିଜୟ ହାସଲ କରିଥିଲା। କ୍ରୀଷ୍ଣା ସାସମଲ ୩୩ରନ, ଆୟୁଷ ଚାନ୍ଦ ଅପରାଜିତ ୨୬ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ସୟଦ ଟି ଅହମ୍ମଦଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ରେଭେନ୍ସା ଗ୍ରାଉଣ୍ଡରେ କେନ୍ଦୁଝରେ ୮ ୱିକେଟରେ ପୁରୀକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୫୫ରନରେ ଅଲଆଉଟ ହୋଇଥିଲା। କେନ୍ଦୁଝରର ସଙ୍କେତ ପଣ୍ଡା ୫ ଓଭର ବୋଲିଂ କରି ୪ରନ ବିନିମୟରେ ୪ଟି ୱିକେଟ ଦଖଲ କରିଥିଲେ। ୧୨.୪ ଓଭରରେ କେନ୍ଦୁଝର ବିଜୟୀ ହୋଇଥିବା ବେଳେ ଅନୁପ ନାୟକ ଅପରାଜିତ ୨୫ରନ କରିଥିଲେ। ସଙ୍କେତ ଶ୍ରେଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ। ସନସାଇନ ଗ୍ରାଉଣ୍ଡରେ କନ୍ଧମାଳ ୨ ୱିକେଟରେ ଢେଙ୍କାନାଳକୁ ହରାଇଛି। ପ୍ରୟାନ ସାମଲଙ୍କ ୩୮ରନ ଏବଂ ଆୟୁଷ୍ମାନ ସାହୁଙ୍କ ୨୭ରନ ସହାୟତାରେ ଢେଙ୍କାନାଳ ସମସ୍ତ ୱିକେଟ ହରାଇ ୧୩୪ରନ କରିଥିଲା। କନ୍ଧମାଳର ସୌରଭ ଯାଦବ ଏବଂ ଅନୁଜ କୁମାର ଯାଦବ ୨ଟି ଲେଖାଏ ୱିକେଟ ହାସଲ କରିଥିଲେ। ଜ୍ଞାନ ଚୌଧୁରୀଙ୍କ ଅର୍ଦ୍ଧଶତକୀୟ ଇନିଂସ (୫୧ରନ) ଏବଂ ସୌରଭଙ୍କ ୪୩ରନ ବଳରେ ୮ ୱିକେଟ ହରାଇ କନ୍ଧମାଳ ମ୍ୟାଚ୍ ବିଜୟୀ ହୋଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ସୌରଭ ଯାଦବ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।


ସୟଦ ଟି. ଅହମ୍ମଦ


ସଂକେତ ପଣ୍ଡା


ସୌରଭ ଯାଦବ

### ଆଜିଠାରୁ ଭାରତ ଏ- ଇଂଲଣ୍ଡ ଲାୟନ୍ସ ମୁକାବିଲା

## ଫୋକସ୍‌ରେ ଈଶ୍ୱରନ, ଜୟସ୍ୱାଲ, ନୀତୀଶ

କେଣ୍ଟବୁରୀ, ୨୯।୫ (ଏଜେନ୍ସି): ସ୍ଥାନୀୟ ସେଣ୍ଟ ଲରେନ୍ସସ୍ଥିତ ଦି ସ୍ପିଟ୍ ଫାୟାର ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଭାରତ-ଏ ଓ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ପ୍ରଥମ ୪ ଦିନିଆ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭଳି ବ୍ୟାଟିଂ ସୁପରଷ୍ଟାର ଟେଷ୍ଟରୁ ଅବସର ଘୋଷଣା କରିବା ଫଳରେ ଭାରତ ପାଇଁ ଏହି ମ୍ୟାଚ୍‌ର ଗୁରୁତ୍ୱ ବଢିଯାଇଛି। ଏହି ମ୍ୟାଚ୍ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ୱେବସାଇଟ୍ ଓ ଆପ୍‌ରେ ସିଧାପ୍ରସାରଣ ହେବ। କିନ୍ତୁ ଭାରତରେ ଏହି ମ୍ୟାଚ୍‌ର ପ୍ରସାରଣ ହେବ ନାହିଁ। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଭାରତୀୟ ଖେଳାଳିମାନେ ଇଂଲଣ୍ଡ ପରିବେଶ ଖାପ୍ ଖୁଆଇବାର ସୁଯୋଗ ପାଇବେ। ଯଶସ୍ୱୀ ଜୟସ୍ୱାଲଙ୍କ ଭଳି ଓପନର ଓ ଅଲରାଉଣ୍ଡର ନୀତୀଶ ରେଡ୍ଡୀଙ୍କ ସମେତ ଭାରତ-ଏ ଦଳରେ ସ୍ଥାନ ପାଇଥିବା ଅଭିମନ୍ୟୁ ଈଶ୍ୱରନ, ଧ୍ରୁବ ଜୁରେଲ, ଅଭିଜ୍ଞ କରୁନ ନାୟର ଏବଂ ଦ୍ରୁତ ବୋଲର ଆକାଶ ଦୀପ ଓ ଶାର୍ଦ୍ଦୁଳ ଠାକୁର ମଧ୍ୟ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବା ସହ ଟେଷ୍ଟ ଦଳରେ ସ୍ଥାନ ପକ୍କା କରିବାକୁ ପ୍ରୟାସ କରିବେ। କରୁଣଙ୍କ ବାଦ ଦେଲେ ଦଳର ଅନ୍ୟ ସବୁ ଖେଳାଳି ପ୍ରଥମଥର ପାଇଁ ଇଂଲଣ୍ଡ ଗସ୍ତ କରିଛନ୍ତି। ଜୁନ ୨୦ରୁ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ ଆରମ୍ଭ ହେବ। ତାରକା ୱିକେଟକିପର ଇଶାନ କିଶାନ, ତନୁଷ କୋଟିଆନ, ହର୍ଷିତ ରାଣାଙ୍କ ଭଳି ଖେଳାଳି ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଅନ୍ୟପଟେ ଇଂଲଣ୍ଡ ଦଳର ନେତୃତ୍ୱ ନେବେ ଜେମ୍ସ ରିୟୁ। ଦଳରେ ଆଣ୍ଡ୍ର୍ୟୁ ଫ୍ଲିଣ୍ଟଫ୍‌ଙ୍କ ପୁଅ ରକି, ସ୍ପିନର ରେହାନ ଅହମ୍ମଦ, କ୍ରିସ ୱକ୍ସ, ଫରହାନ ଅହମ୍ମଦଙ୍କ ଭଳି ଖେଳାଳି ମଧ୍ୟ ସ୍ଥାନ ପାଇଛନ୍ତି।

**ଭାରତୀୟ ଦଳ:** ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କରୁଣ ନାୟର, ଧ୍ରୁବ ଜୁରେଲ, ନୀତୀଶ କୁମାର ରେଡ୍ଡୀ, ଶାର୍ଦ୍ଦୁଳ ଠାକୁର, ଇଶାନ କିଶାନ, ମାନବ ସୂତାର, ତନୁଷ କୋଟିଆନ, ମୁକେଶ କୁମାର, ଆକାଶ ଦୀପ, ହର୍ଷିତ ରାଣା, ଅଂଶୁଲ କାମ୍ବୋଜ, ଖଲିଲ ଅହମ୍ମଦ, ଋତୁରାଜ ଗାଏକ୍ୱାଡ, ସର୍ଫରାଜ ଖାନ, ତୁଷାର ଦେଶପାଣ୍ଡେ ଓ ହର୍ଷ ଦୁବେ।

## ୭ ବର୍ଷରୁ କମ୍ ଜାତୀୟ ଓପନ୍ ଚେସ୍‌ରେ ୫ ଲକ୍ଷ ପୁରସ୍କାର

ଭୁବନେଶ୍ୱର, ୨୯।୫ (ସମିସ): ୩୮ତମ ଜାତୀୟ ୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍ ଆସନ୍ତା ୧ରୁ ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଆରମ୍ଭ ହେବାକୁ ଯାଉଛି। ୨୦୧୮ ଜାନୁଆରୀ ୧ କିମ୍ବା ଏହାପରେ ଜନ୍ମଗ୍ରହଣ କରିଥିବା ଖେଳାଳି ଏଥିରେ ଭାଗନେଇପାରିବେ। ଅଲ୍‌ଓଡ଼ିଶା ଚେସ୍ ଆସୋସିଏସନ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ମୋଟ୍ ପୁରସ୍କାର ରାଶି ୫ ଲକ୍ଷ ଟଙ୍କା ରଖାଯାଇଛି। ଓପନ୍ ଓ ବାଳିକା ବର୍ଗରେ ଚାମ୍ପିଅନ ହୋଇଥିବା ଖେଳାଳିଙ୍କୁ ୫୦ ହଜାର ଲେଖାଏ ଟଙ୍କା, ରନର୍ସଅପ୍ ଖେଳାଳିଙ୍କୁ ୩୬ ହଜାର ଓ ୩ୟ ସ୍ଥାନରେ ରହିଥିବା ଖେଳାଳି ୩୦ ହଜାର ଟଙ୍କା ଓ ଟ୍ରଫି ପାଇବେ। ର୍‌ୟାଙ୍କ ୧ରୁ ୨୦ ମଧ୍ୟରେ ରହିଥିବା ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି।

## ଖୋର୍ଦ୍ଧା ଜିଲ୍ଲା ଚେସ୍ : ସାତ୍ତ୍ୱିକ, ଶୁଭସ୍ମିତା ଚାମ୍ପିଅନ



ଭୁବନେଶ୍ୱର,୨୯।୫ (ସମିସ): ବିଶ୍ୱ ୮ ବର୍ଷରୁ କମ୍ ରୌପ୍ୟ ପଦକ ବିଜେତା ସାତ୍ତ୍ୱିକ ସ୍ୱାଇଁ ଓ ଶୁଭସ୍ମିତା ପ୍ରିୟଦର୍ଶିନୀ ଖୋର୍ଦ୍ଧା ଜିଲ୍ଲା୧୫ ବର୍ଷରୁ କମ୍ ଚେସ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବାଳକ ବିଭାଗରେ ସାତ୍ତ୍ୱିକ ୬ ରାଉଣ୍ଡରୁ ୬ ପଏଣ୍ଟ ସଂଗ୍ରହ କରି ପ୍ରଥମସ୍ଥାନରେ ରହିଥିଲେ। ଦେବପ୍ରୀତ ମିଶ୍ର, ମନୀଷ ମିଶ୍ର ଓ ସତ୍ୟସ୍ୱରୂପ ତ୍ରିପାଠୀ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଦ୍ୱିତୀୟରୁ ଚତୁର୍ଥ ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିବା ଶୁଭମ ପ୍ରତୀକ ମିଶ୍ର ୫ମ ଓ ଦିବ୍ୟାଂଶୁ ଦାସ ୬ଷ୍ଠ ସ୍ଥାନରେ ରହିଛନ୍ତି। ସେହିପରି ବାଳିକା ବିଭାଗରେ ଶୁଭସ୍ମିତା, ଅମୃତା ପ୍ରିୟଲକ୍ଷ୍ମୀ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୪.୫ ପଏଣ୍ଟ ପାଇ ମୌକଥିକା ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ପଛକୁ ୩ ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ଆରାଧ୍ୟା ବୁଡେକ, ଆୟେଶା ମହାନ୍ତି ଓ ଅଦିତି ମହାରଣା ଯଥାକ୍ରମେ ଚତୁର୍ଥରୁ ୬ଷ୍ଠ ସ୍ଥାନରେ ରହିଛନ୍ତି। ରୁଷର ଅନ୍ତର୍ଜାତୀୟ ମାଷ୍ଟର ଡେଭିଡ୍ ଜି'ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲ୍‌ଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଡଃ ସୁଶାନ୍ତ ଷଡଙ୍ଗୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସର୍ବେଶ୍ୱର ସାହୁ, ଲଲାଟ ସାମଲ, ସନ୍ତୋଷ ମହାପାତ୍ର, ପ୍ରଦୀପ୍ତ ବଳିୟାରସିଂହ ଓ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।

### ଫ୍ରେଞ୍ଚ ଓପନ୍ ଟେନିସ

## ତୃତୀୟ ରାଉଣ୍ଡରେ ପେଗୁଲା, ଆନ୍ଦ୍ରୀଭା



ପ୍ୟାରିସ୍,୨୯।୫(ଏଜେନ୍ସି): ଚଳିତ ଫ୍ରେଞ୍ଚ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ପ୍ରତିଯୋଗିତାରେ ସିଡେଡ୍ ଖେଳାଳିମାନେ ଅଗ୍ରଗତି କରିଛନ୍ତି। ତୃତୀୟ ସିଡ୍ ଆମେରିକାର ଜେସିକା ପେଗୁଲା, ଷଷ୍ଠ ସିଡ୍ ରୁଷିଆର ମୀରା ଆନ୍ଦ୍ରିଭା, ୨୦ତମ ସିଡ୍ ଏକାଟେରିନା ଆଲକ୍‌ଜାଣ୍ଡ୍ରୋଭା, କାଜାଖସ୍ତାନର ୟୁଲିଆ ପୁଟିନଶୋଭା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ପେଗୁଲା ୬-୩, ୭-୬ ସେଟ୍‌ରେ ନିଜ ଦେଶର ଅନ୍ନ ଲି'ଙ୍କୁ, ଆନ୍ଦ୍ରୀଭା ୬-୩, ୬-୪ ସେଟ୍‌ରେ ଆମେରିକାର ଅଶଲିନ୍ କ୍ରୁଗେରଙ୍କୁ, ପୁଟିନଶୋଭା ୭-୬, ୬-୩ ସେଟ୍‌ରେ ଚାଇନିଜ ତାଇପେର ଜୋଆନା ଗାର୍ଲାଣ୍ଡଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ରୁଷିଆର ଭେରୋନିକା କୁଡେରମେଟୋଭା ୬-୦, ୬-୩ ସିଧାସଳଖ ସେଟ୍‌ରେ ୧୫ତମ ସିଡ୍ ଚେକ ଗଣରାଜ୍ୟର ବାର୍ବୋରା କ୍ରେଜିସିକୋଭାଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ତୃତୀୟ ରାଉଣ୍ଡକୁ ଉଠିଛନ୍ତି।

**ସିନର, ଜ୍ୱେରେଭ ତୃତୀୟ ରାଉଣ୍ଡକୁ ଉନ୍ନୀତ**

ପୁରୁଷ ଏକକରେ ଟପ୍ ସିଡ୍ ଇଟାଲୀର ଜାନିକ ସିନର, ତୃତୀୟ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ, ୧୭ତମ ସିଡ୍ ରୁଷିଆର ଆନ୍ଦ୍ରେ ରୁବଲେଭ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସିନର ୬-୩, ୬-୦, ୬-୪ ସିଧା ସେଟ୍‌ରେ ଫ୍ରାନ୍ସର ରିଚାର୍ଡ ଗାସ୍‌କ୍ୱେଟଙ୍କୁ, ଜ୍ୱେରେଭ ୩-୬, ୬-୧, ୬-୨, ୬-୩ ସେଟ୍‌ରେ ଡଚ୍ ଖେଳାଳି ଜେସପେର ଡି ଜଙ୍ଗଙ୍କୁ ହରାଇ ଅଗ୍ରଗତି କରିଛନ୍ତି। କିନ୍ତୁ ୯ମ ସିଡ୍ ଅଷ୍ଟ୍ରେଲିଆର ଅଲେକ୍ସ ଡି ମିନାଉର ୬-୨, ୬-୪, ୪-୬, ୩-୬, ୨-୬ ମାରାଥନ ସେଟ୍‌ରେ କାଜଖସ୍ତାନର ଆଲେକଜାଣ୍ଡର ବଲ୍‌ବିକ୍‌ଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି।

**ପୁରୁଷ ଯୁଗଳରେ ୩ ଭାରତୀୟଙ୍କ ଅଗ୍ରଗତି**

ପୁରୁଷ ଯୁଗଳ ପ୍ରତିଯୋଗିତାରେ ଭାରତର ୩ ଜଣ ଖେଳାଳି ସେମାନଙ୍କ ପାର୍ଟନରଙ୍କ ସହ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ଅଭିଜ୍ଞ ଭାରତୀୟ ଖେଳାଳି ରୋହନ ବୋପାନ୍ନା ଓ ଚେକ ସାଥି ଆଡାମ ପାଭଲାସେନ ୭-୬, ୫-୭, ୬-୧ ସେଟ୍‌ରେ ଆମେରିକାର ରୋବେର୍ଟ କାସ ଓ ଜେମ୍ସ ଟ୍ରାସିଙ୍କୁ, ଅନ୍ୟତମ ଭାରତୀୟ ଖେଳାଳି ୟୁକି ଭାମ୍ବ୍ରୀ ଓ ଆମେରିକାର ରୋବେର୍ଟ ଗାଲୋୱେ ୬-୩, ୬-୭, ୬-୩ ସେଟ୍‌ରେ ନେଦରଲାଣ୍ଡସର ରବିନ ହାସ ଓ ଜର୍ମାନୀର ହେଣ୍ଡ୍ରିକ ଜେବେନ୍ସଙ୍କୁ, ଭାରତର ଅନ୍ୟତମ ଖେଳାଳି ଏନ ଶ୍ରୀରାମ ବାଲାଜୀ ଓ ମେକ୍ସିକୋର ମିଗୁଏଲ ଭାରେଲା ୬-୨, ୬-୧ ସେଟ୍‌ରେ ଆର୍ଜେଣ୍ଟିନାର କାମିଲୋ କାରାବେଲି ଓ ଚୀନ୍‌ର ୟୁନଚାଓକେଟ୍ ବୁଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡକୁ ଉଠିଛନ୍ତି।

## ସାବ୍‌ଲେଙ୍କୁ ସ୍ମରଣୀୟ ସ୍ୱର୍ଣ୍ଣିମ ସଫଳତା



ଗୁମି, ୨୯।୫ (ଏଜେନ୍ସି): ଦକ୍ଷିଣ କୋରିଆର ଗୁମି ସହରରେ ଚାଲିଥିବା ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଭାରତ ଗୁରୁବାର ୩ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଜାତୀୟ ରେକର୍ଡ ଅଧିକାରୀ ଅବିନାଶ ସାବଲେ ଓ ଜ୍ୟୋତି ୟାରାଜୀ ପୋଡିୟମର ପ୍ରଥମ ସ୍ଥାନରେ ରହି ଦେଶକୁ ଗୌରବାନ୍ୱିତ କରିଛନ୍ତି। ସେହିଭଳି ୪ ଗୁଣା ୪୦୦ ମିଟର ମହିଳା ରିଲେ ଦଳ ମଧ୍ୟ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲା।

ଦୁଇଥରର ଅଲିମ୍ପିଆନ ଅବିନାଶ ପୁରୁଷ ୩୦୦୦ ମିଟର ଷ୍ଟିପଲେଚେଜକୁ ୮ ମିନିଟ୍ ୨୦.୯୨ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଫଳରେ ଦୀର୍ଘ ୩୬ ବର୍ଷର ବ୍ୟବଧାନ ପରେ ଏହି ସମ୍ମାନଜନକ କ୍ରୀଡ଼ା ପ୍ରତିଯୋଗିତାର ୩୦୦୦ ମିଟର ଷ୍ଟିଚଲେଚେଜ୍ ଇଭେଣ୍ଟରେ ଜଣେ ଭାରତୀୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଶେଷଥର ଲାଗି ଦୀନା ରାମ ୧୯୮୯ ଏସିଆନ୍ ଆଥ୍‌ଲେଟିକ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣପଦକ ଜିତିଥିଲେ। ଅପରପକ୍ଷରେ ଜ୍ୟୋତି ୟାରାଜୀ ମହିଳା ୧୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣପଦକ ବାଜିମାତ୍ କରିନେଇଛନ୍ତି। ଏହି ଦୂରତାକୁ ଜ୍ୟୋତି ରେକର୍ଡ ୧୨.୯୬ ସେକେଣ୍ଡରେ ଶେଷ କରିଥିଲେ। ଜ୍ୟୋତି ୨୦୨୩ ସଂସ୍କରଣରେ ୩ୟ ସ୍ଥାନରେ ରହିଥିଲେ।

ସେହିଭଳି ଜିସ୍ନା ମାଥ୍ୟୁ, ରୁପାଲ, ରଜିଥା କୁଞ୍ଜ ଓ ଶୁଭ ଭେଙ୍କଟେଶଙ୍କୁ ନେଇ ଗଠିତ ଭାରତୀୟ ମହିଳା ରିଲେ ଦଳ ମଧ୍ୟ ସ୍ୱର୍ଣ୍ଣପଦକ ହାସଲ କରିଛି। ୪ ଗୁଣା ୪୦୦ ମିଟର ରେସକୁ ଭାରତୀୟ ଦଳ ୩ ମିନିଟ୍ ୩୪.୧୮ ସେକେଣ୍ଡରେ ଫିନିଶ କରିଥିଲା। ଭାରତୀୟ ପୁରୁଷ ୪ ଗୁଣା ୪୦୦ ମିଟର ରିଲେ ଦଳ କିନ୍ତୁ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲା। ତେବେ ମହିଳା ଲଙ୍ଗ୍‌ଜମ୍ପରେ ଭାରତ ଡବଲ୍ ପୋଡିୟମ ଫିନିଶ କରିଥିଲା। ଆନସୀ ସୋଜାନ ଓ ଶାହିଲି ସିଂ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ବିଜୟୀ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS